# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, November 2/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 | ISSUE 337 | ମୂଲ୍ୟ ₹୭/-




### ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୩ ଯବାନ ଆହତ

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ବୁଧବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ୩ ଜଣ ସେନା ଯବାନ ଆହତ ହୋଇଛନ୍ତି। ଯବାନମାନେ ମେନ୍ଧାର ସେକ୍ଟର ଅନ୍ତର୍ଗତ ଫଗୱାରି ଗଲିରେ ପାଟ୍ରୋଲିଂ କରୁଥିବାବେଳେ ଲ୍ୟାଣ୍ଡମାଇନ୍ ସକ୍ରିୟ ହୋଇଯାଇଥିଲା ବୋଲି ପ୍ରାଥମିକ ତଥ୍ୟରୁ ଜଣାପଡ଼ିଛି। ଆହତ ଯବାନମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ରାଜୌରୀସ୍ଥିତ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

**ୱାଶିଂଟନ,୧।୧୧:** ଆମେରିକାର ଇଣ୍ଡିଆନା ପ୍ରଦେଶ ଅନ୍ତର୍ଗତ ଭାଲପାରାଇସୋ ସହରରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଛାତ୍ରଙ୍କୁ ଫୋର୍ଟ ୱାନେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏକ ପବ୍ଲିକ୍ ଜିମ୍‌ରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ଭାରତୀୟ ଛାତ୍ର ପି. ବରୁଣ ରାଜାଙ୍କ ମୁଣ୍ଡକୁ ଜୋର୍ଡାନ୍ ଆଣ୍ଡ୍ରେସ୍ ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଆକ୍ରମଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

### ତଦନ୍ତରେ ସହଯୋଗ ପାଇଁ ତିସ୍ତାଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧।୧୧(ପି.ଟି.):** ପାଣ୍ଠି ହେରଫେର ମାମଲାରେ ସମ୍ପୃକ୍ତ ଆକ୍ଟିଭିଷ୍ଟ ତିସ୍ତା ସିତଲୱାଡ୍ ଓ ତାଙ୍କ ସ୍ୱାମୀ ଜାଭେଦ ଆନନ୍ଦଙ୍କୁ ତଦନ୍ତରେ ଗୁଜରାଟ ପୋଲିସକୁ ସହଯୋଗ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ପୂର୍ବରୁ ମିଳିଥିବା ଆଗୁଆ ଜାମିନ୍‌ରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଏହି ଦମ୍ପତି ତଦନ୍ତରେ ସହଯୋଗ କରୁ ନ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ପି.କେ. ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗ କରୁ ନ ଥିବାରୁ ଉକ୍ତ ମାମଲାରେ ଏପର୍ଯ୍ୟନ୍ତ ଚାର୍ଜଶିଟ୍ ଦାଖଲ ହୋଇପାରି ନ ଥିବା ରାଜୁ କହିଥିଲେ।



ତିସ୍ତା ସିତଲୱାଡ୍

### ଆଜି ମହୁଆଙ୍କୁ ଜେରା କରିବ ଏଥିକ୍ସ କମିଟି

**ନୂଆଦିଲ୍ଲୀ,୧।୧୧:** ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାର ଏଥିକ୍ସ କମିଟି ଗୁରୁବାର ଜେରା କରିବ। କମିଟିରେ ଦାଖଲ ହୋଇଥିବା ଦସ୍ତାବିଜ୍ ଓ ତଥ୍ୟପ୍ରମାଣ ସହ ୩ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ରିପୋର୍ଟ ଆଧାରରେ ଟିଏମ୍‌ସି ଏମ୍‌ପିଙ୍କୁ ଜେରା କରାଯିବ। ସ୍ୱରାଷ୍ଟ୍ର, ସୂଚନା ପ୍ରଯୁକ୍ତି ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ନେଇ କମିଟି ଗଠନ କରାଯାଇଥିଲା। ଗତ ୨୬ରେ ଏଥିକ୍ସ କମିଟି ବୈଠକ ବସିବା ପରେ ୩ ମନ୍ତ୍ରଣାଳୟରୁ ତଥ୍ୟ ମଗାଯାଇଥିଲା। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ମହୁଆଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ମହୁଆଙ୍କ ସଂସଦୀୟ ଆକାଉଣ୍ଟ ଦୁବାଇରୁ ପ୍ରାୟ ୪୭ ଥର ଲଗ୍‌ଇନ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ପାର୍ଲାମେଣ୍ଟ ଆଇଡି ଏବଂ ପାସ୍‌ୱାର୍ଡ ସେ ହୀରାନନ୍ଦାନୀଙ୍କୁ ଦେଇଥିବା କଥା ପୂର୍ବରୁ ସ୍ୱୀକାର କରିଥିଲେ।

### ମାଲୟାଲମ ଅଭିନେତ୍ରୀ ପ୍ରିୟାଙ୍କ ହୃଦ୍‌ଘାତରେ ମୃତ୍ୟୁ



**ଥିରୁଭାନନ୍ତପୁରମ୍,୧।୧୧:** ଅଭିନେତ୍ରୀ ରେଞ୍ଜୁଶା ମେନନ୍‌ଙ୍କ ମୃତ୍ୟୁର ଦୁଇଦିନ ପରେ ମାଲୟାଲମ୍ ଟେଲିଭିଜନ ଅଭିନେତ୍ରୀ ଡ. ପ୍ରିୟାଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୩୫ ବର୍ଷ ହୋଇଥିଲା ଓ ସେ ୮ ମାସର ଗର୍ଭବତୀ ଥିଲେ। ସେ ତାଙ୍କ ଗର୍ଭାବସ୍ଥାର ଚେକ୍‌ଅପ୍ ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିବାବେଳେ ସେଠାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କ ନବଜାତ ଶିଶୁକୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ସୋମବାର ସକାଳେ ମାଲୟାଲମ ଅଭିନେତ୍ରୀ ରେଞ୍ଜୁଶାଙ୍କ ମୃତଦେହ ତାଙ୍କ ଥିରୁଭାନନ୍ତପୁରମ୍ ଫ୍ଲାଟ୍‌ରୁ ମିଳିଥିଲା। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିଲା।

## ନନ୍ଦିନୀ ଦାସଙ୍କୁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍



ଭାରତରେ ଜନ୍ମିତ ନନ୍ଦିନୀ ଦାସ ୨୦୨୩ ବର୍ଷର ମର୍ଯ୍ୟାଦାଜନକ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ବିଜୟିନୀ ହୋଇଛନ୍ତି। ଏହି ୪୯ ବର୍ଷୀୟା ଇଂଲିଶ୍ ପ୍ରଫେସର ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡରେ ପ୍ରାଧ୍ୟାପନା କରନ୍ତି। ନନ୍ଦିନୀ ତାଙ୍କ ପୁସ୍ତକ 'କୋର୍ଟିଂ ଇଣ୍ଡିଆ: ଇଂଲଣ୍ଡ, ମୋଗଲ ଇଣ୍ଡିଆ ଆଣ୍ଡ୍ ଦି ଓରିଜିନ୍ ଅଫ୍ ଏମ୍ପାୟାର' ପାଇଁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ଫର୍ ଗ୍ଲୋବାଲ କଲଚରାଲ ଅଣ୍ଡରଷ୍ଟାଣ୍ଡିଂ ପୁରସ୍କାର ବାବଦରେ ୨୫,୦୦୦ ପାଉଣ୍ଡ୍ ମିଳିବ। ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସନ କାଳରେ ଭାରତକୁ ବ୍ରିଟେନ୍‌ର ପ୍ରଥମ କୂଟନୈତିକ ମିଶନରେ ଆସିଥିବା ରାଷ୍ଟ୍ରଦୂତ ସାର୍ ଥୋମାସ୍ ରୋଏଙ୍କ ଉପରେ ଏହି ଇଣ୍ଟରନ୍ୟାଶନାଲ ନନ୍-ଫିକ୍ସନ୍‌ର କାହାଣୀ ଗତିଶୀଳ ହୋଇଛି।

## ହାସିନାଙ୍କ ଝିଅ ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ ଡାଇରେକ୍ଟର

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ୍ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ-ପୂର୍ବ ଏସିଆ ରିଜିୟନ୍ ପାଇଁ ନୂଆ ଆଞ୍ଚଳିକ ନିର୍ଦ୍ଦେଶିକା ନିର୍ବାଚିତ ହୋଇଛନ୍ତି। ସେ ୨୦୨୪ରୁ ୪ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ। ଏହି ନିର୍ବାଚନ ଜନସ୍ୱାସ୍ଥ୍ୟ ପ୍ରତି ୫୦ ବର୍ଷୀୟା ସାଇମାଙ୍କ ପ୍ରତିବଦ୍ଧତା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରମାଣିତ କରିଛି। ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ କମିଟି ଫର୍ ସାଉଥ୍-ଇଷ୍ଟ୍ ଏସିଆ ରିଜିୟନ୍‌ର ୭୬ତମ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତାଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଦୌଡ଼ରେ ଥିବା ନେପାଳର ଶମ୍ଭୁ ପ୍ରସାଦ ଆଚାର୍ଯ୍ୟଙ୍କୁ ସାଇମା ପରାସ୍ତ କରିଛନ୍ତି।



ସାଇମା ୱାଜେଦ୍

# ନେତାନ୍ୟାହୁଙ୍କ ଘାତକ ପ୍ଲାନ୍

## ସିନାଇରେ ଗାଜାବାସୀଙ୍କ ପାଇଁ ହେବ ନୂଆ ବସତି



ଗାଜା ଷ୍ଟ୍ରିପ୍ ସଂଲଗ୍ନ ରାଫାହ ସୀମା ଦେଇ ଇଜିପ୍ଟକୁ ପ୍ରବେଶ କରୁଛନ୍ତି ପାଲେଷ୍ଟିନୀୟ ଶରଣାର୍ଥୀ।

**ଜେରୁଜେଲମ୍,୧।୧୧**

ହମାସ୍ ସହ ଯୁଦ୍ଧ ଚାଲିଥିବାବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ଘାତକ ଯୋଜନା ପ୍ରଘଟ ହୋଇଛି। ସୂଚନାନୁସାରେ ଇସ୍ରାଏଲ ଗାଜାବାସୀଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ସ୍ଥାନାନ୍ତର ପାଇଁ ଯୋଜନା କରିଛି। ଇସ୍ରାଏଲର ଗୋଇନ୍ଦା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ୧୦ ପୃଷ୍ଠା ସମ୍ବଳିତ ଏହି ବିବାଦୀୟ ଦସ୍ତାବିଜ ସମ୍ପର୍କରେ ୱିକିଲିକ୍ସ ପକ୍ଷରୁ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରାଯାଇଛି। ଲିକ୍ ଦସ୍ତାବିଜ ଯୋଗୁ ବଡ଼ ବିବାଦ ମୁଣ୍ଡ ଟେକିଛି।

ପ୍ରଘଟ ଦସ୍ତାବିଜ ଅନୁସାରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଅଜାଣତରେ ଏପରି ଯୋଜନା କରାଯାଇପାରିବ ନାହିଁ। ଏଥିରେ ଗାଜାବାସୀଙ୍କୁ ଇଜିପ୍ଟର ସିନାଇକୁ ପଠାଇବା ପାଇଁ ପ୍ଲାନ୍ ହୋଇଥିବା ଉଲ୍ଲେଖ କରାଯାଇଛି। ଗାଜା ଉପରେ ସ୍ଥଳଭାଗରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣ ପୂର୍ବରୁ ସେମାନଙ୍କୁ ପ୍ରଥମେ ଉତ୍ତର ଗାଜାରୁ ଦକ୍ଷିଣ ଗାଜାକୁ ଯିବାପାଇଁ ନିର୍ଦ୍ଦେଶ ଦିଆଯିବା ସମ୍ପର୍କରେ ଅବତାରଣା କରାଯାଇଛି। କେବଳ ଏତିକି ନୁହେଁ, ଆକ୍ରମଣ ବଢ଼ାଇବା ସହ ସେମାନଙ୍କୁ ସ୍ଥାନାନ୍ତର ହେବା ପାଇଁ ବାଧ୍ୟ କରାଯିବ। ସିନାଇର ଉତ୍ତର ଭାଗରେ ଗାଜାବାସୀଙ୍କ ପାଇଁ ଏକ ବସତି ସ୍ଥାପନ କରାଯିବ। ମେକୋମିଟ୍ ନାମକ ଏକ ହେବ୍ର୍ୟୁ ୱେବ୍‌ସାଇଟ୍‌ରେ ପ୍ରଥମେ ଏହି ଦସ୍ତାବିଜ ଦେଖିବାକୁ ମିଳିଥିଲା। ଉକ୍ତ ୱେବ୍‌ସାଇଟ୍ ଅନୁସାରେ ଏହି ଦସ୍ତାବିଜକୁ ଗୋଇନ୍ଦା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ତେବେ ନେତାନ୍ୟାହୁଙ୍କ ଅଫିସ୍ ଏହାକୁ ଏକ କାଳ୍ପନିକ ବିଷୟ କହି ଖଣ୍ଡନ କରିଛି। ଇସ୍ରାଏଲ ଗାଜାର ସମସ୍ୟାକୁ ଇଜିପ୍ଟର ସମସ୍ୟାରେ ପରିଣତ କରିବାକୁ ଚାହୁଁଥିବା କାଏରୋ ମନେକରୁଛି। କାରଣ ଏତେ ବିସ୍ଥାପିତ ଲୋକ ସିନାଇରେ ସ୍ଥାୟୀ ବସତି ସ୍ଥାପନ କଲେ ତାହା ଇଜିପ୍ଟ ପାଇଁ ଆଉ ଏକ ସଙ୍କଟ ସୃଷ୍ଟି କରିବ। ଅନ୍ୟପକ୍ଷେ ଏହି ଯୋଜନା ଦ୍ୱାରା ଗାଜାକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିବାକୁ ଇସ୍ରାଏଲ ଚାହୁଁଥିବା ପାଲେଷ୍ଟାଇନ୍ ସମାଲୋଚନା କରିଛି। ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ମୁଖ୍ୟ ମହମୁଦ୍ ଅବ୍ବାସ୍‌ଙ୍କ ମୁଖପାତ୍ର ନାଇବ ଅବୁ ରୁଦାଇନେହ କହିଛନ୍ତି, ଆମେ ଏପରି ଭାବେ ଲୋକଙ୍କୁ ଅନ୍ୟତ୍ର ପଠାଇବାକୁ ଚାହୁଁନାହୁଁ। ଏହି ଉଦ୍ୟମ ସଫଳ ହେଲେ ୧୯୪୮ରେ ଯାହା ଘଟିଥିଲା, ତା'ର ପୁନରାବୃତ୍ତି ହେବ। ପ୍ରକାଶ ଯେ, ୧୯୪୮ରେ ଇସ୍ରାଏଲ ଗଠନ ହେବା ପୂର୍ବରୁ ଚାଲିଥିବା ଯୁଦ୍ଧବେଳେ ପ୍ରାୟ ୭ ଲକ୍ଷ ପାଲେଷ୍ଟିନୀୟଙ୍କୁ ଘର ଛାଡ଼ି ଲେବାନନ୍, ସିରିଆ ଓ ଜୋର୍ଡାନକୁ ପଳାୟନ କରିବାକୁ ପଡ଼ିଥିଲା। ପଳାୟନକାରୀମାନେ ଫେରିପାରି ନ ଥିବାବେଳେ ସେହି ଅଞ୍ଚଳ ଏବେ ଇସ୍ରାଏଲ ଭୂଖଣ୍ଡ ପାଲଟିଛି।



"ଗାଜା ଷ୍ଟ୍ରିପ୍‌ରେ ଲଢ଼େଇ ସମୟରେ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ସତ୍ତ୍ୱେ ଯନ୍ତ୍ରଣାଦାୟକ କ୍ଷତି ସହିଛେ। ତଥାପି ହମାସ୍‌କୁ ସମୂଳେ ନାଶ ନ କରିବା ଯାଏ ଏହି ଯୁଦ୍ଧ ଜାରି ରହିବ।

**-ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

### ୨୬ ଦିନରେ ଯୁଦ୍ଧ

➡ଇସ୍ରାଏଲ-ହମାସ୍ ଯୁଦ୍ଧ ବୁଧବାର ୨୬ ଦିନରେ ପହଞ୍ଚିଥିବାବେଳେ ଗାଜା ସିଟିର ଦକ୍ଷିଣଭାଗରେ ପାଲେଷ୍ଟିନୀୟ ଫାଇଟର୍ସ ଏବଂ ଇସ୍ରାଏଲୀ ବଳ ମୁହାଁମୁହିଁ ହୋଇଛନ୍ତି। ଗାଜା ଷ୍ଟ୍ରିପ୍‌ର ୨.୩ ନିୟୁତ ଲୋକଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ପଠାଇବା ପାଇଁ ଇସ୍ରାଏଲ ଯୋଜନା କରିଛି। ଅନ୍ୟପକ୍ଷେ ଏହି ବିସ୍ଥାପନ ଯୋଜନାକୁ ହମାସ୍ ପ୍ରତ୍ୟାଖ୍ୟାନ କରିଛି।

➡ଇସ୍ରାଏଲର ରକେଟ୍ ମାଡ଼ରେ ଆହତ ହୋଇଥିବା ୮୧ ଜଣ ପାଲେଷ୍ଟିନୀୟଙ୍କୁ ଚିକିତ୍ସା ପାଇଁ ଇଜିପ୍ଟ ନିଜ ଭୂଖଣ୍ଡକୁ ପ୍ରବେଶ ଅନୁମତି ଦେଇଛି। ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲର ଆକ୍ରମଣକୁ ଇଜିପ୍ଟ ନିନ୍ଦା କରିବା ପରେ ଏହି ନିଷ୍ପତ୍ତି ନେଇଛି। ଜବାଲିଆ ଆକ୍ରମଣକୁ କାତାର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ନିନ୍ଦା କରିଛନ୍ତି।

➡ଉତ୍ତର ଗାଜାସ୍ଥିତ ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲୀ ଆକ୍ରମଣରେ ପ୍ରାୟ ୪୦୦ ଜଣ ମୃତାହତ ହୋଇଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

➡ଇସ୍ରାଏଲୀ ସୈନ୍ୟ ହମାସ୍ ବିରୋଧୀ ଅପରେଶନ୍‌କୁ ବ୍ୟାପକ କରିବାକୁ ଯାଇ ଟ୍ୟାଙ୍କ ସହ ଗାଜା ଷ୍ଟ୍ରିପ୍‌ର ଗୋଟିଏ ପଟୁ ୧୦ କି.ମି. ଓ ଅନ୍ୟ ଏକ ପଟୁ ୪୧ କି.ମି. ଭିତରକୁ ପ୍ରବେଶ କରିଛନ୍ତି।

➡ଶରଣାର୍ଥୀଙ୍କ ପାଇଁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଗାଜାରେ ଅସ୍ତ୍ରବିରତି ଏବଂ ଇସ୍ରାଏଲୀ ଦଖଲ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି।

➡ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲର ସାମରିକ ଦମନକୁ ବୋଲିଭିଆ ନିନ୍ଦା କରିବା ସହ ଇସ୍ରାଏଲ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଏଥିସହ ଗାଜାକୁ ମାନବୀୟ ସହାୟତା ପ୍ରେରଣ କରାଯିବ ବୋଲି ବୋଲିଭିଆ ମିନିଷ୍ଟର ଅଫ୍ ପ୍ରେସିଡେନ୍ସି ମରିଆ ନେଲା ପ୍ରାଡା ଘୋଷଣା କରିଛନ୍ତି।

➡ଗାଜା ମୃତ୍ୟୁସଂଖ୍ୟା ୮,୫୦୦ ଅତିକ୍ରମ କରିଥିବାବେଳେ ଅନ୍ୟ ୨ ଲାଟିନ୍ ଆମେରିକୀୟ ରାଷ୍ଟ୍ର କଲମ୍ବିଆ ଓ ଚିଲି ମଧ୍ୟ ଇସ୍ରାଏଲରୁ ନିଜ ନିଜ ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେଇଛନ୍ତି।

## ଇସ୍ରାଏଲକୁ ତୈଳ, ଖାଦ୍ୟ ଯୋଗାଅ ନାହିଁ

### ମୁସଲିମ୍ ଦେଶଗୁଡ଼ିକୁ ଇରାନ୍‌ର ଆହ୍ୱାନ

ଗାଜା ଷ୍ଟ୍ରିପ୍‌ରେ ବୋମାବର୍ଷା ବନ୍ଦ ଦାବିରେ ଇସ୍ରାଏଲକୁ ତୈଳ ଓ ଖାଦ୍ୟ ଯୋଗାଣ ବନ୍ଦ କରିବାକୁ ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ମୁସଲିମ୍ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଗାଜାରେ ଇହୁଦୀ ରାଷ୍ଟ୍ରର ବମ୍ବିଂ ତୁରନ୍ତ ବନ୍ଦ ହେବା ଜରୁରୀ ବୋଲି ଖାମେନେଇ କହିଛନ୍ତି। ପ୍ରକାଶ ଯେ, ଇସ୍ରାଏଲକୁ ଅକ୍ଟୋବର ୭ରେ ପ୍ରଥମେ ଆକ୍ରମଣ କରି ୧,୪୦୦ ଲୋକଙ୍କ ଜୀବନ ନେଇଥିବା ହମାସ୍ ଆତଙ୍କବାଦୀଙ୍କୁ ଇରାନ୍ ସମର୍ଥନ ଦେଇଆସୁଛି।



ଆୟାତୋଲ୍ଲା ଅଲୀ ଖାମେନେଇ

## ଜେଟ୍ ଏୟାରୱେଜ୍‌ର ୫୩୮ କୋଟି ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଜେଟ୍ ଏୟାରୱେଜ୍‌ର ପ୍ରତିଷ୍ଠାତା ନରେଶ ଗୋୟଲ ଏବଂ ତାଙ୍କ ପରିବାର ସଦସ୍ୟ ତଥା କମ୍ପାନୀର ଲଣ୍ଡନ, ଦୁବାଇ ଓ ଭାରତରେ ଥିବା ୫୩୮.୦୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ବ୍ୟାଙ୍କ ଋଣ ଜାଲିଆତି ଅଭିଯୋଗରେ ଇଡି ଉକ୍ତ ଏୟାରଲାଇନ୍ସ ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ରହିଛି ୧୭ଟି ଆବାସିକ ଫ୍ଲାଟ୍, ବଙ୍ଗଳା ଏବଂ ବ୍ୟବସାୟିକ ବିଲ୍ଡିଂ। ଜବତ ସମ୍ପତ୍ତିଗୁଡ଼ିକ ଜେଟ୍ ଏୟାର ପ୍ରା.ଲିଃ, ଜେଟ୍ ଏଣ୍ଟରପ୍ରାଇସେସ୍ ପ୍ରା.ଲିଃ., ଗୋୟଲ,ତାଙ୍କ ସ୍ତ୍ରୀ ଅନୀତା ଏବଂ ପୁଅ ନିବାନ୍‌ଙ୍କ ନାମରେ ରହିଛି। ଗତ ସେପ୍ଟେମ୍ବର ୧ରେ ଇଡି ଗୋୟଲଙ୍କୁ ଗିରଫ କରିଥିବାବେଳେ ମଙ୍ଗଳବାର ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଗୋୟଲ ଏବେ ମୁମ୍ବାଇର ଅର୍ଥର ରୋଡ୍ ଜେଲ୍‌ରେ ରହିଛନ୍ତି।



ନରେଶ ଗୋୟଲ

ସୂଚନାଯୋଗ୍ୟ, ଆର୍ଥିକ ସଙ୍କଟ ଯୋଗୁ ଜେଟ୍ ଏୟାରୱେଜ୍ ୨୦୧୯ ଏପ୍ରିଲରୁ ବିମାନସେବା ବନ୍ଦ କରିଦେଇଥିଲା। ପରେ ଗୋୟଲ ଉକ୍ତ ଏୟାରଲାଇନ୍ସର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ମୁମ୍ବାଇ କାନାରା ବ୍ୟାଙ୍କ୍‌ର ଅଭିଯୋଗ ଆଧାରରେ ସିବିଆଇ ତାଙ୍କ ବିରୋଧରେ ଋଣ ଜାଲିଆତି ମାମଲା ରୁଜୁ କରିଥିଲା।

## ମରାଠାଙ୍କୁ ମିଳିବ ସଂରକ୍ଷଣ: ଶିନ୍ଦେ

**ମୁମ୍ବାଇ,୧।୧୧**

ମହାରାଷ୍ଟ୍ରର ଅନ୍ୟ ସମ୍ପ୍ରଦାୟଗୁଡ଼ିକୁ ମିଳୁଥିବା ସଂରକ୍ଷଣ ସୁବିଧାକୁ ଅପରିବର୍ତ୍ତିତ ରଖି ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଲାଗି ବୁଧବାର ସର୍ବଦଳୀୟ ବୈଠକରେ ସହମତି ହୋଇଥିବା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘୋଷଣା କରିଛନ୍ତି। ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଦାବିରେ ଆକ୍ଟିଭିଷ୍ଟ ମନୋଜ ଜରାଙ୍ଗେ ଗତ ୨୫ ତାରିଖରୁ ଅନଶନରେ ବସିଛନ୍ତି। ତାଙ୍କୁ ଅନଶନରୁ ଓହରିଯିବାକୁ ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅନୁରୋଧ କରିବା ସହ ସମସ୍ୟାର ସମାଧାନ ଲାଗି ସରକାରଙ୍କୁ କିଛିଦିନ ସମୟ ଦେବା ଲାଗି କହିଛନ୍ତି। ସଂରକ୍ଷଣ ଦାବିରେ ଆନ୍ଦୋଳନ ତେଜିବା ପରେ ମୁଖ୍ୟମନ୍ତ୍ରୀ ଏହା ଉପରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ସରକାର ମରାଠାୱାଡ଼ିର ମରାଠାମାନଙ୍କୁ ଓବିସି ସୁବିଧା ଦେବା ଲାଗି ସେମାନଙ୍କୁ କୁନ୍‌ବି ଜାତି ପ୍ରମାଣପତ୍ର ଯୋଗାଇ ଦେଉଛନ୍ତି। ଦ୍ୱିତୀୟରେ ତ୍ରୁଟିଶୂନ୍ୟ ସଂଶୋଧିତ ପିଟିଶନ ଦାଏର ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ମରାଠା ସଂରକ୍ଷଣ ଦୁଇ ପର୍ଯ୍ୟାୟରେ ଯୋଗାଇ ଦିଆଯିବ ବୋଲି ଶିନ୍ଦେ କହିଛନ୍ତି। କୋଟା ପାଇଁ କିଛିଦିନ ହେଲା ଚାଲିଥିବା ହିଂସାତ୍ମକ ଆନ୍ଦୋଳନକୁ ନେଇ ସର୍ବଦଳୀୟ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ହିଂସା କୋଟା ଆନ୍ଦୋଳନରେ ଏକ ଦାଗ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମରାଠାମାନଙ୍କ ପାଇଁ ସଂରକ୍ଷଣ ଦାବିରେ ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ ହେବା ସହ ୧୬୮ ଜଣଙ୍କୁ ଗିରଫ କରାଯାଇଥିବା ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ (ଡିଜି) ରଜନିଶ ସେଠ୍ କହିଛନ୍ତି। ଅକ୍ଟୋବର ୨୪ରୁ ୩୧ ମଧ୍ୟରେ ବିଡ୍ ଜିଲାରେ ହୋଇଥିବା ହିଂସାକାଣ୍ଡ ପାଇଁ ୭ ହତ୍ୟା ଉଦ୍ୟମ ମାମଲା ସମେତ ମୋଟ ୨୦ଟି ମାମଲା ରୁଜୁ ହୋଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ୧ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯିବା ସହ ଛତ୍ରପତି ସାମ୍ଭାଜୀ ନଗର(ଗ୍ରାମୀଣ) ଜଲ୍‌ନା ଏବଂ ବିଡ୍ ଜିଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ୮ ଦିନର ଆନ୍ଦୋଳନ ସମୟରେ ରାଜ୍ୟର ମୋଟ ୧୨ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଛି। ସିଆର୍‌ପିସିର ଧାରା ୪୧ରେ ୧୪୬ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ପଠାଯାଇଥିବା ଡିଜି କହିଛନ୍ତି। ସୂଚନାଯୋଗ୍ୟ, ବିଡ୍ ଜିଲାରେ ଆନ୍ଦୋଳନ ବେଳେ ବିକ୍ଷୋଭକାରୀମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ପ୍ରକାଶ ସୋଲାଙ୍କେ ଏବଂ ସନ୍ଦିପ୍ କ୍ଷୀରସାଗରଙ୍କ ଘର ଜାଳିଦେଇଥିଲେ। ସେହିପରି ଛତ୍ରପତି ସାମ୍ଭାଜୀନଗର ଜିଲାରେ ବିକ୍ଷୋଭକାରୀମାନେ ଜଣେ ଭାଜପା ବିଧାୟକଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ମାଜାଲଗାଁଓ ସହରର ମ୍ୟୁନିସିପାଲ କାଉନ୍‌ସିଲ୍ ବିଲ୍ଡିଂର ପ୍ରଥମ ମହଲାରେ ବିକ୍ଷୋଭକାରୀ ନିଆଁ ଲଗାଇଦେବା ସହ ଟେକାମାଡ଼ କରିଥିଲେ।



ମରାଠା ସଂରକ୍ଷଣ ଦାବିରେ ମରାଠା କ୍ରାନ୍ତି ମୋର୍ଚ୍ଚାର କର୍ମୀମାନେ ବୁଧବାର ପୁଣେ-ସୋଲାପୁର ରାଜପଥରେ ଟାୟାର ଜାଳୁଛନ୍ତି।

■ଅନ୍ୟ ସମ୍ପ୍ରଦାୟର କୋଟା ପ୍ରଭାବିତ ହେବ ନାହିଁ
■ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ, ୧୬୮ ଗିରଫ
■ଇଣ୍ଟରନେଟ୍ ସେବା ବନ୍ଦ

# ଧରିତ୍ରୀ
DHARITRI





**ଡୁସେନ ଶ୍ରେଷ୍ଠ**

ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ।

୧୩

୧୦

**ଧୁମ୍‌ଧାମରେ ପାଳିବେ ଜନ୍ମଦିନ**

ଚଳିତବର୍ଷର ସମସ୍ତ ଚଳଚ୍ଚିତ୍ରର ସଫଳତା ପାଇଁ ବଲିଉଡ୍ କିଙ୍ଗ ଖାନ୍ ତାଙ୍କ ୫୮ତମ ଜନ୍ମଦିନକୁ ଧୁମ୍‌ଧାମରେ ପାଳିବାକୁ ନିଷ୍ପତ୍ତି ନେଇଛନ୍ତି।



**ଆଜିର ସମ୍ପାଦକୀୟ** ଲକ୍ଷ୍ମୀ ଓ ଅଲକ୍ଷ୍ମୀ


**ଭିତର ପୃଷ୍ଠାରେ**

| | | |
|---|---|---|
| ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ | ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ୭ ମାସ ମାଛଧରା କଟକଣା | ଅକ୍ଟୋବରରେ ୧.୭୨ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ |


# ଆର୍‌ବିଆଇରେ ଇଓଡବ୍ଲ୍ୟୁ, ଇଡି ତନାଘନା

## ୨ ହଜାରିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କୁ ଢାଲ

ଭୁବନେଶ୍ୱର,୧।୧୧
(ସତ୍ୟଜିତ୍ ରାଉତ)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କ ଲମ୍ବା ଧାଡ଼ି ଲାଗିବା ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ସାଧାରଣ ଲୋକଙ୍କୁ ଢାଲ କରି କେତେଜଣ ବ୍ୟକ୍ତି ୨ହଜାର ଟଙ୍କିଆ ବଦଳାଉଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ବେଆଇନ ଆର୍ଥିକ କାରବାର ସଂକ୍ରାନ୍ତରେ ସକ୍ରିୟ ହୋଇଛି। ପୂର୍ବାହ୍ନରେ ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ୍ ଏବଂ ମଧ୍ୟାହ୍ନରେ ଇଡିର ଦୁଇ ଜଣିଆ ଟିମ୍ ପର୍ଯ୍ୟାୟକ୍ରମେ ଆର୍‌ବିଆଇରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଆରମ୍ଭ କରିଛି। ଟଙ୍କା ବଦଳାଉଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବା ପରିବର୍ତ୍ତେ ଖୁଚୁରା ଛୋଟ ନୋଟ ଦିଆଯାଉଥିବାରୁ କେତେକ ବଡ଼ବଡ଼ିଆ ସାଧାରଣ ଲୋକଙ୍କୁ ବ୍ୟବହାର କରୁଥିବା କୁହାଯାଉଛି। ଇଓଡବ୍ଲ୍ୟୁ ଏବଂ ଇଡିର ଏହି ଯାଞ୍ଚ ପରେ ଟଙ୍କା ବଦଳାଇବା ଘଟଣା ପଛରେ କିଏ ସବୁ ରହିଛନ୍ତି ତାହା ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

ସକାଳ ପ୍ରାୟ ୮ଟାରୁ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଆର୍‌ବିଆଇ ସାମ୍ନାରେ ଶତାଧିକ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ବେଳେ ଜଣେ ମହିଳା ଅଧିକାରୀଙ୍କ ସମେତ ଦୁଇ ଜଣିଆ ଇଓଡବ୍ଲ୍ୟୁ ଟିମ୍ ପହଞ୍ଚି ଧାଡ଼ିରେ ଥିବା ଲୋକଙ୍କୁ ପଚରାଉଚରା କରିଥିଲେ। ଏହା ଦେଖି କିଛି ଲୋକ ଛତ୍ରଭଙ୍ଗ ଦେଇଥିଲେ। ଇଓଡବ୍ଲ୍ୟୁ ଟିମ୍ ଲୋକମାନଙ୍କ ଠିକଣା, ସେମାନେ କେତେ ଖଣ୍ଡ ନୋଟ ଆଣିଛନ୍ତି, କିଏ ପଠାଇଛନ୍ତି ଆଦି ପଚାରି ବୁଝିବା ସହ ଆଧାର କାର୍ଡ ଯାଞ୍ଚ କରିଥିଲେ। ଏହାପରେ ଆର୍‌ବିଆଇ ଅଫିସ ମଧ୍ୟକୁ ଯାଇ ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ବେଳେ ଇଡିର ଦୁଇ ଜଣିଆ ଟିମ୍ ସେଠାରେ ପହଞ୍ଚି ଛାନ୍‌ଭିନ କରିବା ସହ ଆର୍‌ବିଆଇ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏପରି କିଛି ଲୋକଙ୍କୁ ମଧ୍ୟ ପଚରାଉଚରା ☞ପୃଷ୍ଠା-୨



ବୁଧବାର ଭୁବନେଶ୍ୱର ଆର୍‌ବିଆଇ ପରିସରରେ ୨ହଜାରିଆ ନୋଟ୍ ବଦଳାଇବାକୁ ଆସିଥିବା ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

### ଏବେ ଏତେ ଭିଡ଼ କାହିଁକି

୨ ହଜାରିଆ ନୋଟ ବଦଳାଇବା ପାଇଁ ଜନସାଧାରଣଙ୍କୁ ପ୍ରଥମେ ୩ ମାସ ଅର୍ଥାତ ସେପ୍ଟେମ୍ବର ୩୦ ଯାଏ ସମୟ ଦିଆଯାଇଥିଲା। ପରେ ଏହି ଅବଧି ଅକ୍ଟୋବର ୭ ଯାଏ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ କେବଳ ଆର୍‌ବିଆଇରେ ଏହି ନୋଟ୍‌ର ବଦଳ ବ୍ୟବସ୍ଥା ରହିଛି। ତେବେ ପୂର୍ବରୁ ଦିଆଯାଇଥିବା ସମୟ ମଧ୍ୟରେ କେବେବି ଏଭଳି ଭିଡ଼ ବ୍ୟାଙ୍କଗୁଡ଼ିକରେ ଦେଖିବାକୁ ମିଳି ନ ଥିଲା, ଯାହା ଏବେ ଆର୍‌ବିଆଇ ପରିସରରେ କିଛିଦିନ ଧରି ଦେଖିବାକୁ ମିଳୁଛି। ଲୋକେ ନୋଟ୍ ବଦଳାଇବାକୁ ଦିନତମାମ ଖରାରେ ଧାଡ଼ିରେ ଠିଆହେବା ପଛରେ କିଛି ଭିତିରିଆ ଅଭିସନ୍ଧି ଥିବା ମନେହେଉଥିବା ବେଳେ ତାହା ଲୋକଲୋଚନକୁ ଆଣିବା ତଦନ୍ତକାରୀ ସଂସ୍ଥା ପାଇଁ ଚାଲେଞ୍ଜ ହୋଇଛି।




## କମର୍ସିଆଲ୍ ଏଲ୍‌ପିଜି ୧୦୦ ଟଙ୍କା ବଢ଼ିଲା



ନୂଆଦିଲ୍ଲୀ,୧।୧୧

କମର୍ସିଆଲ୍ ଏଲ୍‌ପିଜି ଦାମ୍ ୧୦୦ ଟଙ୍କା ବଢ଼ାଇବା ପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ବୁଧବାରଠାରୁ ଏହା ତତ୍କାଳ ଲାଗୁ ହୋଇଛି। ଦୁଇ ମାସ ମଧ୍ୟରେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଦରରେ ଏହା ଦ୍ୱିତୀୟ ବୃଦ୍ଧି। ଉଭୟ ଘରୋଇ ଏବଂ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର ପ୍ରତି ମାସର ପ୍ରଥମ ଦିନରେ ସଂଶୋଧନ କରାଯାଇଥାଏ। ବର୍ତ୍ତମାନର ସଂଶୋଧନ ସହ ୧୯ କିଲୋଗ୍ରାମ୍ ଓଜନର କମର୍ସିଆଲ ସିଲିଣ୍ଡର ଦାମ୍ ଦିଲ୍ଲୀରେ ୧,୭୩୧ରୁ ୧,୮୩୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ମୁମ୍ବାଇରେ ୧,୭୮୫ ଟଙ୍କା ୫୦ ପଇସା, କୋଲକାତାରେ ୧,୯୪୩ ଏବଂ ଚେନ୍ନାଇରେ ୧,୯୯୯ ଟଙ୍କା ୫୦ ପଇସାରେ ଏହା ଉପଲବ୍ଧ ହେବ।

# ଘରେ ପଢୁଥିବା ବେଳେ ନାବାଳକଙ୍କୁ ହତ୍ୟା

## ଭିଡିଓ ଗେମ୍‌ରୁ ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା

ଜଟଣୀ,୧।୧୧
(ରବୀନ୍ଦ୍ର ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମ ଗଡ଼ସାହିରେ ନାବାଳକ ଛାତ୍ର ଘରେ ପାଠ ପଢୁଥିବା ସମୟରେ ଜଣେ ଦୁର୍ବୃତ୍ତ ଘରେ ପଶି ଛାତ୍ରଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଉଛନ୍ତି ଉକ୍ତ ଗ୍ରାମର ମନୋଜ କୁମାର ପାଲଟାସିଂଙ୍କ ପୁଅ ଶୁଭମ୍ ସ୍ୱରୂପ ପାଲଟାସିଂହ(୧୪)। ସେ ଜଟଣୀ ଷଣ୍ଢପୁରସ୍ଥ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିଲେ। ତାଙ୍କର କାହା ସହିତ କୌଣସି ତିକ୍ତତା ନ ଥିବା ସମ୍ପର୍କୀୟ ମନୋରଞ୍ଜନ ପ୍ରତିହାରୀ କହିଥିବାବେଳେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥିବା ନେଇ ମଧ୍ୟ ଆଲୋଚନା ହେଉଛି।



ଶୁଭମ୍ ସ୍ୱରୂପ ପାଲଟାସିଂହ

ଶୁଭମ୍ ସନ୍ଧ୍ୟାରେ ଘରର ତଳ ମହଲାରେ ଏକ କୋଠରିରେ ପାଠ ପଢୁଥିବାବେଳେ ଜଣେ ଦୁର୍ବୃତ୍ତ ଘରେ ହଠାତ୍ ପଶି ଏକ ଛୁରିରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ମା' ଆସି ଦେଖିବା ବେଳକୁ ଜଣେ ଦୁର୍ବୃତ୍ତ ଦୌଡ଼ି ବାହାରକୁ ପଳାଇ ଯାଇଥିଲେ। ପୁଅର ରକ୍ତ ଜୁଡୁବୁଡୁ ଅବସ୍ଥା ଦେଖି ମା' ଚିତ୍କାର କରିବା ପରେ ପାଟି ଶୁଣି ଉପର ମହଲାରେ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରୁଥିବା ବାପା, ଭଉଣୀ ଏବଂ ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ର ତଳକୁ ଆସି ଦେଖନ୍ତି, ଗୁରୁତର ଆହତ ଛାତ୍ର ଛଟପଟ ହେଉଥିଲା। ପରିବାର ଲୋକେ ଗୁରୁତର ଶୁଭମ୍‌ଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ କେହି ଛୁରି ଭୁସି ମାରି ଦେଇଥିବା ମା' ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୨




# ୧୪ ହାତୀ, ୬ କଲରାପତରିଆ ଗାଏବ

**ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଶିକାରୀଙ୍କ ଦୌରାତ୍ମ୍ୟ ରାୟଗଡ଼ା ଜିଲାକୁ ଏକପ୍ରକାର ବନ୍ୟପ୍ରାଣୀଶୂନ୍ୟ କରିଦେଇଛି। ଏହି ଜଙ୍ଗଲରେ ପୂର୍ବରୁ ଥିବା ୧୪ ହାତୀ ଓ ୬ କଲରାପତରିଆ ବାଘଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ହାତୀ ଓ ବାଘଙ୍କ ସମ୍ପର୍କରେ ବନ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ, ଯାହାକି ବନ୍ୟପ୍ରାଣୀ ପ୍ରେମୀଙ୍କୁ ବ୍ୟଥିତ କରିଛି।**

## ରାୟଗଡ଼ା ଜଙ୍ଗଲ





ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଥିବା ଜଙ୍ଗଲରୁ ୧୪ ହାତୀ ଏବଂ ୬ କଲରାପତରିଆ ବାଘ ନିଖୋଜ ଥିବା ଜଣାପଡ଼ିଛି। ଜଙ୍ଗଲରେ ଥିବା ହାତୀ ଓ ବାଘ କେଉଁଆଡ଼େ ଚାଲିଯାଇଛନ୍ତି ନା, ଶିକାର ହୋଇଛନ୍ତି ସେ ନେଇ ଜିଲା ବନ ବିଭାଗ ନିକଟରେ ତଥ୍ୟ ନାହିଁ। ୨୦୧୭ରେ ବନ ବିଭାଗ ପକ୍ଷରୁ ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ, ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ଚଳିତ ବର୍ଷ ଅକ୍ଟୋବରରେ ବନ ବିଭାଗର ଗଣନା ଅନୁସାରେ ଜଙ୍ଗଲରେ ୨ଟି ହାତୀ ଥିବା ତଥ୍ୟ ରହିଥିବା ବେଳେ ୧୪ ହାତୀ ନିଖୋଜ ଅଛନ୍ତି। ସେହିପରି ରାୟଗଡ଼ା ଜିଲା ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘଙ୍କ ପତ୍ତା ମିଳୁନାହିଁ। ମାତ୍ର ୬ ବର୍ଷ ଭିତରେ ୧୪ ହାତୀ ଏବଂ ୬ଟି ବାଘ କେଉଁଆଡ଼େ ଉଭାନ ହୋଇଗଲେ ସେ ନେଇ ବନ ବିଭାଗ ନିକଟରେ କୌଣସି ତଥ୍ୟ ନ ଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଭାରତ-ବାଂଲାଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିପାରିବ, ଯାହାକୁ ନୂଆଦିଲ୍ଲୀ ସହାୟତାରେ ବାଂଲାଦେଶରେ ନିର୍ମିତ ୩ ପ୍ରକଳ୍ପ ପ୍ରମାଣିତ କରିଛି।
-ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଙ୍ଗରା ମୁଣ୍ଡରେ ମହଣ ପାଡିଆ;**
**ଉଞ୍ଚ କପାଳରେ ଟିକିଲି,**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡାଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ , ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗଣ ଘୋଡ଼ା,**
**ଚାଲି ସରସ ଲଦନ ଥୋଡ଼ା।**

ବହୁ ମୂଲ୍ୟର ଘୋଡ଼ା ପିଛା ଖର୍ଚ୍ଚ ଅଧିକ କିନ୍ତୁ ଭାର ଲଦିବା ଅପେକ୍ଷାକୃତ କମ୍। ପରୋକ୍ଷରେ ଯେଉଁମାନଙ୍କଠାରୁ ଖର୍ଚ୍ଚ ତୁଳନାରେ ଉପକାର କମ୍ ମିଳେ ସେମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୨୦୦୦ଟଙ୍କା ବଦଳ ପାଇଁ ଲମ୍ବା ଲାଇନ୍






ମଙ୍ଗଳବାର ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ନେଇଥିବା ରଘୁବର ଦାସ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି। **(ଫଟୋ– ଯଜ୍ଞେଶ୍ୱର ମହାନ୍ତି)**

# ୨ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ ରାଷ୍ଟ୍ରପତି

**ବାରିପଦା,୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୨୦,୨୧ କିମ୍ବା ୨୧,୨୨ ତାରିଖରେ ରାଷ୍ଟ୍ରପତି ତାଙ୍କ ଜନ୍ମସ୍ଥାନ ରାଇରଙ୍ଗପୁର ଆସିବେ। ଏନେଇ ରାଷ୍ଟ୍ରପତି ଭବନରୁ ବିଧିବଦ୍ଧ ସୂଚନା ମିଳି ନ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ରାଷ୍ଟ୍ରପତିଙ୍କ ରହିବା, ଖାଇବା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ, ଅଗ୍ନିଶମ, ଆମ୍ବୁଲାନ୍ସ ବିଭାଗ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଲେଖଯୋଗ୍ୟ, ଗତ ମେ ମାସ ୪,୫ ଓ ୬ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ୬ ଲକ୍ଷ ଟଙ୍କା ସହ କନ୍‌ଷ୍ଟେବଲଙ୍କୁ ଧରିଲା ଭିଜିଲାନ୍ସ

**ଗଞ୍ଜେଇ ଚାଷୀଙ୍କଠାରୁ ବଟି ଆଦାୟ କରୁଥିଲେ**

**ଫୁଲବାଣୀ/ବୌଦ୍ଧ/ବଘିଆପଡ଼ା,୧।୧୧ ( ରାକେଶ କୁମାର ରାଉତ/ ଅଜିତ କୁମାର ବାରିକ/ ଶ୍ରୀକାନ୍ତ ସାହୁ)**



କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁ

ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ବୌଦ୍ଧ ଜିଲାର ବଘିଆପଡ଼ା ଅଞ୍ଚଳରେ ଚଢ଼ାଉ କରାଯାଇ ଡାଇରେକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍) କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁଙ୍କଠାରୁ ୬ ଲକ୍ଷ ଟଙ୍କା ସହ ଏକ ବନ୍ଧୁକ ଜବତ କରାଯାଇଛି । ଜଣେ କନ୍‌ଷ୍ଟେବଲଙ୍କଠାରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ଜିଲାରେ ଚୋରା ଗଞ୍ଜେଇ ବ୍ୟବସାୟ ସହ ପୋଲିସର ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବେଆଇନ କାରବାରରେ ଆଉ କେଉଁ ଅଧିକାରୀମାନେ ସମ୍ପୃକ୍ତ ଅଛନ୍ତି, ଉପଯୁକ୍ତ ତଦନ୍ତ କଲେ ତାହା ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନା ମୁତାବକ, ଡିଭିଏଫ୍ କନ୍‌ଷ୍ଟେବଲ ହରିଶଚନ୍ଦ୍ର ଗଞ୍ଜେଇ କାରବାରରେ ସମ୍ପୃକ୍ତି ନେଇ ଭିଜିଲାନ୍ସ ସ୍କାନରରେ ରହିଥିଲେ। ବୁଧବାର ଅପରାହ୍ନରେ ସେ ଗଞ୍ଜେଇ ବ୍ୟବସାୟୀଙ୍କ ସହ ଟଙ୍କା କାରବାର କରୁଥିବା ସୂଚନା ପାଇ ବ୍ରହ୍ମପୁର ଓ ବୌଦ୍ଧ ଭିଜିଲାନ୍ସ ବିଭାଗ ପକ୍ଷରୁ ବଘିଆପଡ଼ା ଫାଣ୍ଡି ଉପରେ ମିଳିତ ଚଢ଼ାଉ ଯୋଜନା କରାଯାଇଥିଲା। ଭିଜିଲାନ୍ସ କର୍ମଚାରୀମାନେ ଫାଣ୍ଡି ନିକଟରେ ଜଗିଥିବାବେଳେ ହରିଶଚନ୍ଦ୍ର ଏକ ବାଇକ୍‌ରେ ସେହି ବାଟ ଦେଇ ଯାଉଥିଲେ। ସେମାନେ ହରିଶଚନ୍ଦ୍ରଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଏକ ପିସ୍ତଲ ଓ ୬ ଲକ୍ଷ ଟଙ୍କା ଜବତ କରିଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ଏତେ ଟଙ୍କା ଧରି କେଉଁଠାରୁ ଆସୁଥିଲେ ସେ ନେଇ ହରିଶଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସେ ଡିଭିଏଫ୍ ସ୍କ୍ୱାଡ୍ କର୍ମଚାରୀ ହୋଇଥିବାରୁ ଏହି ଅର୍ଥ ଗଞ୍ଜେଇ ବ୍ୟବସାୟୀ ଓ ଗଞ୍ଜେଇ ଚାଷୀଙ୍କୁ କାରବାର ଲାଗି ସୁଯୋଗ ଦେବାକୁ ଆଣିଥିବା ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ତାଙ୍କଠାରୁ ସୂଚନା ପାଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତିନୋଟି ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ହରିଶଚନ୍ଦ୍ରଙ୍କ କଣ୍ଟାମାଳ ଘର ସମେତ ବୌଦ୍ଧରେ ଥିବା ସରକାରୀ ବାସଭବନ ଓ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦସ୍ଥିତ ଶଶୁରଘରେ ମଧ ଏକକାଳୀନ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି କହିଛନ୍ତି। ଚଢ଼ାଉରେ ବୌଦ୍ଧ ଡିଏସ୍‌ପି ସୁରେଶ କୁମାର କହଁର, ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟର ଏଏସ୍‌ଆଇ ମନୋଜ କୁମାର ନାୟକ, ଲୋକନାଥ ସାହୁଙ୍କ ସମେତ କେତେଜଣ ଭିଜିଲାନ୍ସ କର୍ମଚାରୀ ସାମିଲ ଥିଲେ । ହରିଶଚନ୍ଦ୍ରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବାଲି ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଏକ (ନଂ. ୨୦/୨୩) ମାମଲା ରୁଜୁ କରିଛି ।

# ‘ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବୁ ନାହିଁ’

## ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି

- **ଭତ୍ତା ବାବଦ ୮୮ ହଜାର ଟଙ୍କା ମିଳି ନ ଥିବା ଅଭିଯୋଗ**
- **ଏକର ପିଛା ୨ରୁ ୪ କୋଟି ଟଙ୍କା ଦେବାକୁ ଦାବି**
- **ଟାଉନଶିପ ବଦଳରେ ସହଯୋଗୀ ଶିଳ୍ପ କରାଯାଉଛି**

**କୁଜଙ୍ଗ,୧।୧୧ (ମନୋଜ ପ୍ରଧାନ)**

ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ମୌଜାର ୧୦୨ ଏକର ବ୍ୟକ୍ତିଗତ ଜମି ଶିଳ୍ପ ନିମନ୍ତେ ଅଧିଗ୍ରହଣ ସଂକ୍ରାନ୍ତରେ ଇଡ୍‌କୋ ପକ୍ଷରୁ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଡ଼କୁଜଙ୍ଗସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ଶିବିରକୁ ୯୦ ଭାଗ ଚାଷୀ ଆସି ନ ଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଶିବିରରେ ଯୋଗଦେଇଥିବା ବହୁ ଚାଷୀ ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବାକୁ ମନା କରିଦେଇଛନ୍ତି। ଆଉ କେତେଜଣ ପାରିପାର୍ଶ୍ୱିକ ଉନ୍ନୟନ ସହ ଏକର ପିଛା ୨ରୁ ୪ କୋଟି ଟଙ୍କା ଦେଲେ ଜମି ଛାଡ଼ିବା କଥା ଚିନ୍ତା କରାଯିବ ବୋଲି କହିଥିଲେ।

ସ୍ଥାନୀୟ ସରପଞ୍ଚ କବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ କହିଥିଲେ, ପୋସ୍କୋ ସମୟରେ ପାନବରଜ ଭାଙ୍ଗି ଦିଆଯାଇଥିଲା। ସେଥିପାଇଁ ଅନେକ ଶ୍ରମିକ ଓ ଗରିବ ଲୋକ ଜୀବିକା ହରାଇଥିଲେ। ସେମାନଙ୍କୁ ପ୍ରକଳ୍ପ ହେବା ପର୍ଯ୍ୟନ୍ତ ମାସିକ ୨୨୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ କୁହାଯାଇଥିଲା, ମାତ୍ର ତାହା ଦିଆଯାଇ ନ ଥିଲା। ଜେଏସ୍‌ଡବ୍ଲ୍ୟୁ ଆସିବାପରେ ଯେଉଁ ଗରିବ ଲୋକଙ୍କର ରାଶନକାର୍ଡ ଅଛି, ସେମାନଙ୍କୁ ଭତ୍ତା ବାବଦ ୮୮ ହଜାର ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଗଡ଼କୁଜଙ୍ଗ ପଞ୍ଚାୟତ ଅଧୀନ ୯ଟି ୱାର୍ଡର ୬୦୦ ରାଶନକାର୍ଡଧାରୀ ପରିବାର ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟ ୨ ପଞ୍ଚାୟତ ଢିଙ୍କିଆ ଓ ନୂଆଗାଁର ଅଧିବାସୀମାନେ ୨ବର୍ଷ ତଳୁ ଏହି ଟଙ୍କା ପାଇସାରିଛନ୍ତି। ଏନେଇ ଲୋକେ ସରପଞ୍ଚଙ୍କୁ ଟାହିଟାପରା କରୁଛନ୍ତି ବୋଲି ଖଟୁଆ କହିଥିଲେ। ତେଣୁ ଆମେ ଯେତିକି ଜମି ଦେବୁ, ଅନ୍ୟ ସ୍ଥାନରେ ଆମକୁ ସେତିକି ଜମି ଦିଆଯାଉ ବୋଲି ସେ ଦାବି କରିଥିଲେ। ସେହିପରି ଗ୍ରାମର ସଞ୍ଜୟ ମହାପାତ୍ର କହିଥିଲେ, ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମେ ଭତ୍ତା ବାବଦ ଟଙ୍କା ଦିଆଯିବା ପରେ ଜମି ଦେବା ନଦେବା କଥା ଆଲୋଚନା ହେଉ। ଧୀରେନ୍ଦ୍ର ମହାପାତ୍ର କହିଥିଲେ, ଗତବର୍ଷ ଗଡ଼କୁଜଙ୍ଗ ସ୍କୁଲର ୭୦ଜଣ ଛାତ୍ରୀଛାତ୍ରଙ୍କୁ ଜେଏସ୍‌ଡବ୍ଲ୍ୟୁ ଗୋଟିଏ ଲେଖାଏଁ ଟେଷ୍ଟପେପର ଦେଇଥିଲା। ଚଳିତ ବର୍ଷ କମ୍ପାନୀ ଅଧିକାରୀଙ୍କ ସହ ଟେଷ୍ଟ ପେପର ଦେବା ସମ୍ପର୍କରେ ଆଲୋଚନା କରିବାରେ ସେ କହିଥିଲେ, ଆମର ବଜେଟରେ ନାହିଁ। ଏନେଇ କମ୍ପାନୀ ଉପରେ ଆମର ଭରସା ପାଉନାହିଁ, ତେଣୁ ଏଭଳି କମ୍ପାନୀକୁ ଜମି ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, କମ୍ପାନୀ ପକ୍ଷରୁ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିରର ଉନ୍ନତି ପାଇଁ କୌଣସି ଟଙ୍କା ଦିଆଯାଇ ନଥିବାବେଳେ ଲୋକଙ୍କୁ କ’ଣ ଦିଆଯିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। ସଂଗ୍ରାମ କେଶରୀ ବେହେରା କହିଥିଲେ, କମ୍ପାନୀ ପକ୍ଷରୁ ପ୍ରତି ପରିବାରରୁ ଜଣେ ଲେଖାଏଁଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଉଛି। ମାତ୍ର ତାହା ପୂରଣ ହେଉନାହିଁ। ଆମ୍ଭେମାନେ ପୈତୃକ ସମ୍ପତ୍ତି ଦେଲାପରେ ଏବେ ଭିକ୍ଷା ମାଗିବା ଛଡ଼ା ଆଉ କିଛି ବାଟ ନାହିଁ ବୋଲି ସେ କହିଥିଲେ। ନଳିନୀ ବେହେରା କହିଥିଲେ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଯେତିକି ଜଙ୍ଗଲ ନଷ୍ଟ କରାଯାଇଛି ପ୍ରଥମେ ସେତିକି ଜଙ୍ଗଲ ସୃଷ୍ଟି କରାଯାଉ। ପୂର୍ବତନ ସରପଞ୍ଚ ସମ୍ପଦ ବାରିକ କହିଥିଲେ, କମ୍ପାନୀ ପକ୍ଷରୁ ପ୍ରଥମେ ଗଡ଼କୁଜଙ୍ଗ ମୌଜାର ଟାଉନଶିପ ହେବ ବୋଲି କୁହାଯାଇଥିଲା। ମାତ୍ର ଏବେ ସେଠାରେ ସହଯୋଗୀ ଶିଳ୍ପ ହେବ ବୋଲି କୁହାଯାଉଛି। ଆମକୁ ଚିଠି ହୋଇଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ନିମନ୍ତେ ଜନ ଶୁଣାଣି ହେବ। ଆଜି ଏଠାରେ କୁହାଯାଉଛି ଇଡ୍‌କୋ ଜମି ଅଧିଗ୍ରହଣ କରିବ। ତେବେ କେଉଁ କମ୍ପାନୀ ପାଇଁ ଅଧିଗ୍ରହଣ କରାଯିବ ତାହା ପ୍ରଶାସନ ପ୍ରଥମେ ସ୍ପଷ୍ଟ କରୁ। ଅପରପକ୍ଷେ ଜନବସତିଠାରୁ ୧୦୦ ମିଟର ଦୂରରେ ଜମି ଅଧିଗ୍ରହଣ କରି ଶିଳ୍ପ ପ୍ରତିଷ୍ଠା ହେଲେ ଜନଜୀବନ ଦୁର୍ବିଷହ ହୋଇପଡ଼ିବ ବୋଲି ସେ କହିଥିଲେ।

ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ କହିଥିଲେ,୨୦୧୩ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ତେବେ କେଉଁ ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ମୌଜାର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ତାହା କହିପାରିବେ ନାହିଁ। ମାତ୍ର ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କକୁ ଜମିଯିବ। ପରେ କାହାକୁ ଦିଆଯିବ ସ୍ଥିର କରାଯିବ। ଏହି ଶିବିରରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଇଡ୍‌କୋର ଭୂ ଅର୍ଜନ ଅଧିକାରିଣୀ ସ୍ୱାତୀ ମିଶ୍ର, ଏରସମା ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଜଗତ୍‌ସିଂହପୁରର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କମଳେଶ ମହନ୍ତ, ଅତିରିକ୍ତ ଭୂ-ଅଧିକାରୀ ପୁରୁଷୋତ୍ତମ ଦାସ, ଡେକରର ବରିଷ୍ଠ ଉପସଭାପତି ଶିବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ହାତୀ, ୬ କଲରାପତରିଆ...

ସୂଚନାରୁ ଜଣାପଡ଼ିଛି । ୨୦୧୭ ହାତୀ ଗଣନା ଅନୁସାରେ ଗୁଡ଼ାରି ଜଙ୍ଗଲରେ ୮, ମୁନିଗୁଡ଼ା ବନାଞ୍ଚଳରେ ୬ ଏବଂ କଲ୍ୟାଣସିଂହପୁର ବନାଞ୍ଚଳରେ ୨ଟି ହାତୀ ଥିଲେ। ସେହିଭଳି ୨୦୧୬ ବ୍ୟାଘ୍ର ଗଣନା ଅନୁସାରେ ରାୟଗଡ଼ା ରେଞ୍ଜ ଅଧୀନ ଗୁମ୍ମା ସେକ୍ସନର ନାଥମା ଅଞ୍ଚଳରେ ୨, ମୁନିଗୁଡ଼ା ରେଞ୍ଜ ଅଧୀନ ପୋଖରୀରେ ୧, ଅମ୍ବାଦଳାରେ ୧ ଏବଂ ଚନ୍ଦ୍ରପୁର ଜଙ୍ଗଲରେ ୨ ବାଘ ରହିଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟରୁ ଜଣାପଡ଼ିଛି। ୨୦୨୩ ଅକ୍ଟୋବରରେ ଶେଷ ହୋଇଥିବା ବାଘ ଗଣନା ଅନୁସାରେ ଜିଲାର କୌଣସି ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘ ନ ଥିବା ସୂଚନା ମିଳିଛି। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା କାରଣରୁ ବାଘ ଓ ହାତୀବଂଶ ଲୋପ ପାଇବାକୁ ବସିଥିଲେ ମଧ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ସେଭଳି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି । କେବଳ ହାତୀ ଓ ବାଘ ନୁହେଁ, ଜଙ୍ଗଲ ଅବକ୍ଷୟ ଓ ଶିକାରୀଙ୍କ ଦୌରାତ୍ମ୍ୟ କାରଣରୁ ଜିଲାରୁ ଅନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ ଧୀରେ ଧୀରେ କମିବାରେ ଲାଗିଛି। ଗତ ଏପ୍ରିଲ ୧୦ ତାରିଖରେ ଗୋଟିଏ କୁଟୁରା ବାଟବଣା ହୋଇ ସହର ଭିତରକୁ ଆସିଥିବାବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ କୌଣସ ସୂଚନା ନ ଥିଲା । ସ୍ଥାନୀୟ ଲୋକେ ଏହାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ । କୁକୁରଙ୍କ ଆକ୍ରମଣରେ କ୍ଷତାକ୍ତ ହୋଇଥିବାରୁ କୁଟୁରାର ମୃତ୍ୟୁ ଘଟିଥିଲା । ଏକଦା ହାତୀ ଓ ବାଘର ସୁରକ୍ଷିତ ଜଙ୍ଗଲ ଭାବେ ପରିଚିତ ରାୟଗଡ଼ା ଜିଲାରେ ଏବେ ହାତୀ ଓ ବାଘ ବଂଶ ଲୋପ ପାଇବାକୁ ବସିଥିଲେ ମଧ ଏ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସେମାନଙ୍କ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜିଲାରେ ବନ୍ୟଜନ୍ତୁଙ୍କ ଅବସ୍ଥିତି ଓ ସୁରକ୍ଷାକୁ ନେଇ ରାୟଗଡ଼ା ବନଖଣ୍ଡ ଭାରପ୍ରାପ୍ତ ଡିଏଫ୍‌ଓ ଏସ୍.ଆନନ୍ଦଙ୍କୁ ପଚାରିବାରୁ ବନ୍ୟଜନ୍ତୁଙ୍କ ନିୟମିତ ଟ୍ରାକିଂ କରିବା ସହ ଜନ ସଚେତନତା କରାଯାଉଛି। ଜନବସତି ଅଞ୍ଚଳକୁ ହାତୀ ଓ ବାଘ ପଶି ଆସିଲେ ସେମାନଙ୍କୁ ଆକ୍ରମଣ ନ କରି ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ସଚେତନ କରାଯାଉଛି । ଏଥିସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସୂଚନା ପାଇଁ ରେଲୱେ ଓ ବିଦ୍ୟୁତ୍ ବିଭାଗ ସହ ସମ୍ପର୍କ ସ୍ଥାପନ କରାଯାଉଥିବା ଡିଏଫ୍‌ଓ ଆନନ୍ଦ କହିଛନ୍ତି। ତେବେ ଗଣନା ବେଳେ ହାତୀ ଓ କଲରାପତରିଆ ବାଘ ନିଖୋଜ ହେବା ଘଟଣାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ।

## ଘରେ ପଢୁଥିବା ବେଳେ ...

ମୃତ ଛାତ୍ରଙ୍କ ଶରୀରରେ ୫ରୁ ୬ ସ୍ଥାନରେ ଗଭୀର କ୍ଷତ ହୋଇଥିବା ଦେଖାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୁଇଟି ଟିମ ଗଠନ କରି ବେଣାପଞ୍ଜରୀ ଗ୍ରାମ ଏବଂ ଖୋର୍ଦ୍ଧା ମେଡିକାଲରେ ତଦନ୍ତ କରାଯାଉଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ତେବେ ଶୁଭମ୍‌ଙ୍କୁ କେହି ହତ୍ୟା ନା ସେ ଆତ୍ମହତ୍ୟା କରିଛନ୍ତି ସେନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ମୃତ ଛାତ୍ରଙ୍କ ପରିବାର ଉକ୍ତ ଗ୍ରାମର ଜଣେ ଶିକ୍ଷିତ ଏବଂ ଭଦ୍ର ପରିବାର ଅଟନ୍ତି। ମୃତ ଛାତ୍ରଙ୍କ ପିତା ଏବଂ ଅନ୍ୟ ସଦସ୍ୟ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର କାହା ସହିତ କୌଣସି ଶତ୍ରୁତା ନ ଥାଇପାରେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ବିଭିନ୍ନ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଗ୍ରାମରେ ଆଲୋଚନା ହେଉଥିବାରୁ ଘଟଣାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଶୁଭମ୍‌ଙ୍କ ମା’ କହିଛନ୍ତି ଯେ, ପୁଅ ଅପରାହ୍ନ ୫ଟାରେ ସ୍କୁଲରୁ ଘରକୁ ଫେରିଥିଲା। ତାକୁ ଖାଇବାକୁ ଦେଇଥିଲି। ପରେ ମୁଁ ପିଲାଙ୍କୁ ଟ୍ୟୁଶନ କରୁଥିବାବେଳେ ପୁଅ ଚିତ୍କାର ଶୁଣିଥିଲି। ଆସି ଦେଖିବା ବେଳକୁ ରକ୍ତାକ୍ତ ଅବସ୍ଥାରେ ପୁଅ ପଡ଼ିଥିବାବେଳେ ଏକ ଛୁରି ନିକଟରେ ପଡ଼ିଥିଲା। ସେ ଛୁରି ଆମର ନୁହେଁ ବୋଲି ମା’ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

### ପ୍ରଥମ ପୃଷ୍ଠାରୁ...

## ଆର୍‌ବିଆଇରେ ଇଓଡବ୍ଲ୍ୟୁ...

କରିଥିଲେ। ଏ ସଂକ୍ରାନ୍ତରେ ଆର୍‌ବିଆଇ ଭୁବନେଶ୍ୱର ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସାରଦା ପ୍ରସନ୍ନ ନାୟକ କହିଛନ୍ତି, ଏହି ବଡ଼ ନୋଟ ବଦଳାଉଥିବା ସମସ୍ତ ଲୋକଙ୍କ ତଥ୍ୟ ରହିଛି। ଏଥିସହ ଏହାର ସିସିଟିଭି ଫୁଟେଜ ମଧ ରଖାଯାଉଛି। ଯେକୌଣସି ତଦନ୍ତକାରୀ ସଂସ୍ଥା ଆଲୋଚନା କଲେ ସବୁ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଛନ୍ତି। ଏହି ନୋଟ୍ ବଦଳ କାରବାରରେ ବଡ଼ ବ୍ୟବସାୟୀ, ରାଜନେତା ପ୍ରମୁଖଙ୍କ ହୋଇଥିବା କୁହାଯାଉଥିବା ବେଳେ ଏଜେଣ୍ଟଙ୍କ ଦ୍ୱାରା ଦିନମଜୁରିଆଙ୍କୁ ନିୟୋଜିତ କରାଯାଇ ବଦଳାଯାଉଥିବା ଜଣାପଡ଼ିଛି। ତେବେ ଏହି କାରବାର ପଛରେ ଥିବା ବଡ଼ବଡ଼ିଆଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଗରିବଙ୍କୁ ମୋହରା କରି କଳା ଟଙ୍କାକୁ ଧଳା କରୁଥିବା କାର୍ପଟଦାରଙ୍କ ପାଖରେ ତଦନ୍ତକାରୀ ସଂସ୍ଥା ପହଞ୍ଚିପାରିବ କି ନାହିଁ ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ବ୍ୟାଙ୍କଗୁଡ଼ିକରେ ୨ ହଜାରିଆ ନୋଟ ବଦଳାଇବା ସମୟସୀମା ଅକ୍ଟୋବର ୭ ରହିଥିଲା। ଏହା ପରଠୁ ଆର୍‌ବିଆଇର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟରେ ଏହି ନୋଟ୍‌କୁ ବଦଳାଯାଇପାରିବ। ଜଣେ ବ୍ୟକ୍ତି ୧୦ ଖଣ୍ଡ ନୋଟ୍ ଅର୍ଥାତ ୨୦ହଜାର ଟଙ୍କା ବଦଳାଇପାରିବେ କିମ୍ବା ଡିପୋଜିଟ୍ କରିପାରିବାର ଗାଇଡଲାଇନ୍ ରହିଛି। ତେବେ ଯେଉଁମାନେ ଟଙ୍କା ବଦଳାଉଛନ୍ତି, ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯିବାର ବ୍ୟବସ୍ଥା ରହିଛି। ତେବେ ଉକ୍ତ ବ୍ୟବସ୍ଥା ନ ଆପଣାଇ ଲୋକଙ୍କୁ ୨ହଜାର ଟଙ୍କିଆ ବଦଳରେ ଖୁଚୁରା ଟଙ୍କା ଦିଆଯାଉଥିବାରୁ, ପରବର୍ତ୍ତୀ ସମୟରେ ସେ ଟଙ୍କାର ହିସାବ ନେଇ ତଥ୍ୟ ଉପଲବ୍ଧ ହେବା କଷ୍ଟକର ହୋଇପଡ଼ିବ ବୋଲି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି। ଆର୍‌ବିଆଇର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ସୁଦ୍ଧା ଦେଶର ୯୭% ନୋଟ୍ ଫେରି ଆସିଲାଣି। ବଜାରରେ ଆଉ ୩% ଅର୍ଥାତ ପ୍ରାୟ ୧୦ ହଜାର କୋଟି ଟଙ୍କାର ୨ହଜାରିଆ ନୋଟ୍ ରହିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ଅଭାବବୋଧ ବିଶେଷ ବାଧିବ ନାହିଁ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ।

**ବୃଷ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କଲେ ମଧ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଲୁଚି ରହିଥିବା ମନର ଦୁଃଖକୁ ଲୁଚାଇ ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। କର୍ମକ୍ଷେତ୍ରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ କୃତକାର୍ଯ୍ୟ ମଧ ହେବେ।

**କର୍କଟ** ଅତୀତ ଦିନରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆକସ୍ମିକ ଭାବରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟା ଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ପାରିବାରିକ କ୍ଷେତ୍ରର ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ବନ୍ଧୁଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ଈର୍ଷାପରାୟଣ ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ପରିସ୍ଥିତିକୁ ସମ୍ଭାଳିବା ପରିପ୍ରେକ୍ଷୀରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** ଅତୀତର କୌଣସି ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିବା ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସିଆଲି କାମରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ସାମୟିକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ସାମୟିକ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ।

**ମୀନ** ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୨ ତାରିଖ, ଭଜନସମ୍ରାଟ ଭିକାରୀବଳଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୧ମି. ଗତେ ଘ.୦୭.୨୧ମି. ମଧ୍ୟେ, ଘ.୦୧.୨୨ମି. ଗତେ ଘ.୦୨.୫୩ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ.୧୨.୫୪ମି. ଗତେ ଘ.୦୨.୧୯ମି. ମଧ୍ୟେ ରାହୁକାଳ।

# ଘରେ ଘରେ ଖୁସି ଆଣିବ ଲକ୍ଷ୍ମୀ



କଳାହାଣ୍ଡିରେ ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

**ଭବାନୀପାଟଣା,୧।୧୧ (ଉତ୍ତମ କୁମାର ଦାଶ)**

■ କଳାହାଣ୍ଡି ପ୍ରତିଷ୍ଠା ଦିବସରେ ଜିଲାବାସୀଙ୍କୁ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି

■ ଲକ୍ଷ୍ମୀ ବସ୍, ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜର ଲୋକାର୍ପଣ

■ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାଁରେ ନାମିତ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଳାହାଣ୍ଡି ଗସ୍ତରେ ଆସି ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସରେ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ ସେ ୩ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ୯ଶହ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଥିଲେ। ଏହା ଦ୍ୱାରା ଜିଲାର ବିକାଶ ଗତିକୁ ଆହୁରି ଜୋରଦାର କରିବ ବୋଲି ସେ କହିଥିଲେ। ସେହିପରି ଭଙ୍ଗାବାରୀସ୍ଥିତ ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ, ଭବାନୀପାଟଣାସ୍ଥିତ ଆଦର୍ଶ ବସ୍ ଟର୍ମିନାଲ ଲୋକାର୍ପଣ କରିବା ସହ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଥିଲେ। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଲକ୍ଷ୍ମୀ ଯୋଜନା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ଯୋଜନାରେ ଜିଲାରେ ୬୩ଟି ବସ ଚାଲିବ ଓ ସବୁ ପଞ୍ଚାୟତକୁ ବସ ଯିବ। ଲକ୍ଷ୍ମୀ ଘରେ ଘରେ ଖୁସି ଆଣିବ ଓ ବିକାଶର ଗାଡିକୁ ଆହୁରି ଜୋରରେ ଆଗକୁ ନେବ। ଘର ପାଖକୁ ଆସିବ ଲକ୍ଷ୍ମୀ ବସ୍। ପିଲାଙ୍କୁ ସ୍କୁଲ, ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ ବସ୍। ଏହି ବସ୍‌ରେ ଗାଁରୁ ବ୍ଲକ ପର୍ଯ୍ୟନ୍ତ ଲୋକେ ସୁବିଧାରେ ଯାଇପାରିବେ। ସାରା ରାଜ୍ୟରେ ଏହି ଯୋଜନାରେ ୧୦୦୦ଟି ବସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରିଥିଲେ। ଏହା ପୂର୍ବରୁ ଭଙ୍ଗାବାରୀଠାରେ ଥିବା ନବନିର୍ମିତ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ।

ଦୀର୍ଘଦୁଇ ଦଶନ୍ଧିଧରି ଜିଲାବାସୀଙ୍କ ମେଡିକାଲ କଲେଜ ଆଶା ପୂରଣ ହୋଇଛି। ଭବାନୀପାଟଣା ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦୦ ସିଟରେ ନାମଲେଖା ପାଇଁ ଏନ୍‌ଏମ୍‌ସିଠାରୁ ଅନୁମତି ମିଳିଛି। ଏହି ମେଡିକାଲ କଲେଜ ଓ ହସ୍ପିଟାଲଟିର ନାମ କଳାହାଣ୍ଡି ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ ରଖାଯାଇଛି। କଳାହାଣ୍ଡି ଆଜି ରୂପାନ୍ତରଣରେ ଉଦାହରଣ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଳାହାଣ୍ଡି ଆଜି ନିଜ ଇତିହାସକୁ ପରିବର୍ତ୍ତନ କରିଛି। ସଫଳତାର ନୂଆ କାହାଣୀ ଯୋଡ଼ିଛି। ସାରା ଦେଶକୁ ଆଜି କଳାହାଣ୍ଡି ଚାଉଳ ଯୋଗାଉଛି। ଇନ୍ଦ୍ରାବତୀ ପ୍ରୋଜେକ୍ଟ କଳାହାଣ୍ଡି ବିକାଶର ଇଞ୍ଜିନ ବୋଲି ମତଦେଇ ସେ କହିଥିଲେ ଯେ, ଏହି ପ୍ରୋଜେକ୍ଟ କଳାହାଣ୍ଡିର ଚେହେରାକୁ ଉଜ୍ଜ୍ୱଳ କରିଛି। ଖୁବଶୀଘ୍ର ଏଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ସବୁ ପଞ୍ଚାୟତକୁ ମିଳିବ ୫୦ ଲକ୍ଷ ଟଙ୍କା। ଆମ ସଂସ୍କୃତି ଓ ଆଧୁନିକ ଭିତ୍ତିଭୂମି ପାଇଁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ କଳାହାଣ୍ଡିର ବିକାଶ ଯାତ୍ରା ଆହୁରି ଆଗକୁ ଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ନର୍ଲା ବିଧାୟକ ଭୂପିନ୍ଦର ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେହିପରି ଶହୀଦ ରେଣ୍ଡୋ ମାଝି ମେଡିକାଲ ଲୋକାର୍ପଣ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଏମ୍‌ପି ବସନ୍ତ ପଣ୍ଡା, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏନଏଚଏମ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସଭା ପରିଚାଳନା କରିଥିଲେ।

# ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କ ଶିଖରକୁ ନେବା ଆମ ଲକ୍ଷ୍ୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁଏଇ ଗସ୍ତର ପ୍ରଥମ ଦିନରେ ୟୁଏଇ ଶିକ୍ଷାମନ୍ତ୍ରୀ ଅହମ୍ମଦ ଅଲ୍ ଫଲାସୀଙ୍କ ସହ ବୈଠକ କରି ଆବୁଧାବୀରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କକୁ ଶିଖରକୁ ନେବା ଆମର ଲକ୍ଷ୍ୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ସମୟରେ ଶିକ୍ଷା ଓ ଦକ୍ଷତା ସମେତ ଅନେକ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଷ୍ଟ୍ରାଟେଜିକ୍ ଭାଗୀଦାରି ତଥା ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି। ୟୁଏଇରେ ଆଇଆଇଟି ଖୋଲାଯାଉଛି ଏବଂ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡିକ ଏଠାରେ ଅବସ୍ଥାପିତ ଅଛି। ଭବିଷ୍ୟତରେ ମଧ୍ୟ ଅନେକ ବିଶ୍ୱବିଦ୍ୟାଳୟ ୟୁଏଇରେ ଖୋଲାଯିବା ସମ୍ଭାବନା ରହିଛି। ଭାରତର ପ୍ରମୁଖ ଜାତୀୟ ଶିକ୍ଷା ବୋର୍ଡ ସିବିଏସ୍‌ଇର ୧୦୦ରୁ ଅଧିକ ବିଦ୍ୟାଳୟ ୟୁଏଇରେ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଏଠାରେ ଏକ ସିବିଏସ୍‌ଇ କାର୍ଯ୍ୟାଳୟ ଖୋଲାଯିବା ଯୋଜନା ରହିଛି। ୟୁଏଇ ଶିକ୍ଷାମନ୍ତ୍ରୀଙ୍କ ସହ ହୋଇଥିବା ବୈଠକ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ୨ ଦେଶର ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ '୪୨ ଆବୁଧାବୀ' ସ୍କୁଲ ପରିଦର୍ଶନ କରିଥିଲେ। ଉକ୍ତ କୋଡିଂ ସ୍କୁଲରେ ପ୍ରକଳ୍ପ ଭିତ୍ତିକ ପାଠ୍ୟକ୍ରମ ମାଧ୍ୟମରେ ଇନୋଭେଶନକୁ ପ୍ରୋତ୍ସାହନ ଦେବା, ସୃଜନଶୀଳତା ଏବଂ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଥିବା ଦେଖି ଖୁସିବ୍ୟକ୍ତ କରିଛନ୍ତି। ଉପସାଗରୀୟ ଦେଶରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜି ଆଧାରିତ ସ୍କୁଲ ଭବିଷ୍ୟତର ସ୍ୱପ୍ନ ସାକାର କରିବା ପାଇଁ ଶିକ୍ଷା ପ୍ରତି ଥିବା ପ୍ରତିବନ୍ଧକକୁ ଦୂରକରିବା ଉପରେ ଗୁରୁତ୍ୱ ଦେଉଛି। ଏହି ଅନୁଷ୍ଠାନ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷା ଦେବା ସହ ରୋଜଗାର କରିବା ଉପରେ ଉତ୍ତମ ବାତାବରଣ ପ୍ରଦାନ କରିବା ପ୍ରଶଂସନୀୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍-ବୁଲେଟ୍ ମୁହାଁମୁହିଁ, ୨ ମୃତ

**କେନ୍ଦୁଝର,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ମଣ୍ଡୁଆ ପୋଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ ସହ ବୁଲେଟ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ମୟୂରଭଞ୍ଜ ଜିଲା ଇନ୍ଦୁପୁର ଗ୍ରାମର ଅନିକେତ ପତି ଓ ଘଟଗାଁ ଥାନା ଅଧୀନ ଗୋଲାବନ୍ଧ ଗ୍ରାମର ଜ୍ୟୋତିରଞ୍ଜନ ଦେହୁରୀ। ଗୁରୁତର ଜଣଙ୍କ ହେଲେ ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳର ଅଜୟ ଓଝା(୨୯)। ସୂଚନା ଅନୁଯାୟୀ, ଅନିକେତ ଓ ଅଜୟ ବୁଲେଟ ଯୋଗେ କେନ୍ଦୁଝରରୁ ନରଣପୁର ଆଡ଼କୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ତାଙ୍କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବୁଲେଟରେ ଥିବା ୨ ଜଣ ଛିଟିକି ପଡ଼ିଥିବା ବେଳେ ଭ୍ୟାନଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଅନିକେତ ଓ ପିକ୍‌ଅପ୍ ଡ୍ରାଇଭର ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ୨ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ପୋଲିସ ତଦନ୍ତ ଚଳାଇଛି।




# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବେ। ଉପଲବ୍ଧ ଥିବା ସମସ୍ତ ସିଟ୍ ମଧ୍ୟରୁ ୫୦ପ୍ରତିଶତ ସିଟ୍ ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ଛାତ୍ରୀଛାତ୍ର www.oav.edu.in ୱେବ୍‌ସାଇଟ୍‌ରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧୧୭ଟି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେଉଛି। ସିବିଏସ୍‌ଇ ଢାଞ୍ଚାରେ ଏଠାରେ ଶିକ୍ଷାଦାନ କରାଯାଉଥିବାବେଳେ ପ୍ରଶିକ୍ଷିତ ଓ ଅଭିଜ୍ଞ ଶିକ୍ଷକ ପାଠପଢ଼ା ପାଇଁ ନିୟୋଜିତ ଅଛନ୍ତି।

# ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଅଧ୍ୟକ୍ଷ ଏବଂ କାରିଗରଙ୍କ ଅନୁରୋଧକ୍ରମେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର-୨୦୨୨ ପାଇଁ ଆବେଦନ ତାରିଖ ନଭେମ୍ବର ୧୦କୁ ବୃଦ୍ଧି କରାଯାଇଛି। ହସ୍ତଶିଳ୍ପ କୃତିର ପ୍ରସ୍ତୁତି ନିମନ୍ତେ ପର୍ଯ୍ୟାପ୍ତ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏହି ଅବଧିକକୁ ବଢାଇଛି। ସୂଚନାଯୋଗ୍ୟ, ଏହି ପୁରସ୍କାର ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟତା ସମ୍ପନ୍ନ ହସ୍ତଶିଳ୍ପ କାରିଗରଙ୍କଠାରୁ ସେପ୍ଟେମ୍ବର ୨ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବେଦନ ପତ୍ର ସହିତ ପ୍ରସ୍ତୁତ କୃତିକୁ ସମ୍ପୃକ୍ତ ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୧କୁ ଧାର୍ଯ୍ୟ ଯାଇଥିଲା।

# ପୂର୍ବତନ ମନ୍ତ୍ରୀଙ୍କ ପରଲୋକ

**ବରଗଡ଼,୧।୧୧ (ପ୍ରେମାନନ୍ଦ ଖମାରୀ)**



ସ୍ୱର୍ଗତା ସରସ୍ୱତୀ ପ୍ରଧାନ

ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟା ସରସ୍ୱତୀ ପ୍ରଧାନଙ୍କ ବୁଧବାର ଭୁବନେଶ୍ୱରରେ ପରଲୋକ ହୋଇଛି। ତାଙ୍କୁ ୯୮ବର୍ଷ ବୟସ ହୋଇଥିଲା। ବରଗଡ଼ ଜିଲା କେନ୍ଦୁପାଲି ଗ୍ରାମର ସ୍ୱର୍ଗତ ରାୟ ସାହେବ ମଦନ ମୋହନ ପ୍ରଧାନଙ୍କ ଝିଅ ସ୍ୱର୍ଗତା ପ୍ରଧାନ ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ନିବାସୀ ସ୍ୱର୍ଗତ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ବିବାହ କରିଥିଲେ। ସ୍ୱର୍ଗତା ପ୍ରଧାନ ୧୯୬୧ ଏବଂ ୧୯୬୭ ମସିହାରେ ଭଟଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ସଦାଶିବ ତ୍ରିପାଠୀଙ୍କ ଶାସନ କାଳରେ ଶିକ୍ଷାବିଭାଗରେ ଉପମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେହିପରି ୧୯୭୨ରୁ ୧୯୭୮ ମସିହା ପର୍ଯ୍ୟନ୍ତ ସ୍ୱର୍ଗତା ପ୍ରଧାନ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଜୀବନକାଳରେ ବରଗଡ଼ ଜର୍ଜ ହାଇସ୍କୁଲରେ ଶିକ୍ଷକତା କରିଥିବାବେଳେ କମଗାଁ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମଧ୍ୟ ସମ୍ପାଦନ କରିଥିଲେ। ସେ ଦୀର୍ଘଦିନ ହେଲା ଭୁବନେଶ୍ୱରରେ ପୁଅଙ୍କ ପାଖରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ବରଗଡ଼ ଜିଲାରେ ଶୋକପ୍ରକାଶ ପାଇଛି। ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଶୋକବାର୍ତ୍ତାରେ କହିଛନ୍ତି, ଓଡ଼ିଶା ଜଣେ ଶ୍ରେଷ୍ଠ ନାରୀନେତ୍ରୀ ତଥା ଜନସେବିକାଙ୍କୁ ହରାଇଲା। ବରଗଡ଼ ଅଞ୍ଚଳରେ ନାରୀ ଜାଗରଣର ସେ ଅନ୍ୟତମ ପ୍ରାଣକେନ୍ଦ୍ର ଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ସ୍ୱର୍ଗତା ପ୍ରଧାନଙ୍କ ବିୟୋଗରେ ଶୋକପ୍ରକାଶ କରି ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

# ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ

**ଭୁବନେଶ୍ୱର, ୧।୧୧ (ଅସମାପିକା ସାହୁ)**

ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ୱାଇଫାଇ ସେବା ମିଳିବ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁବିଧା ପାଇଁ ମାଗଣାରେ ୱାଇଫାଇ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଡିଜିଟାଲ ମାଧ୍ୟମରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଇ-ଲାଇବ୍ରେରି ସହିତ କମ୍ପ୍ୟୁଟର ଲ୍ୟାବ୍ ଖୋଲିବା ପରେ ଏବେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପରିସରକୁ ୱାଇଫାଇ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ବୁଧବାର ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ପରିସର ୱାଇଫାଇଯୁକ୍ତ ହେବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ୱାଇଫାଇ ସୁବିଧା ମାଗଣାରେ ମିଳିପାରିବ। ଏହି ସୁବିଧା ମିଳିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ସୁବିଧା ହେବ। ବର୍ତ୍ତମାନ ସମୟରେ ଅଧିକାଂଶ ପାଠ୍ୟପୁସ୍ତକ ଅନ୍‌ଲାଇନ୍‌ରେ ଉପଲବ୍ଧ ରହୁଛି। ମାଗଣା ଇଣ୍ଟରନେଟ୍ ସୁବିଧା ଦିଆଯିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏହା ସହାୟକ ହେବ। ଫଳରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିପାରିବ। ତେଣୁ ଛାତ୍ରୀଛାତ୍ରଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ୱାଇଫାଇ ନେଟ୍‌ୱର୍କ ଇନ୍‌ଷ୍ଟଲେଶନ ବା ସ୍ଥାପନ ଲାଗି ବ୍ୟୟ ଅଟକଳ ପ୍ରସ୍ତାବ ଦେବା ପାଇଁ କୁଳସଚିବମାନଙ୍କୁ କୁହାଯାଇଛି।

# ସୁଶାନ୍ତ ନନ୍ଦଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ)**



ରାଜ୍ୟ ସରକାର ଭାରତୀୟ ବନ ସେବା(ଆଇଏଫ୍‌ଏସ୍) ଅଫିସରଙ୍କ ଦାୟିତ୍ୱ ବୃଦ୍ଧି କରିଛନ୍ତି। ଏ ନେଇ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଏଫ୍‌ଏସ୍ ଅଧିକାରୀ ସୁଶାନ୍ତ ନନ୍ଦଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୁଶୀଲ କୁମାର ପୋପଲି ମଙ୍ଗଳବାର ଚାକିରିରୁ ଅବସର ନେବା ପରେ ପିସିସିଏଫ୍(ବନ୍ୟପ୍ରାଣୀ) ପଦ ଖାଲି ପଡ଼ିଥିଲା। ତେବେ ପିସିସିଏଫ୍ (ଏଫ୍‌ଡି) ଥିବା ସୁଶାନ୍ତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପିସିସିଏଫ୍(ବନ୍ୟପ୍ରାଣୀ) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଆଇଏଫ୍‌ଏସ୍ ମନୋଜ ଭି ନାୟାରଙ୍କୁ ଅତିରିକ୍ତ ଭାବେ ସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କୁ ଏମ୍‌ଇଆଣ୍ଡ୍‌ଆଇଭି ୱିଙ୍ଗ୍ ମୁଖ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଇଏଫ୍‌ଏସ୍ ଓମ୍ ପ୍ରକାଶ ସିଂ ଚାକିରିରୁ ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା।



“ ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା



# ଲକ୍ଷ୍ମୀ ଓ ଅଲକ୍ଷ୍ମୀ



ଦେବଦତ୍ତ ପଟ୍ଟନାୟକ

କେତେଜଣ କୁହନ୍ତି, ଲକ୍ଷ୍ମୀ ପେଚା ଉପରେ ବସି ଯାତ୍ରା କରନ୍ତି। ଆଉ କେତେକେ ବିଶ୍ୱାସ କରନ୍ତି, ଯେତେବେଳେ ଲକ୍ଷ୍ମୀ ହାତୀ ଉପରେ ବସି ଯାଆନ୍ତି, ସେତେବେଳେ ପେଚା କେବଳ ତାଙ୍କ ସହିତ ରହିଥାଏ। ହାତୀ ହିଁ ଲକ୍ଷ୍ମୀଙ୍କର ଉପଯୁକ୍ତ ବାହନ; ଯାହା ଧନ, ଶକ୍ତି ଏବଂ ରାଜକୀୟ ବୈଭବ ସହିତ ଜଡିତ। ପେଚାମାନେ ଅନ୍ୟ ପ୍ରାଣୀଙ୍କଠାରୁ ଦୂରେଇ ରହି ଏକୁଟିଆ ରହିବାକୁ ଭଲପାଆନ୍ତି। ସେମାନେ ଦିନସାରା ଶୋଇଥା'ନ୍ତି ଏବଂ ରାତିରେ ବାହାରି ଶିକାର କରନ୍ତି। ଦିନରେ ଶୋଇ ରାତିରେ ଚଳପ୍ରଚଳ ହେବା ଏବଂ କର୍କଶ ଡାକ ଯୋଗୁ ସେମାନଙ୍କୁ ଦୁର୍ଭାଗ୍ୟ ଏବଂ ମୃତ୍ୟୁର ପ୍ରତୀକ ଭାବେ ଗଣାଯାଏ। ଏଥିରୁ ନିଷ୍କର୍ଷରେ ପହଞ୍ଚିବାକୁ ହୁଏ ଯେ, ପେଚା ଲକ୍ଷ୍ମୀଙ୍କ ବଡ଼ ଯାଆଁଳା ଭଉଣୀ, ଯିଏ ବିବାଦ ଏବଂ ଦୁର୍ଭାଗ୍ୟର ଦେବୀ। କିନ୍ତୁ ପେଚାର ଗୋଲାକାର ଆଖି ଥିବାରୁ ଏହା କେବେ ବି ଆଗକୁ ଗତି କରେ ନାହିଁ ଏବଂ ସିଧା ଆଗକୁ ଚାହିଁପାରେ ନାହିଁ। ପେଚା ଦୁନିଆର ଅନେକ ଅଞ୍ଚଳରେ ବିଶେଷକରି ପ୍ରାଚୀନ ଗ୍ରୀସ୍‌ରେ ଜ୍ଞାନର ପ୍ରତୀକ ଥିଲା। ସେଠାରେ ଏହା ଜ୍ଞାନର ଦେବୀ ଆଥେନା ସହିତ ଜଡିତ ଥିଲା। ଗୋଲାକାର ଆଖି ଥିବା ଦେବତା ବା ଚକାଡୋଳା ଶବ୍ଦ ଓଡ଼ିଶାର ପୁରୀରେ କୃଷ୍ଣ-ବିଷ୍ଣୁଙ୍କ ରୂପରେ ପୂଜା ପାଉଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ବ୍ୟବହାର କରାଯାଇଛି। ଏଥିରୁ କଳ୍ପନା କରାଯାଉଛି ଯେ, ପେଚା ଲକ୍ଷ୍ମୀଙ୍କ ସ୍ୱାମୀ ବିଷ୍ଣୁଙ୍କୁ ସୂଚିତ କରେ। ଏହି ବିଚାରଧାରାକୁ ସମର୍ଥନ କରିବାର ବାସ୍ତବତା ହେଉଛି, ହିନ୍ଦୁ ପୁରାଣରେ ଦେବୀଙ୍କର ସହଯୋଗୀ ସର୍ବଦା ପୁରୁଷ, ନାରୀ ନୁହେଁ। ଲକ୍ଷ୍ମୀ ନିଜ ସ୍ୱାମୀଙ୍କୁ ବାହନ କରିବା ସିଦ୍ଧାନ୍ତ ନାରୀବାଦୀଙ୍କ ପାଇଁ ଗ୍ରହଣୀୟ, କିନ୍ତୁ ପରମ୍ପରାବାଦୀଙ୍କ ପାଇଁ ସ୍ୱୀକାର୍ଯ୍ୟ ନୁହେଁ। ସେମାନେ ଜିଦ୍ ଧରିଛନ୍ତି ଯେ, ପେଚା ଦେବୀଙ୍କ ସହିତ ରହେ; ସେ ଏହା ଉପରେ ବସି ବୁଲନ୍ତି ନାହିଁ। ଯଦି ସେ ପେଚାରେ ବସି ଯାଆନ୍ତି ନାହିଁ, ତେବେ ଏହା ବିଷ୍ଣୁ କିମ୍ବା ଅଲକ୍ଷ୍ମୀ ହୋଇପାରେ। କିନ୍ତୁ ବିଷ୍ଣୁ କେବେ ଲକ୍ଷ୍ମୀଙ୍କୁ ଅନୁସରଣ କରନ୍ତି ନାହିଁ; ବରଂ ଲକ୍ଷ୍ମୀ ତାଙ୍କୁ ଅନୁସରଣ କରନ୍ତି। ସେ ଯେଉଁଆଡେ ଯାଆନ୍ତି ବ୍ୟବସ୍ଥା କିମ୍ବା ଧର୍ମକୁ ସମର୍ଥନ ବା ପାଳନ କରନ୍ତି। ଅନ୍ୟପଟେ ଅଲକ୍ଷ୍ମୀ ସର୍ବଦା ଲକ୍ଷ୍ମୀଙ୍କ ସାଙ୍ଗରେ ଥାଆନ୍ତି, କାରଣ ସେ ବଡ଼ ଭଉଣୀ। ଛବିରେ ଉଭୟ ବିଷ୍ଣୁ ଏବଂ ପେଚା ସହିତ ଲକ୍ଷ୍ମୀ ଦୃଶ୍ୟ ହୋଇଥା'ନ୍ତି। ଚିତ୍ରକଳା ବିଶ୍ଳେଷକମାନେ ମତ ଦିଅନ୍ତି ଯେ, ଯେହେତୁ ଅଲକ୍ଷ୍ମୀଙ୍କୁ ଚିତ୍ରଣ କରିବା ଅଶୁଭ, ସେଥିପାଇଁ ଚିତ୍ରକରମାନେ ତାଙ୍କୁ ଏକ ପେଚା ଭାବେ ଦର୍ଶାଇବାକୁ ଚାହିଁଛନ୍ତି।



ଲକ୍ଷ୍ମୀଙ୍କର ଯାଆଁଳା ଭଉଣୀ ଥିବାର କଳ୍ପନା ଏକ ପ୍ରାଚୀନ ବିଚାର। କେହି କେହି କୁହନ୍ତି, ଲକ୍ଷ୍ମୀ ବ୍ରହ୍ମାଙ୍କ ମୁହଁରୁ ଜନ୍ମ ହୋଇଥିବାବେଳେ ଅଲକ୍ଷ୍ମୀ ତାଙ୍କ ପିଠିରୁ ଜାତ ହୋଇଥିଲେ। ଆଉ କେତେକେ କୁହନ୍ତି, ଦେବତାମାନେ କ୍ଷୀରସାଗରକୁ ମନ୍ଥନ କରୁଥିବାବେଳେ ଅମରତ୍ୱର ରସ (ଅମୃତ) ସହିତ ଲକ୍ଷ୍ମୀ ଆବିର୍ଭାବ ହୋଇଥିଲେ। ସେହି ସମୟରେ ଦୁନିଆକୁ ଧ୍ୱଂସ କରିବାର ଶକ୍ତି ନେଇ ଉତ୍କଟ ବିଷ (ହଳାହଳ) ସହିତ ଅଲକ୍ଷ୍ମୀ ବି ପ୍ରକାଶ ହୋଇଥିଲେ। ଅଲକ୍ଷ୍ମୀଙ୍କୁ ଅନେକ ଭାବରେ ସମ୍ବୋଧନ କରାଯାଏ, ଯଥା: ଦାରିଦ୍ର୍ୟ, ଯାହା ଗରିବୀକୁ ବ୍ୟକ୍ତ କରେ; କଳହ, ଯାହା ସଂଘର୍ଷକୁ ପ୍ରକାଶ କରେ; କାଳିକାନି, ଯାହା ଝଗଡ଼ାକୁ ସୂଚିତ କରେ; ନିର୍‌ତି ଯିଏ କ୍ଷୟର ଦେବୀ। ଶିବ ପୁରାଣରେ ଅଲକ୍ଷ୍ମୀ ହେଉଛନ୍ତି କାଳୀ। ସେ ଶକ୍ତିଙ୍କର ଭୟାନକ ରୂପ ହୋଇଥିବାବେଳେ ଲକ୍ଷ୍ମୀ ହେଉଛନ୍ତି ଗୌରୀ, ଯିଏ ଶକ୍ତିଙ୍କର ଶାନ୍ତ ଓ ପ୍ରେମମୟ ରୂପ। ବିଷ୍ଣୁ ପୁରାଣରେ ଲକ୍ଷ୍ମୀ ଧର୍ମ (ସହାନୁଭୂତିରୁ ଜନ୍ମିତ)କୁ ଆଦର କରୁଥିବାବେଳେ ଅଲକ୍ଷ୍ମୀ ଅଧର୍ମ (ଶୋଷଣରୁ ଜାତ କାର୍ଯ୍ୟ)କୁ ପସନ୍ଦ କରନ୍ତି। ଏହିପରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ଏକ ପୂର୍ଣ୍ଣ ସୃଷ୍ଟିର ଦୁଇଟି ଭାଗ। ଲକ୍ଷ୍ମୀ ହେଉଛନ୍ତି ସେହି ଫଳ, ଯାହାକି ସ୍ୱାଦିଷ୍ଟ ଓ ସଞ୍ଚିତ ହୋଇଥିବାବେଳେ ଅଲକ୍ଷ୍ମୀ ହେଉଛି ନଷ୍ଟ କରିବା, ଯାହାକି ପରିହାରଯୋଗ୍ୟ। ଦୁହେଁ ଏକ ପୂର୍ଣ୍ଣତା ଭାବରେ ବିଦ୍ୟମାନ; ସେ ଦୁହେଁ ନ ଥିଲେ ସୃଷ୍ଟିର କିଛି ନାହିଁ ବୋଲି ବୁଝାଯିବ।

ପୁରାଣରେ ଲକ୍ଷ୍ମୀ କୌଣସି ମୂଲ୍ୟଯୁକ୍ତ ବିଚାର ରଖନ୍ତି ନାହିଁ। ଗିନାଏ ଭାତ ଜଣେ ସାଧୁ ଏବଂ ପାପୀର ଭୋକ ମେଣ୍ଟାଏ; ଜଣେ ବିଚାରପତିଙ୍କ ହାତରେ ଟଙ୍କିକିଆ ମୁଦ୍ରାର ମୂଲ୍ୟ ଯାହା, ଜଣେ ହତ୍ୟାକାରୀର ହାତରେ ତାହାର ମୂଲ୍ୟ ସମାନ। କିନ୍ତୁ ଲକ୍ଷ୍ମୀ ସବୁବେଳେ ନିଜ ଭଉଣୀ ଅଲକ୍ଷ୍ମୀକୁ ସାଥିରେ ନେଇ ଆସନ୍ତି। ଅଲକ୍ଷ୍ମୀଙ୍କୁ ଚିହ୍ନିବାରେ ବିଫଳତା ହିଁ ବିପଜ୍ଜନକ, କାରଣ ସେ ସମସ୍ତ ନକାରାତ୍ମକ ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି, ଯାହା ଯେକୌଣସି ଧନ ସମ୍ପତ୍ତି ସହିତ ଆସିଥାଏ। ଏଣୁ ସମସ୍ତେ ଜାଣନ୍ତି ଯେ ଟଙ୍କା ଝଗଡ଼ା ଓ ଈର୍ଷା ସୃଷ୍ଟି କରେ। ଅଲକ୍ଷ୍ମୀ ଧନର ସେହି ଖରାପ ବିଷୟକୁ ଧାରଣ କରେ। ସେ ହିଁ ଧନୀ ଭାଇମାନଙ୍କ ମଧ୍ୟରେ ଝଗଡା କରେ। ସେ ପରିବାରକୁ ଭାଙ୍ଗି ଛାରଖାର କରିଦିଏ। ସେ ସୁନାର ସଂସାରରେ ଶାନ୍ତି ଆସିବାକୁ ଦିଏ ନାହିଁ। ଅଲକ୍ଷ୍ମୀକୁ ଦୁର୍ବଳ କରିବାର ଏକମାତ୍ର ଉପାୟ ହେଉଛି ତା' ବିଷୟରେ ନିରନ୍ତର ସଚେତନ ହେବା; ତା' ଭଉଣୀ(ଲକ୍ଷ୍ମୀ)ଙ୍କ ପରି ତାକୁ ଜୀବନରେ ସ୍ୱୀକାର କରିବା। ସାଧାରଣତଃ ରୀତିନୀତି ଅନୁଯାୟୀ, ଘର ଭିତରେ ଲକ୍ଷ୍ମୀଙ୍କୁ ମିଠା ଅର୍ପଣ କରାଯାଉଥିବାବେଳେ ଘର ବାହାରେ ରଖାଯାଇଥିବା ଲେମ୍ବୁ ଏବଂ ଚିଲି ଅଲକ୍ଷ୍ମୀ ପାଇଁ ଉଦ୍ଦିଷ୍ଟ ଥାଏ। ଶାସ୍ତ୍ରଗୁଡ଼ିକରେ କୁହାଯାଇଛି ଯେ, ଲକ୍ଷ୍ମୀ ତାଙ୍କ ଭଉଣୀ ବିନା କୌଣସି ସ୍ଥାନକୁ ଯାଆନ୍ତି ନାହିଁ। ଅନ୍ୟ ଅର୍ଥରେ, ଧନ କଦାପି ବିବାଦର ମଞ୍ଜି ବିନା କୌଣସି ସ୍ଥାନକୁ ଯାଏ ନାହିଁ।

କାହାଣୀଟିଏ ଅଛି। ଥରେ ଜଣେ ବ୍ୟବସାୟୀଙ୍କୁ ଦେଖା କରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ପଚାରିଲେ– ସେମାନଙ୍କ ମଧ୍ୟରେ କିଏ ଅଧିକ ସୁନ୍ଦର? ବ୍ୟବସାୟୀ ଜଣକ ଉଭୟଙ୍କୁ ଅସନ୍ତୁଷ୍ଟ କରିବାକୁ ଡରୁଥିଲେ। ତେଣୁ ସେ ଉଭୟଙ୍କୁ ଖୁସି କରିବା ଭଳି ଏକ ଚତୁର ଉତ୍ତର ଦେଲେ। କହିଲେ, ଲକ୍ଷ୍ମୀ ଯେତେବେଳେ ମୋ ଆଡ଼କୁ ଆସନ୍ତି ସେତେବେଳେ ସୁନ୍ଦର ଦେଖାଯାଆନ୍ତି ଓ ଅଲକ୍ଷ୍ମୀ ଯେତେବେଳେ ମୋ'ଠାରୁ ଦୂରେଇ ଯାଆନ୍ତି ସେତେବେଳେ ସୁନ୍ଦର ଲାଗନ୍ତି। ଏହି ଉତ୍ତରରେ ସନ୍ତୁଷ୍ଟ ହୋଇ ସମ୍ପତ୍ତି ବ୍ୟବସାୟୀ ପାଖକୁ ଗଲାବେଳେ କଳହ ତାଙ୍କଠାରୁ ଦୂରେଇଗଲା।

ଏବେ ଆମ ଘରେ ଝଗଡ଼ାକୁ ଆମନ୍ତ୍ରଣ କରୁଥିବା ପରି ମନେହେଉଛି। ଝଗଡ଼ା ଖବର ପ୍ରକାଶ ପାଉଛି। ବିବାଦ ଉପରେ ଆଧାରିତ ଟେଲିଭିଜନ ଶୋ' ଚାଲୁଛି। କହିବାକୁ ଗଲେ ସମସ୍ତେ କଳହରେ ଲିପ୍ତ। ଯୁବକମାନେ ରିଆଲିଟି ଶୋ'ରେ ଲଢୁଛନ୍ତି ଏବଂ ଦର୍ଶକ ତାହାକୁ ଭଲ ପାଆନ୍ତି। ବିଚାରପତିମାନେ ଓ ଗାୟକମାନେ ବି ଝଗଡ଼ା କରୁଛନ୍ତି ଏବଂ ଆମେ ଏହି ଚିନ୍ତାଧାରାକୁ ଆମ ପରିବାରରେ ଡିନର ସମୟରେ ଆନନ୍ଦରେ ଆଲୋଚନା କରୁଛୁ। ଝଗଡ଼ାକୁ ମନୋରଞ୍ଜନ ଭାବରେ ଉପସ୍ଥାପନ କରାଯାଉଛି। ବଳାତ୍କାର, ନିର୍ଯାତନା ଏବଂ ହତ୍ୟା କାହାଣୀ ବିଭିନ୍ନ ପ୍ରକାରର ରୋମାଞ୍ଚ ସୃଷ୍ଟି କରୁଛି। ଭାରତ ଉଦାରୀକରଣର ଲାଭ ଉଠାଉଥିବାବେଳେ ଏସବୁ ଘଟୁଛି। ଅନୁମାନ, ଆମେ ସବୁବେଳେ ଲକ୍ଷ୍ମୀଙ୍କୁ ଅନୁସରଣ କରି ଅଲକ୍ଷ୍ମୀଙ୍କୁ ଭଲପାଇବା ଏବଂ ସମ୍ମାନ ଦେଖାଇବାକୁ ଭୁଲିଯାଇଛୁ।

–devduttofficial@gmail.com

## ଏଇ ଭାରତରେ

ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେବା ଲାଗି ପ୍ରତି ବର୍ଷ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର ରାଜସ୍ଥାନ କୋଟାର ବିଭିନ୍ନ କୋଚିଂ ସେଣ୍ଟରରେ ନାମ ଲେଖାଉଛନ୍ତି। ଉଦ୍‌ବେଗର ବିଷୟ ହେଉଛି, ସେଠାରେ ପଢ଼ାଚାପ ଯୋଗୁ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ଏପରି କି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେଠାରେ ୨୫ ଜଣ ପ୍ରତ୍ୟାଶୀ ଆତ୍ମହତ୍ୟା କରିସାରିଲେଣି। ଏଭଳି ସ୍ଥିତିରେ ପିଲାମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ କୋଟାର ସହକାରୀ ପୋଲିସ ଅଧୀକ୍ଷକ ଚନ୍ଦ୍ରଶିଲ ଠାକୁର ଏକ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି। ସେ ବିଗତ ୮ ବର୍ଷ ହେଲା କୋଟାରେ ଯୁବକଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରି ସଫଳ ହେବା ପରେ ଏହି ଅଭିଯାନ ପାଇଁ ସମର୍ପିତ ରହିଛନ୍ତି। ସେ ସ୍ପେଶାଲ ଷ୍ଟୁଡେଣ୍ଟ ସେଲ୍ ଗଠନ କରିବା ସହ ଏକ ୩ ଜଣିଆ ଟିମ୍ ଗଠନ କରି ପିଲାମାନଙ୍କ ମଧ୍ୟରୁ ଚାପ ଦୂରକରିବା ଲାଗି ପ୍ରୟାସ କରୁଛନ୍ତି। ମହିଳା ଓ ପୁରୁଷ ପୋଲିସ ଅଧିକାରୀମାନେ ବି ଏଥିରେ ସାମିଲ ହୋଇଛନ୍ତି। ଏକ ୨୪ ଘଣ୍ଟିଆ ହେଲ୍‌ପଲାଇନ ଖୋଲିଛନ୍ତି। ପ୍ରତିଦିନ ପାଖାପାଖି ୭ଟି କଲ୍ ସେ ପାଉଛନ୍ତି। ୪ ମାସ ମଧ୍ୟରେ ୫୦୦ରୁ ଅଧିକ କଲ୍ ପାଇଛନ୍ତି। ଷ୍ଟୁଡେଣ୍ଟ ସେଲ୍ ଏଯାବତ ୮୦,୦୦୦ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨ ନଭେମ୍ବର ୧୯୯୮

- ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଆଧୁନିକୀକରଣ ସାଇଟ ଅନ୍ତର୍ଗତ କ୍ୟାଲସିନିଂ ପ୍ଲାଣ୍ଟ–୨ର ବଙ୍କର ଭୁଶୁଡ଼ି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି।
- ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଘେନି ଗ୍ରୀଡ୍‌କୋର ନିଷ୍ପତ୍ତି ହାଇକୋର୍ଟଙ୍କ ଦ୍ୱାରା ଖାରଜ।
- ହଣ୍ଡୁରା ଓ ନିକାରାଗୁଆରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଫଳରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 1 | 7 | |
| | 5 | | | | 9 | | | |
| 1 | | 4 | | 3 | 6 | | | |
| 2 | | | | | | | 3 | 1 |
| 5 | | 8 | 4 | | | | | 2 |
| | | | 9 | 2 | | | | |
| | | | | | | 5 | | |
| | | 1 | | | | 4 | | 3 |
| | 2 | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 2 | 4 | 9 | 1 | 7 | 8 |
| 1 | 8 | 4 | 3 | 6 | 7 | 2 | 9 | 5 |
| 9 | 7 | 2 | 1 | 5 | 8 | 4 | 6 | 3 |
| 5 | 9 | 8 | 4 | 2 | 1 | 6 | 3 | 7 |
| 4 | 2 | 6 | 7 | 8 | 3 | 9 | 5 | 1 |
| 3 | 1 | 7 | 5 | 9 | 6 | 8 | 4 | 2 |
| 2 | 4 | 9 | 8 | 7 | 5 | 3 | 1 | 6 |
| 8 | 5 | 3 | 6 | 1 | 4 | 7 | 2 | 9 |
| 7 | 6 | 1 | 9 | 3 | 2 | 5 | 8 | 4 |

ଗତକାଲିର ଉତ୍ତର

# ଦ୍ୱନ୍ଦ୍ୱରେ ଶିକ୍ଷକ



ଡ. ମନୋରଞ୍ଜନ ପ୍ରଧାନ

ଜଣେ ଅଭିଭାବକ ବା ଅଧ୍ୟାପକ ଭାବରେ ବିଭିନ୍ନ ସମୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀରେ ଯୋଗଦେବା ପାଇଁ ସୁଯୋଗ ମିଳିଥାଏ। ବିଦ୍ୟାଳୟ ଓ ପରିବାର ମଧ୍ୟରେ ସମ୍ପର୍କ, ସମ୍ବନ୍ଧ ଓ ସମନ୍ୱୟ ସ୍ଥାପନା ଦିଗରେ ଅଭିଭାବକ ସମ୍ମିଳନୀ ଏକ ସୁଦୃଢ଼ ସେତୁ। ଏହା ଦ୍ୱାରା ଉଭୟ ଶିକ୍ଷାନୁଷ୍ଠାନ ଓ ଶିକ୍ଷାର୍ଥୀମାନଙ୍କର ଅଶେଷ ମଙ୍ଗଳ ହୁଏ। ଶିକ୍ଷକ ଶିକ୍ଷୟିତ୍ରୀ ଶିଶୁମାନଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରନ୍ତି। ଫଳରେ ଉପଯୁକ୍ତ ଶିକ୍ଷାଦାନ ଓ ଶିଶୁମାନଙ୍କର ଆଚରଣ ପରିମାର୍ଜିତ ସକାଶେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ସୁବିଧା ଓ ସହାୟତା ପ୍ରଦାନ କରେ। ଅପରପକ୍ଷେ ଅଭିଭାବକମାନଙ୍କ ପ୍ରତ୍ୟକ୍ଷ ସହଭାଗିତା ବିଦ୍ୟାଳୟଗୁଡ଼ିକର ସମସ୍ୟାକୁ ସହଜ ଓ ସୁଚାରୁରୂପେ ସମାଧାନ କରିବାରେ ବିଶେଷ ସହାୟତା ପ୍ରଦାନ କରେ। କିନ୍ତୁ ସମ୍ମିଳନୀଗୁଡ଼ିକରେ ଅଭିଭାବକମାନଙ୍କ ଦ୍ୱାରା ଆସୁଥିବା ଅନେକ ପ୍ରସ୍ତାବ, ପରାମର୍ଶ ଓ ଅନୁରୋଧ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦିଏ। କେତେକ ବାସ୍ତବ ଉଦାହରଣ ଏଠାରେ ଉପସ୍ଥାପନ କରୁଛି।

ପ୍ରଥମତଃ, ଶିକ୍ଷାର୍ଥୀମାନଙ୍କୁ ଆକଟ କରିବା ପାଇଁ ଅନେକ ଅଭିଭାବକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦିଅନ୍ତି, ଯାହାକି ଆଇନତଃ ଗ୍ରହଣୀୟ ନୁହେଁ। ସେମାନଙ୍କ କହିବା କଥା, ଆମେ ଛାଟ ଖାଇଥିଲୁ ବୋଲି ଆଜି ଶୃଙ୍ଖଳିତ ସଭ୍ୟ ମଣିଷ ଭାବରେ ସମାଜରେ ବସବାସ କରିପାରୁଛୁ। ସାମାନ୍ୟ ତ୍ରୁଟି ବା ଅନୁଶାସନହୀନ କାର୍ଯ୍ୟ ପାଇଁ ଆମେ ଶିକ୍ଷାଦାତାଙ୍କ ଦ୍ୱାରା ଦଣ୍ଡିତ ହେଉଥିଲୁ। କିନ୍ତୁ ଆଜି ଦଣ୍ଡମୁକ୍ତ ଅଞ୍ଚଳ ଯୋଗୁ ପିଲାମାନେ ଭୟମୁକ୍ତ ଓ ଭକ୍ତିଶୂନ୍ୟ ହୋଇଯାଉଛନ୍ତି। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ପ୍ରତି ସାମାନ୍ୟ ସମ୍ମାନବୋଧ ନାହିଁ। ଏହା ସତ୍ୟ ଯେ, ଆଜିକାଲି ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପିଲାଙ୍କୁ ଆକଟ କରିବା ପାଇଁ ମାଡ଼ ମାରିବା ବା ଗାଳି କରିବା ତ ଦୂରର କଥା, ଆଖି ଦେଖେଇବାକୁ ମଧ୍ୟ ଡରୁଛନ୍ତି। କାରଣ ଏହା ଆଇନତଃ ଅପରାଧ ଓ ମାନବିକ ଅଧିକାରର ବିରୋଧାଭାସ। ଅପରପକ୍ଷେ, ଶିକ୍ଷାଧିକାରୀମାନେ ବାଚନିକ ଭାବେ କହନ୍ତି ପିଲାମାନେ ବହୁତ ଦୁଷ୍ଟ ହେଉଛନ୍ତି, ଆପଣମାନଙ୍କର ନିୟନ୍ତ୍ରଣ ନାହିଁ ସେମାନଙ୍କ ଉପରେ, ଇତ୍ୟାଦି। ଏ ସମ୍ପର୍କରେ ଯଦି ଶିକ୍ଷକ/ ଶିକ୍ଷୟିତ୍ରୀ ମୁହଁ ଖୋଲି କହନ୍ତି ଆକଟ କରିବୁ କେମିତି! ସାଧାରଣ ଦଣ୍ଡ (ବାଚନିକ ବା ମାନସିକ ବା ଶାରୀରିକ) ଦେବା ଆଇନତଃ ଅପରାଧ। ସେତେବେଳେ ଅଧିକାରୀମାନେ କଥା ଛଳରେ କହନ୍ତି, ତୁମକୁ ଚୋଟ ମାରିବାକୁ ମନା କରାଯାଇଛି ସିନା ଫଣାଟେକି ଫଁ କରିବାକୁ କିଏ ମନା କରିଛି? ଏ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦ୍ୱନ୍ଦ୍ୱରେ। ଏଣେ ମାରିଲେ ଗୋହତ୍ୟା, ତେଣେ ମାରିଲେ ବ୍ରହ୍ମହତ୍ୟା। କାରଣ ଅନୁଶାସନ ପାଇଁ ଯଦି କୌଣସି ସାମାନ୍ୟ ପଦକ୍ଷେପ ନିଅନ୍ତି, ସବୁ ଠିକ୍‌ଠାକ୍ ଚାଲିଥିଲେ କିଛି ଅସୁବିଧା ନାହିଁ। ଯଦି ସାମାନ୍ୟ ସ୍ୱାର୍ଥ ହାନି ହେଲା ନା ଅଭିଭାବକ ନା ଅଫିସର କେହି ପିଠିରେ ପଡ଼ିବେ ନାହିଁ। ସେତେବେଳେ ସମସ୍ତେ ଆଇନ ବିଶାରଦ ବନିଯିବେ। ବିଚରା ଶିକ୍ଷକ ଆଇନ ଫାଶରେ ଛନ୍ଦି ହେଉଥିବ।

ଦ୍ୱିତୀୟରେ, ଆମେ ପାଠ ପଢ଼ିବା ବେଳେ ବିଦ୍ୟାଳୟ ସଫେଇଠାରୁ ବଗିଚା କାମ ଭଳି ଅନେକ କାମ କରୁଥିଲୁ। ସେତେବେଳେ ଆମେ କେବେ ନିଜକୁ ମୂଲିଆ ଭାବୁନଥିଲୁ କି ଆମ ସ୍ୱାଭିମାନ ନଷ୍ଟ ହେଉଛି ବୋଲି ବିଚାର ହିଁ ନଥିଲା। ବରଂ ଶ୍ରମର ମହତ୍ତ୍ୱକୁ ବୁଝିପାରୁଥିଲୁ। ମା'ବାପାମାନେ ମଧ୍ୟ ଏଭଳି କାମକୁ ପ୍ରୋତ୍ସାହନ ଦେଉଥିଲେ। ଆଜି କିନ୍ତୁ ଠିକ୍ ଓଲଟା। ଆଜିର ପରିସ୍ଥିତିରେ ପିଲାଙ୍କୁ ଭୁଲ୍‌ବଶତଃ ଯଦି ଏଭଳି କାମରେ ଲଗାଯାଇଥାଏ,



ଗଣମାଧ୍ୟମଠାରୁ ଅଭିଭାବକ ପର୍ଯ୍ୟନ୍ତ ସବୁ ମହଲରେ ଭର୍ତ୍ସନା ଶୁଣିବାକୁ ପଡ଼େ। ବେଳେବେଳେ ଅଭିଭାବକ ସମ୍ମିଳନୀରେ ମାତାପିତାମାନେ ପିଲାମାନଙ୍କୁ ବଗିଚା କାମ ଭଳି କିଛି କାର୍ଯ୍ୟ କରିବାକୁ କହନ୍ତି। କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କାରଣ ସବୁ ମା'ବାପାଙ୍କ ସମାନ ବିଚାର ନ ଥାଏ।

ତୃତୀୟରେ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମ୍ବିଧାନିକ କର୍ତ୍ତବ୍ୟ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଓ ଅଧୁନା ଜାତୀୟ ଶିକ୍ଷା ନୀତି ୨୦୨୦ ବିଶେଷକରି ବିଦ୍ୟାଳୟ ସ୍ତରରେ କୋମଳମତି ବାଳକ ବାଳିକାମାନଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରାବଧାନ ରହିଛି। ହେଲେ ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କେମିତି? ପ୍ରଥମତଃ, ଆଜି ମଧ୍ୟ ଆମ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ଶିକ୍ଷକ-ଛାତ୍ର ଅନୁପାତ ଠିକ୍ ନୁହେଁ। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶିକ୍ଷକ ଅଭାବର ବିକଳ ରୂପ କାହାକୁ ଅଛପା ନାହିଁ। ଏଭଳି ପରିସ୍ଥିତି ଓ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ନିୟୋଜିତ ସୀମିତ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବେ ନା ଅଫିସରମାନଙ୍କ ନାଲି ଆଖିରୁ ତ୍ରାହି ପାଇବା ପାଇଁ ଫାଇଲ ଚାଷ କରିବେ? କାରଣ ବିଦ୍ୟାଳୟଗୁଡ଼ିକରେ ଅଫିସ୍ କାମ ପାଇଁ କିରାଣି ବା ସହଯୋଗୀ କାହିଁ? ଯଦି ଶିକ୍ଷକ ଧର୍ମ ପାଳନ କରି ପିଲାଙ୍କୁ ଦେଖିବେ ଶିକ୍ଷା ଅଧିକାରୀମାନଙ୍କ କ୍ରୋଧର ଶିକାର ହେବା ଥୟ। ଆଉ ଯଦି ଅଧିକାରୀମାନଙ୍କୁ ସନ୍ତୁଷ୍ଟ କରିବେ ପିଲାମାନେ ହତାଦର, ଅନାଦର ଓ ଅବହେଳିତ ହେବେ। ଫଳରେ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ଭଳି ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ।

ଚତୁର୍ଥରେ, କେଉଁ ପଦ୍ଧତି ବା ପ୍ରଣାଳୀ ଅବଲମ୍ବନ କରି ପାଠଦାନ କରିବେ ସେଥିପାଇଁ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ। କିପରି? ନିୟମ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟର ଉପଲବ୍ଧ ସମ୍ବଳ, ପାଠ୍ୟଖସଡ଼ା, ପାଠ୍ୟ ପୁସ୍ତକ ଏବଂ ସର୍ବୋପରି ଶିଶୁମାନଙ୍କ ଦକ୍ଷତା, ଇଚ୍ଛା ଓ ଆବଶ୍ୟକତା ଦେଖି ଶିକ୍ଷାଦାନ ଦେବା କଥା। ବିଶେଷକରି ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୂର୍ଣ୍ଣ ସ୍ୱତନ୍ତ୍ରତା ଦେଲେ ଉଦ୍ୟମୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆବଶ୍ୟକତା ଆଧାରରେ ଶିକ୍ଷାଦାନ କୌଶଳ ଅବଲମ୍ବନ କରି ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିପାରନ୍ତେ। କିନ୍ତୁ ବାସ୍ତବରେ ତାହା ହେଉନାହିଁ ବୋଲି ଏ ଲେଖକଙ୍କ ବ୍ୟକ୍ତିଗତ ମତ। ବିଦ୍ୟାଳୟ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଷସାରା ଯେତିକି ପ୍ରଶିକ୍ଷଣ ବ୍ୟବସ୍ଥା ହେଉଛି, ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ନାନା ମୁନି ନାନା ମତ ଭଳି ବେଳେବେଳେ ପ୍ରଶିକ୍ଷକଗଣ ନିଜ ପାଣ୍ଡିତ୍ୟ ଓ ପ୍ରଭାବ ବିଚରା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥା'ନ୍ତି। ଫଳରେ ଶିକ୍ଷାଦାତାମାନେ ବୁଝିପାରନ୍ତି ନାହିଁ ଯେ ନିଜ ବିଦ୍ୟାଳୟର ପିଲାଙ୍କ ଆବଶ୍ୟକତା ଭିତ୍ତିରେ ପାଠ ପଢ଼େଇବେ ନା ପ୍ରଶିକ୍ଷଣ ପାଇଥିବା ଆଧାରରେ ପଢ଼େଇବେ। ଏଠି ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ହେଲେ ଏସବୁ ଦ୍ୱନ୍ଦ୍ୱର କୁପରିଣାମ ବିଚରା କୁନିକୁନି ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପଡୁଛି। ଏସବୁ ବିଷୟରେ ଗଭୀର ଭାବରେ ଚିନ୍ତନ କରିବା ସମୟ ଉପନୀତ।

**ସହକାରୀ ପ୍ରାଧ୍ୟାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

# ଗ୍ରାମୀଣ ଜୀବନ



ବିପିନ ବିହାରୀ ମହାନ୍ତି

ଗ୍ରାମାଞ୍ଚଳର ବିଶାଳ କଇଁ ପୋଖରୀ କେଉଁଠି ପୋତିହୋଇ ଗଲାଣି ତ ଆଉ କେଉଁଠି କଇଁଫୁଲକୁ ସଫାକରି ମାଛଚାଷ କରାଗଲାଣି। କଦବା କ୍ୱଚିତ୍ ଯେଉଁଠି କଇଁଫୁଲ ପୋଖରୀଟିଏ ରହିଛି ତାହା ଧୀରେଧୀରେ ଗାଁ ଲୋକଙ୍କ ସଚେତନତା ଅଭାବରୁ ଅଳିଆଗଦାର ଭ୍ରମ ସୃଷ୍ଟି କଲାଣି। ନାଳ, ଖାଲ, ଖମା, ଯୋର ଗାଡ଼ିଆ ଯେଉଁଠି କଇଁଫୁଲ ଫୁଟୁଥିଲା ସେସବୁକୁ ଗ୍ରାମାଞ୍ଚଳରେ ସକ୍ରିୟ ଥିବା ଭୂ-ମାଫିଆ ମାନେ ନିଜ ଚାଷଜମିରେ ମିଶାଇ ସାରିଲେଣି ବା ପୋତି ପକାଇଲେଣି। ଗାଁ ମାଟିର କ୍ଷତାକ୍ତ ପରିବେଶକୁ ବର୍ଣ୍ଣନା କରିବା ପାଇଁ କଇଁଫୁଲର ଦୁର୍ଦ୍ଦଶା ଏଠାରେ ପ୍ରତିକାତ୍ମକ ପ୍ରସଙ୍ଗଟିଏ।

ଗାଁ ଶେଷ ମୁଣ୍ଡରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆର କଥା କୁହନ୍ତୁ କିମ୍ବା ଏହି ପଡ଼ିଆରେ ଥିବା ଘଞ୍ଚ କିଆବୁଦାର କଥା, ଗାଁଠାରୁ ଗହୀର ଆଡ଼କୁ ଲମ୍ବିଯାଇଥିବା ରାସ୍ତାର ମାଳ ମାଳ ତାଳଗଛର କଥା କୁହନ୍ତୁ କିମ୍ବା ଏଇ ତାଳଗଛରେ ଝୁଲୁଥିବା ବାଇଚଢ଼େଇର ବସାର କଥା; ସମସ୍ତେ ଯେମିତି ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ସଂଘର୍ଷରତ। ଆଉ କିଛିଦିନ ଗଲେ ହେଟାବାଘ, ବିଲୁଆ, ଶାଳିଆପତନି, କୋକି, ନେଉଳ ଇତ୍ୟାଦିଙ୍କୁ ଆମେ କେବଳ ନନ୍ଦନକାନନରେ ହିଁ ଦେଖିବାକୁ ପାଇବା। କାରଣ ଏମାନେ ବଞ୍ଚିରହିବା ପାଇଁ ଯେଉଁ ପରିବେଶର ଆବଶ୍ୟକତା ରହିଛି ତାହା ପ୍ରାୟ ଉଜୁଡ଼ି ଗଲାଣି। ଗ୍ରାମାଞ୍ଚଳରେ ଦେଖାଯାଉଥିବା ଅନେକ ପକ୍ଷୀ ଉଚ୍ଚବୃକ୍ଷର ଅଭାବରୁ ଆଉ ବସାବାନ୍ଧି ପାରୁନାହାନ୍ତି। ଫଳରେ ସେମାନେ ମଧ୍ୟ ଧୀରେ ଧୀରେ ନିଶ୍ଚିହ୍ନ ହେବାକୁ ବସିଲେଣି।

ସାଧାରଣତଃ ଗ୍ରାମାଞ୍ଚଳରେ ନିଶା ରାତିକୁ ଭୟ ଲାଗିଥାଏ। କିନ୍ତୁ ଆଜି ନିଶାରାତି ଅପେକ୍ଷା ନିଶାଡ଼ିମାନେ ଗ୍ରାମାଞ୍ଚଳରେ ବେଶି ଭୟର ବାତାବରଣ ସୃଷ୍ଟି କରୁଛନ୍ତି। କଥା କଥାକେ ଗଣ୍ଡଗୋଳ ମାରପିଟ। ଦିନଥିଲା ଗାଁର ବଡ଼ ବଡ଼ ବିବାଦ ଭାଗବତ ଟୁଙ୍ଗିରେ ସମାଧାନ ହେଉଥିଲା। କିନ୍ତୁ ଆଜି ବାଡ଼ିରୁ ଭେଣ୍ଡି, ବାଇଗଣ ଚୋରି ହେଲେ ଲୋକେ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଗ୍ରାମୀଣ ନ୍ୟାୟିକ ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ପ୍ରତ୍ୟେକ ଗ୍ରାମରେ ରାଜନୀତି ପ୍ରବେଶ କଲାଣି। ଲୋକେ ଆଉ ଆଗଭଳି ସତ୍ୟ ଏବଂ ନ୍ୟାୟର ସମର୍ଥନ କରୁ ନାହାନ୍ତି। ଫଳରେ ପ୍ରତିଟି ଗାଁରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଏବଂ ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରି ଗ୍ରାମୀଣ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗାଁରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଗଭଳି ଲୋକମାନଙ୍କ ମଧ୍ୟରେ ଏକତା କି ଆଗ୍ରହ ନାହିଁ। ପାଲା, ଦାସକାଠିଆ, ଧୁଡୁକି ନାଚ, ଘୋଡ଼ା ନାଚ, କଣ୍ଢେଇ ନାଚ ଭଳି ପ୍ରାଚୀନ ସାଂସ୍କୃତିକ କାର୍ଯ୍ୟକ୍ରମ କଥା ଶୁଣିଲେ ଗାଁ ଲୋକମାନେ ନାକ ଟେକୁଛନ୍ତି। ଆଗଭଳି ଗାଁର ପ୍ରତ୍ୟେକ ପରିବାରରେ ଗୋରୁ ପାଳୁ ନାହାନ୍ତି। ଏକଥା ସତ୍ୟ ଯେ, କୃଷି କ୍ଷେତ୍ରରେ ଟ୍ରାକ୍ଟରର ପ୍ରୟୋଗ ଫଳରେ ବଳଦଙ୍କର ଆଉ ଆବଶ୍ୟକତା ପଡୁ ନାହିଁ। କିନ୍ତୁ ଆମେ ଘରେ ଗାଇଟିଏ ତ ପାଳି ପାରିବା। ହେଲେ ଗାଁ ଲୋକମାନେ ଧୀରେ ଧୀରେ ଗୋପାଳନ ପ୍ରତି ବିମୁଖ ହେଲେଣି। ବାଡ଼ିରେ ହାଟ ବସାଇବା ଉକ୍ତିଟି ଆଜି ଗ୍ରାମାଞ୍ଚଳରେ ଅପ୍ରାସଙ୍ଗିକ ମନେହୁଏ। ଏକ ସମୟରେ ପ୍ରତ୍ୟେକ ପରିବାରର ବାଡ଼ିରେ ପନିପରିବା ଚାଷ ହେଉଥିଲା। କିନ୍ତୁ ଆଜି ତାହା ମଧ୍ୟ ଦେଖିବାକୁ ମିଳୁ ନାହିଁ। ଯେଉଁମାନେ ପରିବା ଚାଷ କରୁଛନ୍ତି ସେମାନେ ବ୍ୟବସାୟିକ ଦୃଷ୍ଟିରୁ କରୁଛନ୍ତି, ବାକି ଲୋକମାନେ ନିଜ ଆଳସ୍ୟଗୁଣ ତଥା କର୍ମ ବିମୁଖତା ପାଇଁ ହାଟରୁ ପନିପରିବା କିଣୁଛନ୍ତି। ଫଳରେ ବର୍ଷସାରା ପରିବା ମୂଲ୍ୟରେ ହାତ ମାରି ହେଉ ନାହିଁ। ଉପରୋକ୍ତ ଆଲୋଚନାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଗ୍ରାମୀଣ ଜୀବନ ଆଜି ଅବକ୍ଷୟମୁଖୀ। ଏହାର କାରଣ ହେଲା ଭୌତିକ ସୁଖକୁ ଜୀବନର ସର୍ବୋଚ୍ଚ ସୁଖ ବୋଲି ଧରିନେବା ଏବଂ ଏହି ସୁଖ କେବଳ ସହରରେ ଉପଲବ୍ଧ ବୋଲି ଅନୁଭବ କରିବା। ଯେଉଁମାନେ ସହରକୁ ଚାଲିଗଲେ ସେମାନେ ସେହି ସୁଖର ଅଧିକାରୀ ବୋଲି ଗର୍ବ କଲେ ଆଉ ଯେଉଁମାନେ ନ ଯାଇପାରି ଗାଁରେ ରହିଗଲେ ସେମାନେ ସେହି ସୁଖକୁ ଅନୁକରଣ କଲେ। ଏହି ଦୁଇ ଗୋଷ୍ଠୀର ମଣିଷମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହିଁ ଗ୍ରାମ୍ୟ ପରିବେଶ ବା ଗ୍ରାମ୍ୟ ସଂସ୍କୃତିର ଧ୍ୱଂସର କାରଣ।

**ସାହାଡ଼ା, ଜାନକାଦେଇପୁର, ବୋରିକିନା, ଜଗତ୍‌ସିଂହପୁର, ମୋ:୯୪୩୮୨୮୨୮୨୫**

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ-ମୁକୁରେ!
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ- ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ!

–(ଶିଶିର-ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାର ସଫଳ ରୂପାୟନ ହେଉ

ମହାଶୟ,

ଜନସାଧାରଣଙ୍କର ସୁବିଧା ନିମନ୍ତେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସରକାରୀ ସୁବିଧା ପାଇବାକୁ ଆଶାୟୀ। କୃଷକ, ମହିଳା,ରୋଗୀ, ବେକାରୀ, କଳାକାର ଏମିତି ଅନେକ କ୍ଷେତ୍ରରେ ସରକାରୀ ସୁବିଧା ଉପଲବ୍ଧ ହେଉଛି। ପୁଣି ଅନେକ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାର ତତ୍ପର। ମାତ୍ର ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ଜନତା କ'ଣ ସରକାରୀ ସୁବିଧା ପାଇବା ନିମନ୍ତେ ଯୋଗ୍ୟ? ଏହାର ଉତ୍ତର ନା, ବୁଦ୍ଧିବଳ ଓ କୌଶଳ ଲଗାଇ ଅନେକ ଅଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନା ଦୌଡ଼ରେ ସାମିଲ ହୋଇ ପାରୁନାହାନ୍ତି। ଫଳରେ ସରକାରୀ ସୁବିଧା ତାଙ୍କ ପାଇଁ ଦିବା ସ୍ୱପ୍ନ ହୋଇ ରହିଯାଉଛି। ଏଣୁ ଯୋଜନା ଯେତେ ହେଉନା କାହିଁକି, ସମସ୍ତ ଯୋଜନାର ସଫଳ ରୂପାୟନ କରିବା ହେଉଛି ସରକାରୀ କର୍ମଚାରୀଙ୍କର ମୁଖ୍ୟ ଦାୟିତ୍ୱ। କର୍ମଚାରୀ ଦୁର୍ନୀତି କଲେ କୌଣସି ଯୋଜନା ଫଳପ୍ରଦ ହୋଇପାରିବ ନାହିଁ। ଦଳମତ ନିର୍ବିଶେଷରେ ସରକାର ଏ ବିଷୟରେ ଗମ୍ଭୀରତାର ସହ ବିଚାର କରିବାର ଆବଶ୍ୟକତା ଅଛି।

**–ଅଶୋକ ରାଉଳ, ଅଡ଼ଙ୍ଗ, ଜଗତସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶର ସମ୍ଭାର

# ୪ ସ୍ଥାନରେ ଆରମ୍ଭ ହେଲା ଇକୋ ରିଟ୍ରିଟ୍






### ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଡିସେମ୍ବର ୧ରେ ଭିତରକନିକା, ୧୫ରେ କୋଣାର୍କରେ ଖୋଲିବ

**ଭୁବନେଶ୍ୱର, ୧।୧୧ (ଅନିଲ ଦାସ)**

ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶରେ ଅବସର ବିନୋଦନ ପାଇଁ ରାଜ୍ୟ ସରକାର ଗତ କିଛି ବର୍ଷ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଇକୋ ରିଟ୍ରିଟ୍ ବ୍ୟବସ୍ଥା କରିଛନ୍ତି। ଏହା ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଚଳିତ ବର୍ଷ ଇକୋ ରିଟ୍ରିଟ୍ ୨୦୨୩-୨୪ର ୫ମ ସଂସ୍କରଣ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ କୋରାପୁଟର ପୁଟସିଲ, ଦାରିଙ୍ଗବାଡ଼ି, ସାତକୋଶିଆ ଏବଂ ହୀରାକୁଦରେ ଏହା ଆରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଇକୋ ରିଟ୍ରିଟ୍‌ର ୪ଟି ସଂସ୍କରଣ ସଫଳତାର ସହ ଆୟୋଜନ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଛି। ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶରେ ପଞ୍ଚତାରକା ରିସର୍ଟର ସୁବିଧା ଯୋଗାଇଦେଇ ପାରିଛି। ଭିତରକନିକା ଏବଂ ସୋନାପୁର ବିଚ୍ ଇକୋ ରିଟ୍ରିଟ୍ ଡିସେମ୍ବର ୧ ଏବଂ କୋଣାର୍କଠାରେ ଡିସେମ୍ବର ୧୫ ତାରିଖରେ ଉଦ୍‌ଘାଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲାର ବିଧାୟକ, ଜିଲାପାଳ, ଏସ୍‌ପି, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଏବଂ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

୨୦୧୯ରେ ପ୍ରଥମ ଥର ପାଇଁ ଇକୋ ରିଟ୍ରିଟ୍ କୋଣାର୍କର ରାମଚଣ୍ଡୀଠାରେ ଆରମ୍ଭ କରାଯାଇଥିଲା। ୨୦୨୦ରେ ସାତକୋଶିଆର ବାଲିପୁଟ, ଭିତରକନିକା, ଦାରିଙ୍ଗବାଡ଼ି ଏବଂ ହୀରାକୁଦଠାରେ ଆରମ୍ଭ କରାଯାଇଥିଲା। ୨୦୨୨ରେ ଆଉ ୨ଟି କୋରାପୁଟର ପୁଟସିଲ ଓ ସୋନାପୁର ବିଚ୍‌କୁ ସାମିଲ କରାଯାଇଥିଲା। ଚଳିତ ବର୍ଷ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ସକାଶେ ୱାଟର ସ୍ପୋର୍ଟସ ଏବଂ ଅବସରବିନୋଦନ ଲାଗି ଅନେକ ନୂତନ ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ପରିବେଶକୁ କୌଣସି କ୍ଷତି ନ ପହଞ୍ଚାଇ ରାଜ୍ୟ ସରକାର ପରିବେଶ ପର୍ଯ୍ୟଟନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପାକୃତିକ ସମ୍ପଦ ଉପରେ ଯେପରି କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ ପର୍ଯ୍ୟଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଗାଇଡ୍‌ଲାଇନ ଅନୁଯାୟୀ ଇକୋ ରିଟ୍ରିଟ୍‌ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି। ୪ଟି ସ୍ଥାନରେ ସ୍ଥାପନ କରାଯାଇଥିବା ଇକୋ ରିଟ୍ରିଟ୍‌ରେ ୨୫ଟି ଟେଣ୍ଟ ରହିଛି। ହୀରାକୁଦଠାରେ ଥିବା ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକମାନେ ଡେବ୍ରିଗଡ଼ ବନ୍ୟଜନ୍ତୁ ଉଦ୍ୟାନ ସହ ଜଳଭଣ୍ଡାର ଏବଂ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ। ସେହିପରି ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିଠାରେ ଥିବା ଇକୋ ରିଟ୍ରିଟ୍‌ର ହିଲ୍‌ଷ୍ଟେଶନର ଚାରିପାଖରେ ଥିବା କଫି ଓ ପିପର ଗାର୍ଡେନ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ପର୍ଯ୍ୟଟକମାନେ ମିଧୁମନ୍ଧ ୱାଟରଫଲ ଏବଂ ଦାରିଙ୍ଗବାଡ଼ି କଫି ଗାର୍ଡେନ ପରିଦର୍ଶନ କରି ଆନନ୍ଦ ନେଇପାରିବେ। ଏହାଛଡ଼ା ଟ୍ରାକିଂ, ସାଇକ୍ଲିଂ, ଶୁଟିଂ, ଭଲିବଲ ଖେଳିବା ଆଦି ବ୍ୟବସ୍ଥା ମଧ୍ୟ ସେଠାରେ ରହିଛି। ସେହିପରି ସାତକୋଶିଆ ଇକୋ ରିଟ୍ରିଟ୍ ମହାନଦୀ ଅବବାହିକାର ବାୟୋ ଡାଇଭରସିଟି ଏବଂ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ରହିଛି। ଏହା ଇଷ୍ଟର୍ନଘାଟ ଓ ଡେକାନ ଉପତ୍ୟକାର ସଙ୍ଗମ ସ୍ଥଳ। ଏହା ପର୍ଯ୍ୟଟକମାନଙ୍କୁ ପରିବେଶ କୋଳରେ ରହିବାର ଅସୀମ ଆନନ୍ଦ ପ୍ରଦାନ କରିବାରେ ସହାୟକ ହେବ। ଏଠାରେ ଭଲିବଲ, ତୀରଚାଳନା, ରାଇଫଲ ଶୁଟିଂ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଅଲିଭ ରିଡ୍‌ଲେ ସୁରକ୍ଷା ପାଇଁ ୭ ମାସ କଟକଣା

### ମତ୍ସ୍ୟଜୀବୀ ପରିବାରକୁ ମିଳିବ ଆର୍ଥିକ ସହାୟତା

**ଭୁବନେଶ୍ୱର, ୧।୧୧ (ଅସମାପିକା ସାହୁ)**

ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବୁଧବାରଠାରୁ ସମୁଦ୍ରରେ ମାଛଧରା ନେଇ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ୭ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମତ୍ସ୍ୟସମ୍ପଦ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପକୂଳଠାରୁ ସମୁଦ୍ର ଭିତରକୁ ୨୦ କିଲୋମିଟର ପର୍ଯ୍ୟନ୍ତ ଆଗାମୀ ମେ' ୩୧ ଯାଏ ମାଛ ନ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଋଷିକୂଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରୁ ମାଛ ମାରିବାକୁ ବାରଣ କରାଯାଇଛି। ସମୁଦ୍ର କୂଳଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ କୌଣସି ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ଟ୍ରଲର ମାଛ ଧରିପାରିବେ ନାହିଁ। କାରଣ ଅଣ୍ଡାଦାନ କରିବା ପାଇଁ ଲକ୍ଷାଧିକ କଇଁଛ ଦୂର ସମୁଦ୍ରରୁ କୂଳକୁ ଆସିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସେପଟେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଦୀ ମୁହାଣରେ ଶିବିର ଖୋଲାଯିବ। ଏହି ଶିବିରଗୁଡ଼ିକରେ ବନ ବିଭାଗର କର୍ମଚାରୀଙ୍କୁ ମୁତୟନ କରାଯିବ। ଏମାନେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଦାୟିତ୍ୱ ନେବେ। ପ୍ରାୟ ୭ ମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ନ ଧରିବା ପରେ ସେମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯିବ। ତେଣୁ ପ୍ରଶାସନ ତରଫରୁ ସମ୍ପୃକ୍ତ ମତ୍ସ୍ୟଜୀବୀ ପରିବାରକୁ ଆର୍ଥିକ ସହଯୋଗ ଦିଆଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଏଭଳି କଟକଣା ଲଗାଯାଇଥାଏ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୧।୧୧**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଉପରଡ଼ିହା ଗ୍ରାମର ଚତୁରିସାହିରେ ବୁଧବାର ହାତୀ ଆକ୍ରମଣରେ ଜଣେ ବିଧବା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ବେଲ ମୁଣ୍ଡା(୬୦)। ବନ ବିଭାଗ ପକ୍ଷରୁ ସମ୍ପର୍କୀୟଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ବେଲ ମଙ୍ଗଳବାର ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିଲେ। ତାଙ୍କର ୨ ଝିଅ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବିବାହିତ। ଫଳରେ ବେଲ ଘରେ ଏକା ରହୁଥିବାରୁ କେହି ଖୋଜି ନ ଥିଲେ। ବୁଧବାର ପଡ଼ୋଶୀ ଜଙ୍ଗଲ ଯାଇଥିବା ବେଳେ ବେଲଙ୍କୁ ହାତୀ ଦଳି ମାରିଦେଇଥିବା ଦେଖି ବନ ବିଭାଗକୁ ଜଣାଇଥିଲେ। ଘଟଗାଁ ରେଞ୍ଜ ଦାୟିତ୍ୱରେ ରହିଥିବା ଏସିଏଫ୍ ପ୍ରଭାତ କୁମାର କୁଅଁର, ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ, ଫରେଷ୍ଟ ଗାର୍ଡ ଶ୍ରବଣ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରାଥମିକ ଭାବେ ବିବାହିତ ଝିଅ ସାବିତ୍ରୀ ମୁଣ୍ଡାକୁ ୬୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଜଙ୍ଗଲରେ ୧ସପ୍ତାହ ଧରି ହାତୀପଲ ଡେରା ପକାଇଛନ୍ତି।

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

### ମେକାନିକାଲ ଇଞ୍ଜିନିୟର ଗିରଫ

**ଭୁବନେଶ୍ୱର, ୧।୧୧ (ସତ୍ୟଜିତ୍ ରାଉତ)**

କଟକ ଜିଲା ଟିଗିରିଆ ଥାନା ଅଞ୍ଚଳରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଜଣେ ମେକାନିକାଲ ଇଞ୍ଜିନିୟରଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ସୂର୍ଯ୍ୟକାନ୍ତ ମନ୍ତ୍ରୀ (୩୨)। ତାଙ୍କଠାରୁ ଏସ୍‌ଟିଏଫ୍ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବୁଧବାର ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଆଠଗଡ଼ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତ ବିପୁଳ ପରିମାଣରେ ବ୍ରାଉନସୁଗାର ରଖିଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସେ ତାଙ୍କ ବାଇକ୍‌ରେ ବ୍ରାଉନସୁଗାର ଧରି ସ୍ଥାନୀୟ କଳିବୀର ବ୍ରିଜ ନିକଟରେ ଜଣେ ଡିଲରଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ସୂର୍ଯ୍ୟକାନ୍ତଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ତାଙ୍କଠାରୁ ୧ କେଜି ୨୨ ଗ୍ରାମ୍‌ର ବ୍ରାଉନସୁଗାର ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ସୂର୍ଯ୍ୟକାନ୍ତ ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆଣିଲେ ଓ ତାଙ୍କ ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ, ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି।

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ

### ୯୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଚଣ୍ଡିଖୋଲ/ବଡ଼ଚଣା, ୧।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ ମହାନ୍ତି)**

ଯାଜପୁର ଜିଲା ବଡ଼ଚଣା ଥାନା ପୋଲିସ ଗଞ୍ଜେଇ ଚାଲାଣ କରୁଥିବା ଏକ ଆମ୍ବୁଲାନ୍ସକୁ ଜବତ କରିଛି। ସେଥିରୁ ୯୦ କିଲୋ ଗ୍ରାମ୍ ଗଞ୍ଜେଇ, ୨ ମୋବାଇଲ୍ ଫୋନ୍ ଓ ନଗଦ ଅର୍ଥ ଜବତ କରାଯାଇଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ସଞ୍ଜୁ ପାତ୍ର(୨୭) ଓ ମୟୂରଭଞ୍ଜ ଜିଲା ବାଙ୍ଗିରପୋଷୀ ଅଞ୍ଚଳର ଯୋଗେଶ୍ୱର କାହାଳିଆ(୩୨)।

ସୂଚନା ମୁତାବକ, ମଙ୍ଗଳବାର ସକାଳେ ଜାତୀୟ ରାଜପଥର ବଡ଼ଚଣା ଛକ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଗାଡ଼ିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଆମ୍ବୁଲାନ୍ସ ନମ୍ବର (ଡବ୍ଲ୍ୟୁବି-୪୩-୦୦୪୦) ଆସୁଥିବାବେଳେ ଭାରସାମ୍ୟ ହରାଇ ଜାତୀୟ ରାଜପଥ କଡ଼ ବାଡ଼ାରେ ପିଟ ହୋଇ ଯାଇଥିଲା। ଏହାଦେଖି ପୋଲିସ କର୍ମଚାରୀମାନେ ଆମ୍ବୁଲାନ୍ସ ନିକଟକୁ ଦୌଡ଼ି ଆସିଥିଲେ। ଏହି ସମୟରେ ଆମ୍ବୁଲାନ୍ସରେ ଥିବା ଉପରୋକ୍ତ



ଜବତ ଆମ୍ବୁଲାନ୍ସ

୨ ବ୍ୟକ୍ତି ଗାଡ଼ି ଛାଡି ପାଖ ଧାନ ବିଲକୁ ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିଥିଲା। ଧରାପଡ଼ିବା ପରେ ସେମାନେ ଆମ୍ବୁଲାନ୍ସରେ ଗଞ୍ଜେଇ ଥିବା କହିଥିଲେ। ପୋଲିସ ନମ୍ବର ୩୨୭/୨୩ରେ ଏକ ମାମଲା ରୁଜୁକରି ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା। ସେମାନେ ଜାତୀୟ ରାଜପଥର କଟକ ମଙ୍ଗୁଳିଛକରୁ ଆମ୍ବୁଲାନ୍ସ ଯୋଗେ ପଶ୍ଚିମବଙ୍ଗର ମେଦିନିପୁର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି କହିଛନ୍ତି। ଜବତ ଆମ୍ବୁଲାନ୍ସରେ ରୋଗୀ ସେବା କରାଯାଉ ନ ଥିଲା। ଏହି ଘରୋଇ ଆମ୍ବୁଲାନ୍ସରେ ରୋଗୀ ନେବାପାଇଁ ଆବଶ୍ୟକ ସରଞ୍ଜାମ ନାହିଁ। କେବଳ ଏକ ପୁରୁଣା ଷ୍ଟ୍ରେଚର ପଡ଼ିଛି। ତେଣୁ ଏହି ଆମ୍ବୁଲାନ୍ସରେ ବେଆଇନ କାରବାର ଚାଲୁଥିବା ସ୍ପଷ୍ଟ ହୋଇଛି ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଆମ୍ବୁଲାନ୍ସ ମାଲିକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

**PARADIP PORT AUTHORITY**
**e-TENDER CALL NOTICE**
File No.-CE/R&B/ACCTS-30/23/371 Dt.27/10/23
Name of the Work: Special repair of JB/JC qtrs in port township. Estimated cost: Rs.3,81,10,678.98. Last Date & time of submission of bid: 20.11.2023 upto 18:00 Hrs., Refer our Website for details: https://eprocure.gov.in/eprocure/app
Sd/-Executive Engineer
Roads & Building Divsion
PPA/PR/56/2023-2024 dtd.01.11.2023

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ସଂ. MCS/Stores/E-Procure/Tender Notice/280, ତା.18.10.2023ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
**କ୍ରମ ସଂ. 1 - ଟେଣ୍ଡର ସଂ. 92235911**
ବିବରଣୀ : ପାର୍ଟ ନଂ. 4F-125187 ନିମନ୍ତେ ବ୍ରେକ୍ ସିଲିଣ୍ଡର-PBACM 254-130, ମେକ୍-FAIVELEY, ପରିମାଣ : 08 ଗୋଟି।
ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପର ଠାରୁ 36 ମାସ।
**କ୍ରମ ସଂ. 2 - ଟେଣ୍ଡର ସଂ. 92235912**
ବିବରଣୀ : ପାର୍ଟ ନଂ.4F-130199 ନିମନ୍ତେ ବ୍ରେକ୍ ଆକ୍ଟ୍ୟୁଏଟର ଟାଇପ୍ PBEC (90 Deg), ମେକ୍-FAIVELEY, ପରିମାଣ : 08 ଗୋଟି।
ୱାରେଣ୍ଟି ଅବଧି: ବିତରଣ ହେବା ତାରିଖ ପର ଠାରୁ 30 ମାସ।
**କ୍ରମ ସଂ. 3 - ଟେଣ୍ଡର ସଂ. 92235916**
ବିବରଣୀ : ଡ୍ରଇଂ/ବିନିର୍ଦ୍ଦେଶ ICF ଡ୍ରଇଂ ନଂ.T-0-5-667, Alt. No.j/Nil ନିମନ୍ତେ ନନ୍-ଏସି କୋଚ୍‌ଗୁଡ଼ିକର ବୋଲଷ୍ଟର ସସ୍‌ପେନ୍‌ସନ ପାଇଁ ଲୋ ସ୍ବିଙ୍ଗ୍ ବିମ୍ ଆରେଞ୍ଜମେଣ୍ଟ, ପରିମାଣ : 200 ଗୋଟି।
ୱାରେଣ୍ଟି ଅବଧି: ବିତରଣ ହେବା ତାରିଖ ପର ଠାରୁ 60 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 13.11.2023, 1500 ଘଟିକାରେ (ସମସ୍ତ କ୍ରମ ସଂ. ପାଇଁ)।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର
PR-718/O/23-24

# ଖୋଲିଲା କୁଳଡ଼ିହା ଅଭୟାରଣ୍ୟ

### ପ୍ରଥମଦିନରେ ୩୪ ପର୍ଯ୍ୟଟକଙ୍କୁ ସ୍ୱାଗତ

**ନୀଳଗିରି, ୧।୧୧ (ପ୍ରଶାନ୍ତ ବିଶ୍ୱାଳ)**

ଜୁନ୍ ୧୫ତାରିଖରୁ ବନ୍ଦ ରହିଥିବା ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର କୁଳଡିହା ଅଭୟାରଣ୍ୟ ବୁଧବାରଠାରୁ ଖୋଲାଯାଇଛି। ପ୍ରଥମ ଦିନରେ ୩୪ଜଣ ପର୍ଯ୍ୟଟକ ଆସିଥିବା ବେଳେ ସମସ୍ତଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ରହି ଫିତା କାଟିଥିଲେ। ବାଲେଶ୍ୱର ବନବିଭାଗର ଏସିଏଫ୍ ସସ୍ମିତା ସାହୁ ଗେଟ୍ ଖୋଲିବା ପରେ ପର୍ଯ୍ୟଟକମାନେ ପ୍ରବେଶ କରିଥିଲେ। କୁଳଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର ସୌମ୍ୟରଞ୍ଜନ ମାଝୀ, ବିଜୟ କୁମାର ସାହୁ, ଭାଗ୍ୟଶ୍ରୀ ଦ୍ୱିବେଦୀ, ଅଜୟ କୁମାର ଜେନାଙ୍କ ସହ ଫରେଷ୍ଟ ଗାର୍ଡ଼ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।


ନୀଳଗିରି ଉପ-ଜିଲାପାଳ ମନ୍ଦରଧର ମହାଳିକ ଫିତା କାଟୁଛନ୍ତି।

ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକମାନେ ପୂର୍ବ ରାତିରେ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରିଯାପନ କରିବା ପରେ ବୁଧବାର ପ୍ରଥମ ଦିନରେ ଟୁରିଷ୍ଟଗାଇଡ୍ ମନୋରଞ୍ଜନ ଦାସଙ୍କ ସହିତ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଶୁଭାକର ଖାଟୁଆ, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଇନ୍ଦ୍ରଜିତ୍ ସେନଗୁପ୍ତା ଓ ତୃତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଅମିତାଭ ବାନାର୍ଜୀ ସହ ୯ଟି ଚାରିଚକିଆ ଗାଡ଼ିରେ ମୋଟ୍ ୩୪ଜଣ ପର୍ଯ୍ୟଟକ ଆସିଥିଲେ। ଚଳିତବର୍ଷ ବନବିଭାଗ ପକ୍ଷରୁ ଅଭୟାରଣ୍ୟର ଗୋହିରାଭୋଳଠାରେ ଥିବା ନେଚର୍ସ ପାର୍କକୁ ଅଧିକ ଆକର୍ଷଣୀୟ କରାଯାଇଛି। ଏହାସହ 'ରିଷିଆ ପ୍ରକୃତି ନିବାସ'ରେ ୯ଟି ତମ୍ବୁଘର, ପର୍ଯ୍ୟଟକମାନେ ବୁଲିବା ବେଳେ ୪ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାରରେ ଅତି ନିକଟରୁ କୁଳଡ଼ିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା ସହ ରୁଚିକର ଖାଦ୍ୟ ସହ ନେଚର୍ସ କ୍ୟାମ୍ପ ଅନୁଭୂତି ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିଛି।

# ବିଧାୟକ ପ୍ରତାପଙ୍କୁ ଅଦାଲତରୁ ଆଶ୍ୱସ୍ତି

### ମାହାଙ୍ଗା ଡବଲ ମର୍ଡର ଘଟଣା

### ୧୮ରେ ପରବର୍ତ୍ତୀ ଶୁଣାଣି

**ମାହାଙ୍ଗା, ୧।୧୧ (ଯଯାତି ସିଂ)**

କଟକ ଜିଲା ମାହାଙ୍ଗା ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କୁ ଆଶ୍ୱସ୍ତି ମିଳିଛି। ଏହି ଘଟଣାରେ ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି) କୋର୍ଟ ସଂରକ୍ଷିତ ରଖିଥିବା ରାୟ ବୁଧବାର ପ୍ରକାଶ ପାଇଛି। ଏଥିରେ ପ୍ରତାପଙ୍କ ଓକିଲ ଆବେଦନ କରିଥିବା ହାଜର ମିଆଦକୁ ୨ ସପ୍ତାହ ପର୍ଯ୍ୟନ୍ତ ବଢ଼ାଇବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସେଥିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ଅକ୍ଟୋବର ୩୧ରେ ପ୍ରତାପଙ୍କୁ ବ୍ୟକ୍ତିଗତଭାବେ ହାଜର ହେବା ପାଇଁ ସମନ ପଠାଯାଇଥିଲା। ମାତ୍ର ସେ ଅସୁସ୍ଥତା କାରଣ ଦର୍ଶାଇ କୋର୍ଟରେ ହାଜର ହୋଇ ନ ଥିଲେ। ଓକିଲ ମିଳନ୍ କାନୁନ୍‌ଗୋ ଓ ତାଙ୍କ ସହଯୋଗୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ମାଧ୍ୟମରେ ହାଜର ମିଆଦକୁ ବଢ଼ାଇବାକୁ ମଙ୍ଗଳବାର କୋର୍ଟରେ ଆବେଦନ କରିଥିଲେ। ଏନେଇ କୋର୍ଟରେ ପ୍ରତାପଙ୍କ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ବିତର୍କ ହୋଇଥିଲା। ପ୍ରତାପଙ୍କ ହାଜର ମିଆଦ ଆବେଦନକୁ ଅଗ୍ରାହ୍ୟ କରିବା ପାଇଁ ପ୍ରତିପକ୍ଷ ଓକିଲ ପ୍ରବୀଣ କାନୁନ୍‌ଗୋ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏଥିସହ ମୂଳ ଜିଆର୍ କେସରେ ତାଙ୍କ ନାମ ଯୋଡ଼ିବା ପାଇଁ ପିଟିଶନ ଦାଖଲ କରିଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଜେଏମ୍‌ଏଫ୍‌ସି କୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଅପରପକ୍ଷେ କୋର୍ଟଙ୍କ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶକୁ ବିରୋଧ କରି ପ୍ରତାପ ହାଇକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି।

Annexure-A
**TENDER CALL NOTICE**
**No.k-26:**Quotations/ Tenders are invited from the intending eligible Bidders to provide one Vehicle (Honda City/SUV) on monthly rent basis for a period of 6 (Six) months in Labour & ESI Dept., Kharavela Bhawan, Bhubaneswar.
For details please visit www.labour.odisha.gov.in.
**Last date of Receiving applications is 16.11.2023 at 03.30 PM.**
OIPR-17001/11/0004/2324

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର
No.PP-51:ତା ୦୨.୦୯.୨୦୨୩ ରିଖରେ ବିଭିନ୍ନ ଖବର କାଗଜରେ ପ୍ରକାଶିତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟଗୁଡିକରେ ଆବେଦନ ଓ ପ୍ରତିକୃତି ଦାଖଲ କରିବାର ସମୟସୀମା ତା ୧୦.୧୧.୨୦୨୩ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ।
ସ୍ୱା./-ନିର୍ଦ୍ଦେଶିକା
OIPR-31034/11/0004/2324

**ପୂର୍ବ ତଟ ରେଳପଥ**
(1) ଇ-ଟେଣ୍ଡର ସଂ. 31-SBP-TRD-OT-2023-24, ତା.20.10.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ତୀକ୍ଷ୍ଣ (Sharp) RRA ସ୍ଥାନରେ ଆଙ୍କର ସ୍ଥାନ ବୃଦ୍ଧି ଦ୍ୱାରା ଟ୍ରାକ୍ସନ୍ ବିଦ୍ୟୁତ୍ ଯୋଗାଣର ବୃଦ୍ଧି।
ଆନୁମାନିକ ମୂଲ୍ୟ : ₹ 44,25,452.65, EMD : ₹88,500/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।
(2) ଇ-ଟେଣ୍ଡର ସଂ. 32-SBP-TRD-OT-2023-24, ତା.20.10.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ M/s IMFA ସାଇଡିଙ୍ଗ୍ ଠାରେ ରେକ୍ ଅନଲୋଡିଙ୍ଗ ପାଇଁ ନିରାପତ୍ତା ବୃଦ୍ଧି କରିବା ନିମନ୍ତେ ଅତିରିକ୍ତ ଆଇସୋଲେଟର ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 7,01,788.66, EMD : ₹14,000/-, କାର୍ଯ୍ୟ ଶେଷ ହେବା ଅବଧି: 04 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.11.2023ରିଖ 1530 ଘଟିକା (ଉଭୟ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-722/O/23-24

# ବେଆଇନ ବାଣ ତିଆରି ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର, ୧।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଦୀପାବଳି ପାଇଁ ଏବେ ଚାରିଆଡେ ବେଆଇନ ବାଣ କାରବାର ବଢ଼ିଚାଲିଛି। ବିନା ଲାଇସେନ୍ସରେ ବାଣ ତିଆରି ଓ ବିକ୍ରି ମନା ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ଏହାକୁ ଉଲ୍ଲଂଘନ କରୁଛନ୍ତି। ଫଳରେ ଅନେକ ସମୟରେ ବାଣ ବିସ୍ଫୋରଣରେ ଧନଜୀବନ ହାନି ହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଘଟୁଛି। ତେବେ ଏହି ବେଆଇନ ବାଣ କାରବାର ଉପରେ କିଭଳି ରୋକ ଲଗାଇଯାଇପାରିବ ସେନେଇ କମିଶନରେଟ ପୋଲିସ ସମସ୍ତଙ୍କ ସହଯୋଗ ଲୋଡ଼ିଛି। ବେଆଇନ ବାଣ ତିଆରି ଓ ବିକ୍ରି ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ ନମ୍ବର ଜାରି କରିଛି। ହେଲ୍ପଲାଇନ ନମ୍ବର ୭୦୭୭୭୯୮୧୧୧କୁ ଫୋନ୍ କରି ସୂଚନା ଦେବାକୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସୂଚନା ଦେଇଥିବା ଲୋକଙ୍କ ନାଁ ଗୋପନ ରଖାଯିବ। ଏଥିସହ ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ନିକଟରେ ଜଟଣୀ ଅଞ୍ଚଳରେ ଘର ଭିତରେ ବାଣ ତିଆରି ସହ ଗଚ୍ଛିତ ରଖିବା ଅଭିଯୋଗରେ ୨ ଭାଇଙ୍କୁ ଗିରଫ କରିଥିଲା କମିଶନରେଟ ପୋଲିସ।

# ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା

**ଭୁବନେଶ୍ୱର, ୧।୧୧ (ସୁନିତ୍ ମିଶ୍ର):** ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ଉନ୍ନୟନ କମିଶନର ଅନୁ ଗର୍ଗ ବୁଧବାର ଅପରାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ନିର୍ମାଣାଧୀନ ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ କିପରି ଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ଏହାଦ୍ୱାରା ଚାଷୀ ଉପକୃତ ହେବେ, ସେନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ରହିଥିବା ସମସ୍ୟାର ସମାଧାନ କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ, ଆଠଗଡ଼ ଉପଜିଲାପାଳ, ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ଅନ୍ୟ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ନିର୍ମାଣାଧୀନ ପ୍ରକଳ୍ପ କେତେ ଶେଷ ହୋଇଛି, ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କ'ଣ ସବୁ ସମସ୍ୟା ରହିଛି, ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନାକରି ପରବର୍ତ୍ତୀ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

**ଓଡ଼ିଶା ସାହିତ୍ୟ ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
E-mail:odishasahityaakademi@gmail.com
ଦୂରଭାଷ-୦୬୭୪-୨୪୩୧୮୪୦, ମୋ:୯୬୬୮୩୦୯୯୩୮
**ବିଜ୍ଞପ୍ତି**
No.RR-43:ଓଡ଼ିଶା ସାହିତ୍ୟ ଏକାଡେମୀର ପୁସ୍ତକ ଏବଂ ଆସବାବପତ୍ରଗୁଡିକୁ ଗଚ୍ଛିତ କରି ରଖିବା ନିମନ୍ତେ ୨୫୦୦ରୁ ୩୦୦୦ ବର୍ଗଫୁଟ (ହଲ୍ କିମ୍ବା କୋଠରି) ଆକୃତିର ଏକ ଭଣ୍ଡାରଗୃହ ଯାହାକି ଏକାଡେମୀ କାର୍ଯ୍ୟାଳୟ ନିକଟରୁ ୩ କି.ମି. ଦୂରତା ମଧ୍ୟରେ ରହିଥିବା ଆବଶ୍ୟକ । ଇଚ୍ଛୁକ ଆବେଦନକାରୀ ବିଜ୍ଞାପନ ପ୍ରକାଶନର ୭ଦିନ (ତା.୦୨.୧୧.୨୦୨୩ଠାରୁ ତା.୦୮.୧୧.୨୦୨୩ରିଖ) ମଧ୍ୟରେ ପ୍ରତି ବର୍ଗଫୁଟ ଦର କିମ୍ବା ମାସିକ ଭଡା ଜଉମୁଦା ଦିଆ ଲଫାପାରେ ଏକାଡେମୀ କାର୍ଯ୍ୟାଳୟ ସମୟରେ ଦାଖଲ କରିପାରିବେ ।
ସ୍ୱା./-ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ
OIPR-03006/11/0002/2324

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 02.11.2023
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Whatsapp Business API solution for TPSODL. | TPSODL/OT/2023-24/059 | 2,00,000 | 5,000 | 13.11.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

## ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କଲେ ବିଧାୟକ

କୋକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜା ହାଇସ୍କୁଲରେ ବୁଧବାର ଧର୍ମଗଡ଼ ବିଧାୟକ ମୋଷଧି ବାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ବାଗ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ବିଧାୟକ ପୂର୍ବରୁ ଏହି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ସାମାଜକ କର୍ମୀ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ତହସିଲଦାରଙ୍କୁ ଭେଟିଲେ ଗଜାନନ ଯୁବକ ସଂଘ କର୍ମକର୍ତ୍ତା



କର୍ଲାମୁଣ୍ଡା,୧।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଭୋଇରମୁଣ୍ଡା ଗ୍ରାମଞ୍ଚର ଗଜାନନ ଯୁବକ ସଂଘ ପକ୍ଷରୁ କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେଙ୍କୁ ସାକ୍ଷାତ କରି କରିଛନ୍ତି। ଏହି ସମୟରେ ସେମାନେ ଗାଁର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଭୋଇରମୁଣ୍ଡାରେ ପାଠାଗାର ଓ କମ୍ୟୁନିଟି ଗୃହ ନିର୍ମାଣ ପାଇଁ ସରକାରୀ ଜମି ଯୋଗେଇ ଦେବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ଏଥିରେ ଯୁବକ ସଂଘ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ସାହୁ ଉପସ୍ଥିତଥିଲେ।

### ଖଡିଆଳ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ଖଡ଼ିଆଳ,୧।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳଠାରେ ୧୯୮୪ରୁ ଦୀର୍ଘ ୩୯ ବର୍ଷ ପୂର୍ବେ ଲକ୍ଷ୍ମୀ ଛକଠାରେ ଗଜଲକ୍ଷ୍ମୀ ପୂଜା କରିବା ନେଇ ଭିତ୍ତି ପ୍ରସ୍ତର କରାଯାଇଥିଲା। ସେହି ଦିନଠାରୁ ଅନବରତ ଭାବେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଆସୁଛି। ବୁଧବାର ଗଜଲକ୍ଷ୍ମୀ ପୂଜା ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କର୍ତ୍ତା ରାମେଶ୍ୱର ଅଗ୍ରୱାଲ ଏବଂ ତାଙ୍କ ପତ୍ନୀ ଉପସ୍ଥିତ ଥିବା ବେଳେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଖଡିଆଳ ବିଧାୟକ ଆଧିରାଜ ମୋହନ ପାଣିଗ୍ରାହୀ, ଉପସଭାପତି ଆଶିଷ ପଣ୍ଡା, ସମ୍ପାଦକ ଦେବଦତ୍ତ ଯୋଶୀ, କୋଷାଧ୍ୟକ୍ଷ ଆହ୍ୱାନ ଯୋଶୀ, ସଂଯୋଜକ ସୁନିଲ କୁମାର ନାଗ ସହ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ। ମିଳିତ ରୂପେ ମା' ଗଜଲକ୍ଷ୍ମୀଙ୍କୁ ପୁଷ୍ପାଞ୍ଜଳୀ ଦେଇଥିଲେ ମା'ଙ୍କ ପୂଜା ଶେଷ ପରେ ମେଢ଼ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପାଳନ କମିଟି ପକ୍ଷରୁ ପ୍ରକାଶ କରିଛନ୍ତି।

# ମାଠିଆପଦରକୁ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଘୋଷଣା କର

ନୂଆପଡ଼ା,୧।୧୧(ମକାରୁ ବେମାଲ)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଗ୍ରାମବାସୀ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ମାଠିଆପଦର ଗାଁଞ୍ଜ୍‌କୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଦାବିରେ ବୁଧବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗରିବସେନା ଜିଲା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସାମିଲ ହୋଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି। ଖଡିଆଳ ଓ କୋମନା ମଧ ଭାଗରେ ନିର୍ମିତ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ତିଖାଳିରେ ମାଠିଆପଦର ଗାଁର ଅଧିକାଂଶ ଲୋକଙ୍କ ଜମି ବୁଡି ଯାଇଥିବା ବେଳେ ଗାଁ ଚାରି ପାର୍ଶ୍ୱରେ ଘରଲ୍‌କୁ ସମ୍ମୁଖରୁ ଏଫଆରଏଲ ଖୁଣ୍ଟା ଲାଗି ରହିଛି। ଗାଁର ଚାରି ପାଖରେ ପ୍ରକଳ୍ପ ପାଣି ଭରିବାରେ ଲାଗିଛି । ଭବିଷ୍ୟତରେ ଗାଁ ବୁଡି ଯିବାର ସମ୍ଭାବନା ରହିଛି। ପ୍ରକଳ୍ପ

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା**

ପାଣି ଭର୍ତ୍ତି ହୋଇ ଗଲେ ଆମକୁ ଯିବା ପାଇଁ ରାସ୍ତା ମଧ ମିଳିବ ନାହିଁ। ଗାଁର ସମସ୍ତଙ୍କ ଜମି ପ୍ରକଳ୍ପରେ ବୁଡି ଯାଇଛି। ଆମ ସେଠାରେ କ'ଣ କରିବୁ, ଚାଷ ଜମି ଚାଲି ଗଲା, ବର୍ତ୍ତମାନ ବେସାହାରା ହୋଇ ରହିଛୁ। ଗାଁକୁ ସମ୍ପୂର୍ଣ୍ଣ ବୁଡି ଘୋଷଣା କରି ଆମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଅନେକ ଥର ପ୍ରଶାସନଠାରେ ଦାବି କରିଆସୁଛି। ହେଲେ କୌଣସି ସୁଫଳ ନ ମିଳିବାରୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟଦ୍‌କାଳ ଦର୍ଘ୍ୟ ଧାରଣାରେ ବସିଥିବା ଗ୍ରାମବାସୀ କହିଛନ୍ତି। ଧାରଣାରେ ଚୂଡାମଣି କରୁଆ, ବନମାଳି ଶଗରିଆ, ସୁବଳ ଶଗରିଆ, ପ୍ରହ୍ଲାଦ କଟା, ଗଦାଧର ଶଗରିଆ, ଗୋପି କଟା, ଉପାସୁ ବନଛୋର, ସୁବେ ଶଗରିଆ, ବିଷ୍ଣୁ ଶଗରିଆ, ହରେରାମ ଶଗରିଆ, ଗୋବିନ୍ଦ କଟା,ମୋହନ କରୁଆ, ଗଙ୍ଗା ବାଗ, ପ୍ରେମନାଥ କରୁଆ, ଗଦାଧରମାଝି, ବଳଦେବ ଦୁରିଆ ପ୍ରମୁଖ ଓ ଗ୍ରାମବାସୀ ସାମିଲ ହୋଇଛନ୍ତି।

# ଫୁଟ୍‌ବଲ ପ୍ରତିଯୋଗିତା: ଯୋଡ଼ାବନ୍ଧ ଚାମ୍ପିୟନ

ଲାଞ୍ଜିଗଡ଼,୧।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତସ୍ଥିତ ପ୍ରତାପପୁର ଖେଳପଡିଆଠାରେ ପ୍ରତାପପୁର ମା' ଭୈରବୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଚମ୍ପାଦେଇପୁର ଓ ଯୋଡ଼ାବନ୍ଧ ଦଳ ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଯୋଡ଼ାବନ୍ଧ ଚାମ୍ପିୟନ ହେଇଥିଲା। ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଜୋନ ୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝି, ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଏମ୍‌ପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ବିଶ୍ୱନାଥପୁର ପଞ୍ଚାୟତ ସମିତି ସଭ୍ୟ ଅଜିତ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ୮ଟି ଦଳ ସାମିଲ ହେଇଥିଲେ। ଉଦଯାପନୀ ମ୍ୟାଚରେ ଧାରା ବିବରଣୀ ମଧୁସୂଦନ ବାଗ କରିଥିଲେ। ରେଫରୀ ଭାବେ ସୁଜିତ କୁମାର ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ତୁଳସୀ ମାଝି, ଦେବରାଜ ପାତ୍ର, ହିତେଶ ପ୍ରଧାନୀ ଓ ଶଙ୍କର ଦଣ୍ଡସେନା କାର୍ଯ୍ୟ ତୁଲାଇଥିଲେ। ଫୁଟବଲ ପ୍ରତିଯୋଗିତାରେ ପ୍ରତାପପୁର ମା' ଭୈରବୀ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# କମାଲ ଦେଖାଉଛନ୍ତି ନବୀନଙ୍କ ଡୁପ୍ଲିକେଟ୍



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଆସିଥିବା ବେଳେ ଲୋକଙ୍କ ଗହଣରେ କୈଳାସ ସାହୁ।

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

**ଚର୍ଚ୍ଚାରେ କଳାହାଣ୍ଡିର କୈଳାସ ସାହୁ**

- ପେସା ମେକାନିକ, ନିଶା ହାସ୍ୟ କଳାକାର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ବେଶ ଓ ତାଙ୍କ ଭଳି କଥା। ହଠାତ୍ ଦେଖିଲେ ଚମକି ଯିବେ। ମୁଖ୍ୟମନ୍ତ୍ରୀଙ୍କ କଥାକୁ ଫଲୋ କରି ଉପସ୍ଥାପନା କରିବା ତାଙ୍କର ମୁଖ୍ୟ ପରିଚୟ। ଜିଲାରେ କୌଣସି ଯାନିଯାତ୍ରା ହେଉ କିମ୍ବା ପର୍ବ ପର୍ବାଣୀ ସୋସିଆଲ ମିଡିଆରେ ଆସିଥାଏ ତାଙ୍କର ମଜାକିଆ ଶୁଭେଚ୍ଛା ବାର୍ତ୍ତା। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ ଫ୍ୟାନ ବୋଲି ନିଜକୁ କହନ୍ତି। ଆଉ ଜିଲାବାସୀ ତାଙ୍କୁ ଶ୍ରଦ୍ଧାରେ ଡାକିଥାନ୍ତି ଡୁପ୍ଲିକେଟ ସିଏମ୍। ପେଶାରେ ଜଣେ ମୋଟର ସାଇକେଲ ମେକାନିକ। ଆଉ ନିସା କିନ୍ତୁ ଭିନ୍ନ। ଜଣେ ଦୁଖୀ ମଣିଷର ମୁହଁରେ ସର୍ବଦା ହସ ଟିକେ ଆଣୁଥିବା ବ୍ୟକ୍ତି ହେଉଛନ୍ତି ସେ କୈଳାସ ସାହୁ। ଘର ତାଙ୍କର କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ। ସହରର ଘୋଡାଘାଟ ଛକ ଜାତୀୟ ରାଜପଥ ୨୬ କଡରେ ରହିଛି ତାଙ୍କର ମୋଟର ସାଇକେଲ ମରାମତି ଥାପା ଗ୍ୟାରେଜ। ସେ ଆଜିକୁ ୧୫ ବର୍ଷ ହେବ ସହରରେ ଜଣେ ପ୍ରତିଷ୍ଠିତ ମେକାନିକ ଭାବେ ପରିଚିତ୍। ତାଙ୍କର ରହିଛି ଆଉ ଏକ ଭିନ୍ନ ପରିଚୟ। ସେ ଜଣେ ହାସ୍ୟ କଳାକାର ଭାବେ ଜିଲାରେ ବେଶ୍ ପରିଚିତ। ହାଇସ୍କୁଲ ପଢିବା ବେଳେ ସେ ଅନେକ କଳାକାରଙ୍କୁ ସ୍ୱର ମିମିକ୍ରି କରୁଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱର ଶୁଣି ତାଙ୍କ ମଧ ସେ ମିମିକ୍ରି କରିବା ଆରମ୍ଭ କରିଥିଲେ। ପରେ ସେ ମୁଖ୍ୟମନ୍ତ୍ରୀଙ୍କ ଭଳି ବେଶ କରି ତାଙ୍କ ମିମିକ୍ରି କରି ବିଭିନ୍ନ ପର୍ବ ପର୍ବପାଣୀରେ ବୁଲି ମଜାକିଆ ଶୁଭେଚ୍ଛା ଲୋକଙ୍କୁ ଜଣାଇଥିଲେ। ଗତ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ଦର୍ଶନ ସମୟରେ କୈଳାସ ତାଙ୍କୁ ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ଖୁସି ହୋଇ କୈଳାସଙ୍କୁ ଥ୍ୟାଙ୍କ୍ୟୁ କହିଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଖେଳ ପଡିଆକୁ ଆସୁଥିବା ଜାଣି କୈଳାସ ମୁଖ୍ଯମନ୍ତ୍ରୀ ଭଳି ବେଶ ହୋଇ ସେଠାରେ ପହଞ୍ଚି ଲୋକଙ୍କୁ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳିଥିଲା।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ମିଲେଟ୍ସ ପ୍ରତିଯୋଗିତା

ରୁପ୍ରାରୋଡ୍,୧।୧୧(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ଉଦଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ପଞ୍ଚାୟତ ସମିତି ଅଧକ୍ଷା ମନୋରମା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଗୋବର୍ଦ୍ଧନ ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଅନୀଲ ପ୍ରସାଦ ସାହୁ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୪ରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପ୍ରତିଯୋଗିତା ଓ ଉତ୍ସବ ପରିଚାଳନାରେ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ତ୍ରିଦିନାତ୍ମକ ଗଜଲକ୍ଷ୍ମୀ ପୂଜା ସମାପନ

ପଲମ,୧।୧୧(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତସ୍ଥିତ ପଲମ ଗ୍ରାମର ଗୌନ୍ତିଆପଡାଠାରେ ଜଗଦାତ୍ରି ମା' ଗଜଲକ୍ଷ୍ମୀଙ୍କ ଦିନାତ୍ମକ ପୂଜା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଦେବୀ ଲକ୍ଷ୍ମୀଙ୍କ ଅଷ୍ଟ ଲକ୍ଷ୍ମୀ ରୂପ ମଧରୁ ଗଜଲକ୍ଷ୍ମୀ ରୂପ ଅନ୍ୟତମ। ଏଥିରେ ତାଙ୍କ ଦୁଇପାର୍ଶ୍ୱରେ ୨ଟି ଗଜ ରହି କଳସରେ ଜଳ ଢାଳୁଥାନ୍ତି। ଏହି ନାମର ଆଉ ଏକ ତାପର୍ଯ୍ୟ ହେଉଛି ଯେ କୁମାର ପୂର୍ଣ୍ଣମା ରାତିର ଶେଷ ପ୍ରହରରେ ଦେବୀ ଗଜରେ ବସି ପୃଥିବୀ ପଦାର୍ପଣ କରନ୍ତି ବୋଲି ନାମ ଗଜଲକ୍ଷ୍ମୀ ହୋଇଛି। ଏହି ପରିପ୍ରେକ୍ଷୀରେ କମିଟି ତତ୍ତ୍ୱାବଧାନରେ ୨୮ରୁ ୩୧ତାରିଖ ପର୍ଯ୍ୟନ୍ତ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ତତସଙ୍ଗେ ରାତ୍ରର ମନୋରନ ପାଇଁ ମହାଲକ୍ଷ୍ମୀ ମହାପୁରାଣ ପାରାୟଣ ପଠନ କାର୍ଯ୍ୟକ୍ରମ ହୋଇଯାଇଛି। ପୂଜା କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଟଙ୍କଧର ମାଝି ଓ ଲଳିତା ମାଝି ରହି ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ଉମାଶଙ୍କର ମିଶ୍ର ଓ ଶିବ ଶଙ୍କର ମିଶ୍ର ପଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ସପ୍ତଋଷି ଭାବେ ଦେବରାଜ ସାହୁ, ନରକିଶୋର ସାହୁ, ରଜାପତି ସାହୁ, ଲିଙ୍ଗରାଜ ସାହୁ, ନଟବର ଭୋଇ, ଧନଞ୍ଜୟ ସାହୁ, କଳାକୃଷ୍ଣ ସାହୁ ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ନାରାୟଣ ସାହୁ, ସମ୍ପାଦକ ଅକ୍ଷୟ ସାହୁ, ଈଶ୍ୱର ଚନ୍ଦ୍ର ମାଝି, ବଳରାମ ସାହୁ, ଗଣପତି ସାହୁ, ରୁଦ୍ରମଣି ସାହୁ, ଭଜଶଙ୍କର ସାହୁ, ଗୋବିନ୍ଦ ଚନ୍ଦ୍ର ମାଝି, ନିଳମଣୀ ଗହିର, ରମେଶ ଚନ୍ଦ୍ର ସାହୁ, କମଲ ସାହୁ ତଥା କମିଟି ସମସ୍ତ କର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପଲମ ଗ୍ରାମର ତଥା ଅନ୍ୟ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ମାତୃକୃପା ଲାଭ କରିଥିଲେ।



ଗୌନ୍ତିଆପଡାଠାରେ ଅନୁଷ୍ଠିତ ମା' ଗଜଲକ୍ଷ୍ମୀଙ୍କ ଦିନାତ୍ମକ ପୂଜା।

# ୩ଜଣ ଶିକ୍ଷକରେ ଚାଲିଛି କୁଶମାଲ ଜୟଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ

ଖଡ଼ିଆଳ,୧।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ କୁଶମାଲ ଗ୍ରାମରେ ୧୯୯୦ରେ ଜୟଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟ ୧୦୦ ପ୍ରତିଶତ ବ୍ଲକ ଗ୍ରାଣ୍ଡ ଅନୁଦାନ ପାଇସାରିଛି। ହେଲେ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଗୋଟିଏ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ତିନିଜଣ ସହକାରୀ ଶିକ୍ଷକ, ଜଣେ (ପିସିଏମ)ଗଣିତ ଶିକ୍ଷକ, ଜଣେ (ସିବିଝେଡ଼) ବିଜ୍ଞାନ ଶିକ୍ଷକ, ଜଣେ ହିନ୍ଦୀ ଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ ଓ ଜଣେ ପିଇଟି ଶିକ୍ଷକ ମୋଟ ନଅଜଣ ଶିକ୍ଷକ ରହିବା କଥା। କିନ୍ତୁ ବିଦ୍ୟାଳୟରେ ୩ଜଣ ଶିକ୍ଷକ ନବମ ଓ ଦଶମ ଶ୍ରେଣୀକୁ ଶିକ୍ଷାଦାନ କରୁଛନ୍ତି। ୬ ଶିକ୍ଷକ ପଦବୀ ଖାଲିପଡିଛି। ବିଦ୍ୟାଳୟରେ ନବମ ଶ୍ରେଣୀରେ ୩୬ ଜଣ ଛାତ୍ରଛାତ୍ର ଥିବାବେଳେ ଦଶମ ଶ୍ରେଣୀରେ ୫୩ଜଣ ମୋଟ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତିନିଜଣ ଶିକ୍ଷକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ଖାଲିପଡ଼ିଥିବା ଶିକ୍ଷକ ପଦବୀ ଅତିଶୀଘ୍ର ପୂରଣ କାରିବା ପାଇଁ ଅଭିଭାବକ ମହଲରେ ଦାବୀ ହୋଇଛି।

# କଳାହାଣ୍ଡିକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୨ କାଂସ୍ୟ ପଦକ

ଲାଞ୍ଜିଗଡ଼,୧।୧୧(ରମେଶ ଚନ୍ଦ୍ର ନାୟକ)

**ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେଇ କଳାହାଣ୍ଡି ପାଇଁ ଗୌରବ ଅର୍ଜନ କରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗାୟତ୍ରୀ ସ୍କୁଲ ଖେଳ ପଡ଼ିଆଠାରେ ଗତ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲାକୁ ୨ ସ୍ୱର୍ଣ୍ଣ,୨ ରୌପ୍ୟ ଓ ୨ କାଂସ୍ୟ ପଦକ ମିଳିଛି। ଲାଞ୍ଜିଗଡ଼ ଉଚ୍ଚ ମାଧମିକ ବିଦ୍ୟାଳୟ ୨୪ଜଣ ତୀରନ୍ଦାଜ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧରୁ ବିକ୍ରମ ମାଝି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଥିବା ବେଳେ ଶୀମାଞ୍ଚଳ ମାଝି ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ସଞ୍ଜୟ ମାଝି ଗୋଟିଏ କାଂସ୍ୟ ପଦକ ହାସଲ କରି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। କୋଚ ସୀମାଞ୍ଚଳ କାତ୍ରାକାଙ୍କ ନେତୃତ୍ୱରେ ଏହି ପ୍ରତିଯୋଗୀମାନେ ଗସ୍ତ କରିଥିବା ବେଳେ ଟିମ ମ୍ୟାନେଜର ଭାବେ ଗୋମତି ମାଝି ରହିଥିଲେ। ଶୀମାଞ୍ଚଳ ଲାଞ୍ଜିଗଡ ଏସଏସଡି ସ୍କୁଲରେ ବେଦାନ୍ତ ଆଲୁମିନା ଦ୍ୱାରା ପରିଚାଳିତ ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବେ କାର୍ଯ୍ୟ କରୁଛନ୍ତି। ଏହି ଖେଳାଳିମାନେ ଜିଲା ପାଇଁ ଗୌରବ ଆଣିଥିବା ବେଳେ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଆଇପି ସଞ୍ଜୟ ମିଶ୍ର, ପୂର୍ବତନ ଆଇପି ମହେନ୍ଦ୍ର ପଣ୍ଡା, ଜିଲା ମଙ୍ଗଳଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ବେଦାନ୍ତ ସିଏସଆର ଅଭିନଭ ପ୍ରତାପ, ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ ତଥା ଏସଏସଡି ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବେଦାନ୍ତ ଲିମିଟେଡ଼ କର୍ମଚାରୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।




କଳାହାଣ୍ଡି ପାଇଁ ଗୌରବ ଆଣିଥିବା କୃତୀ ପ୍ରତିଯୋଗୀ।

# ଉପାନ୍ତରେ ବନବାସୀଙ୍କ ବିଶାଳ ଜନସମାବେଶ

ସିନାପାଲି,୧।୧୧(ମନଫୁଲ ମେହେର)

- ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟ ଉପରେ ଆଲୋଚନା
- ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ପରେ ତତ୍ପର ବନବାସୀ



ସମାବେଶରେ ଯୋଗଦେଇଥିବା ସ୍ଥାନୀୟ ଅଞ୍ଚଳର ଲୋକେ।

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଦୁର୍ଗମ ତଥା ମାଓବାଦୀ ପ୍ରବଣ ଘାଟମାଳ ଗ୍ରାମପଞ୍ଚାୟତ ପୋଡ଼ାପଦର ସାପ୍ତାହିକ ବଜାର ପ୍ରାଙ୍ଗଣଠାରେ ଜିଲା ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ବନବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଜିଲାର ୫ଟି ବ୍ଲକର ବନବାସୀ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ଚିଠା ଉପରେ ବିଶେଷ ଆଲୋଚନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ତ୍ୱରାନ୍ୱିତ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ସ୍ୱୀକୃତି କରିବା ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ବନବାସୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ଓ ଅର୍ଥନୈତିକ ପ୍ରଗତି ନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର 'ମୋ ଜଙ୍ଗଲ ଜମି ଯୋଜନା' କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧମରେ ଜଙ୍ଗଲ ଜମି ଶିରୋନାମା ପାଇଥିବା ସମସ୍ତ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ଯୋଡ଼ି ତାଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ସହ ସମସ୍ତ ଯୋଗ୍ୟ ଗ୍ରାମ/ଗ୍ରାମ ସଭାର ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ସୀକୃତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ସହିତ ଜଙ୍ଗଲ ଅଧିକାର ଶିରୋନାମାଣକୁ ରାଜସ୍ୱ/ବନ ବିଭାଗର ରେକର୍ଡରେ ନଥିଭୁକ୍ତ କରିବା ଓ ଚିହ୍ନଟ କରାଯାଇଥିବା ସମସ୍ତ ଜଙ୍ଗଲ ଗ୍ରାମ/ଅଣ ସର୍ବେକ୍ଷଣ ବସତିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା, ଜଙ୍ଗଲ ଅଧିକାର କମିଟି ଗଠନ ଓ ପୁନର୍ଗଠନ ଦାବି ଆବାହନ ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା କରିବା, ବ୍ୟକ୍ତିଗତ, ଗୋଷ୍ଠିଗତ, ଗୋଷ୍ଠିଗତ ସମ୍ବଳ ଅଧିକାର ଦାବି ସଂଗ୍ରହ ଓ ସେଗୁଡ଼ିକର ପ୍ରମାଣ ପତ୍ର ସଂଗ୍ରହ, ପଡୋଶୀ ଗ୍ରାମର ଜଙ୍ଗଲ ଅଧିକାର କମିଟି ସହ ଯୁଗ୍ମ ବୈଠକ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଦାବିଗୁଡିକର ମିଳିତ ଯାଞ୍ଚ ପ୍ରକ୍ରିୟା କରିବା ପାଇଁ ଆସନ୍ତା ୧୦ ତାରିଖରୁ ୧୬ ମଧରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରି ହୋଇଛି। ଏହାକୁ ସ୍ଥାନୀୟ ଗ୍ରାମ କମିଟି କିପରି ଭାବେ ପରିଚାଳନା କରିବ ଓ ସୁନିଶ୍ଚିତ କରିବ ତାହା ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସଚିବ ରୂପା ରୋଷନ ସମସ୍ତ ଜିଲାପାଳ ତଥା ଜଙ୍ଗଲ ଅଧିକାର ଆଇନର ଜିଲାସ୍ତରୀୟ କମିଟିକୁ ବିଭାଗୀୟ ଚିଠି ସଂଖ୍ୟା-୨୧୮୭୫/୧୮/୧୦/୨୦୨୩ ଅନୁସାର ଜଣାଇଛନ୍ତି। ବର୍ତ୍ତମାନ ଏହା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ବନବାସୀ ମହଲରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଆବାହକ ମେଘନାଦ ଖର୍ସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ସିନାପାଲି ବ୍ଲକ ସଭାପତି ହନୁରାମ ମାଝିଙ୍କ ସଭାପତିତ୍ୱରେ ଆଲୋଚନା କରାଯାଇଥିଲା। ସମାବେଶରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ହୀରାଲାଲ ମାଝି, ଜଗଦୀଶ ମାଝି, ଟୋପଚନ ମାଝି, ଦାଦୁ ଖାଁ, ଠାକୁର ମାଝି, ଯୁଧିଷ୍ଠିର ସାହୁ, ଚୈତନ୍ୟ ମାଝି, ରୁଦ୍ର ସିଂ ମାଝି, ଅମର ସିଂ ମାଝି, ବୁଧୁରାମ ମାଝି, ବୁଟୁରାମ ମାଝି, ସୌଦାଗର ସାହୁ, ଯୁଧିଷ୍ଠିର ମାଝି ସମେତ ଶତାଧିକ ବନବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଲାସିଙ୍ଗା ଗ୍ରାମରେ ହାତୀ: ଭୟରେ ଗ୍ରାମବାସୀ



ବୌଦ୍ଧ,୧।୧୧(ଅଜିତ କୁମାର ବାରିକ)

ବୌଦ୍ଧ ସହର ନିକଟସ୍ଥ ବଲାସିଙ୍ଗା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ହାତୀ ଗ୍ରାମ ମଧ୍ୟକୁ ପଶି ଆସିଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ମହାନଦୀ ପାର ହୋଇ ତିନି ଗୋଟି ହାତୀ ବୌଦ୍ଧ ଆଡକୁ ଚାଲି ଆସିଥିବା ବେଳେ ଗୋଟିଏ ହାତୀ ଦଳରୁ ଅଲଗା ହୋଇ ସନ୍ଧ୍ୟାରେ ଖୋର୍ଦ୍ଧା- ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଦେଇ ଗ୍ରାମ ମଧ୍ୟକୁ ପଶିଯାଇଥିଲା । ଭୟରେ ଗ୍ରାମବାସୀ ତାଟି କବାଟ ବନ୍ଦ କରିବା ସହ ଘଉଡାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ହାତୀଟି ଜାତୀୟ ରାଜପଥ ଉପରେ ବୁଲୁଥିବା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଛି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛି ।

# ସୁବର୍ଣ୍ଣପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ଉଦ୍ୟମ

ସୋନପୁର,୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

**ସରକାରଙ୍କ ପ୍ରସ୍ତାବ ପରେ ପ୍ରସ୍ତୁତ ହେଉଛି ଡିପିଆର**

ସୁବର୍ଣ୍ଣପୁର ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଆଶା ଉଜ୍ଜ୍ୱଳ ହେବାରେ ଲାଗିଛି। ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ସଚିବଙ୍କ ପ୍ରସ୍ତାବ ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ମହାବିଦ୍ୟାଳୟ ସ୍ଥାପନ ନେଇ ଆବଶ୍ୟକ ଡିପିଆର(ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତିରେ ଲାଗିଛନ୍ତି। ଏହି ରିପୋର୍ଟ ପ୍ରଦାନ ପରେ ରାଜ୍ୟ ସରକାର ସୁବର୍ଣ୍ଣପୁରରେ ମହାବିଦ୍ୟାଳୟ ଖୋଲିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସୁବର୍ଣ୍ଣପୁର ଜିଲାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ବଡ ପ୍ରତିଷ୍ଠାନ ନାହିଁ। ଏହି ଜିଲାରେ ମଧୁର ଜଳ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି । ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଗତ ଜୁନ୍ ମାସରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଏଥିନେଇ ନିଜର ମତ ଉପସ୍ଥାପନ କରିଥିଲେ। ଗତ ଜୁଲାଇ ୪ ରେ ଜିଲା ଗସ୍ତରେ ଆସିଥିବା ତତ୍କାଳୀନ ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ଜିଲାବାସୀ ଏଠାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ନେଇ ଲିଖିତ ଭାବେ ଅନୁରୋଧ କରିଥିଲେ। ସେହିପରି ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧ ପତ୍ର ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖା ଯାଇଥିଲା। ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ବିସ୍ତୃତ ରିପୋର୍ଟ ମାଗିବା ସହ ଏକ କମିଟି ଗଠନ କରିବାକୁ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଏକ କମିଟି ଗଠନ ହୋଇଛି। ଏହି କମିଟିରେ ସୁବର୍ଣ୍ଣପୁର ଉପନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ, ସୋନପୁର କଲେଜର ଅଧ୍ୟକ୍ଷ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଅକ୍ଟୋବର ୪ ତାରିଖରେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ଅଗଷ୍ଟ ୨୫ ତାରିଖରେ ଜିଲାପାଳ ରାୟ ଏକ ସବ୍ କମିଟି ଗଠନ କରିଛନ୍ତି। ଅତିରିକ୍ତ ଜିଲାପାଳ ଦାଶ ସବ୍ କମିଟିର ଅଧ୍ୟକ୍ଷ ଥିବା ବେଳେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିସି, ସୋନପୁର କଲେଜର ଅଧ୍ୟକ୍ଷ, ଉପନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଦସ୍ୟ ରହିଛନ୍ତି। ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀ ଏହି କମିଟିର ସଭ୍ୟ ତଥା ଆବାହକ ଅଛନ୍ତି। ଚିପିଲିମା କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବଲାଙ୍ଗୀର ଜୋନ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକଙ୍କୁ ଏହି ସବ୍ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଆଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନରେ ଥିବା ସମ୍ବଲପୁର ଜିଲା ଚିପିଲିମା ସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନା ଅନୁଯାୟୀ ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ ରୁ ୬୦ ଏକର ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ ପୋଖରୀ, ଖେଳ ପଡିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ, ହଷ୍ଟେଲ ଆଦି ନିର୍ମାଣ କରାଯିବ। ତେଣୁ ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ମହାବିଦ୍ୟାଳୟ ପାଇଁ ନଦୀକୂଳିଆ ଜମି ଖୋଜା ଚାଲିଛି। ତେବେ ଜିଲାର ବିନିକା ନିକଟସ୍ଥ ରହିଲାରେ ପ୍ରାୟ ୫୫ ଏକର ପରିମିତ ଅଞ୍ଚଳରେ ଓଡିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ସେହିପରି ମତ୍ସ୍ୟ ବିଭାଗର ସୁବର୍ଣ୍ଣପୁର ସରକାରୀ ଫାର୍ମରେ ୭୫ ଏକର ପରିମିତ ଅଞ୍ଚଳରେ ଏକାଧିକ ଛୋଟ ବଡ ପୋଖରୀ ରହିଛି । ଜିଲାରେ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ ଓ ସୁକତେଲ ଭଳି ଏକାଧିକ ବଡ ନଦୀ ଏବଂ ହରିହର ଯୋର ଭଳି ଡ୍ୟାମ ରହିଛି। ତେଣୁ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଭାବେ ପାଠ ପଢାରେ କୌଣସି ସମସ୍ୟା ହେବ ନାହିଁ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମୁର୍ଷୁଣ୍ଡିରେ ମୁରାସୁର ଦରବାରର ଚତୁର୍ଥ ସନ୍ଧ୍ୟା



ମୁର୍ଷୁଣ୍ଡି ରେ ମୁରାସୁର ଦରବାରର ଏକ ଦୃଶ୍ୟ।

ଅମରପାଲି,୧।୧୧(ପୀତାମ୍ବର ସାହୁ)

**ଲକ୍ଷ୍ମୀଙ୍କ ବିବାହ ପାଇଁ ବରୁଣ ରାଜା ଚିନ୍ତିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡିରେ ହେଉଛି ୪୧ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ମୁରାସୁର ଦରବାର। ଏଥିରେ ବିନିକାର ବିଶିଷ୍ଟ ମଞ୍ଚ ଅଭିନେତା ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରୁଛନ୍ତି। ବୁଧବାର ମୁରାସୁର ଦରବାରର ଚତୁର୍ଥ ସନ୍ଧ୍ୟାରେ ନାଟ୍ୟାଭିକ୍ରମରେ ଲୀଳା ନାଟକ ପରିବେଷଣ ହୋଇଯାଇଛି । ମୁରାସୁର ନିଜର ପାତ୍ର ମନ୍ତ୍ରୀ ସହ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଞ୍ଚରେ ପହଞ୍ଚିଥିଲେ। ମହାଦେବଙ୍କ ପୂଜାରୁ ଆରମ୍ଭ ହୋଇଥିଲା ଲୀଳା ନାଟକ। ଏଥିରେ ବରୁଣ ରାଜା ଲକ୍ଷ୍ମୀଙ୍କ ବିବାହ ପାଇଁ ଚିନ୍ତିତ, ନାରଦଙ୍କ ଆଗମନ, ସ୍ୱୟଂମ୍ବର ସଭାରେ ଲାଖ ବିନ୍ଧା ସମ୍ବନ୍ଧରେ ବର୍ଣ୍ଣନା, ଦେବର୍ଷି ନାରଦ ତିନିପୁର ନିମନ୍ତ୍ରଣ କରିବା ପାଇଁ ବରୁଣ ରାଜାଙ୍କୁ ପରାମର୍ଶ ଆଦି ପରିବେଷଣ ହୋଇଯାଇଛି। ଏହା ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ସନ୍ଧ୍ୟାରେ ଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାରାଜା ମୁରାସୁରଙ୍କ ନିମନ୍ତ୍ରଣ କ୍ରମେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ, ବୀରମହାରାଜପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପତି ପ୍ରମୁଖ ରାଜଅତିଥି ଭାବେ ଦରବାରରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଲୀଳା ନାଟକ ସହିତ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ତଳଗାଁ,୧।୧୧(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଡମକୁଚ ଡ୍ୟାମକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଜଣାପଡିଛି। ମୃତକ ହେଲେ ତଳଗାଁ ଗ୍ରାମର ମହଞ୍ଜି ବେହେରା (୪୦)। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ମହଞ୍ଜି ମାଛ ଧରିବାକୁ ଡମକୁଚ ଡ୍ୟାମକୁ ଯାଇଥିଲେ। ସେ ମାଛ ଧରିବା ସମୟରେ କୌଣସି କାରଣବଶତଃ ପାଣିରେ ବୁଡି ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିଥିଲେ । ପରେ ଡ୍ୟାମ ନିକଟରେ ତାଙ୍କର ଲୁନା ଥିବା ଦେଖି ପରିବାର ଲୋକ ଡ୍ୟାମ୍‌ରେ ବୁଡି ଯାଇଥିବ ସନ୍ଦେହ କରି ହରଭଙ୍ଗା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ରାତି ସାରା ଖୋଜିଥିଲେ ହେଁ ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ଅଗ୍ନିଶମ ବାହିନୀ ମହଞ୍ଜିଙ୍କ ମୃତଦେହ ଡ୍ୟାମ୍‌ରୁ ଉଦ୍ଧାର କରିଥିଲେ । ଏନେଇ ହରଭଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।



# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା





ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଡୁଙ୍ଗୁରିପାଲି,୧।୧୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଆଦିବାସୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ସହଲାଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତ୍ୟା, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝି, ସହଲା ସ୍କୁଲ ପ୍ରଧାନଶିକ୍ଷକ ସୁବୋଧ ନାରାୟଣ ସା, ସୁବର୍ଣ୍ଣପୁର ଜିଲା ଖେଳ ନିରୀକ୍ଷକ ସତ୍ୟନାରାୟଣ ତ୍ରିପାଠୀ, ବିଇଓ ଗଣେଶ କିଶାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ସୋନପୁର ବ୍ଲକ, ତରଭା, ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ବ୍ଲକର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଛାତ୍ର କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୩୭ ଜଣ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଭାଗ ନେଇଥିଲେ । ୧୪ ବର୍ଷରୁ କମ ବୟସର ଛାତ୍ରୀଛାତ୍ର ଓ ୧୭ ବର୍ଷରୁ କମ ବୟସର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡାରେ ୧୦୦ ମିଟର , ୨୦୦ ମିଟର, ୩୦୦ ମିଟର, ୪୦୦ ମିଟର ଓ ୩୦୦୦ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଟପୁଟ ଫିଙ୍ଗା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଜେଭେଲିନ ଥ୍ରୋ ଆଦିରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ଅପରାହ୍ନରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିବନ୍ଧୁ ପଧାନ, ବିଇଓ ଗଣେଶ କିଶାନ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୪୭ ଜଣ ଖେଳ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଆଦିବାସୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସହଲାର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା । ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବସ୍-ବାଇକ୍ ଧକ୍କା: ଜଣେ ଗୁରୁତର

ବଘିଆପଡା,୧।୧୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ-ବଘିଆପଡା ରାସ୍ତାର ବଘିଆପଡା ନିକଟରେ ବୁଧବାର ଦିନ ଏକ ବାଇକ୍ ଓ ବସ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବୌଦ୍ଧ ବ୍ଲକ ଧଧଲାପଡା ଗ୍ରାମର ମାଧବ ମଲିକ ବାଇକ୍ ଯୋଗେ ଯାଉଥିବା ବେଳେ ଟିକରପଡା ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ ଯାତ୍ରୀବାହୀ ବସ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ମାଧବ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବୌଦ୍ଧ ମେଡିକାଲରେ ଚିକିତ୍ସା କରାଯାଇ ବୁର୍ଲା ମେଡିକାଲକୁ ପଠାଯାଇଥିବା ଜଣାପଡିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡି ଜବତ କରିବା ସହ ତଦନ୍ତ ଚଳାଇଛି।

### ଭାରସାମ୍ୟ ହରାଇ ଘରକୁ ଧକ୍କା ଦେଲା ଟ୍ରକ୍: ବର୍ତ୍ତିଲେ ପରିବାର

ବାଉଁଶୁଣୀ,୧।୧୧(ଦେବାଶିଷ ନେପାକ)

ମଙ୍ଗଳବାର ରାତି ୨ଟା ସମୟରେ ବୌଦ୍ଧ ଜିଲା ବାଉଁଶୁଣୀ ଛକ ଡିମିରିପାଲି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତିଙ୍କ ଘରକୁ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ବେଳେ ପରିବାର ବଡ ଅଘଟଣରୁ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ମହାରାଷ୍ଟ୍ରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କମଳା ବୋଝେଇ ଟ୍ରକଟି ଡିମିରିପାଲି ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ଘୁଣ୍ଟୁ ସାହୁଙ୍କ ଆଜବେଷ୍ଟସ ଘର ଓ ଘର ସାମ୍ନାରେ ରଖାଯାଇଥିବା କାରକୁ ଧକ୍କା ଦେଇଥିଲା। ଘରର ଆଜବେଷ୍ଟସ ଭାଙ୍ଗିଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍ ପାଇଁ ବୈଠକ



ଲୁତୁରପଙ୍କ କ୍ରିକେଟ କପ୍‌ର ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ ।

ଅମରପାଲି,୧।୧୧(ପୀତାମ୍ବର ସାହୁ)

- ଡିସେମ୍ବର ୨୨ରୁ ଆରମ୍ଭ, ୨୯ରେ ଫାଇନାଲ
- ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବ ବାଂଲାଦେଶ ଟିମ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କଠାରେ ମର୍ଯ୍ୟାଦାଜନକ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୨ରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ଗତବର୍ଷର ସଭାପତି ସୁଧୀର ପ୍ରଧାନ ଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସେମାନଙ୍କ ସହଯୋଗ ରହିବ ବୋଲି କହିଥିଲେ। ବୈଠକରେ ପୂର୍ବତନ ସମ୍ପାଦକ ଶଶାଙ୍କ ଶେଖର ପ୍ରଧାନ ଗତବର୍ଷର ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ସର୍ବସମ୍ମତି କ୍ରମେ ଏହା ଗୃହୀତ ହୋଇଥିଲା । ଚଳିତବର୍ଷ ଟୁର୍ଣ୍ଣାମେଣ୍ଟକୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ୯ ଗୋଟି ପ୍ରତିଷ୍ଠିତ କ୍ରିକେଟ ଦଳକୁ ଆମନ୍ତ୍ରଣ କରାଯାଇଛି। ପ୍ରଥମ ଥର ପାଇଁ ବାଂଲାଦେଶର ଏକ କ୍ରିକେଟ ଦଳକୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ଜଣାଯାଇଛି । ଚଳିତବର୍ଷ ଟୁର୍ଣ୍ଣାମେଣ୍ଟକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସୁଶିଲ କୁମାର ପ୍ରଧାନଙ୍କୁ ସଭାପତି, ପି. ବେବୋକ୍ତା ଉପସଭାପତି, ମାଧବ ଚନ୍ଦ୍ର ମହକୁର ସମ୍ପାଦକ , ଆକାଶ ପୋଢ଼ ସହ ସମ୍ପାଦକ ଓ ଦେବରାଜ ମହକୁରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିବା ଜଣାଯାଇଛି । ସୁନିଲ ପ୍ରଧାନ, ପ୍ରମୋଦ ବେବୋକ୍ତା, ସତ୍ୟଜିତ ମହକୁର ,ଟୁଟୁ ମହକୁର ପୃଥ୍ୱୀରାଜ ମହକୁର ଓ ସୁଧୀର ପ୍ରଧାନ ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀରେ ଅନ୍ତର୍ଭୁକ୍ତ କରାଯାଇଛି । ଆଇନ ପରାମର୍ଶଦାତା ଭାବେ ଆଡଭୋକେଟ ରାଧାକାନ୍ତ ବାଘ ଓ ମିଡିଆ ସେଲ ଦାୟିତ୍ୱରେ ଖବରଦାତା ପୀତାମ୍ବର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶେଷରେ ଆଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ | ଲୋକଙ୍କ ପାଖକୁ ଯାଇ ସମସ୍ୟା ସମାଧାନ ଲାଗି ଆହ୍ୱାନ

କଣ୍ଟାମାଳ,୧।୧୧( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପରାଠାରେ ବୁଧବାର ସନ୍ଧ୍ୟାରେ ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ କର୍ମକର୍ତ୍ତାମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ । ଆଗାମୀ ନିର୍ବାଚନରେ କଣ୍ଟାମାଳ ବିଧାନସଭାରେ ଭାଜପା ନିଶ୍ଚୟ ବିଜୟୀ ହେବ ବୋଲି ଏହି ଅବସରରେ କହିଥିଲେ। ଏହି ସମାବେଶରେ ସଚ୍ଚିଦାନନ୍ଦ ଦଲାଲ, କହ୍ନେଇ ଚରଣ ଡାଙ୍ଗ, ରାକେଶ ତ୍ରିପାଠୀ, ପଦ୍ମାଳୟା ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାପତି ମୀନାରାଣୀ ପ୍ରଧାନ, ସରପଞ୍ଚ ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ ଜିଲା ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ

ବୌଦ୍ଧ,୧।୧୧(ଅଜିତ କୁମାର ବାରିକ)

**ଅପରାଜିତାଙ୍କ ବୌଦ୍ଧ ଗସ୍ତ**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିନ ବୌଦ୍ଧ ଜିଲା ଗସ୍ତରେ ଆସି କୃଷିଭିତ୍ତିକ ଏହି ଜିଲାରେ ରାଜ୍ୟ ସରକାର ମୌଳିକ ସେବା ଯୋଗାଇବାରେ ବିଫଳ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ସେ ପ୍ରଥମେ ପୁରୁଣାକଟକଠାରେ ମା' ଭୈରବୀଙ୍କ ଦର୍ଶନ କରିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରାରେ ବୌଦ୍ଧ ସହରକୁ ନିଆଯାଇଥିଲା । ବୌଦ୍ଧ ସର୍କିଟହାଉସଠାରେ ଆୟୋଜିତଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଷଡ଼ଙ୍ଗୀ କହିଥିଲେ ଯେ, ବୌଦ୍ଧ ଏକ ସ୍ୱତନ୍ତ୍ର ଜିଲା ହୋଇଥିବା ବେଳେ ଏଠାରେ ଉଚ୍ଚଶିକ୍ଷା(ପିଜି ପାଠ୍ୟକ୍ରମ) ପାଇଁ କୌଣସି ସୁବିଧା ନ ଥିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଜିଲାରେ ପାଠ ପଢିବା ପାଇଁ ସରକାରୀ କଲେଜ ସୁବିଧା ନ ଥିବା ବେଳେ ମହିଳାମାନଙ୍କ ଉଚ୍ଚ ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶିକ୍ଷା ଦ୍ୱାରା ହିଁ ପ୍ରଗତି ସମ୍ଭବ ବୋଲି କହିବା ସହ ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ। ସେହିପରି ଜିଲାରେ ଜଳସେଚନର ପର୍ଯ୍ୟାପ୍ତ ସୁଯୋଗ ନ ଥିବା ବେଳେ ପ୍ରତିବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଜିଲାରେ ଅନେକ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଅନେକ ଚିକିତ୍ସାଳୟରେ ଫାର୍ମାସିଷ୍ଟମାନେ ରୋଗୀ ସେବା ପରିଚାଳନା କରୁଛନ୍ତି। ସବୁ କ୍ଷେତ୍ରରେ ବୌଦ୍ଧ ଜିଲାକୁ ସରକାର ଅଣଦେଖା କରି ଆସୁଛନ୍ତି । ଜନସାଧାରଣ ମୌଳିକ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ରାଜ୍ୟରେ ରୋଜଗାର କମିଛି ବୋଲି ଅଭିଯୋଗ କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି ,ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲଙ୍କ ସମେତ ରାଜ୍ୟ ଓ ଜିଲା ଭାଜପାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଦଳୀୟ ନେତା ।

# ଖଡ଼ଙ୍ଗ ନଦୀରେ ଆରମ୍ଭ ହୋଇନି ସେତୁ ନିର୍ମାଣ

ଘଣ୍ଟାପଡା,୧।୧୧(ପ୍ରଭାତ କୁମାର ସାହୁ)

**ଶିଳାନ୍ୟାସକୁ ପୂରିଲା ୧୦ ମାସ**

ଶିଳାନ୍ୟାସକୁ ପୂରିଲା ୧୦ ମାସ । କିନ୍ତୁ ଏଯାଏଁ ଆରମ୍ଭ ହୋଇ ପାରିନି ଖଡ଼ଙ୍ଗ ନଦୀ ସେତୁର ପ୍ରକଳ୍ପ କାର୍ଯ୍ୟ । ଖଡ଼ଙ୍ଗ ନଦୀରେ ସେତୁ ନିର୍ମାଣ ନିମନ୍ତେ ସ୍ଥାନୀୟ ଜନସାଧାରଣ କଣ୍ଟାମାଳ ବିଧାୟକଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ । ଫଳରେ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି । ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁଟାଯୋର ପଞ୍ଚାୟତ ଅନ୍ତର୍ଗତ ପିଟାବାହାଲ -ଦେଉଳି ଖଡ଼ଙ୍ଗ ନଦୀର ଶିବମନ୍ଦିର ଘାଟରୁ ବଲାଙ୍ଗୀର ଜିଲା ଦେମୁହାଣ ଘାଟକୁ ସଂଯୋଗ କରିବା ନିମନ୍ତେ ଉକ୍ତ ସେତୁ ନିର୍ମାଣ ହେବ । ବୌଦ୍ଧ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଉକ୍ତ ପ୍ରକଳ୍ପର ଶିଳାନ୍ୟାସ ଗତ ଜାନୁୟାରୀ ୧୪ ତାରିଖ ଦିନ କରାଯାଇଥିଲା । ସେତେବେଳେ ବିଭାଗୀୟ ଏସଡିଓ ବିଦ୍ୟାଧର ମହାନ୍ତି ଗୋଟିଏ ମାସ ଭିତରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ । କିନ୍ତୁ ଶିଳାନ୍ୟାସ ହେବାର ଦୀର୍ଘ ୧୦ ମାସ ବିତି ଯାଇଥିଲେ ହେଁ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ଉକ୍ତ ନଦୀ କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ଯୋଡୁ ଥିବାରୁ କୁଲୁଟାଜୋର ପଞ୍ଚାୟତର ଜନସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଆଦି ବିଭିନ୍ନ କାର୍ଯ୍ୟରେ ତୁଷୁରା, ରିଷିଡା, ଟିଟିଲାଗଡ଼, ଦେଓଗାଁ, ବଲାଙ୍ଗୀର ଉପରେ ନିର୍ଭର କରିଥାନ୍ତି । ସେହିପରି ବଲାଙ୍ଗୀର ଜିଲାର ଦେମୁହାନ, ମହାଜନପଡା, ବିରାମୁଣ୍ଡା, ଖଲିଆପାଲି, ଟିକିରିପଡା, ରହେନମାଳ ଆଦି ଗ୍ରାମବାସୀ ବୌଦ୍ଧ ଜିଲାର ଦେଉଳି ପିଟାବାହାଲ ଶିବମନ୍ଦିରକୁ ବର୍ଷ ତମାମ ଦର୍ଶନ ପାଇଁ ଆସନ୍ତି । ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ ସ୍ଥାପନ କରିବା ଦିନ ଉଭୟ ପାର୍ଶ୍ୱର ଅଞ୍ଚଳବାସୀ ସେମାନଙ୍କ ପ୍ରତିକ୍ଷିତ ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ବାଜା ବଜାଇ ନାଚଗୀତ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ସ୍ଥାନୀୟ ବିଧାୟକ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ଫଳରେ ଅଞ୍ଚଳବାସୀ ବର୍ଷା ଦିନେ ଡଙ୍ଗାରେ ଯାତାୟତ କରୁଥିବା ବେଳେ ପାଣି କମ ଥିବା ବେଳେ ନଦୀରେ ପଶି ବିପଦପୂର୍ଣ୍ଣ ଭାବେ ଯିବାଆସିବା କରିବା ଦେଖିବାକୁ ମିଳୁଛି । ଏନେଇ ବିଭାଗୀୟ ଯନ୍ତ୍ରୀ ହେମନ୍ତ ରଣାଙ୍କୁ ଯୋଗାଯୋଗ କରିବାରେ ଟେଣ୍ଡର ହୋଇଥିଲା,କିନ୍ତୁ ଟେଣ୍ଡର ପ୍ରକ୍ରିୟା ଭୁଲ ଥିବାରୁ ପୁଣି ଥରେ ଟେଣ୍ଡର ଆହ୍ୱାନ କରି ଖୁବଶୀଘ୍ର କାର୍ଯ୍ୟ ହେବ ବୋଲି ପ୍ରକାଶ କରିଛନ୍ତି।



ବିପଦପୂର୍ଣ୍ଣ ଅବସ୍ଥାରେ ଲୋକେ ନଦୀ ପାର ହେଉଛନ୍ତି ।

## ସଂକ୍ଷେପରେ

### କୁତ୍ରାରେ ବାର୍‌ହା ଆତଙ୍କ

**କୁତ୍ରା,୧।୧୧ (ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ବାର୍‌ହା ଆତଙ୍କ ଦେଖିବାକୁ ମିଳିଛି। ଧାନ ଖେତରେ ପଶି ଚାଷ ନଷ୍ଟ କରିଛନ୍ତି। ଏନେଇ ଚିନ୍ତାରେ ଚାଷୀ। ଏହି ଅଞ୍ଚଳରେ କେତେବେଳେ ହାତୀ ତ କେତେବେଳେ ବାର୍‌ହା ପଲଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ନିମିଷକରେ ଚାଷୀଙ୍କ ବର୍ଷକର ଅମଳ ଦଳିମକଚି ନଷ୍ଟ କରିଦେଉଛନ୍ତି। ବ୍ଲକର ପଙ୍ଗନିଆବାହାଲ, ତରକେରା, ସମଲେଇମୁଣ୍ଡା,ଦାରୁପିସା ସ୍ଥାନରେ ବାରାହ ପଲଙ୍କ ଉପଦ୍ରବ ଥମିବାର ନା ଧରୁନାହିଁ। ବନବିଭାଗ ଏ ଦିଗରେ ଦୃଷ୍ଟିଦେବାକୁ ଚାଷୀକୁଳ ଦାବି କରିଛନ୍ତି।

### ଢାବା, ହୋଟେଲରେ ବଢ଼ୁଛି ମଦ କାରବାର

**କୁଆଁରମୁଣ୍ଡା,୧।୧୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ଯମୁନାନାକି ନିକଟରୁ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ଏକାଧିକ ଢାବା ଓ ହୋଟେଲରେ ଦେଶୀ,ବିଦେଶୀ ମଦ କାରବାର ବଢ଼ି ଚାଲିଛି। ଫଳରେ ମଦ୍ୟପମାନେ ସ୍ଥାନୀୟ ଅଞ୍ଚଳରେ ଉନ୍ମତ୍ତ କାଣ୍ଡ ଘଟାଉଥିବା ଅଭିଯୋଗ ହେଉଛି। ଏଥିସହ ହୋଟେଲ ମାଲିକ ବିନା ଲାଇସେନ୍ସରେ ମଦ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ତେବେ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢ଼ାଉ କଲେ ଢାବା ଓ ହୋଟେଲ ମାଲିକଙ୍କ ସହ ମଦ୍ୟପଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେବ।

### ବେଦବ୍ୟାସରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ

**ବେଦବ୍ୟାସ,୧।୧୧(ଆଲୋକ ସ୍ୱାଇଁ):** ବେଦବ୍ୟାସ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଶିଶୁକିଶୋରଙ୍କ ଅନ୍ତର୍ନିହିତ ପ୍ରତିଭାର ଚୟନ ଓ ମୂଲ୍ୟାୟନ ହିଁ ସୁରଭି ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଥିଲେ। ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ୫ଟି ମଞ୍ଚରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଖଗେଶ୍ୱର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସିଆର୍‌ସିସି ହୀତମ୍ ଖାନ୍ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗୁରୁକୁଳ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟତମ ଅତିଥିଭାବେ ଗିରୀଶଚନ୍ଦ୍ର ପଣ୍ଡା, ଖବରଦାତା କାମେଶ୍ୱର ଚୌଧୁରୀ, ସରୋଜ ସାହୁ ସମେତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପ୍ରସ୍ତୁତି ବୈଠକରେ ସରପଞ୍ଚଙ୍କ ଅସନ୍ତୋଷ

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସରପଞ୍ଚ ଓ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଏବିଡିଓ ଉଷାବତୀ ଗରଡିଆଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୮ରେ ହେବାକୁଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ଫୁଲବାରୀ ସରପଞ୍ଚ ତଥା ସରପଞ୍ଚ ସଂଘର ବ୍ଲକ ସଭାପତି ଯୋଗେନ୍ଦ୍ର କିଷାନଙ୍କ ସହିତ ସମିତି ମେମ୍ବର ମାନେ ପୂର୍ବରୁ ଦେଇଥିବା ଉନ୍ନୟନ କାର୍ଯ୍ୟ ତାଲିକା ଉପରେ ଜାଣିବାକୁ ଚାହିଁଥିଲେ। ସେମାନେ ଦେଇଥିବା କାର୍ଯ୍ୟ ତାଲିକା ଗୃହୀତ ହୋଇଛି କି ନାହିଁ ପ୍ରଶ୍ନ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଉତ୍ତର ଦେଇପାରି ନ ଥିଲେ। ଫଳରେ ବୈଠକରେ ଉପସ୍ଥିତ ସରପଞ୍ଚ ଓ ସମିତି ମେମ୍ବର ଅସନ୍ତୋଷ ବ୍ୟକ୍ତ କରିଥିଲେ।

### ବିଦ୍ୟାଳୟରେ ଜାତୀୟ ଏକତା ଦିବସ

**ହେମଗିର,୧।୧୧ (ଚୈତନ୍ୟ ପଟେଲ):** ହେମଗିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଯଦୁମଣି ଦାସଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ ମହିଳା ସଂଘ ଓ ଯୁବ ରେଡକ୍ରସ ତରଫରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶପଥପାଠ କରିବା ସହିତ ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପିକା ନନ୍ଦିତା ନନ୍ଦ, ରୂପେନ୍ଦ୍ର କୁମାର ବାଗଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଆନ୍ଦୋଳନ କରୁଥିବା ଗ୍ରାମବାସୀ।

# ଓଭର ଲୋଡିଂ ଆଶ୍ ବୋଝେଇ ଗାଡ଼ି ଚଳାଚଳ ବନ୍ଦ କର

**ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ବ୍ଲକ ଅଁଳାବାହାଲ ଠାରେ ଦର୍ଲିପାଲିରୁ ଡୁଡୁକା ରାସ୍ତାରେ ଯାତାୟତ କରୁଥିବା ଓଭର ଲୋଡିଂ ଆଶ ବୋଝେଇ ଗାଡି ଚଳାଚଳ ବନ୍ଦ ଏବଂ ରାସ୍ତା ନିର୍ମାଣ ପାଇଁ ବୁଧବାର ସ୍ଥାନୀୟ ଗ୍ରାମବାସୀମାନେ ଆନ୍ଦୋଳନ କରିଛନ୍ତି। ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ବୁଧବାର ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଏହି ବନ୍ଦ ପାଳନରେ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସେହବାଜ ହୁସେନ, ସୁଶାନ୍ତ ଦେବ୍, ରାଜା ହୋତା, ଆଦର୍ଶ ପଟେଲ, ନିଖିଲ ସାହୁ, ବିଶ୍ୱ ରାଉତ, ପ୍ରତାପ ମାଝି, ଜୟନ୍ତ ମାଝି, ଧର୍ମେନ୍ଦ୍ର ଭୋଇ, ଅଶ୍ୱିନୀ ପଟେଲ, ନବ ବାବୁ ଏବଂ ବିଜାଡିହି, ଖୁଟଲାପାଲି, ଅଁଳାବାହାଲ, ରାଇଡିହି ଗ୍ରାମର ଅନେକ ଯୁବକ ଉପସ୍ଥିତ ଥିଲେ।

# ଶିକ୍ଷକ ଶିକ୍ଷା ବିଭାଗରେ କର୍ମଶାଳା

**ସୁନ୍ଦରଗଡ,୧।୧୨(ଜୟ ନାରାୟଣ ମେଣ୍ଡୁଲି)**




ସରକାରୀ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗରେ ପାଠ ଯୋଜନା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସମ୍ବନ୍ଧୀୟ ତ୍ରିଦିବସୀୟ କର୍ମଶାଳା ଗତ ୩୧ରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁ ଉଦ୍‌ଘାଟନ କରି କର୍ମଶାଳାର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କର୍ମଶାଳା ମାଧ୍ୟମରେ ଶିକ୍ଷାର୍ଥୀମାନେ ବ୍ୟବହାରିକ ଓ ବାସ୍ତବ ଜ୍ଞାନ ହାସଲ କରିଥାନ୍ତି ଓ ଏହା ବିଏଡ୍ ଶିକ୍ଷାର୍ଥୀଙ୍କ ସକାଶେ ନିତ୍ୟାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ଗରୁଡେଶ୍ୱର ଦାସ କର୍ମଶାଳାର ରୂପରେଖ ଓ ଆଭିମୁଖ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଶିକ୍ଷାର୍ଥୀମାନେ ପାଠଯୋଜନା, ଶିକ୍ଷଣ କାର୍ଯ୍ୟ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହିତ ମୁଖ୍ୟ ଶିକ୍ଷାଦାନ କୌଶଳ ଓ ପ୍ରଶ୍ନ ପତ୍ର ପ୍ରସ୍ତୁତି ସମ୍ବନ୍ଧରେ ଅବଗତ ହେବେ ବୋଲି କହିଥିଲେ। ଦଳଗତ ଓ ବ୍ୟକ୍ତିଗତ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ସମ୍ପୂର୍ଣ୍ଣ କର୍ମଶାଳାଟି ପରିଚାଳିତ ହେବ ଓ ଶିକ୍ଷାର୍ଥୀମାନେ ନୂତନ ଜ୍ଞାନ ଆହରଣ କରିବେ। କର୍ମଶାଳାରେ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶମ୍ଭୁ ଶଙ୍କର ଦୀପ, ଡ. ବସନ୍ତ କୁମାର ମହାକୁର, ଦୀପାଞ୍ଜଳି ମେହେର, ଅଧ୍ୟାପକ ପ୍ରତାପ ପ୍ରଧାନ, ସୁଶ୍ରୀ ସଙ୍ଗିତା ପଟେଲ, ବିନୋଦ ବିହାରୀ ରଥ ଓ ରାଜେଶ ଓରାମ ପ୍ରମୁଖ ସାଧାନ କର୍ମୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଅନୁଷ୍ଠାନର କର୍ମଚାରୀ ଜ୍ୟୋତିପ୍ରକାଶ ପଟେଲ, ମହାମଦ ଜମିଲ ଅନ୍‌ସାରୀ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଛାତ୍ର ପ୍ରତିନିଧି ଜୋହାନ ଟେଟେ ଓ ବିନତି ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଚିଟ୍‌ଫଣ୍ଡ ସଂସ୍ଥା ଏଜେଣ୍ଟଙ୍କୁ ଘେରିଲେ ଜମାକାରୀ

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ କୁରେଇବଗା ଗ୍ରାମର ଚିଟଫଣ୍ଡ ସଂସ୍ଥା ସାଇନିଙ୍ଗ ଷ୍ଟାରର ଏଜେଣ୍ଟ ମହେନ୍ଦ୍ର ପୃଷେଟ ଦୀର୍ଘବର୍ଷ ହେଲା ଜମାକାରୀଙ୍କୁ ଟଙ୍କା ନ ଫେରାଇବାରୁ ଆଖପାଖ ଗ୍ରାମର ଜମାକାରୀ ତାଙ୍କୁ ଘେରି ଟଙ୍କା ଫେରାଇବାକୁ ଦାବି କରିବା ସହିତ ତାଙ୍କ ବାଇକ୍‌କୁ ରଖିଥିଲେ। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ବହୁ ସଂଖ୍ୟକ ଜମାକାରୀ ଥାନାକୁ ଯାଇ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଠାରେ ଏଜେଣ୍ଟ ମହେନ୍ଦ୍ର କମ୍ପାନୀ ନାଁରେ ହାଇକୋର୍ଟରେ କେସ ଚାଲିଥିବା ଦର୍ଶାଇ ୨ମାସ ମଧ୍ୟରେ କିଛି ଟଙ୍କା ଜମାକାରୀଙ୍କୁ ଦେବେ ବୋଲି ଲିଖିତ ଦେଇଛନ୍ତି।

# ବନ୍ଧୁକ ମୁନରେ ଗ୍ରାହକ ସେବା କେନ୍ଦ୍ରରୁ ଲୁଟ୍

**କୁତ୍ରା,୧।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ପୁରକାପାଲିଠାରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ପଶି ବନ୍ଧୁକ ଦେଖାଇ ମାଲିକାଣୀ ରାଧିକା ଲାକ୍ରା ଏବଂ ଅନ୍ୟ ୩ ଜଣ ଗ୍ରାହକଙ୍କ ଠାରୁ ୨ ଲକ୍ଷ ୧୦ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି, ପୁରକାପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଧିକା ଲାକ୍ରାଙ୍କ ନାମରେ ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ରହିଛି। ବୁଧବାର ଅପରାହ୍ନ ୧ଟାରେ ୩ ଯୁବକ ମୁହଁରେ କପଡା ଘୋଡାଇ ହାତରେ ବନ୍ଧୁକ ଧରି ପଶିଥିଲେ। ସେଠାରେ ବସିଥିବା ଗ୍ରାହକ ସେବା କେନ୍ଦ୍ରର ମାଲିକାଣୀ ରାଧିକା ଏବଂ ଅନ୍ୟ ୩ ଗ୍ରାହକଙ୍କୁ ବନ୍ଧୁକ ଦେଖାଇ ତାଙ୍କଠାରୁ ପ୍ରଥମେ ମୋବାଇଲଗୁଡିକୁ ଜବତ କରି ନେଇଥିଲେ। ପରେ ଡ୍ର'ରେ ଥିବା ୬୦ହଜାର ଟଙ୍କା ଓ ବ୍ୟାଗରେ ଥିବା ୧ ଲକ୍ଷ ୫୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ କାଗଜପତ୍ର ଲୁଟି ବାହାର ପଟୁ ରୁମ୍‌କୁ ଲକ୍ କରି ଚମ୍ପଟ ମାରିଥିଲେ। ଭିତରୁ ପାଟି ଶୁଣି ସ୍ଥାନୀୟ ଲୋକେ ରୁମ୍ ଖୋଲିଥିଲେ। ଯୁବକମାନେ ମୋବାଇଲଗୁଡ଼ିକୁ ବାହାରେ ରଖି ଦେଇଯାଇଥିଲେ। କୁତ୍ରା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏଭଳି ଦିବା ଲୋକରେ ବନ୍ଧୁକ ଦେଖାଇ ଲୁଟ ହେବା ଘଟଣାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ କିଛିଦିନ ପୂର୍ବରୁ ରାଞ୍ଚିରୋଡ଼ଠାରୁ ଅଳ୍ପ ଦୂର ଧାଙ୍ଗରିଧୁକାଠାରେ ଜଣେ ଗ୍ରାହକ ସେବା କେନ୍ଦ୍ରର ମାଲିକଙ୍କୁ ଗୁଳିକରି ଟଙ୍କା ଲୁଟି ନେଇଥିଲେ କିଛି ଦୁର୍ବୃତ୍ତ। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ସେମାନଙ୍କୁ ଗିରଫ କରି ନ ଥିବା ବେଳେ ବର୍ତ୍ତମାନ ପୁଣି ଏକ ଗ୍ରାହକ ସେବା କେନ୍ଦ୍ରରୁ ଲୁଟ ହୋଇଛି।

# କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅଧ୍ୟକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କୁ ମଙ୍ଗଳବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଚୌଧୁରୀ ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୧୯୮୬ରେ ଅଧ୍ୟାପକ ଭାବେ ଯୋଗଦେଇ ୩୬ ବର୍ଷ ନିରବଚ୍ଛିନ୍ନ ଅଧ୍ୟାପନା ସହିତ ବିଭିନ୍ନ ସମୟରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଉନ୍ନତିମୂଳକ କାମ କରି ଅନୁଷ୍ଠାନକୁ ଉଚ୍ଚତର ସୋପାନରେ ପହଞ୍ଚାଇବାରେ ସମର୍ଥ ହୋଇଥିଲେ। ତାଙ୍କ କାର୍ଯ୍ୟ ଦକ୍ଷତା, ଛାତ୍ର ବତ୍ସଳ ମନୋଭାବ ଓ ସହକର୍ମୀଙ୍କ ପ୍ରତି ସମଭାବାପନ୍ନ ଆଚରଣ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଇଂରାଜୀ ଅଧ୍ୟାପକ ଦଶରଥ ନାଏକଙ୍କ ସଭାପତିତ୍ୱରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଅବସର ପରବର୍ତ୍ତୀ ସମୟ ସୁଖମୟ ହେଉ ବୋଲି ସମସ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିବା ସହିତ ଅନୁଷ୍ଠାନର ଶୁଭେଚ୍ଛୁ ହୋଇ ରହିବେ ବୋଲି ଆଶା ପ୍ରକଟ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶଂସା ପତ୍ର ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଚୌଧୁରୀଙ୍କ ସହିତ ତାଙ୍କ ସ୍ତ୍ରୀ ଅଞ୍ଜଳି ପଟେଲ, ପୁଅ ଅନୁଭବ ଓ ପୁତ୍ରବଧୂ ନିବେଦିତା ଉପସ୍ଥିତ ଥିଲେ। ଏକାଗ୍ରତା ସହ ନିରନ୍ତର ନିଷ୍ଠା, ଅଧ୍ୟବସାୟ ହିଁ ସଫଳତାର ଚାବିକାଠି ତଥା ଲକ୍ଷ୍ୟ ହାସଲର ମୂଳମନ୍ତ୍ର ବୋଲି ଚୌଧୁରୀ ମତ ପୋଷଣ କରିଥିଲେ। ସଭା ଶେଷ ପରେ ଉପ ଜିଲାପାଳଙ୍କ ଦ୍ୱାରା ନିଯୁକ୍ତ ବରିଷ୍ଠ ଅଧ୍ୟାପକ ଦଶରଥ ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବୁଧବାର ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସହକାରୀ ବିଡିଓ ଉଷାବତୀ ଗରଡିଆ, ବ୍ଲକ ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମାଝି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବଡ଼ଗାଁ ପ୍ରେସ୍ କ୍ଲବ ପକ୍ଷରୁ ଲବଣୀଧର ପୃଷେଟ, ଅଶୋକ ଷଡ଼ଙ୍ଗୀ, ଅନୁପ ବିଶି, ବିକି ପଣ୍ଡା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନାରୀ ଶକ୍ତି ନାଟକ, ସୁରଭି କାର୍ଯ୍ୟକ୍ରମ

**ହେମଗିର,୧।୧୧ (ଚୈତନ୍ୟ ପଟେଲ)**




ବିଧାୟିକାଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଉଛି।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଗଜନବାହାଲ ହାଇସ୍କୁଲଠାରେ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଜିଲା ପରିଷଦ ସଭ୍ୟା ମହିମା ସେଠ, ଜିଲା ପରିଷଦ ସଭ୍ୟ ଉଦିତ ସେଠ, ବିଇଓ କରୁଣା ସାଗର ପଟେଲ, ଏବିଇଓ କିଶୋର କୁମାର ଅକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଙ୍କ ଦ୍ୱାରା ନାରୀଶକ୍ତି ଉପରେ ପରିବେଷିତ ନାଟକ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲା। ପରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗଦେଇଥିଲେ। ଏହି ଅବସରରେ ଗଜନବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଏକ, ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ, ସୁଶ୍ରୀ ସଙ୍ଗୀତା ପାଢ଼ୀ, ଟଗର ହଂସ, ବିକାଶ ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୨ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



୨ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ନୂଆଗାଁ,୧।୧୧(ବିଜୟ ତ୍ରିପାଠୀ)**

ନୂଆଗାଁ ବ୍ଲକ ପୁରୁଣା ପାଣି କ୍ଲଷ୍ଟର ଭୋଜପୁର ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାର୍ଶା ବାରୁଆ ଓ ଖୁଣ୍ଟଗାଁ କ୍ଲଷ୍ଟର ରାଇବାହାଲ ପ୍ରାଥମିକ ସ୍କୁଲର ଶିକ୍ଷକ ଥୋମାସ ଏକ୍କାଙ୍କୁ ମଙ୍ଗଳବାର ନିଜ ନିଜ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ ଶିକ୍ଷକ ସଂଘ ସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ଅଶୋକ ସିଂ, ଶିକ୍ଷକ ନେତା ମଙ୍ଗଲ କେରକେଟା, ବାସୁଦେବ ତ୍ରିପାଠୀ, ଶଙ୍କର୍ଷଣ ବେହେରା, ବରିଷ୍ଠ ଶିକ୍ଷକ ଅବଦାଶଙ୍କର ପାଢ଼ୀ, ସଞ୍ଜୟ ରଥ, ମଧୁସୂଦନ କୋରିଆଲି, ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଉଭୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ସହକାରୀ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ ଓ କର୍ମଚାରୀ ଶୁଭେଚ୍ଛା ଜ୍ଞାପନ କରିବାସହ ସେମାନଙ୍କ ପେନ୍‌ସନ ସଂକ୍ରାନ୍ତୀୟ କାଗଜପତ୍ର ପ୍ରଦାନ କରିଥିଲେ । ଏହି ଅବସରକାଳୀନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରଞ୍ଜିତ ଏକ୍କା, ପର୍ଶୁରାମ ବେହେରା, ପ୍ରହଲାଦ ପଣ୍ଡା ଓ ୧୩ କ୍ଲଷ୍ଟରର ସମସ୍ତ ସିଆର୍‌ସିସି ଉପସ୍ଥିତ ରହି ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିଭଳି ମଙ୍ଗଳବାର ନୂଆଗାଁ ବ୍ଲକରେ ନୂତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଭାବେ ପ୍ରତିଭା ପତି ଯୋଗଦେଇଛନ୍ତି। ତାଙ୍କୁ ମଧ୍ୟ ବ୍ଲକ ଶିକ୍ଷକ ସଂଘ ତରଫରୁ ପୁଷ୍ପଗଚ୍ଛ ଦେଇ ସ୍ୱାଗତ ଜ୍ଞାପନ କରାଯାଇଥିଲା।

# ବିଦ୍ୟୁତ୍ ବିଲ୍ ସମାଧାନ ପାଇଁ ହେବ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

**ସମ୍ବଲପୁର,୧।୧୧ (ଭବାନୀ ଶଙ୍କର ଭୋଇ)**

ଚଳିତ ନଭେମ୍ବର ମାସରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି କରାଯିବ ବୋଲି ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଡିଏଲ୍‌ର ଯୋଗାଯୋଗ ଏବଂ ସରକାରୀ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ବିଲ୍ ଗୁଡିକର ସଂଶୋଧନ ପାଇଁ ନିକଟସ୍ଥ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଶୁଣାଣି କରାଯିବ। ୭ ନଭେମ୍ବରରେ ପାନପୋଷ, ୮ରେ ବିଶ୍ରା ଓ ବନ୍ଧମୁଣ୍ଡା, ୯ରେ ଛେଣ୍ଡ ଓ କଳିଙ୍ଗବିହାର, ୧୦ର ସୁନ୍ଦରଗଡ଼,୧୩ରେ ମଧୁସୂଦନପାଲି, ୧୪ରେ ସିଭିଲ୍ ଟାଉନଶିପ୍, ୧୫ରେ ରାଜଗାଙ୍ଗପୁର-୧, ୧୬ରେ କୁଆଁରମୁଣ୍ଡା, ୧୭ର ଉଦଲପୁର, ୧୮ରେ କଲୁଙ୍ଗା, ୨୦ରେ ମେନ୍ ରୋଡ ଓ ବିଶା ରୋଡ, ୨୧ରେ କୋଏଲ୍ ନଗର, ୨୨ରେ ବଣେଇ, ୨୩ରେ ରାଜଗାଙ୍ଗପୁର-୨ ଓ ୨୪ ନଭେମ୍ବରରେ ଲାଠିକଟାଠାରେ ଅଭିଯୋଗ ଶୁଣାଣି କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ଉପଭୋକ୍ତାମାନେ ଉପରୋକ୍ତ ତାରିଖ ଅନୁଯାୟୀ ନିକଟସ୍ଥ ସବଡିଭିଜନ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜ ସମସ୍ୟା ସମାଧାନ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି।

## ଚୋରି ଲୁହା ଜବତ

**ବେଦବ୍ୟାସ,୧।୧୧(ଆଲୋକ ସ୍ୱାଇଁ)**

ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମଙ୍ଗଳବାର ୨୩ ଶହ ୭୫ କେଜି ଚୋରି ଲୁହା ଜବତ କରିଛି। ଉକ୍ତ ଚୋରି ଲୁହା ଲୁଙ୍ଗେଇରୁ କୁଆଁରମୁଣ୍ଡା ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଅମଦକୁମାର (୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ଲୁହାର ବଜାର ଦର ପ୍ରାୟ ୭୦ ହଜାର ଟଙ୍କା ହେବ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଭେଟିଲେ ବୁରୁଡ଼ିବାସୀ

**ରାଉରକେଲା, ୧।୧୧(ସଙ୍ଗୀତା ଜେନା)**



ଆରଏମ୍‌ସି କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଟାଙ୍ଗରପାଲ୍ଲୀସ୍ଥିତ ବୁରୁଡ଼ି, ଡୋବରବସା, ପାଡାବାସା ଭଳି ଅବହେଳିତ ବସ୍ତିବାସିନ୍ଦାଙ୍କ ସମସ୍ୟାକୁ ନେଇ ବୁଧବାର ରଘୁନାଥପାଲ୍ଲୀ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବ୍ରିଟାନିଆ କଲୋନୀକୁ ରାସ୍ତା, ଲାଇଟ୍, ପାନୀୟ ଜଳ ଆଦି ଲୋକେ ଦାବି କରିଥିଲେ। ବର୍ଷା ମାସରେ ସଡ଼କ ବିପର୍ଯ୍ୟସ୍ତ ଥିବାରୁ ନାନା ପ୍ରକାର ଅସୁବିଧା ଭୋଗ କରୁଛନ୍ତି। ବସ୍ତିକୁ ବିଜୁଳି ସଂଯୋଗ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା। ଆଲୋଚନା ସକାରତ୍ମକ ହୋଇଥିବାବେଳେ ଏଥିରେ ସଫଳ ପାଇବେ ବୋଲି ସେଠୀ ଆଶାବ୍ୟକ୍ତ କରିଥିଲେ। ଦୁମୁନି ସୋରେନ୍, ରୀତା ଟପ୍ପୋ, ବୀର ଟପ୍ପୋ, ବିଜୟ ଓରାମ, ପାଙ୍ଗିମାଝୀ, ବାବୁ ମହାନ୍ତି, ସରୋଜ ନାୟକ, ସୋନୁ ସିଂ, ବିଶ୍ୱରଂଜନ ରାଉତ, ତନ୍ମୟ ସେଠୀ, ନିଲୁ ସେଠୀ, ପ୍ରତାପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ଼ର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା






## ସଂକ୍ଷେପରେ

### ପାଞ୍ଚପୁଟ ହାଇସ୍କୁଲର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧।୧୧(ବି.ଶଙ୍କର): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ପାଞ୍ଚପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ମଙ୍ଗଲୁ କୁମାର ମେହେର ମୁଖ୍ୟଅତିଥି ଓ ହୁମା ପଞ୍ଚାୟତର ସଦସ୍ୟ ସଦାନନ୍ଦ ପଶାୟତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ସଫଳତା ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପୁରାତନ ଛାତ୍ର ସଦାଶିବ ପାଣ୍ଡେ ବିଦ୍ୟାଳୟର ପୁରୁଣା ସ୍ମୃତି ବର୍ଣ୍ଣନା କରିଥିଲେ। ଶିକ୍ଷକ ସତ୍ୟଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା, ସ୍ୱର୍ଣ୍ଣଲତା ମାହାନା, ଜ୍ୟୋତିର୍ମୟୀ ଭୋଇ, ସୀତାରାମ ସାହୁ, ସୁଜିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ୧୧ଦଫା ଦାବିରେ ଭାଜପାର ବିକ୍ଷୋଭ

କୁଚିଣ୍ଡା,୧।୧୧(ବିରଞ୍ଚି ଦର୍ଶା)

୧୧ଦଫା ଦାବିରେ କୁଚିଣ୍ଡା ଭାଜପା ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ କୁଚିଣ୍ଡା ଏନ୍‌ଏସିର ବହୁବିଧ ସମସ୍ୟା ସମାଧାନ ନେଇ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ୧୯୬୪ରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୧୯୭୫ରେ ଆଇଟିଡିଏ ଗଠନ ପରେ ବି ସହରାଞ୍ଚଳର ଗରିବ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ ହେଉଥିଲେ ବି ଦୁର୍ନୀତି ଯୋଗୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ନାଏକଙ୍କ ସମେତ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ଉପସଭାନେତ୍ରୀ ଅନୁପମା ନାଏକ, କାଉନସିଲର ଆଶା ମିସ୍ତ୍ରୀ, କୁଞ୍ଜଲତା ନାଏକ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଜିଲା ପ୍ରବକ୍ତା ପିଙ୍କୁ ପାଣି, ଏନ୍‌ଏସି ସମ୍ପାଦକ ପ୍ରାଣବନ୍ଧୁ ନାଥ, ମହେଶ ରାୟ, ଶ୍ରୀକାନ୍ତ ଦ୍ୱିବେଦୀ, ବାବୁଲୁ ଖଣ୍ଡା, ଜୟନ୍ତ ବାଘ, ଅଭି ସାହୁ ପ୍ରମୁଖ ଯୋଗଦେଇ ଏନ୍‌ଏସିର ବିଭିନ୍ନ ଦୁର୍ନୀତି ଓ ମନମୁଖି କାର୍ଯ୍ୟ ସମ୍ପର୍କରେ ବର୍ଷିଥିଲେ। ସବୁଜପତ୍ରିକା ହିତାଧିକାରୀଙ୍କୁ ୮ଡେସିମିଲ ଜମି ପ୍ରଦାନ ପୂର୍ବକ ଆବାସ ଘର ଯୋଗାଇଦେବା,ଏନ୍‌ଏସି ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଗାଇଦେଉଥବା ଅନୁଦାନରେ ହୋଇଥିବା ଦୁର୍ନୀତିର ତଦନ୍ତ, ଆବାସ ଯୋଜନା ହିତାଧିକାରୀଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ ପାଇଥିବା ହିତାଧିକାରୀଙ୍କୁ ତୁରନ୍ତ ପ୍ରାପ୍ୟ ଦିଆଯିବା, ସହରାଞ୍ଚଳ କର୍ମନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ପଦକ୍ଷେପ ନେବା, ସୌଭାଗ୍ୟ ଯୋଜନାରେ ପ୍ରତ୍ୟେକ ପରିବାରକୁ ବିଦ୍ୟୁତ୍ ସଂଯୋଗ କରିବା, ବେକାର ଯୁବତୀଯୁବକଙ୍କୁ ମୁଦ୍ରା ଋଣ ଯୋଜନାରେ ସାମିଲ, ବିଦ୍ୟୁତ୍ ଶୁଳ୍କ ହ୍ରାସ ସହ ଏଥିରେ ହୋଇଥିବା ଦୁର୍ନୀତିର ତଦନ୍ତ, ଅମୃତ ଯୋଜନାରେ ପ୍ରତ୍ୟେକ ବନ୍ଧ ଓ କଟାର ଉନ୍ନତି, ସାମାଜିକ ସୁରକ୍ଷା ଯୋଜନାକୁ ସୁନିଶ୍ଚିତ କରି ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି। ଉପଜିଲାପାଳ ବିଭୁତିଭୂଷଣ ନାୟକ ଦାବିପତ୍ର ଗ୍ରହଣ କରି ରାଜ୍ୟପାଳଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି। ତାଙ୍କ ସହ ଅତିରିକ୍ତ ଉପଜିଲାପାଳ ହେମସାଗର ଭୋଇ, ଉପଖଣ୍ଡ ପୋଲିସ ଅଧିକାରୀ ଅମିତାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆନ୍ଦୋଳନରେ କୁଚିଣ୍ଡା ଏନ୍‌ଏସିର ୧୧ଗୋଟି ୱାର୍ଡର ୨ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ କର୍ମୀ ସାମିଲ ହୋଇଥିଲେ।

**କୁଚିଣ୍ଡା ଏନ୍‌ଏସି ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର**


ବିକ୍ଷୋଭ ସମାବେଶରେ ସାମିଲ ନେତା ଓ କର୍ମୀ।

# ଶିକାର ପାଇଁ ବିଛାଯାଇଥିବା ଜିଆଇ ତାର ଜବତ, ୨ ଗିରଫ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଜନ୍ତୁଶିକାର ପାଇଁ ଜଙ୍ଗଲ ମଧ୍ୟରେ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ ଶିକାରୀଙ୍କୁ ଗିରଫ କରାଯିବାସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ନୂଆଁଭୂଇଁ ଗ୍ରାମର ରାଜେନ୍ଦ୍ର ପାତ୍ର ଓରଫ ନେପାଳି (୩୫) ଓ ଦିର୍ଜୁ ନାୟକ(୬୨)। ସେମାନଙ୍କଠାରୁ ୨୭ ଖଣ୍ଡ ଲେଖାଏଁ ବାଉଁଶ ଖୁଣ୍ଟି, କାଚ ବୋତଲ, ପ୍ଲାଷ୍ଟିକ ପାଇପ ଓ ୨.୫ କିଲୋ ଓଜନର ଜିଆଇ ତାର ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଶିକାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦେବଗଡ ବନାଞ୍ଚଳ ତିଲେଇବଣି ସେକ୍ସନ ଅନ୍ତର୍ଗତ ପିସି ବ୍ରିକ୍ସ ୟୁନିଟ ନିକଟସ୍ଥ ଟାଇଁସର ଖସଡା ଜଙ୍ଗଲ ମଧ୍ୟରେ ତିଲେଇବଣି ଫରେଷ୍ଟର କାର୍ତ୍ତୀକେଶ୍ୱର ପ୍ରଧାନ ଓ ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ ବିଭାଗୀୟ କର୍ମଚାରୀଙ୍କ ସହିତ ରାତି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୫ ଶିକାରୀ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବାଉଁଶ ଖୁଣ୍ଟି, କାଚ ବୋତଲ ଓ ଖଣ୍ଡ ପ୍ଲାଷ୍ଟିକ ପାଇପ ଯୋଗେ ଜିଆଇ (ଲୁହା)ତାର ବିଛାଉଥିବା ଦେଖିବାକୁ ପାଇ ଚଢ଼ାଉ କରିଥିଲେ। ସେମାନଙ୍କୁ ଦେଖି ଶିକାରୀମାନେ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ବନ ବିଭାଗ କର୍ମଚାରୀ ୨ ଜଣଙ୍କୁ କାବୁକରିବାରେ ସଫଳ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଅନ୍ୟ ୩ ଶିକାରୀ ଫେରାର ହୋଇଯାଇଥିଲେ। ୨ ଅଭିଯୁକ୍ତଙ୍କୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ପଚରା ଉଚରା କରାଯାଇଥିଲା। ସେମାନେ ଜିଆଇ ତାରରେ ବିଦ୍ୟୁତ୍ ତାର ସଂଯୋଗ କରି ଜନ୍ତୁ ଶିକାର କରିବାକୁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ବନ ବିଭାଗ ପକ୍ଷରୁ ୫ ଜଣଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଛି।

### ବେଆଇନ କଫ୍ ସିରପ ରଖିବା ଅଭିଯୋଗ, ୨ ଗିରଫ

ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ବେଆଇନ କଫ୍ ସିରପ ରଖିବା ଅଭିଯୋଗରେ ଖପ୍ରାଖୋଲ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଧଣ୍ଡାମୁଣ୍ଡାର ସୁମିତ ସାହୁ (୩୪) ଓ ଶାନ୍ତିପୁରର ରଣଧୀର ପାନିକ (୨୨)। ମଙ୍ଗଳବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ପାଟ୍ରୋଲିଂ ପୋଲିସ ଶାନ୍ତିପୁର କେନ୍ଦୁପତ୍ର କାର୍ଯ୍ୟାଳୟ ପାଖରେ ସୁମିତ ଓ ରଣଧୀରଙ୍କୁ ଅଟକାଇ ତନଖି କଲାବେଳେ ୫ବୋତଲ କଫସିରପ, ଗୋଟିଏ ପତା ନିଶା ବାଟିକା, ନଗଦ ୪୫୦ଟଙ୍କା ମିଳିଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୧୧/୨୩)ରୁଜୁ ହୋଇଛି।

# ସନ୍ତରଣ ପ୍ରତିଯୋଗିତା, ଦେବଗଡ଼ ପ୍ରତିଯୋଗୀଙ୍କୁ ସଫଳତା

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ, ଭୁବନେଶ୍ୱର ଓ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଗତ ୩୦ ଓ ୩୧ ତାରିଖ ୨ ଦିନ ଧରି ଚାଲିଥିବା ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାରେ ଦେବଗଡର ପ୍ରତିଯୋଗୀ ଭିସା ବାରିକଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ପୌରାଞ୍ଚଳ ୩ ନମ୍ବର ୱାର୍ଡ ବଣିଅସାହିର ରଞ୍ଜିତ କୁମାର ବାରିକ ଓ କନକ ମଞ୍ଜରୀ ବାରିକଙ୍କ ପୁତ୍ର ଭିସା ଭୁବନେଶ୍ୱର ସ୍ଥିତ ୟୁନିଟ-୪ ବିଦ୍ୟାଳୟ ପକ୍ଷରୁ ଉକ୍ତ ପ୍ରତିଯୋଗିତାରେ ଅଣ୍ଡର-୧୭(୧୭ ବର୍ଷରୁ କମ) ବାଳକ ବର୍ଗରେ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୦୦ ମିଟର ଓ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଭିସାଙ୍କର ଏହି ସଫଳତା ପାଇଁ ଜିଲାର କ୍ରୀଡା ପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଖାଲି ପଦବୀ ପୂରଣ ନ ହେଲେ ସାର୍ଟିଫିକେଟ ନେବାକୁ ଚେତାବନୀ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

**ଜଟିଳ ରୂପ ନେଉଛି ଶିକ୍ଷକ ବଦଳି ଘଟଣା**

**୧୭ରୁ ମୁଖ୍ୟ ଫାଟକରେ ପଡ଼ିଛି ତାଲା**

ଦେବଗଡ଼ ଜିଲା ବାରକୋଟ ବ୍ଲକ କେଲଡା ପଞ୍ଚାୟତ ସଦର ମହକୁମାରେ ଥିବା କେଲଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କ ବଦଳିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଷାଣ୍ମାସିକ ପରୀକ୍ଷା ଓ ବାର୍ଷିକ ପରୀକ୍ଷା ରହିଥିବା ବେଳେ ସ୍କୁଲ ପରିଚାଳନା ସମିତି ଓ ଗ୍ରାମବାସୀଙ୍କ ବିନା ସମ୍ମତିରେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଗ୍ରାମବାସୀ ଏହାର ଦୃଢ ବିରୋଧ କରିବା ସହ ଶିକ୍ଷକ ପଦବୀ ପୂରଣ ଦାବିରେ ଗତ ୧୭ରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି। ଫଳରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍କୁଲ ପରିଚାଳନା ସମିତି, ଗ୍ରାମବାସୀ ଓ ଅଭିଭାବକମାନେ ଶିକ୍ଷକ ପଦବୀ ପୂରଣ ପାଇଁ ବ୍ଲକ ଶିକ୍ଷା ଅଧିକାରିଣୀଙ୍କ ନିକଟରେ ଦାବି ଶୁଣାଇଛନ୍ତି। ବୁଧବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଭାବେ ସେମାନଙ୍କ ଦାବିକୁ ଦୋହରାଇଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ସେମାନେ ନିଜର ପିଲା ଛୁଆଙ୍କୁ ଆଉ ଉକ୍ତ ବିଦ୍ୟାଳୟରେ ପାଠ ନ ପଢାଇ ସେମାନଙ୍କ ସାର୍ଟିଫିକେଟ ନେଇଯିବାକୁ ବାଧ୍ୟ ହେବେ ବୋଲି ଲିଖିତ ଚେତାବନୀ ଦେଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ ଓ ଅନ୍ୟମାନେ।

### ୨୬ ଦାଦନ ଶ୍ରମିକ ଉଦ୍ଧାର, ୨ ସର୍ଦ୍ଦାର ଗିରଫ

କଣ୍ଟାବାଞ୍ଜି,୧।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରେଲଷ୍ଟେଶନର ଅନତି ଦୂରରେ ୨୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୧୦ ଜଣ, ମହିଳା ୮ ଜଣ ଏବଂ ୮ ଜଣ ନାବାଳିକା ନାବାଳକ ରହିଛନ୍ତି। ସେମାନଙ୍କୁ ଚାଲାଣ କରୁଥିବା ଦୁଇଜଣ ସର୍ଦ୍ଦାରଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଲାଠୋର ଅଞ୍ଚଳର ରଟୁ ପରାଭୁଏ ଓ ସୁଶାନ୍ତ ଖଡିଆ।

### କୁଚିଣ୍ଡା ପଞ୍ଚାୟତ ସମିତି ବୈଠକ

କୁଚିଣ୍ଡା,୧।୧୧(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା ବିଡିଓ ଅରୁଗୁଲା ସ୍ନେହା (ଆଇଏଏସ୍), ଉପାଧ୍ୟକ୍ଷା ରଶ୍ମିତା ନାଏକ, ଜିଲା ପରିଷଦ ଜୋନ-୧ ସଭ୍ୟ ଅଜିତ କୁମାର ମହାପାତ୍ର, ଜୋନ-୨ ସଭ୍ୟ ଦିବ୍ୟରାଜ କିଷାନ, ଏବିଡିଓ ସହଦେବ ନନ୍ଦ, ଜିପିଇଓ ପ୍ରସନ୍ନ ଦେହୁରିଙ୍କ ସମେତ ୧୭ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ବିଦ୍ୟୁତ୍, ପାନୀୟ ଜଳ, କୃଷି, ଉଦ୍ୟାନ, ଶିକ୍ଷା, ବିଦ୍ୟୁତ୍, ମତ୍ସ୍ୟ, ଓଡ଼ିଶା ଜୀବିକା ମିଶନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ।

# ଶିଶୁ ମହୋତ୍ସବ ସୁରଭି, ମିଲେଟ୍ସ ପ୍ରତିଯୋଗିତା

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ମହାବିଦ୍ୟାଳୟ ଅଡିଟୋରିୟମଠାରେ ବୁଧବାର ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ୍ସ ପ୍ରତଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱ ଓ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀଣି ଗାୟତ୍ରୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ମୁଖ୍ୟ ବକ୍ତା ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦାମ କୁମାର ପରିଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଉପାଧ୍ୟାୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ଶିଶୁ ଓ କଳା ମହୋତ୍ସବ ସୁରଭି ଆୟୋଜିତ ହେଉଥିବା ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଉପାଧ୍ୟାୟ ଓ ମୁଖ୍ୟବକ୍ତା ମଣ୍ଡଳ ମିଲେଟ୍ସର ବ୍ୟବହାର, ଆବଶ୍ୟକତା ଓ ଉପଯୋଗିତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଅଣଧାନ ଫସଲ ଭାବେ ଏହାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱରୋପ କରିଥିଲେ। ସଭା ପ୍ରାରମ୍ଭରେ ଜିଲା ଅତିରିକ୍ତ ଅଧିକାରୀ ବିନୋଦ ସିଂ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ସ୍ତରରୁ ମନୋନୀତ ହୋଇ ଆସିଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ସବୁ ପ୍ରତିଯୋଗିତାକୁ ସମଗ୍ର ଶିକ୍ଷାର ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣି ପାଣିଗ୍ରାହୀ, ଭିନ୍ନକ୍ଷମ ସଂଯୋଜିକା ସୁନୀତା ବଡେଇ ଓ ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ଏହିପ୍ରତିଯୋଗିତାରେ ବିଚାରକ ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ନିବେଦିତା ବେହେରା, ସୁରମା ମୀର୍ଦ୍ଧା, ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଚିରଞ୍ଜନ ଦାସ, ବୁଢାପାଳ ମହାବିଦ୍ୟାଳୟର ଅଧ୍ୟାପକ ଡ.ଭାରତ ଭୂଷଣ ପ୍ରଧାନ, ଜନ୍ମେଜୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ, ଶିବାଶିଷ ଝାଙ୍କର ଓ ରୂପେନ୍ଦ୍ର କୁମାର ଗୁମାନସିଂ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଡଁରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ଓ ଟାଇଁସର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଆଦର୍ଶ ଡିଗରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଜୟ କୁମାର ମହାରଣା ,ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ ଓ ଜିଲା ମଙ୍ଗଳ ଅଧିକାରୀ ଭିଭୂରଞ୍ଜନ ମହାନ୍ତି ଯୋଗଦେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଦାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଶିକ୍ଷା କ୍ରୀଡା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଓ କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଦାନରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଚୂଡାମଣି ସାହୁ, ଫକୀର ମୋହନ ପ୍ରଧାନ, ଭେନସ ପ୍ରଧାନ, କୁମୁଦବନ୍ଧୁ ପ୍ରଧାନ, ଦୁଷ୍ମନ୍ତ ସାମଲ, ବିଜୟ କୁମାର ପ୍ରଧାନ, ଦାଶରଥି ପ୍ରଧାନ ଓ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ରିଆମାଳ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀଣି ସଞ୍ଜୁକ୍ତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



## ଚାଲାଣ ବେଳେ ଅଟକିଲେ ୬ଦାଦନ ଶ୍ରମିକ

ମୁରିବାହାଲ,(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପୋଲିସ ବୁଧବାର ଚାଲାଣ ବେଳେ ୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଶ୍ରମିକମାନେ ଟିଟିଲାଗଡ଼ ବ୍ଲକ କୁମୁଡିପଦର ଗ୍ରାମର। ଗ୍ରାମରୁ ଏକ ଅଟୋରେ ସେମାନଙ୍କୁ କଣ୍ଟାବାଞ୍ଜି ରେଳ ଷ୍ଟେଶନ ନିଆଯାଉଥିଲା। ସେଠାରୁ ଶ୍ରମିକମାନଙ୍କୁ ରାଜ୍ୟ ବାହାରକୁ ପଠାଯାଇଥାନ୍ତା। ମୁରିବାହାଲ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଏହି ଅଟୋକୁ ଗୁଲମୀ ଗ୍ରାମ ପାଖରେ ଅଟକାଇ କାବୁକାରି ଥାନାକୁ ଆଣିଥିଲା। ଚାଲାଣକାରୀ ସର୍ଦ୍ଦାରଙ୍କୁ ପୋଲିସ ଖୋଜୁଛି। ଆସିଷ୍ଟାଣ୍ଟ ଲେବର ଅଫିସର କେଶବ ବେହେରା ମୁରିବାହାଲ ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଛନ୍ତି।

## ସଂକ୍ଷେପରେ

### ୨୬ ଦାଦନ ଶ୍ରମିକ ଉଦ୍ଧାର, ୨ ସର୍ଦ୍ଦାର ଗିରଫ

କଣ୍ଟାବାଞ୍ଜି,୧।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରେଳଷ୍ଟେଶନର ଅନତି ଦୂରରେ ୨୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୧୦ ଜଣ, ମହିଳା ୮ ଜଣ ଏବଂ ୮ ଜଣ ନାବାଳିକା ନାବାଳକ ରହିଛନ୍ତି। ସେମାନଙ୍କୁ ଚାଲାଣ କରୁଥିବା ଦୁଇଜଣ ସର୍ଦ୍ଦାରଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଲାଠୋର ଅଞ୍ଚଳର ରତୁ ପରାଭୁଏ ଓ ସୁଶାନ୍ତ ଖଡିଆ। ବାହାର ରାଜ୍ୟର ଇଟାଭାଟିରେ ନିୟୋଜିତ କରିବା ପାଇଁ ଶ୍ରମିକମାନଙ୍କୁ କଣ୍ଟାବାଞ୍ଜି ଷ୍ଟେସନର ଅନତି ଦୂରରେ ରଖାଯାଇଥିଲା। ପାଟ୍ରୋଲିଂ ପୋଲିସ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ସର୍ଦ୍ଦାରଙ୍କ ପାଖରେ ନ ଥିବା ଜଣା ପଡିଥିଲା। ଦାଦନ ଶ୍ରମିକମାନେ ଲାଠୋର ଏବଂ ଗୋଡଭଗା ଥାନା ଅଞ୍ଚଳର ବୋଲି ଜଣାପଡିଥିଲା । ପରେ ସେମାନଙ୍କୁ ନିଜ ନିଜ ଗାଁକୁ ପୋଲିସ ପଠାଇ ଦେଇଥିଲା। ଏ ନେଇ ଥାନାରେ ଏକ ମାମଲା (୩୫୩/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମିତା ବେହେରାଙ୍କଠାରୁ ଜଣାପଡିଛି।

### ବେଆଇନ କଫ୍ ସିରପ ରଖିବା ଅଭିଯୋଗ, ୨ ଗିରଫ

ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ବେଆଇନ କଫ୍ ସିରପ ରଖିବା ଅଭିଯୋଗରେ ଖପ୍ରାଖୋଲ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଧଣ୍ଡାମୁଣ୍ଡାର ସୁମିତ ସାହୁ (୩୪) ଓ ଶାନ୍ତିପୁରର ରଣଧୀର ପାନିକ (୨୨)। ମଙ୍ଗଳବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ପାଟ୍ରୋଲିଂ ପୋଲିସ ଶାନ୍ତିପୁର କେନ୍ଦୁପତ୍ର କାର୍ଯ୍ୟାଳୟ ପାଖରେ ସୁମିତ ଓ ରଣଧୀରଙ୍କୁ ଅଟକାଇ ତନଖି କଲାବେଳେ ୫ବୋତଲ କଫସିରପ, ଗୋଟିଏ ପତା ନିଶା ବାଟିକା, ନଗଦ ୪୫୦ଟଙ୍କା ମିଳିଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୧୧/୨୩)ରୁଜୁ ହୋଇଛି। କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

### ଶିଶୁ ମନ୍ଦିର ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ଟିଟିଲାଗଡ,୧।୧୦(ଶରତ ମିଶ୍ର)

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନ ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ବିଦ୍ୱତ ପରିଷଦ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ର ସର୍ବୋପରି ପ୍ରସଙ୍ଗ ଉପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରାକ୍ତନ ସଂକୁଳ ପ୍ରମୁଖ ରାଜୀବ ଲୋଚନ ପାଢି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପରିଚାଳନା ସମିତି ସମ୍ପାଦକ ଡମ୍ବରୁଧର କର୍ମୀ ଓ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ଡ. ଯୁଗଳ କିଶୋର ଷଡଙ୍ଗୀ, ନିତ୍ୟାନନ୍ଦ ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ସଞ୍ଜୟ ଅଗସ୍ତ୍ରୀ,ରମାନାଥ ଖମାରୀ, ଟିକେଲାଲ ବେହେରା, ସଞ୍ଜୀବ କୁମାର ପାଢି, ଗୌରଚନ୍ଦ୍ର ପୁରୋହିତ, ପ୍ରବୀଣ କୁମାର ଦାଶ, ପଦ୍ମିନୀ ବେହେରା, ଭଗବାନ ସାହୁ, ଗୋବର୍ଦ୍ଧନ ସାହୁ, ସନ୍ତୋଷ ମେହେର ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରସଙ୍ଗ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସେଠ ଓ ସଦସ୍ୟା ଅହଲ୍ୟା ନାଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଆଚାର୍ଯ୍ୟାମାନେ ସାମୂହିକ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୱତ ପରିଷଦ ସହ ସଂଯୋଜକ ଆଚାର୍ଯ୍ୟ ପଙ୍କଜ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବିଦ୍ୱତ ପରିଷଦ ପୁନର୍ଗଠନ କରାଯାଇ ଡ.ଯୁଗଳ କିଶୋର ଷଡଙ୍ଗୀ ସଭାପତି, ସଞ୍ଜୟ କୁମାର ଅଗସ୍ତି ସମ୍ପାଦକ, ଭଗବାନ ସାହୁ ଓ ନେତ୍ରାନନ୍ଦ ମିଶ୍ର ସଦସ୍ୟ, ସକୀର୍ତ୍ତନ ମାଝିଙ୍କୁ ପ୍ରମୁଖ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆଚାର୍ଯ୍ୟ ବ୍ରଜକିଶୋର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗୀର ଦିନ୍ ଉତ୍ସବରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

# ମିଳିତ ଉଦ୍ୟମ ଜିଲାକୁ ଆଗକୁ ନେବ



ବୁଧବାର ବଲାଙ୍ଗୀର ଦିନ୍ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



କୋଶଳ କଳାମଣ୍ଡଳରେ ବଲାଙ୍ଗୀର ଦିନ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଜନସାଧାରଣ।

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

- ପୂର୍ବାହ୍ନରେ ସହର ପରିକ୍ରମା କଲା ସାଂସ୍କୃତିକ ଶୋଭାଯାତ୍ରା
- ସନ୍ଧ୍ୟାରେ କୋଶଳ କଳା ମଣ୍ଡଳରେ ସାଂସ୍କୃତିକ ସଭା

ସ୍ୱତନ୍ତ୍ର ବଲାଙ୍ଗୀର ଜିଲା ପ୍ରତିଷ୍ଠା ଉତ୍ସବ ବଲାଙ୍ଗୀର ଦିନ୍ ବୁଧବାର ପାଳିତ ହୋଇଛି। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ସନ୍ଧ୍ୟାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ସଭାରେ ଆମନ୍ତ୍ରିତ ଅତିଥିମାନେ ରାଜନୈତିକ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ସାମୂହିକ ଉଦ୍ୟମ ଜାରିରଖିଲେ ଜିଲା ବିକାଶ ମାର୍ଗରେ ଆଗକୁ ବଢ଼ିବ ବୋଲି କହିଥିଲେ। ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆମନ୍ତ୍ରିତ ଅତିଥି ଭାବେ ବଲାଙ୍ଗୀର ଏମପି ସଙ୍ଗୀତା କୁମାର ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ତୁଷରା ଏନ୍ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଯୋଗଦେଇ ବଲାଙ୍ଗୀର ଦିନ୍‌ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବଲାଙ୍ଗୀର ଜିଲା ଗଠନକୁ ଇତିମଧ୍ୟରେ ୭୪ ବର୍ଷ ହୋଇଯାଇଥିଲେ ମଧ୍ୟ ଜିଲାର ଆଖିଦୃଶିଆ ବିକାଶ ହୋଇନାହିଁ। ଆଜିବି ଅନେକ ସମସ୍ୟା ଲାଗି ରହିଛି। ତେବେ ସମସ୍ତଙ୍କ ମିଳିତ ଉଦ୍ୟମରେ ଜିଲାର ବିକାଶ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ସଭା ପ୍ରାରମ୍ଭରେ ଜିଲାର ବରିଷ୍ଠ ନାଗରିକ, କଳାକାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଦୌଡରାଣୀ ଆନନ୍ଦିନୀ ଦର୍ଜୀ, ବିକ୍ରମାନନ୍ଦ ବହିଦାର, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଡ. ଶିବପ୍ରସାଦ ନନ୍ଦ, ନୀଳମଣି ମିଶ୍ର, ଇଂ.ବେଲାର ସିଂ ଭୋଇ, ମନୋରଞ୍ଜନ ସାହୁ, ପ୍ରଭାକର ମିଶ୍ର, ରାହାସ ବିହାରୀ ମାଝି ମଞ୍ଚପୂଜାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କୁ ଏକତ୍ର କରି ଜିଲାର ବିକାଶ ବଲାଙ୍ଗୀର ଦିନ୍‌ର ମୂଳ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ପାଣିଗ୍ରାହୀ କହିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ପ୍ରଥମେ ଶିବାନନ୍ଦ ତ୍ରିପାଠୀ, ବ୍ୟାସଦେବ ପୁରୋହିତ ଏବଂ ଅନ୍ୟମାନେ କୋଶଲୀ-ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ।

ପୂର୍ବାହ୍ନ ୧୦ଟାରେ ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସହୀଦ କିଶୋର ଚନ୍ଦ୍ର ମଲ୍ଲିକଙ୍କୁ ଉତ୍ସର୍ଗ କରାଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚରେ ସମ୍ମାନୀତ କରାଯାଇଥିଲା। କୋଶଳ କଳା ମଣ୍ଡଳ ନୂଆ ରଙ୍ଗମଞ୍ଚରେ ମଞ୍ଚପୂଜା କରାଯିବା ପରେ କମିଟି ଅଧ୍ୟକ୍ଷ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ସଭାପତି ସାହୁ, ପୌରାଧ୍ୟକ୍ଷା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ବାଗ ଓ ବିଭିନ୍ନ ସଙ୍ଗଠନର ପ୍ରତିନିଧି, କାଉନସିଲର, କଳାକାର ଏବଂ ଜନସାଧାରଣଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କୋଶଳ କଳା ମଣ୍ଡଳ ପଡ଼ିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଭାଗିରଥି ଛକ, ପତିତପାବନ ଏକାଡେମୀ ଛକ, ବିକ୍ରମ ଛକ, ଡେଲି ମାର୍କେଟ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ ଦେଇ କୋଶଳ କଳାମଣ୍ଡଳ ପଡିଆରେ ଫେରିଥିଲା। ଦେବୀ ସମଲେଶ୍ୱରୀ, ଦେବୀ ପାଟଣେଶ୍ୱରୀ ଓ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଦୀପ ଧରି ତିନି ଅଧ୍ୟକ୍ଷା, କଳାକାର କଳାମଣ୍ଡଳ ପଡିଆକୁ ଆସିଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ ଘଣ୍ଟପାର୍ଟି, କୀର୍ତ୍ତନ ଦଳ, ବଲାଙ୍ଗୀରର ବୁଦ୍ଧିଜୀବୀ, କଳାକାର, ଜନସାଧାରଣଙ୍କ ସହ ବିଭିନ୍ନ କଲେଜର ଛାତ୍ରୀଛାତ୍ର ସାମିଲ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିନୋଦ କାଲସାଏ, ଗୋପଳ ପ୍ରଧାନ, ଦିନେଶ ଶର୍ମା, ରାମ ଦାଶ, ଅଙ୍କୁଶ ପାଣ୍ଡିଆ, ପ୍ରତାପ ଚନ୍ଦ୍ର ରଥ, ସରିତା ଦାଶ, ନୂତନ ଦାସ, ବିଧୁଭୂଷଣ ତ୍ରିପାଠୀ, ଲୋଟସ ଷଡଙ୍ଗୀ, ସୋମନାଥ ମିଶ୍ର, ସୁମନ ପରିଚ୍ଛା, ନିରୁପମା ଉଦ୍‌ଗାତା, ସଙ୍ଗୀତା ଦାଶ, ଜୟକୃଷ୍ଣ ମିଶ୍ର, ଗଗନ ନାଥ, ଅଙ୍କିତ ସାହୁ, ସୁମନ ନନ୍ଦ ସହାୟତା କରିଛନ୍ତି।




ବଲାଙ୍ଗୀର ଦିନ୍ ଉତ୍ସବ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି।

## ସରକାରୀ ରକ୍ଷିତ ଜମିରୁ ଜବରଦଖଲ ହଟାଅ

କଣ୍ଟାବାଞ୍ଜି,୧।୧୧( ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ୱାର୍ଡନଂ. ୫ରେ ଥିବା ସରକାରୀ ଜମିକୁ ଜବରଦଖଲ କରି କେତେକ ଘର ନିର୍ମାଣ କରୁଛନ୍ତି। ଏ ନେଇ କହିଲା ପରେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଏହାର ପ୍ରତିବାଦ କରି ପଡାବାସୀ ବୁଧବାର ଜବରଦଖଲ ଉଚ୍ଛେଦ ପାଇଁ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି। ତହସିଲଦାର ରତନଲାଲ ମୁଣ୍ଡାଙ୍କୁ ଦେଇଥିବା ଅଭିଯୋଗ ଅନୁସାରେ ଏନଏସି କାଦୋପଡାରେ ଥିବା କିଛି ସରକାରୀ ଜମିକୁ ସେହି ପଡାର ୨ଜଣ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରୁଛନ୍ତି। ଏନେଇ ଉପଜିଲାପାଳ ଟିଟିଲାଗଡ, ତହସିଲଦାର କଣ୍ଟାବାଞ୍ଜି, ଏନଏସି ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳିନାହିଁ। ଏଣୁ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ମୁଣ୍ଡାଙ୍କୁ ପୁନଃ ଲିଖିତ ଜଣାଉଛୁ ବୋଲି କହିଛନ୍ତି। ଆଗାମୀ ୧୫ ତାରିଖ ସୁଦ୍ଧା ଉଚ୍ଛେଦ ନ ହେଲେ ୧୬ ତାରିଖଠାରୁ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶଙ୍କର ପୁଟେଲ, ଅଶୋକ ବନଛୋର, କୁଶ ଠେଲା, ରାକେଶ ଠାକୁର, ପୂର୍ଣ୍ଣଚନ୍ଦନଙ୍କ ସହ ପଡାର ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ୧୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଗମ୍ଭାରୀମାଲ ଉପରପଡା ମଣ୍ଡପ ନିର୍ମାଣର ଶିଳାନ୍ୟାସ କରାଯାଉଛି।

ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ନଂ ଜୋନ ଅନ୍ତର୍ଗତ ୧୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅନ୍ତର୍ଭୁକ୍ତ ୧୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର କରାଯାଇଛି । ବ୍ଲକ ବିଜେଡି ସଭାପତି ଶୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥିଭାବେ ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ପଞ୍ଚାୟତ ସମିତ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ଲଣ୍ଡାପଥର ସରପଞ୍ଚ ଦେବାନ୍ତୀ କ୍ଷେତୀ, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ଡୁମେରପିଟା ସରପଞ୍ଚ ବାସନ୍ତୀ ପଟେଲ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ସିଂଦେଓ ଏହି ଅବସରରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଅନ୍ତର୍ଯ୍ୟାମୀ ଭୋଇ, ଗଣ୍ଡାରାମ ସାହୁ, ବୁଦ୍ଧଦେବ ପରୁଆ, ଅଚ୍ୟୁତ ମିଶ୍ର, ହରୀ ବଗର୍ତ୍ତି, ମଙ୍ଗଳୁ ବିଶି , ରଙ୍କ ବେହେରା, ଛତିଶ କ୍ଷେତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭୀମପାହାଡ଼ ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି

ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ୧୮ତମ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ମହୋସବ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗିରିଗୋବର୍ଦ୍ଧନ ପୂଜା କମିଟି ଅନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ଅବସରରେ ୨୪ ପ୍ରହରି ନାମଯଜ୍ଞ, କଂସ ଦରବାର ଓ ମୀନାବଜାର ଅନୁଷ୍ଠିତ ହେବ। ଚଳିତମାସ ୧୨ ତାରିଖ କଳସ ଯାତ୍ରା, ୧୩ ତାରିଖ ନାମାରମ୍ଭ ସହ ଗିରିଗୋବର୍ଦ୍ଧନ ପୂଜା ଓ କଂସ ଦରବାର ଆରମ୍ଭ ହେବ। ୧୬ତାରିଖ ପୂର୍ଣ୍ଣାହୂତି ସହ ମହୋତ୍ସବ ସମ୍ପନ୍ନ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

## ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଶଶିଭୂଷଣ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ପ୍ରଦାନ କରାଯାଇଛି । ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ରାଧେଶ୍ୟାମ କୁଅଁର ଅଧ୍ୟକ୍ଷତା କରିଥିଲେ। ଏଥିରେ ଅର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ପାଢି ମୁଖ୍ୟ ଅତିଥି, ରାଣୀସର୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ହରିଶଙ୍କର ବାରିକ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ପଟ୍ଟନାୟକ, ମେଣ୍ଡା କ୍ଲଷ୍ଟର ସିଆରସିସି ହରିଶ୍ଚନ୍ଦ୍ର ସା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଶିକ୍ଷକ ବିଶ୍ୱାଳଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରି ପ୍ରସଂଶା କରିବା ସହ ସୁସ୍ଥ ଓ ଦୀର୍ଘାୟୁ ଅବସର ଜୀବନ କାମନା କରିଥିଲେ। ବିଦାୟୀ ଶିକ୍ଷକ ବିଶ୍ୱାଳଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ଶଶିଭୂଷଣ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ତାମିଲନାଡୁରୁ ପଞ୍ଚମ ଅଭିଯୁକ୍ତ ଗିରଫ

### ରୂପକ ହନୁମାନ ହତ୍ୟା ମାମଲା

ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଜଡାମୁଣ୍ଡାର ବହୁର୍ଚ୍ଚିତ ରୂପକ ହନୁମାନ(କିଲୁ) ହତ୍ୟା ଘଟଣାରେ ଫେରାର ଥିବା ପଞ୍ଚମ ଅଭିଯୁକ୍ତ ସତ୍ୟଜ୍ୟୋତି ବାଗ(୩୫)ଙ୍କୁ ତାମିଲନାଡୁ ତିରୁପୁରରୁ ଗିରଫ କରିଛି ପୋଲିସ। ଘଟଣାର ୧୮ ମାସ ପରେ ଗିରଫ କରି ଏଠାକୁ ଅଣାଯିବା ପରେ ବୁଧବାର ଲୋଇସିଂହା ଡାକ୍ତରଖାନାରେ ଅଭିଯୁକ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ସ୍ଥାନୀୟ ଜେଏମ୍ଏଫ୍‌ସିରେ ତାଙ୍କୁ ହାଜର କରିଥିଲା ପୋଲିସ । ଜାମିନ ନାମଞ୍ଜୁର ହେବାରୁ ସତ୍ୟଜ୍ୟୋତିଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବ୍ୟବହାର କରୁଥିବା ବାଇକ(ଓଆର୦୩ଏ ୯୦୫୪), ୪ଟି ମୋବାଇଲ, ୨ଟି ମୋବାଇଲ ଚାର୍ଜର, ୨ଟି ଡେବିଡ କାର୍ଡ, ଗୋଟିଏ ପାସ୍‌ବୁକ୍ ଜବତ କରାଯାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

ପୋଲିସ ସୂଚନା ମତେ, ୨୦୨୨ ଏପ୍ରିଲ ୩୦ ରାତିରେ ଲୋଇସିଂହା ହସ୍ପିଟାଲ ଛକରେ ଜଡାମୁଣ୍ଡାର ରୂପକ ହନୁମାନ ଓ ଇରିଗେସନ କୋଲାନୀର ସରୋଜ ବିଶିଙ୍କୁ କେତେକ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରି କରି ଫେରାର ହୋଇଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଡାକ୍ତରଖାନା ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଘଟଣା ଦିନ ବିଳମ୍ବିତ ରାତିରେ ବଲାଙ୍ଗୀରରେ ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଇଁଲାପାଲିର ଦେବାନନ୍ଦ ତାଣ୍ଡିଙ୍କୁ ଲୋଇସିଂହା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଦୁଇ ଅଭିଯୁକ୍ତ ଜଡାମୁଣ୍ଡାର ଉଜ୍ଜ୍ୱଳ ଜାଲ ଓ ଫାସଡର ସୁନ୍ଦର ସ୍ୱାଇଁ ଲୋଇସିଂହା କୋର୍ଟରେ ଆତ୍ମ ସମର୍ପଣ କରିଥିଲେ । ଘଟଣା ପରଠୁ ଫାସଡର ବଡ ବାରିକ ଏବଂ ଜଡାମୁଣ୍ଡାର ସତ୍ୟଜ୍ୟୋତି ବାଗ ଫେରାର ଥିଲେ । ରାଉରକେଲା ସେକ୍ଟର ୩ର ଭାରତୀ ସୁନାଙ୍କ ଘରେ ଆତ୍ମଗୋପନ କରିଥିବା ବଡ ବାରକଙ୍କୁ ଅକ୍ଟୋବର ୧୬ତାରିଖରେ ପୋଲିସ ଗିରଫ କରିଥିଲା। ଦଶହରା ପରେ ପଞ୍ଚମ ଅଭିଯୁକ୍ତ ସତ୍ୟଜ୍ୟୋତିଙ୍କୁ ଧରିବା ପାଇଁ ଏସଆଇ ଅବିନାଶ ନାୟକ, ଏଏସଆଇ ସତ୍ୟବାନ ପଧାନ ଓ ଟିମ୍ ତାମିଲନାଡୁର ତିରୁପୁର ଅଞ୍ଚଳରେ ଚଢାଉ କରି ଗିରଫ କରିଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ମୃତ ରୂପକଙ୍କ ବଡଭାଇ ଦୀପକଙ୍କ ଅଭିଯୋଗକୁ ନେଇ ଥାନାରେ ଏକ ମାମଲା(୧୩୬/୨୨) ରୁଜୁ ହୋଇଛି ।



ଗିରଫ ଅଭିଯୁକ୍ତ ସତ୍ୟଜ୍ୟୋତି ବାଗ ଏବଂ ଜବତ ବାଇକ ଓ ଅନ୍ୟ ସାମଗ୍ରୀ।

## ସଂକ୍ଷେପରେ

### ଚିନ୍ମୟ ଭାଜପା ସାମାଜିକ ଗଣମାଧ୍ୟମ ରାଜ୍ୟ ସହ ସଂଯୋଜକ

**ପଦ୍ମପୁର, ୧।୧୧ (ପ୍ରଦୀପ୍ତ ଦାଶ):** ଭାଜପା ଯୁବନେତା ତଥା ପଦ୍ମପୁରର ଯୁବ ଆଇନଜୀବୀ ଚିନ୍ମୟ ପଣ୍ଡାଙ୍କୁ ଭାଜପା ସାମାଜିକ ଗଣମାଧ୍ୟମର ରାଜ୍ୟ ସହ



ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ସାମାଜିକ ଗଣମାଧ୍ୟମର ରାଜ୍ୟ ସଂଯୋଜକ ଉମାକାନ୍ତ ପଟ୍ଟନାୟକ ତାଙ୍କ ନୂତନ ଟିମ ଘୋଷଣା କରିଛନ୍ତି। ଚିନ୍ମୟ ପଣ୍ଡା ଓ ସୁଚରିତା ଜେନାମଣିଙ୍କୁ ରାଜ୍ୟ ସହ ସଂଯୋଜକ ଏବଂ ଅନ୍ୟ ୧୨ ଜଣଙ୍କୁ ରାଜ୍ୟ କୋର କମିଟି ସଦସ୍ୟ ଭାବେ ନିଯୁକ୍ତି କରାଯାଇଛି। ଯୁବନେତା ଶ୍ରୀ ପଣ୍ଡା ବର୍ତ୍ତମାନ ପଦ୍ମପୁର ଏନଏସିର କାଉନସିଲର, ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କ ପ୍ରତିନିଧି ଅଛନ୍ତି। ତାଙ୍କ ନିଯୁକ୍ତି ଫଳରେ ଅଞ୍ଚଳର ଭାଜପା ଯୁବ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ନିଯୁକ୍ତି ପାଇଁ ଚିନ୍ମୟ ରାଜ୍ୟ ସଭାପତି ମନମୋହନ ସାମଲ, ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ସାମାଜିକ ଗଣମାଧ୍ୟମର ରାଜ୍ୟ ସଂଯୋଜକ ଉମାକାନ୍ତ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ସ୍ୱାସ୍ଥ୍ୟ ଶିବିର ଲାଗି ପ୍ରସ୍ତୁତି

**ପଦ୍ମପୁର, ୧।୧୧(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ପଦ୍ମପୁର ବ୍ଲକ ଅନ୍ତର୍ଗତ ଜମରତଲା ହାଇସ୍କୁଲ ପରିସରରେ ଆସନ୍ତା ୫ତାରିଖ ରବିବାର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ପ୍ରିତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସକାଳ ୯ଟାରୁ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ସମ୍ପାଦକ ଇଗ୍ନେସ, କୋଷାଧ୍ୟକ୍ଷ ରାଜକିଶୋର ଯୋଶୀ, ରବି ନାରାୟଣ ଦୋରା, ଶୁକଦେବ ମେହେର, ଅନିଶ କଟେଟା ଉପସ୍ଥିତ ଥିଲେ।

### ବରଗଡ଼ ପୁସ୍ତକ ମେଳା ପାଇଁ ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ପ୍ରକାଶିତ

**ବରଗଡ଼, ୧।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗାନ୍ଧି ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ବରଗଡ଼ ପୁସ୍ତକ ମେଳା ପାଇଁ ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଛି। ବକ୍ତୃତା ସିନିୟର ବିଭାଗରେ ବରଗଡ଼ ପଞ୍ଚାୟତ କଲେଜର ଅର୍ଚ୍ଚିତା ମିଶ୍ର, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ସ୍ୱାତୀ ଭୋଇ, ବିକାଶ କଲେଜର ହେମାଙ୍ଗୀ ହର୍ଷିତା ନାଗ, ବକ୍ତୃତା ଜୁନିୟର ପ୍ରତିଯୋଗିତାରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ସ୍ୱାତୀ ଦାଶ, ବିକାଶ ସ୍କୁଲର ଅଂଶୁମାନ ପ୍ରିୟଦର୍ଶୀ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅନଘାଦିତ୍ୟ ଯୋଶୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ପ୍ରବନ୍ଧ ସିନିୟର ବିଭାଗରେ ବିକାଶ ଲ' ସ୍କୁଲର ଅଭିପ୍ସା ପ୍ରିୟଦର୍ଶିନୀ, ଟ୍ରଷ୍ଟଫଣ୍ଡ କଲେଜର ହେମପ୍ରଭା ସେଠ, ପଞ୍ଚାୟତ କଲେଜର ବିଣାପାଣୀ ସାହୁ, ପ୍ରବନ୍ଧ ଜୁନିୟର ବିଭାଗରେ ବେଥାନୀ କନଭେଣ୍ଟ ସ୍କୁଲର ଆଶିଷ ବିଶ୍ୱାଳ, ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର ସାହିଲ କୁମାର ଦାଶ, ବିକାଶ ସ୍କୁଲର ଆସ୍ୟା ଉପଧା ପଣ୍ଡା କୃତିତ୍ୱ ଅର୍ଜନ କରିଛନ୍ତି। ସାଧାରଣ ଜ୍ଞାନ ସିନିୟର ବିଭାଗରେ ଟ୍ରଷ୍ଟଫଣ୍ଡ କଲେଜର ଆକାଶ ପଣ୍ଡା, ଇମ୍ପିରିୟଲ କଲେଜର ଗୁଲାମ ଏମଡ଼ି ହୁସେନ, କମଗାଁ ହାଇସ୍କୁଲର ହରିଶ ଭୋଇ, ସାଧାରଣ ଜ୍ଞାନ ଜୁନିୟର ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୌମ୍ୟାଶ୍ରୀ ପଣ୍ଡା, ରେନବୋ ପବ୍ଲିକ ସ୍କୁଲର ଗାୟତ୍ରୀ ମଲ୍ଲିକ, ଶ୍ରୀୟା ପ୍ରିୟଦର୍ଶିନୀ ସାହୁ କୃତକାର୍ଯ୍ୟ ହୋଇଛନ୍ତି। ଡ୍ରଇଂ ଗ୍ରୁପ-ଏରେ ରୋଟାରୀ ପବ୍ଲିକ ସ୍କୁଲର ବୈଶାଳୀ ନେପାକ, ଦିବ୍ୟାଂଶ୍ରୀ ନାଏକ, ବେଥାନୀ କନଭେଣ୍ଟ ସ୍କୁଲର ଅନଶ୍ରୀତା ଖମାରୀ, ଡ୍ରଇଂ ଗ୍ରୁପ-ବିରେ ବିକାଶ ସ୍କୁଲର ସିପ୍ରା ସାଇନୀ ମହାନ୍ତି, ରୋଟାରୀ ପବ୍ଲିକ ସ୍କୁଲର ଶ୍ରୀସାନ୍ତ କୁମାର ପଣ୍ଡା, ବିକାଶ ଫାଷ୍ଟଷ୍ଟେପ୍‌ର ଅନ୍ୱେଷା ଜିନ୍ଦଲ, ଡ୍ରଇଂ ଗ୍ରୁପ-ସିରେ ଭିଏସ୍‌ଏସ୍ ସଂସ୍କୃତ ବିଦ୍ୟାପୀଠର ସିମରନ ପ୍ରଧାନ, ରୋଟାରୀ ପବ୍ଲିକ ସ୍କୁଲର ସିଦ୍ଧି ପ୍ରସାଦ, ବିକାଶ ସ୍କୁଲର ଆଶୀର୍ବାଦ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ । ଆସନ୍ତା ୨୦ତାରିଖ ହେବାକୁ ଥିବା ପୁସ୍ତକ ମେଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି ।



ଅତିଥିଙ୍କ ଗହଣରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ଶିଶୁ କଳାକାରବୃନ୍ଦ ।

# ଶିଶୁ ହସିଲେ ଦେଶ ହସିବ

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

**ବରଗଡ଼, ୧।୧୧(ପ୍ରେମାନନ୍ଦ ଖମାରୀ)**

ଶିଶୁ ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ହେଉଛି ସୁରଭି। ରାଜ୍ୟ ସରକାର ଚଳିତବର୍ଷ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସହିତ ମିଲେଟ୍ ପ୍ରତିଯୋଗିତା ଯୋଡ଼ିଛନ୍ତି। ପ୍ରଥମଥର ପାଇଁ ଯୁକ୍ତ ୨ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ସମଗ୍ର ଶିକ୍ଷା ଏବଂ ଜିଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ଛାତ୍ରୀଛାତ୍ର କଳା, ସାହିତ୍ୟ, ସଂସ୍କୃତି ସହିତ କିଭଳି ଶିକ୍ଷାକ୍ଷେତ୍ରରେ ମଧ୍ୟ ସଫଳତା ପାଇ ପାରିବେ, ସେଥିପ୍ରତି ଯତ୍ନଶୀଳ ହେବାକୁ ସେ ଆହ୍ୱାନ କରିଥିଲେ।

ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ବିଭାଗ ତରଫରୁ ମୁଖ୍ୟ ଅତିଥି ବିଧାୟକ ଆଚାର୍ଯ୍ୟଙ୍କୁ ସ୍ମୃତିଫଳକ ସହିତ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସମାରୋହ ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକ ହସିଲେ ଶିଶୁ ହସିବ, ଶିଶୁ ହସିଲେ ଦେଶ ହସିବ ବୋଲି କହିଥିଲେ। ମିଲେଟ୍ ମିଶନର ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲାର ପ୍ରତିନିଧିତ୍ୱ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ଓଡବ୍ଲ୍ୟୁସିଏସ୍, ତୋରା ସ୍କୁଲ ରାଜ୍ୟସ୍ତରକୁ ମନୋନୀତ ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷା ବିଭାଗ ତରଫରୁ ପ୍ରଦୀପ ସାହୁ, ମିଥୁନ ପ୍ରଧାନ, ରାଜେନ୍ଦ୍ର ନାରାୟଣ ମହାନ୍ତି, ଶିବେନ୍ଦ୍ର ରଞ୍ଜନ ସାହୁ, ଅନିରୁଦ୍ଧ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ, ୭ ଗିରଫ

**୪ ବାଇକ୍ ଉଦ୍ଧାର**

**ସୋହେଲା, ୧।୧୧(ଅଶିନୀ କୁମାର ପାତ୍ର)**

ବରଗ ଜିଲା ସୋହେଲା ଥାନା ପୋଲିସ ଏକ ବାଇକ ଚୋରି ରାକେଟକୁ ଧରିଛି। ର୍‍ୟାକେଟରେ ସମ୍ପୃକ୍ତ ୭ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଲୁହୁରାଚଟି ଗ୍ରାମର ସୌରଭ ସିଂ(୨୦), ଉତ୍ତମ ମେହେର(୨୮), ସୁଜିତ ମେହେର(୨୧), ଗଣେଶ ସିଂ(୨୦), ଚିତାଖାଇ ଗ୍ରାମର ବାବୁଲାଲ ଭୁଏ(୨୩), ମୀନକେତନ ଓରଫ ମିଥୁନ ଭୁଏ(୨୨) ଓ ସୁଶାନ୍ତ ଭଇସାଲ ଓରଫ ଖେଡୁ(୧୯)। ଦୁର୍ଗାପୂଜା ସମୟରେ ସୋହେଲ ଥାନା ଲୁହୁରାଚଟି ଓ ସୋହେଲାଠାରେ ବାଇକ ଚୋରି ଅଭିଯୋଗ ହୋଇଥିଲା। କନଗାଁ ଗ୍ରାମର ରଘୁନାଥ ସାହୁ ଗତ ୨୧ତାରିଖ ସନ୍ଧ୍ୟାରେ ତାଙ୍କ ବାଇକକୁ ଜାତୀୟ ରାଜପଥ ପାର୍ଶ୍ୱ ସୋହେଲାଠାରେ ଥିବା ଶୁକ୍ଳୁ ହୋଟେଲ ନିକଟରେ ରଖି ଯାତ୍ରା ଦେଖି ଯାଇଥିଲେ। ଫେରିବା ପରେ ସେଠାରେ ତାଙ୍କ ବାଇକ ନ ଥିଲା। ଏ ନେଇ ସୋହେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଲୁହୁରାଚଟିର ସୌରଭଙ୍କ ପ୍ରତି ସନ୍ଦେହ ହୋଇଥିଲା। ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଅନ୍ୟ କେତେକଙ୍କ ସହ ମିଶି ଚୋରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଉପରୋକ୍ତ ଯୁବକଙ୍କ ଘରେ ଚଢାଉ କର ଏକ ବାଇକ ଓଡି୧୭ଇ୮୦୬୩, ଦୁଇଟି ପଲସର ବାଇକ ଏବଂ ଚୋରିରେ ବ୍ୟବହୃତ ଓଡି୦୨ଏପି୪୬୮୨କୁ ଜବତ କରିଥିଲା। ଏଥିସହ ଗୋଟିଏ ମୋବାଇଲ ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ଦଫା ୩୭୯, ୩୪ରେ ଏକ ମାମଲା( ୨୨୦/୨୩) ରୁଜୁ ହୋଇଛି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକତା, ଅଖଣ୍ଡତାର ବାର୍ତ୍ତା



ରାଷ୍ଟ୍ରୀୟ ଏକତା ଦିବସରେ ଅତିଥି ଓ କୃତୀ ଛାତ୍ରୀଛାତ୍ର।

**ଜେନିଥ୍ ଗୁରୁକୁଳରେ ରାଷ୍ଟ୍ରୀୟ ଏକତା ଦିବସ**

**ପଦ୍ମପୁର, ୧।୧୧(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ଭେଉଁରିଆ ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥି ଭାବେ ନିରୋଜ ଦୋରା ଓ ଥାନା ଅଧିକାରୀ ମମତା ନାଏକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ବାହାରିଲା ଭୋଟର ସଚେତନତା ରଥ



ଉପଜିଲାପାଳ ଆଲୋକ ପଟେଲ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ପଦ୍ମପୁର, ୧।୧୧(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବୁଧବାର ବାହାରିଛି ଭୋଟର ସଚେତନତା ରଥ। ଏହାକୁ ପତାକା ଦେଖାଇ ଉପଜିଲାପାଳ ଆଲୋକ କୁମାର ପଟେଲ ଶୁଭାରମ୍ଭ କରିଥିଲେ। ସହକାରୀ ଜିଲାପାଳ ସନ୍ତୋଷ କୁମାର ପତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ଉପବିଭାଗୀୟ ଅଧିକାରୀ ସତ୍ୟବ୍ରତ ସାହୁ ଓ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଭୋଟର ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ରଥ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକ ବୁଲି ଭୋଟର ସଚେତନତା ସୃଷ୍ଟି କରିବ। ନୂତନ ଭୋଟରମାନେ କେଉଁଭଳି ଫର୍ମ-୬ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ତାର ସବିଶେଷ ବିବରଣୀ ଭୋଟର ସଚେତନତା ରଥ ପ୍ରଚାର କରିବ। ଅନଲାଇନ ଓ ଅଫଲାଇନ ଉଭୟ ମାଧ୍ୟମରେ କିଭଳି ସେମାନେ ପଞ୍ଜୀକରଣ କରିବେ ସେହି ସୂଚନା ମଧ୍ୟ ପାଇପାରିବେ। ୨୭ ଅକ୍ଟୋବରରୁ ଆରମ୍ଭ ହୋଇ ଡିସେମ୍ବର ୯ ତାରିଖ ଯାଏ ଚାଲିବ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ। ଏହି ସମୟରେ ଅଧିକରୁ ଅଧିକ ସଂଖ୍ୟକ ଯୁବ ଭୋଟରଙ୍କୁ ପଞ୍ଜୀକରଣ କରିବାକୁ ଉତ୍ସାହିତ କରିବା ପାଇଁ ଭୋଟର ସଚେତନତା ରଥ ସଚେତନତାସୃଷ୍ଟିପାଇଁଯାତ୍ରାଆରମ୍ଭକରିଛି।

## ବଇଦପାଲି ଶାନ୍ତିନଗରରେ କରମସାନୀ ପୂଜା

**ପଦ୍ମପୁର, ୧।୧୧(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର କନସିଂହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଇଦପାଲି ଶାନ୍ତିନଗରରେ କରମସାନୀ ପୂଜା ସମାପନ ହୋଇଛି। ଜଗତରାମ ଧରୁଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ରିଙ୍କି ଗୁଆଲ, ଭେନଶେଖର ମହାକୁର, ବିପିନ କୁଆଡି, ପରାସର ସାହୁ, ଦେବାର୍ଚ୍ଚନ ବଗର୍ତ୍ତି ପ୍ରମୁଖ କରମସାନୀ ଗୀତ, ନୃତ୍ୟ ପରିବେଷଣ କରିଥିଲେ। ଅଶ୍ୱିନୀ ଧରୁଆ, ବିଶି ବାଘ, ବାବୁଲୁ ନେଟୀ, ସୁବଳ ନେଟୀ, ପଞ୍ଚାନନ ନେଟୀ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର: ୪୩ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରିକନ ସାହୁ, ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର, ନିଷ୍ଠା ପରିବାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଗ୍ରାମବାସୀ, ନିଷ୍ଠା ପରିବାର ଏବଂ ଜୀବନ ସଂଯୋଗ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆୟୋଜିତ ଶିବିରରେ ୪୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀପତି ସାହୁ, ଶେଷଦେବ ସାହୁ, ଅଖିଳ ସାହୁ, ରାଜକୁମାର ମଲ୍ଲିକ, ସୁଦାମ ମିଶ୍ର, ଉପେନ୍ଦ୍ର ବେହେରା, ଜୟନ୍ତ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡା ପ୍ରତିଯୋଗିତାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ବରପାଲି, ୧।୧୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଣ୍ଡାଠାରେ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାହୁ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ କମ୍‌ବର୍ଗ ଓ ୧୪ରୁ ୧୭ ବର୍ଷ ବୟସ ମଧ୍ୟରେ ଥିବା ବାଳକ ବାଳିକା ପ୍ରତି ଯୋଗୀମାନେ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ଥିବା ପ୍ରତିଯୋଗୀମାନଙ୍କୁ ଚୟନ କରିବାରେ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରୁଛନ୍ତି। ପ୍ରତି କ୍ରୀଡାରେ ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀମାନେ ଆଗାମୀ ୩ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସଭାପତି ସୁନୀଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକତା, ଅଖଣ୍ଡତା ବଜାୟ ରଖିବାକୁ ଶପଥ ପାଠ

**ଉପଜିଲାପାଳ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ**

**ପଦ୍ମପୁର, ୧।୧୧(ପ୍ରଦୀପ୍ତ ଦାଶ)**

ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ସହକାରୀ ଜିଲାପାଳ ସନ୍ତୋଷ କୁମାର ପତି, ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପ୍ରଧାନ, ଉପବିଭାଗୀୟ ଅଧିକାରୀ ସତ୍ୟବ୍ରତ ସାହୁ ଓ ଅନ୍ୟ କର୍ମଚାରୀ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରିଥିଲେ। ସମସ୍ତେ ସତ୍ୟନିଷ୍ଠାର ଶପଥ ନେଇଥିଲେ। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବାର ଶପଥ ନେଇଛନ୍ତି। ଏହା ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଦେଶର ଏକତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଓ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମ୍ପୂର୍ଣ୍ଣ ଯୋଗଦାନ ପାଇଁ ସତ୍ୟନିଷ୍ଠା ସହ ସଂକଳ୍ପ ନେଇଥିଲେ। ଏହି ଅବସରରେ ଦେଶଗଠନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକାର ସ୍ମୃତିଚାରଣ କରି ସମସ୍ତେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବରଗଡ଼ କଳାକାର ପୁରୀରେ ସମ୍ବର୍ଦ୍ଧିତ



ପୁରୀରେ ବରଗଡ଼ର କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ବରଗଡ଼, ୧।୧୧(ପ୍ରେମାନନ୍ଦ ଖମାରୀ)**

ପୁରୀ ସ୍ୱର୍ଗଦ୍ୱାର ରୋଡ୍ ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ଼ ଭାରତୀ କଳା ପରିଷଦର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ହରପ୍ରିୟା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବରଗଡ଼ର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରମୋଦ ଦାଶ, ତଫିକ୍ ଖାନ୍, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କ ସମେତ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ସ୍ମାରକପତ୍ର

**ଆମ୍ ଆଦ୍‌ମୀ ପାର୍ଟି ନେତାଙ୍କ ଗାଡ଼ି ଉପରକୁ ପଥର ମାଡ଼**

**ବରଗଡ଼, ୧।୧୧(ପ୍ରେମାନନ୍ଦ ଖମାରୀ)**



ଏସ୍‌ପିଙ୍କୁ ଫେରାଦ ହୋଇଥିବା ଆପ୍‌ର ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ପୁଟୁକିଡୁଙ୍ଗୁରୀ ନିବାସୀ ତଥା ଆମ ଆଦମୀ ପାର୍ଟି(ଆପ୍)ର ପଦ୍ମପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବାଲ୍ମିକୀ ନାଏକଙ୍କ ଗାଡ଼ି ଉପରକୁ ଗତମାସ ୨୬ତାରିଖ ରାତିରେ କିଛି ଯୁବକ ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବାଲ୍ମିକୀ ପୋଲିସରେ ଏତଲା ଦେବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଆପ୍ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ବୁଧବାର ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ପି.ଏସ ମୀନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଅସିତ କୁମାର ସାହୁ, ସ୍ୱରୂପ ଭୋଇ, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।




**ସଂକ୍ଷେପରେ**

## ଏନ୍‌ଆଇଟି ପକ୍ଷରୁ ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ



**ରାଉରକେଲା, ୧।୧୧ (ସଙ୍ଗୀତା ଜେନା):** ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ମଙ୍ଗଳବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ପକ୍ଷରୁ ରନ୍ ଫର୍ ୟୁନିଟ୍ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପରେ ଓଡ଼ିଶା ସମ୍ମିଶ୍ରଣରେ ତାଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଲୁମିନି ଏଣ୍ଡ ଇଣ୍ଟରନ୍ୟାସନାଲ ରିଲେସନସର ଡିନ୍ ପ୍ରଫେସର ଏଚ୍.ବି ସାହୁ, ରେଜିଷ୍ଟ୍ରାର ରୋହନ ଧୀମାନ୍, ଅନୀଲ ସିଂଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ରାଷ୍ଟ୍ରନିର୍ମାଣ ଓ ସୁରକ୍ଷା ଏକତା ଅଖଣ୍ଡତା ପାଇଁ ଉପସ୍ଥିତ ସଦସ୍ୟ ଶପଥ ଗ୍ରହଣ କରିଥିଲେ।

## ବିଏମ୍‌ଏସ୍‌ର ନୂଆଖାଇ ଭେଟଘାଟ୍

**ରାଉରକେଲା, ୧।୧୧ (ସଙ୍ଗୀତା ଜେନା):** ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ପକ୍ଷରୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗୋଲାପ ଚନ୍ଦ୍ର ପଟେଲ ମୁଖ୍ୟ ଅତିଥି, ବନମାଳୀ ବାଗ ମୁଖ୍ୟବକ୍ତା, ବିପନ ଚନ୍ଦ୍ର ନାୟକ, ରାଜେନ୍ଦ୍ର ନାଥ ମହାନ୍ତ, ସୁରେନ୍ଦ୍ର କଂସାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇର ପରମ୍ପରା ରହିଛି ବୋଲି ଅତିଥିମାନେ ଆଲୋଚନା କରିଥିଲେ। ଆରଆଇକେକେଏସ୍‌ର ଉପ ସଭାପତି ସଞ୍ଜିବ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାନେତ୍ରୀ ସୁସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସୁରେନ୍ଦ୍ର କଂସାରୀ, ସମିତି ମିଶ୍ର, ରାଜେଶ ଦାସ, ସମର ମହାନ୍ତ, ଭାଗିରଥୀ ପତିଳ, ପିକେ ପଣ୍ଡା, ଶୁକ୍ରୁ ତନ୍ତୀ, ସୂରଜ ସରାଫ, ସୁବଳ ଚାନ୍ଦ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ବିଭିନ୍ନ ସମସ୍ୟା ଶିକ୍ଷାଦାନ ବ୍ୟବସ୍ଥାରେ ସାଜୁଛି ପ୍ରତିବନ୍ଧକ

**ଗୋପବନ୍ଧୁପାଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**
**ଶିକ୍ଷକ ଅଭାବ**

ରାଉରକେଲା, ୧।୧୧ (ବିପ୍ଳବରଞ୍ଜନ ଦାଶ)

ରାଉରକେଲାର ସର୍ବପୁରାତନ ସରକାରୀ ଶିକ୍ଷା ଅନୁଷ୍ଠାନ ଭାବରେ ଗୋପବନ୍ଧୁପାଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବେଶ ପରିଚିତ। ଏହା ୨୦୧୬ରେ ସରକାରଙ୍କ ଦ୍ୱାରା ଉଚ୍ଚ ବିଦ୍ୟାଳୟ ଭାବେ ରୂପାନ୍ତରିତ ହୋଇଥିଲା। ଫଳରେ ବିଦ୍ୟାଳୟଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇବା ସହିତ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚବିଦ୍ୟାଳୟସ୍ତରୀୟ ଶିକ୍ଷାଦାନ ଦେବା ଅନୁମୋଦନ ଲାଭ କଲା। ମାତ୍ର ପରିତାପର ବିଷୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ଶିକ୍ଷା ପ୍ରଦାନ ନିମନ୍ତେ ୧୬ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୯ଜଣଙ୍କ ଦ୍ୱାରା ୫୫୦ ଛାତ୍ରୀଛାତ୍ରଙ୍କ





ଗୋପବନ୍ଧୁପାଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ ଓ ପରିସ୍ରାଗାର।

ଶିକ୍ଷାପ୍ରଦାନ ବ୍ୟବସ୍ଥା ନିହିତ ହେଉଛି। ଫଳରେ ଅଳ୍ପ ଶିକ୍ଷକରେ ବିଭିନ୍ନ ପାଠ୍ୟ ବିଷୟିକ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଅନୁରୂପ ଭାବେ ସମ୍ପାଦିତ ହେଉନାହିଁ। ଏହିଭଳି ଭାବରେ ଉଚ୍ଚ ବିଦ୍ୟାଳୟସ୍ତରରେ ୯ମ ରୁ ୧୦ମ ଶ୍ରେଣୀରେ ୧୧୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ହିନ୍ଦୀ ଓ ଖେଳ ଶିକ୍ଷକ ପଦବୀ ଦୀର୍ଘ ବର୍ଷ ହେଲା ପୂରଣ ହେଉନାହିଁ। ଅନ୍ୟପଟେ ବିଦ୍ୟାଳୟର ନିଜସ୍ୱ ଖେଳପଡିଆ ମଧ୍ୟ ନାହିଁ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ପାଇଁ ୭ଟି ପରିସ୍ରାଗାର, ଉଚ୍ଚବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ପାଇଁ ୬ଟି ପରିସ୍ରାଗାର ରହିଛି। ୬୬୨ ଛାତ୍ରୀଛାତ୍ର ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରହିଥିବା ପରିସ୍ରାଗାରଗୁଡିକର ଉନ୍ନତିକରଣ କାର୍ଯ୍ୟ ହେଉ ନାହିଁ। ଅନେକ ସମୟରେ ପରିସ୍ରାଗାର ସଫେଇ ଅଭାବରୁ ପରିତ୍ୟକ୍ତ ହୋଇପଡୁଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରିସ୍ରାଗାର ସଫେଇ କାର୍ଯ୍ୟରେ ନୟାନ୍ତ ହେଉଥିଲେ ହେଁ ପରିସ୍ରାଗାର ଜନିତ ବିବିଧ ସମସ୍ୟା ବାରମ୍ବାର ଉତ୍ପନ୍ନ ହେଉଛି। ଛାତ୍ରୀଛାତ୍ର ବାରମ୍ବାର ପରିସ୍ରାଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାଉରକେଲା ସହରର ଏହି ସର୍ବପୁରାତନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗିନ ବିକାଶ ସହ ଖାଲି ଥିବା ଶିକ୍ଷୟିତ୍ରୀଶିକ୍ଷକ ପଦବୀ ପୂରଣ କରାଯିବା ପାଇଁ ଛାତ୍ରୀଛାତ୍ର ଅଭିଭାବକ ମହଲରେ ଦାବି ହେଉଛି। ଏନେଇ ଗୋପବନ୍ଧୁପାଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୟନ କୁମାର ପତିଙ୍କୁ ପଚାରିବାରୁ ସେ କହିଲେ, ଶିକ୍ଷକ ଅଭାବ ଓ ଅନ୍ୟ ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବଶୀଘ୍ର ସମସ୍ତ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ବିହିତ ପଦକ୍ଷେପ ଗ୍ରହଣ ହେବ ବୋଲି ଆଶା ରଖିଛୁ।

## ବଦଳିଲା ରାଉରକେଲା ବିମାନ ଚଳାଚଳ ସମୟ

ରାଉରକେଲା, ୧।୧୧ (ସଙ୍ଗୀତା ଜେନା)

୨୦୨୩ ଜାନୁଆରୀ ମାସରେ ରାଉରକେଲାକୁ ଭୁବନେଶ୍ୱର ବିମାନ ସେବା ଆରମ୍ଭ ହେଲା। ଏହା ଅପରାହ୍ନ ୫ଟା ସମୟରେ ହେଉଥିଲା। ହେଲେ ନଭେମ୍ବର ମାସ ୬ରୁ ଏହାର ସମୟ ପରିବର୍ତ୍ତନ କରାଯାଇଛି। ନୂତନ ସମୟସାରଣୀ ଅନୁଯାୟୀ, ଉଡ଼ାଣ କୋଲକାତାରୁ ଦିନ ୧୧ଟା ୪୦ରେ ବାହାରି ୧ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ପହଞ୍ଚିବ। ଭୁବନେଶ୍ୱରରୁ ମଧ୍ୟାହ୍ନ ୧.୩୫ରୁ ବାହାରି ରାଉରକେଲାରେ ୨ଟା ୩୦ ମିନିଟରେ ପହଞ୍ଚିବ। ସେହିପରି ଭୁନେଶ୍ୱରକୁ ୩ଟା ୫୦ମିନିଟ୍‌ରେ ପହଞ୍ଚିବ। କୋଲକାତାରେ ସନ୍ଧ୍ୟା ୫ଟା ୪୫ ମିନିଟ୍‌ରେ ପହଞ୍ଚିବ। ରାଉରକେଲାରେ ପୂର୍ବରୁ ସନ୍ଧ୍ୟା ୫ଟା ସମୟରେ ଉଡାଣ ଆସୁଥିବା ଯୋଗୁ ବାରମ୍ବାର କମ୍ ପାରଦର୍ଶତା ଯୋଗୁ ବାତିଲ କରାଯାଉଥିଲା। ପରିବର୍ତ୍ତିତ ସମୟ ଯୋଗୁ ଉଡ଼ାଣ ବାତିଲ ହେବ ନାହିଁ ବୋଲି ରାଉରକେଲା ଏୟାରପୋର୍ଟ ଅଥରିଟି କର୍ତ୍ତୃପକ୍ଷ ରାହୁଲ ସିଂହ ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ପି କର୍ମଚାରୀ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

ରାଉରକେଲା, ୧।୧୧ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ମଚାରୀ ଗୌତମ ଘଡେଇଙ୍କ ଏକ ମାତ୍ର ପୁଅ ଶମ୍ଭୁନାଥ ଘଡେଇ(୨୭)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ରାଉରକେଲାରୁ ନିଖୋଜ ହୋଇଥିବାବେଳେ ୩୦ ତାରିଖରେ କୋରାପୁଟରୁ ମୃତଦେହ ଜବତ କରାଯାଇଛି। ବୁଲିବାକୁ ଡାକି ନେଇ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ବୁଧବାର ଅଭିଯୋଗ ହୋଇଛି। ମୃତ୍ୟୁ ପଛରେ ସାଙ୍ଗମାନଙ୍କ ହାତ ଥିବା ଅଭିଯୋଗ କରି ପ୍ଲାଣ୍ଟସାଇଟ୍ ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ହେଲେ ପୋଲିସ ଏତଲା ଗ୍ରହଣ କରି ନ ଥିଲା।

ରାଉରକେଲା ଟିମ୍ବର କଲୋନିରେ ଶମ୍ଭୁନାଥଙ୍କ ଘର। ସେପ୍ଟେମ୍ବର ୨୫ରେ ତାଙ୍କ ଜନ୍ମ ଦିନ ଥିଲା। ତାଙ୍କର କେତେଜଣ ସାଙ୍ଗ ଘରକୁ ଆସି ଜନ୍ମ ଦିନ ପାଳନ କରିଥିଲେ। ୨୬ ତାରିଖ ଭୋର ୩ ଜଣ ସାଙ୍ଗ ଶମ୍ଭୁଙ୍କୁ କାରରେ ବୁଲିବାକୁ ଜୋରଜବରଦସ୍ତି ନେଇ ଯାଇଥିଲେ। ୨୭ ତାରିଖରୁ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ଥିଲା। ସାଙ୍ଗମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଅନ୍ୟ ଉପାୟ ନ ପାଇ ପରିବାରବର୍ଗ ପ୍ଲାଣ୍ଟସାଇଟ୍ ଥାନାରେ ନିଖୋଜ ଏତଲା ଦେବାକୁ



ଥାନାକୁ ଅଭିଯୋଗ ପାଇଁ ଆସିଥିବା ପରିବାରବର୍ଗ।



ଶମ୍ଭୁଙ୍କ ଫାଇଲ୍ ଫଟୋ।

ଆସିଥିଲେ। ହେଲେ ପୋଲିସ ଏହାକୁ ଗ୍ରହଣ ନ କରି ୨ ଦିନ ଅପେକ୍ଷା କରିବାକୁ କହିଥିଲା। ୩୦ ତାରିଖ ଶମ୍ଭୁଙ୍କ ମୃତଦେହ କୋରାପୁଟ୍ ପଟାଙ୍ଗିରୁ ଜବତ ହୋଇଥିବା ପରିବାରବର୍ଗ ପୋଲିସଠାରୁ ସୂଚନା ପାଇଥିଲେ। ସାଙ୍ଗ ହତ୍ୟା କରିଥିବା ସନ୍ଦେହ କରି ପରିବାରବର୍ଗ ଏତଲା ଦେଇଥିଲେ ମଧ୍ୟ ତାହାକୁ ପୋଲିସ ନେଇ ନ ଥିଲା। ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। କୋରାପୁଟ୍ ପଟାଙ୍ଗିରୁ ମୃତଦେହ ଜବତ ହୋଇଥିବାରୁ ସେଠାରେ ହତ୍ୟା ମାମଲା ରୁଜୁ ହେବ ବୋଲି ପୋଲିସ କହି ପରିବାର ଲୋକଙ୍କୁ ଫେରାଇ ଦେଇଥିଲା। ଶମ୍ଭୁଙ୍କ ଜେଜେମା' ସତ୍ୟ ଘଡେଇ କହିଛନ୍ତି, ଶମ୍ଭୁଙ୍କ ସହ ଯାଇଥିବା ସାଙ୍ଗ ସହ କିଛି ବର୍ଷ ପୂର୍ବେ

- **ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**
- **ରାଉରକେଲାରୁ ନିଖୋଜ, କୋରାପୁଟରୁ ମିଳିଲା ମୃତଦେହ**

ଗଣ୍ଡଗୋଳ ହୋଇଥିଲା। ପରେ ବନ୍ଧୁତା ହୋଇଥିଲା। ସାଙ୍ଗକୁ ପଚାରା ଯିବାରୁ ସେ ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଶମ୍ଭୁଙ୍କ ମୃତଦେହରେ ଅନେକ ସ୍ଥାନରେ କ୍ଷତଚିହ୍ନ ରହିଛି। ତେଣୁ ତାଙ୍କୁ ହତ୍ୟା କରାଯାଇଛି। ଅପରପକ୍ଷରେ, ଥାନାଧିକାରୀ ଜ୍ୟୋତି ପତି କହିଲେ, ୩ଜଣ ସାଙ୍ଗଙ୍କ ସହ ଶମ୍ଭୁ କାରରେ ଯାଇଥିଲେ। ଅତ୍ୟଧିକ ମଦ୍ୟପାନ ଯୋଗୁ ଶମ୍ଭୁ ଅଧାରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଅନ୍ୟ ଉପାୟ ନ ପାଇ ସାଙ୍ଗମାନେ ତାଙ୍କୁ ଏକ ପଡ଼ିଆରେ ଓହ୍ଲାଇ ଚାଲି ଆସିଥିଲେ। ଥାନାରେ ଜଣେ ସାଙ୍ଗ ଆତ୍ମସମର୍ପଣ କରିଛି। ପୋଲିସ ପଚରାଉଚୁରା ଜାରି ରଖିଛି। ପରିବାରବର୍ଗ ଥାନାରେ ନିଖୋଜ କହିଥିବାରୁ ଆମେ ତଦନ୍ତ କରି କୋରାପୁଟରେ ଏକ ଅଜଣା ମୃତଦେହ ମିଳିଥିବା ଜାଣି ଚିହ୍ନଟ କରାଇଥିଲୁ। ତେବେ ହତ୍ୟା ଅଭିଯୋଗ କୋରାପୁଟ ପଟାଙ୍ଗିରେ କରାଯିବା ନିୟମ ରହିଛି ବୋଲି ପତି କହିଥିଲେ। କୋରାପୁଟରେ ସ୍ଥାନୀୟ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ଅପରାହ୍ନରେ ଶମ୍ଭୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

# ଆର୍‌ଏସ୍‌ପିର ୧୬ କର୍ମଚାରୀଙ୍କୁ ନୂତନ ସେଲ୍ ସାବାସ ଯୋଜନାରେ ପୁରସ୍କୃତ

ରାଉରକେଲା, ୧।୧୧ (ବିପ୍ଳବରଞ୍ଜନ ଦାଶ)

ଆର୍‌ଏସ୍‌ପିର ୧୬ଜଣ କର୍ମଚାରୀଙ୍କୁ ସେମାନଙ୍କର ବିଭିନ୍ନ ଅଭିନବ ପ୍ରୟାସ ନିମନ୍ତେ ଇଡି ୱାର୍କସ ସମ୍ମିଳନୀ କକ୍ଷରେ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ସେଲ୍ ସାବାସ ଯୋଜନାର ଶୁଭାରମ୍ଭ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗର ସମସ୍ତ ସିଜିଏମ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶ ୯ଜଣ ଅଧିକାରୀ ଓ ୭ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ସୂର୍ଯ୍ୟବଂଶୀ ଯୋଜନା ପ୍ରସ୍ତୁତକାରୀ କାର୍ମିକ ବିଭାଗ ବଳିଷ୍ଠ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେଲ୍ ସାବାସ ଯୋଜନା ମୁତାବକ ପୁରସ୍କୃତ ହୋଇଥିବା ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ହେଲେ ଶେଖର ନାରାୟଣ, କୌଶିକ ଶୁନ୍ୟାନି, ସନ୍ତୋଷ କୁମାର ମହାଲିକ, ପ୍ରମୋଦ କୁମାର ମିଶ୍ର, କୁମୁଦ ରଞ୍ଜନ ମିଶ୍ର, ଦୟାଶଙ୍କର, ଦାମୋଦର ରାଉତ, ଏସ୍.ଭରଦ୍ୱାଜ, ସୈମେନ୍ଦ୍ର କୁମାର ମହାନ୍ତି, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ଜେନା, ସୀତାକାନ୍ତ ପାତ୍ର, ଶୁକ୍ରୁ ଗଉଡ, ପ୍ରତାପ ଲାକ୍ରା, ବଦ୍ରି ନାରାୟଣ ବିଶ୍ୱାଳ ଏବଂ ପ୍ରଶାନ୍ତ କୁମାର ଦାଶ। ଯୋଜନାଦି କାର୍ଯ୍ୟକାରିତା ବିଷୟରେ ବିସ୍ତୃତ ସୂଚନା ରଖିଥିଲେ ପିଏଲଓଡି ବିଭାଗର ମହାପ୍ରବନ୍ଧକ ଏସ.ବଡପଣ୍ଡା। ପ୍ରକାଶ ଥାଉକି, ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଆରଏସ୍‌ପି ସମଗ୍ର ସେଲ ମଧ୍ୟରେ ପ୍ରଥମ ୟୁନିଟ।




ନୂତନ ସେଲ୍ ସାବାସ ଯୋଜନାରେ ଏସ୍.ଆର୍ ସୂର୍ଯ୍ୟବଂଶ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଡିଏଭି ଭେଣ୍ଡିଂ ଜୋନ୍ ଦୋକାନ ବଣ୍ଟନରେ ଅନିୟମିତତା

ରାଉରକେଲା, ୧।୧୧ (ସଙ୍ଗୀତା ଜେନା)

ରାଉରକେଲା ଯୁବ କଂଗ୍ରେସ ସଭାପତି ମୋତିଲାଲ୍ ଦୀପ୍‌ଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଡିଏଭି ଭେଣ୍ଡିଂ ଜୋନ୍‌ରେ ଦୋକାନ ଆବଣ୍ଟନରେ ଅନିୟମିତତା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ଉତ୍ତରରେ ଅନିୟମିତତାର ତଦନ୍ତ କରାଯିବ ବୋଲି କମିଶନର ପ୍ରତିଶୃତି ଦେଇଥିଲେ। ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ମାଇନରିଟି ସେଲ୍‌ର ଇଜାଜ୍ ଅଖତାର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିଆରସିଂହ, ଯୁବନେତା ଶିବୁ ଦୀପ୍, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟ ବାରିକ, ମାଇନରିଟି ସେଲ୍‌ର ସାଧାରଣ ସମ୍ପାଦକ ସଦାବ ଅହମ୍ମଦ, ଗାନ୍ଧୀ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବାସୁଦେବ ବାନାର୍ଜୀ, ଅଜୟ କୁର୍ମୀ, ପ୍ରସନ୍ନବଳିଆର ସିଂ, ଆୟୁବ ଖାନ୍, ସୁଶାନ୍ତ ବେହେରା, ଅମିତ୍ ଦୀପ୍ ପ୍ରମୁଖ ଯୋଗ ଦେଇଥିଲେ।



ପ୍ରବୋଧ ଦାସ ଓ ଅନ୍ୟ କଂଗ୍ରେସକର୍ମୀ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

## ବାସନ୍ତୀ କଲୋନୀରେ ଜଳିଗଲା କାର୍

ରାଉରକେଲା, ୧।୧୧ (ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀକଲୋନୀସ୍ଥିତ ସର୍ବଭୌତ ଆଶ୍ରମ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ପାର୍କିଂ ହୋଇଥିବା ଏକ କାରରେ ନିଆଁ ଲାଗି ଯିବାରୁ ଏହା ଜଳିଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ଗଣେଶ ବିଶୋୟୀଙ୍କ କାର ଓଆର-୨୩ବି-୪୪୦୫ ପାର୍କିଂ ହୋଇଥିଲା। ଏଥିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଫେରାର ହୋଇଯାଇଥିଲେ।

# ଠିକଣା ସମୟରେ ପ୍ରଶାସନକୁ ଜବାବ ଦିଆଯିବ

ରାଉରକେଲା, ୧।୧୧ (ସଙ୍ଗୀତା ଜେନା)

**ଦେଓନଦୀ ବ୍ରିଜ୍ ସମ୍ପୂର୍ଣ୍ଣ ଦାବି ଘଟଣା**

୧୨ଟି ପଞ୍ଚାୟତର ୨୦ ହଜାର ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦେଓନଦୀ ଉପରେ ପୂର୍ଣ୍ଣାଙ୍ଗ ବ୍ରିଜ ଦାବିରେ ସମାଜସେବୀ ମୁକ୍ତିକାନ୍ତ ଗତ ଅକ୍ଟୋବର ୨ରୁ ନଦୀ ନିକଟରେ ଧାରଣା ଦେଇଥିଲେ। ଏଥିରେ ସମସ୍ୟାର ସମାଧାନ ହୋଇ ନ ଥିଲା। ପରେ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ୭ ଦିନ ନିରନ୍ତର ଅନଶନ ବସିବା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଦର୍ଶାଇ ପୋଲିସ ସୋମବାର ମୁକ୍ତିକାନ୍ତଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ଏହି ଧାରଣା ଅନଶନକୁ ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ରାଉରକେଲା ଜିଲା କଂଗ୍ରେସ, ଭାଜପା, ଆମ୍ ଆଦ୍‌ମୀ ପାର୍ଟି, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ସିପିଆଇଏମ୍‌ର ବିଷ୍ଣୁ ମହାନ୍ତି, ବିମାନ୍ ମାଇତି, କେନ୍ଦ୍ରୀୟ ମାନବାଧିକାର କମିଟି ସମେତ ପ୍ରାୟ ୧୨ଟି ପଞ୍ଚାୟତର ଲୋକେ ସମର୍ଥନ ଦେଇଥିଲେ। ହେଲେ ଉକ୍ତ ବ୍ରିଜ ନିର୍ମାଣ ପାଇଁ ଜନଶୁଣାଣି ଓ ଗ୍ରାମସଭା କରି ପ୍ରଶାସନ ନିଜର ପାରିଲା ପଣିଆ ପ୍ରଦର୍ଶନ କରିଥିଲା। ବ୍ରିଜ ନିର୍ମାଣ ଶେଷ ନ ହେଲେ ଠିକଣା ସମୟରେ ଲୋକେ ଉଚିତ ଜବାବ ପ୍ରଶାସନକୁ ଦେବେ ବୋଲି ମଙ୍ଗଳବାର ସେକ୍ଟର-୨ ସେହେନାଇ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ମୁକ୍ତିକାନ୍ତ ସମ୍ପ୍ରତି ଡାକ୍ତରଖାନାରେ ଗୁରୁତର ହୋଇ ପଡ଼ିଛନ୍ତି। ମୁକ୍ତିକାନ୍ତଙ୍କ ମୁଖ୍ୟ ସହଯୋଗୀ ଗୋପାଳ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜ୍ଞାନେନ୍ଦ୍ର ଦାସ, ରଞ୍ଜନ ଲେଙ୍କା, ସୁରେଶ କୁମ୍ଭାର, ଖୁଆ ଟେଟେ, ପବନ କାଲସା, ସୁକୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଉରକେଲା ଭଳି ସ୍ମାର୍ଟ ସିଟିରେ ୩୦ ଫୁଟ୍ ଏକ ଶିଡ଼ି ମାଧ୍ୟମରେ ଝାରବେଡ଼ା, ଲହଣ୍ଡା, କଦଳୀବାହାଲ, ରିଙ୍ଗୁଁ କାରିଛପଲ, ଝିରପାଣି, ଅଙ୍କୁରପାଲି, କଚାରୁ, ପସରା ସମେତ ବିଭିନ୍ନ ଗ୍ରାମର ଲୋକେ ପ୍ରତିଦିନ ବିପଦସଙ୍କୁଳ ଅବସ୍ଥାରେ ଯାଆସ କରୁଛନ୍ତି।




ସେକ୍ଟର-୨ ସେହେନାଇ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

# ବିନା ଲୋକପ୍ରତିନିଧିରେ ଚାଲିଛି ଉନ୍ନୟନମୂଳକ କାମ

ରାଉରକେଲା, ୧।୧୧ (ବିପ୍ଳବରଞ୍ଜନ ଦାଶ)

**ହେଉନି ଆର୍‌ଏମ୍‌ସି କାଉନସିଲର ନିର୍ବାଚନ**

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଧୀନରେ ରହିଛି ୪୧ ୱାର୍ଡ଼। ପ୍ରାୟ ୭ଲକ୍ଷ ଲୋକ ବସବାସ କରୁଛନ୍ତି। ୧୦ବର୍ଷ ହେଲାଣି ଆର୍‌ଏମ୍‌ସିର ୪୧ଟି ୱାର୍ଡରେ ପରିଷଦ (କାଉନସିଲର) ନିର୍ବାଚନ ହୋଇନାହିଁ। ନିର୍ବାଚନ ନେଇ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି। ଅନ୍ୟପଟେ ନିର୍ବାଚନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ସମ୍ବିଧାନ ମୁତାବକ ଶାସନ ବ୍ୟବସ୍ଥା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ହୋଇଥାଏ। ଜନଗଣ ନିଜର ମତ ବଳରେ ଲୋକ ପ୍ରତିନିଧିଙ୍କୁ ଚୟନ କରି ଗଣତନ୍ତ୍ରକୁ ମଜବୁତ କରନ୍ତି। ଲୋକ ପ୍ରତିନିଧି ଜନଗଣଙ୍କ ହିତ ସାଧନ ଦାୟିତ୍ୱ ନିର୍ବାହ କରନ୍ତି। ମାତ୍ର ଦୀର୍ଘ ୧୦ ବର୍ଷ ହୋଇଗଲା ଏହି ଗମ୍ଭୀର ବିଷୟ ଉପରେ ସ୍ଥାନୀୟ ପ୍ରଶାସନ, ପ୍ରଶାସକ ଓ ବିରୋଧି ରାଜନୈତିକ ଦଳର ନିରବଶୈଳୀ ଜନତାଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଉଥିବା ସର୍ବସାଧାରଣରେ ଅଭିଯୋଗ ହେଉଛି। ଫଳରେ ବିନା ଜନପ୍ରତିନିଧିରେ ସହରର ୪୧ଟି ୱାର୍ଡରେ ସାନିଟାଇଜରୁ ଆରମ୍ଭ କରି ରାସ୍ତା, ପାଣି, ଗମନାଗମନ, ଦୋକାନ ବଜାର, ଭେଣ୍ଡିଙ୍ଗ ଜୋନ ସହିତ ସରକାରଙ୍କ ସମସ୍ତ ଉନ୍ନୟନମୂଳକ କାମ ମହାନଗର ନିଗମ ଅମଲାଙ୍କର ହାତେ ନ୍ୟସ୍ତ ରହୁଛି। ରାଉରକେଲା ମହାନଗର ନିଗମ ମାନ୍ୟତା ପାଇବା ଦିନଠାରୁ ଆର୍‌ଏମ୍‌ସିର ସମସ୍ତ ଦାୟିତ୍ୱ ଅମଲାଙ୍କ ଦ୍ୱାରା ହିଁ ନିର୍ବାହ ହୋଇଆସୁଛି। ଫଳରେ ସହରର ୪୧ଟି ୱାର୍ଡରେ ଜନସେବା କାମରେ ଥିବା ମହିଳାପୁରୁଷଙ୍କ କାଉନସିଲର ହେବା ସ୍ୱପ୍ନ ଦୀର୍ଘ ବର୍ଷ ହେଲା ସ୍ୱପ୍ନରେ ହିଁ ସୀମିତ ରହିଯାଇଛି। ଜନତା ମଧ୍ୟ ନିଜ ପସନ୍ଦର ନେତୃତ୍ୱକୁ ନିଜ ସେବାରେ ଉତ୍ତୀର୍ଣ୍ଣ କରିବାକୁ ଅକ୍ଷମ ହେଉଛନ୍ତି। କାଉନସିଲର ନିର୍ବାଚନ ନିମନ୍ତେ ସ୍ଥାନୀୟ ପ୍ରଶାସକ, ପ୍ରଶାସନ ଓ ବିଭିନ୍ନ ରାଜନୈତିକ ଦଳ ସାମୂହିକ ଭାବେ ପ୍ରୟାସ ଚଳାଇଲେ ନିର୍ବାଚନ ହୋଇ ପାରନ୍ତା ବୋଲି ସହର ଜନଗଣରେ ଦର୍ଶାଯାଉଛି। ୨୦୧୩ରେ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ କ୍ରମେ ରାଉରକେଲା ମହାନଗର ନିଗମ ଘୋଷିତ ହେଲା। ମାତ୍ର ଇତିମଧ୍ୟେ ଦୀର୍ଘ ୧୦ବର୍ଷ ହେଲା ଆର୍‌ଏମ୍‌ସି କାଉନସିଲର ନିର୍ବାଚନ ହେଉନାହିଁ। ଅନ୍ୟପଟେ ଭାଜପା ଏବଂ କଂଗ୍ରେସ ଏନେଇ ଉଚ୍ଚ ନ୍ୟାୟାଳୟରେ ଅନ୍ତରୀଣ ରହିତାଦେଶ ଆଗତ କରିଥିବା ଦର୍ଶାଇ ସବୁ ଦୋଷ ବିଜେଡି ଉପରେ ଲଦୁଛନ୍ତି। ୨୦୧୫ ମାର୍ଚ୍ଚ ୨୭ରେ ଆର୍‌ଏମ୍‌ସି ନିର୍ବାଚନ ବ୍ୟବସ୍ଥାରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଥିଲେ ଉଚ୍ଚ ନ୍ୟାୟାଳୟ। ସ୍ଥଗିତାଦେଶ ଜାରି ହେବାର ୮ବର୍ଷ ବିତିଲାଣି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ପୌର ନିର୍ବାଚନ ହେବାରେ ଲାଗିଛି। ମାତ୍ର ରାଉରକେଲା ମହାନଗର ନିଗମରୁ ରହିତାଦେଶ ହଟୁନି। ଏହାର ପ୍ରମୁଖ କାରଣ ପ୍ରଶାସକ, ପ୍ରଶାସନ ଓ ବିଭିନ୍ନ ରାଜନୈତିକ ଦଳର ନୀରବ ଆଭିମୁଖ୍ୟ ବୋଲି କୁହାଯାଉଛି। ଏନେଇ ରାଜ୍ୟ ବିଜେଡି ମହିଳା ଉପସଭାନେତ୍ରୀ ରଶ୍ମୀବାଳା ମିଶ୍ର କୁହନ୍ତି, ନିଶ୍ଚିତ ଭାବେ ଗଣତନ୍ତ୍ର ରାଷ୍ଟ୍ରରେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ ପାଇଁ ନିର୍ବାଚନ ମାଧ୍ୟମରେ ଜନପ୍ରତିନିଧି ଚୟନ ହେବା ଶିରୋଧାର୍ଯ୍ୟ। ରାଉରକେଲା ମହାନଗର ନିଗମ କାଉନସିଲର ନିର୍ବାଚନ ସ୍ଥଗିତ ରହିବା ଚିନ୍ତାଜନକ ବିଷୟ। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ସ୍ଥଗିତାଦେଶ ଉପରୁ ରହିତାଦେଶ ମିଳିପାରୁନାହିଁ। ଏଥିପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେଇ କିଭଳି ଭାବେ ଆଗକୁ ନିର୍ବାଚନ ହେବ ସେ ଉପରେ ପଦକ୍ଷେପ ନେବା ଆବଶ୍ୟକ। ଏଭଳି ପ୍ରସଙ୍ଗରେ ରାଜନୈତିକ ଦଳ ରାଜନୀତି ନ କରି ବିଜେଡି ଉପରେ ଦୋଷ ନ ଲଦି କିଭଳି ଆଗକୁ ନିର୍ବାଚନ ହେବ ଓ ଜନତାଙ୍କୁ କିଭଳି ହକ ମିଳିବ ସେ ଉପରେ ଯଥୋଚିତ ବିଚାର ମୁତବାକ କର୍ତ୍ତବ୍ୟ ତୁଲାଇବା ଉଚିତ ବୋଲି କହିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା, ରେଳବାଇ ଷ୍ଟାଡିୟମ, ଅପରାହ୍ଣ ୨ଟା ।
- ପଶ୍ଚିମ ଓଡିଶା ଗୋଶାଳା ସମ୍ମିଳନୀ ପ୍ରସ୍ତୁତି ବୈଠକ, ତପସ୍ୱିନୀ ହଲ, ସକାଳ ୧୦ଟା ।

## ସଂକ୍ଷେପରେ

### ଟେନିସ ବଲ୍ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ରେଙ୍ଗାଲି,୧।୧୧(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ପ୍ରଥମଥର ପାଇଁ ହେବାକୁ ଥିବା ଟେନିସ ବଲ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ହରିହର ଧର୍ମଶାଳାଠାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ଦଳ ଅଂଶ ଗ୍ରହଣ କରିବେ। ଆସନ୍ତା ୫ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇ ୧୧ ନଭେମ୍ବରରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜନରେ ରେଙ୍ଗାଲି କ୍ରିକେଟ କ୍ଲବର ଅଜୟ ଭୋଇନା, ଅମର ମହାନନ୍ଦ, ହରି ସିଂ, ସୂର୍ଯ୍ୟରଞ୍ଜନ ପାତ୍ର, ପ୍ରଶାନ୍ତ ଦାସ, ଚନ୍ଦନ ସାହୁ, ନିଖିଳ କୁମାର, ଯୁବରାଜ ପସାୟତ, ସୁଜିତ ବେହେରା, ବାବୁଲୁ ଗହିର ପ୍ରମୁଖ ସହଯୋଗ କରୁଛନ୍ତି। ଫାଇନାଲରେ ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।।

### ଓରିଏଣ୍ଟ ପେପର ମିଲ୍‌ର ପୂର୍ବତନ କର୍ମଚାରୀଙ୍କ ପରଲୋକ

ସମ୍ବଲପୁର,୧।୧୧(ପ୍ରମୋଦ ବହିଦାର)

ବ୍ରଜରାଜନଗର ଓରିଏଣ୍ଟ କାଗଜକଳର ପୂର୍ବତନ କର୍ମଚାରୀ ହରିଶଙ୍କର ମିଶ୍ରଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ସମ୍ବଲପୁର ଅଇଁଠାପାଲିସ୍ଥିତ ତାଙ୍କ ଜାମାତା ଡା. ପ୍ରଶାନ୍ତ କୁମାର ମିଶ୍ରଙ୍କ ବାସଭବନରେ ୮୬ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ଅନ୍ତିମ ଶଯ୍ୟା ନିକଟରେ ୩ କନ୍ୟା ସୁସ୍ମିତା ମିଶ୍ର, ସୁପ୍ରିୟା ଦିକ୍ଷୀତ ଓ ସୁପ୍ରୀତି ମିଶ୍ରଙ୍କ ସମେତ ତିନି ଜାମାତା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ମନ୍ଦଲିଆସ୍ଥିତ ରାଜଘାଟରେ ସମ୍ପନ୍ନ ହୋଇଥିବା ବେଳେ କନ୍ୟା ସୁସ୍ମିତା ଓ ସୁପ୍ରୀତି ମୁଖାଗ୍ନି ଦେଇଥିଲେ।

# କେନ୍ଦ୍ର ସରକାରଙ୍କ ୧.୧୮ କୋଟି ମଞ୍ଜୁର

ସମ୍ବଲପୁର,୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ବିଜ୍ଞାନ ଓ ପ୍ରଯୁକ୍ତିର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ୧.୧୮ କୋଟି ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି, ଭିସୁଟ୍ ଇଲେକ୍ଟ୍ରିକାଲ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆଡଭାନ୍ସ ରିନ୍ୟୁଏବଲ୍ ଏନର୍ଜି ସିଷ୍ଟମ ଲାବରେଟୋରୀ (ଏଆର୍‌ଇଏସ୍‌ଏଲ୍) ପ୍ରକଳ୍ପ ପାଇଁ ଏକ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ଆର୍ଥିକ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗକୁ ଆର୍ଥିକ ସହାୟତା ପାଇଁ ଆବେଦନ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିଥିବା ଭିସୁଟ୍ ଇଲେକ୍ଟ୍ରିକାଲ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ପପିୟା ରାୟଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ନୂଆଦିଲ୍ଲୀ ଯାଇ ଉକ୍ତ ବିଭାଗରେ ପ୍ରକଳ୍ପକୁ ଉପସ୍ଥାପନ କରିବା ପରେ ସମ୍ପୃକ୍ତ ବିଭାଗରେ ଏହା ଅନୁମୋଦନ ଲାଭ କରିଥିଲା। ଫଳରେ




### ଭିସୁଟ୍‌ରେ ବିଜ୍ଞାନ ଓ ପ୍ରଯୁକ୍ତିର ଭିତ୍ତିଭୂମି ବିକାଶ

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଗତ ଅକ୍ଟୋବର ୩୦ରେ ଉକ୍ତ ପ୍ରକଳ୍ପ ପାଇଁ ପ୍ରଥମ ଦଫାରେ ୫ ବର୍ଷ ସକାଶେ ୧ କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଭିସୁଟ୍‌କୁ ସୂଚିତ କରାଯାଇଛି।

ପ୍ରଫେସର ମାଝି ଆହୁରି କହିଛନ୍ତି, ଉକ୍ତ ପ୍ରକଳ୍ପର ଲକ୍ଷ୍ୟ ହେଉଛି ଶକ୍ତିଉତ୍ସର ନବୀକରଣ ଓ ନମନୀୟତା ଜନିତ ଶକ୍ତି ସଂରକ୍ଷଣ ସହ ପ୍ରଭାବଶାଳୀ ଗୁଣବତ୍ତା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଗବେଷକଙ୍କ ଜ୍ଞାନ ଆହରଣ। ଏଥିପାଇଁ ଏଠାରେ ଅତ୍ୟାଧୁନିକ ବୈଷୟିକ ଉପକରଣ ଖଚିତ ଏକ ବିଜ୍ଞାନ କେନ୍ଦ୍ର ସ୍ଥାପନ କରାଯିବ। ଯେଉଁଠାରେ ବିଦ୍ୟୁତ୍ ଉତ୍ସର ନବୀକରଣ ଓ ପୁନଃ ବ୍ୟବହାର ଦ୍ୱାରା ସବୁଜ ବଳୟ ସୃଷ୍ଟି ସମ୍ପର୍କରେ ଛାତ୍ରୀଛାତ୍ର ଓ ଗବେଷକମାନେ ନୂତନ ବୈଷୟିକ ଜ୍ଞାନକୌଶଳ ଶିକ୍ଷାଲାଭ କରିପାରିବେ। ଏହା ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ମାର୍ଟ ଭିଲେଜ ଆଦି ନିର୍ମାଣରେ ଉପୁଜୁଥିବା ଅସୁବିଧାକୁ ଅନେକାଂଶରେ ଦୂର କରିପାରିବ। ଏହି ପ୍ରକାର ପ୍ରକଳ୍ପ ସମଗ୍ର ପଶ୍ଚିମ ଓଡ଼ିଶାରେ ପ୍ରଥମ, ଯାହା ଏକ ସ୍ଥାୟୀ ଓ ସ୍ଥିର ଅନୁସନ୍ଧାନ ଉପକରଣ ଭାବେ କାର୍ଯ୍ୟ କରି ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ଇନଭର୍ଟର, ସୌର ବିଦ୍ୟୁତ୍ ଉପକରଣ ଆଦି ଉତ୍ପାଦନରେ ସହାୟକ ହେବ।

## ହାତୀ ଉପଦ୍ରବ, ଲୋକେ ଭୟଭୀତ

ପଡିଆବାହାଲ,୧।୧୧(ରାଧାମୋହନ ଷଡ଼ଙ୍ଗୀ)

ପଡିଆବାହାଲ ବନଖଣ୍ଡ ଅଞ୍ଚଳରେ ଏବେ ବଣୁଆ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଜନବସତିକୁ ପଶି ଆସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏକ ଦଳଛଡା ଦନ୍ତାହାତୀ ଦୁଇଦିନ ତଳେ କଦଳିମୁଣ୍ଡା ଗାଁ ଭିତରକୁ ପଶିଥିବାବେଳେ ମଙ୍ଗଳବାର ନିକଟସ୍ଥ ପଧାନପାଲି ଗାଁ ଭିତରେ ବିଲୁଥିବା ଦେଖାଯାଇଥିଲା। ଅନ୍ୟ ଏକ ତିନି ଘରିଆ ହାତୀଦଳ ମୁର୍ଗାବାରି, ବରଙ୍ଗାମାଳ, ଲିମ୍ପିମୁଣ୍ଡା ପ୍ରଭୃତି ଅଞ୍ଚଳରେ ଘୂରିବୁଲୁଛନ୍ତି। ବନ ବିଭାଗ ଘଉଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ସଫଳ ହେଉନାହିଁ । ଏବେ ବିଲରେ ଧାନ ପାଚିବା ଅବସ୍ଥାରେ ପହଞ୍ଚିଥିବାରୁ ହାତୀ ଗ୍ରାମାଭିମୁଖୀ ହେବା ଆଶଙ୍କା କରି ଚାଷୀ ଓ ସାଧାରଣ ଲୋକେ ପ୍ରମାଦ ଗଣୁଛନ୍ତି।

# ଅଞ୍ଚଳର ପର୍ଯ୍ୟଟନ ଶିଳ୍ପର ବିକାଶ ହେବ

ସମ୍ବଲପୁର,୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱସ୍ଥ ଜମାଦାରପାଲିଠାରେ ବୁଧବାର ଇକୋ ରିଟ୍ରିଟ୍-୨୦୨୩ ଚତୁର୍ଥ ସଂସ୍କରଣ ଶୁଭ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଜାନୁୟାରୀ ୨୯ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ୨୫ଟି ବିଳାସପୂର୍ଣ୍ଣ କଟେଜ୍ ସହ ରେଷ୍ଟୁରାଣ୍ଟର ବ୍ୟବସ୍ଥା ରହିଛି। ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକମାନେ ଜଳ କ୍ରୀଡ଼ା ସହ ନୌକା ବିହାର, ଏଟିଭି ରାଇଡ୍ ଆଦିର ଆନନ୍ଦ ଉଠାଇପାରିବେ। ଏହାବ୍ୟତୀତ ଏଠାରେ ଭଲିବଲ୍, ଆର୍ଚ୍ଚେରୀ, ଶୁଟିଂ, ବ୍ୟାଡ୍‌ମିଣ୍ଟନ ଆଦି ଖେଳର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ରହିବାକୁ ଅସୁଥିବା ପର୍ଯ୍ୟଟକଙ୍କୁ ସମ୍ବଲପୁରର ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣର ବ୍ୟବସ୍ଥା ରହିଛି। ସେଥିମଧ୍ୟରେ ହୀରାକୁଦ ସ୍ଥିତ ନେହେରୁ ପାର୍କ, ହୀରାକୁଦ ଜଳଭଣ୍ଡାର, ନେହେରୁ ପାର୍କରୁ ଗାନ୍ଧୀ ମିନାର ପର୍ଯ୍ୟନ୍ତ ରୋପ ୱେରେ ବୁଲିବା, ଡେବ୍ରିଗଡ଼ ଅଭୟାରଣ୍ୟ, ଘଣ୍ଟେଶ୍ୱରୀ ମନ୍ଦିର, କର୍ଡୋଲାସ୍ଥିତ ହସ୍ତତନ୍ତ ଶିଳ୍ପ ଗ୍ରାମ, ସମଲେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର, ମହାନଦୀର କୋଡ଼ୋମାଛ ଦେଖିବାର ବ୍ୟବସ୍ଥା ରହିବ ବୋଲି ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜମାଦାରପାଲିସ୍ଥିତ ଇକୋ ରିଟ୍ରିଟ୍ ସ୍ଥଳରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ପର୍ଯ୍ୟଟନ ବିଭାଗ ଓଏସ୍‌ଡି ହେମନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହା ସମ୍ବଲପୁର ତଥା ସମଗ୍ର ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶରେ ସହାୟକ ହୋଇପାରିବ। ଏପରି କି ଦୃଷ୍ଟି ଆଢୁଆଳରେ ରହିଯାଉଥିବା ଏ ଅଞ୍ଚଳର ଅନେକ ଦର୍ଶନୀୟ ଓ ପର୍ଯ୍ୟଟନସ୍ଥଳ ସମ୍ପର୍କରେ ଲୋକେ ଜାଣିପାରିବେ ବୋଲି ଅତିଥିମାନେ କହିଥିଲେ।


ହୀରାକୁଦରେ ଇକୋ ରିଟ୍ରିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ।

### ହୀରାକୁଦରେ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କେଶବଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧।୧୧(ବି.ଶଙ୍କର)

ବଲାଙ୍ଗୀର ମଣ୍ଡଳ ମୁଖ୍ୟାଳୟଠାରେ ବୁଧବାର ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଦ୍ୟୁତ ସୁରକ୍ଷା ସଚେତନ ନାଗରିକ କେଶବ ବାଗଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବଲାଙ୍ଗୀର ବିଦ୍ୟୁତ୍ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ପଣ୍ଡା ଯୋଗଦେଇ କେଶବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୩ରେ ବଲାଙ୍ଗୀର ଜିଲା ଟିଟିଲାଗଡ ବିଦ୍ୟୁତ୍ ଡିଭିଜନ ମୁରିବାହାଲ ସେକ୍ସନ ଅନ୍ତର୍ଗତ ସାଲେଭଟା ଗ୍ରାମରେ ଜଣେ ବ୍ୟକ୍ତି ବିପଦସଙ୍କୁଳ ଅବସ୍ଥାରେ ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିଲେ। ଉକ୍ତ ରାସ୍ତା ଦେଇ କେଶବ ଯାଉଥିବାବେଳେ ବିପଦପୂର୍ଣ୍ଣ କାର୍ଯ୍ୟରୁ ନିବୃତ୍ତ ହେବାକୁ କହିଥିଲେ ମଧ୍ୟ ବ୍ୟକ୍ତି ଜଣକ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ପରେ କେଶବ ଉକ୍ତ ବ୍ୟକ୍ତିଙ୍କ ଚିତ୍ର ଉତ୍ତୋଳନ କରି ଟିପିଡବ୍ଲ୍ୟୁଓଡିଏଲ୍‌ର ବୈଦ୍ୟୁତିକ ସୁରକ୍ଷା ହ୍ୱାଟ୍ସଆପ ନମ୍ବରରେ ପ୍ରେରଣ କରିଥିଲେ। ଏହା ଦେଖିବା ମାତ୍ରେ ବୈଦ୍ୟୁତିକ ସୁରକ୍ଷା ଦଳର କର୍ମଚାରୀ ଉକ୍ତ ସ୍ଥାନରେ ପହଞ୍ଚି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ବିଦ୍ୟୁତ୍ ସୁରକ୍ଷା ସଚେତନ ନାଗରିକ ଭାବେ କେଶବ କାର୍ଯ୍ୟ କରିଥିବାରୁ କମ୍ପାନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।


କେଶବ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଦୁର୍ନୀତି ନିବାରଣ ସପ୍ତାହ

ସମ୍ବଲପୁର,୧।୧୧(ବି.ଶଙ୍କର)

### ବ୍ୟାଙ୍କ ଅଫ୍ ବରୋଦା

ସମ୍ବଲପୁର ବ୍ୟାଙ୍କ ଅଫ୍ ବରୋଦାର ଆଞ୍ଚଳିକ କାର୍ଯ୍ୟାଳୟରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଆଞ୍ଚଳିକ ମୁଖ୍ୟ ସୁରେନ୍ଦ୍ର ଗୌଣ୍ଡଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଅତିଥି ଭାବେ ଧନୁପାଲି ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ ଓ ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ, ହୀରାକୁଦ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ସିଦ୍ଧାନ୍ତ ମହାନ୍ତି ଯୋଗ ଦେଇଥିଲେ। ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଯାଇଥିଲା। ଶେଷରେ ଅତିରିକ୍ତ ଆଞ୍ଚଳିକ ମୁଖ୍ୟ କେଦାନାଥ ବେହେରା ଧନ୍ୟବାଦ ଦେଇଥିଲେ ।


ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ସମ୍ବଲପୁର,୧।୧୧(ବି.ଶଙ୍କର)

ସମ୍ବଲପୁର ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ଓଡ଼ିଆ ମିଲେଟ ପ୍ରତିଯୋଗିତା ଓ କଳାଉତ୍ସବ -୨୦୨୩ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁମାନଙ୍କ ପ୍ରତିଭା ବିକଶିତ କରିବାରେ ସୁରଭିର ପ୍ରମୁଖ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଜିଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ରବିନାରାୟଣ ବଘାର, ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସ୍ୱାଗତ ସମ୍ଭାଷଣ ଦେଇଥିଲେ। ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ, ସୃଜନଶୀଳ ରଚନା, କଣ୍ଠ ସଂଗୀତ, ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ଲୋକନୃତ୍ୟ, ଶାସ୍ତ୍ରୀୟ ସଂଗୀତ, ଲୋକଗୀତ, ବାଦ୍ୟଯନ୍ତ୍ର, ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଅସୀମ ପ୍ରଧାନ, ଅବିନାଶ ସାହୁ ଓ ସନ୍ଧ୍ୟାରାଣୀ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ । ଆଜାଦ ଶେଖର ପ୍ରଧାନ, ଶେଫାଳି ରାଣୀ ଦାଶ, ଡ. ସତ୍ୟନାରାୟଣ ଠାକୁର, ଡ. ସ୍ୱୟଂପ୍ରକାଶ ପଣ୍ଡା, ହେମାଞ୍ଚଳ ମହାପାତ୍ର, ସଞ୍ଜୁକ୍ତା ମାଝି, ଲିଲି ସିଂ, ବନ୍ଦିତା ପ୍ରଧାନ ପ୍ରମୁଖ ବିଚାରକ ଥିଲେ ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ ।

# ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ହେବ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ସମ୍ବଲପୁର,୧।୧୧ (ଭବାନୀ ଶଙ୍କର ଭୋଇ)

ଚଳିତ ନଭେମ୍ବର ମାସରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି କରାଯିବ ବୋଲି ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଡିଏଲ୍‌ର ଯୋଗାଯୋଗ ଏବଂ ସରକାରୀ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ବିଲ୍ ଗୁଡିକର ସଂଶୋଧନ ପାଇଁ ନିକଟସ୍ଥ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଶୁଣାଣି କରାଯିବ। ୭ ନଭେମ୍ବରରେ ପାନପୋଷ, ୮ରେ ବିଶ୍ରା ଓ ବନ୍ଧମୁଣ୍ଡା, ୯ରେ ଛେଣ୍ଡ ଓ କଳିଙ୍ଗବିହାର, ୧୦ର ସୁନ୍ଦରଗଡ଼, ୧୩ରେ ମଧୁସୂଦନପାଲି, ୧୪ରେ ସିଭିଲ୍ ଟାଉନଶିପ୍, ୧୫ରେ ରାଜଗାଙ୍ଗପୁର-୧, ୧୬ରେ କୁଆଁରମୁଣ୍ଡା, ୧୭ର ଉଦଳପୁର, ୧୮ରେ କଳୁଙ୍ଗା, ୨୦ରେ ମେନ୍ ରୋଡ ଓ ବିଶା ରୋଡ, ୨୧ରେ କୋଏଲ୍ ନଗର, ୨୨ରେ ବଣେଇ, ୨୩ରେ ରାଜଗାଙ୍ଗପୁର-୨ ଓ ୨୪ ନଭେମ୍ବରରେ ଲାଠିକଟାଠାରେ ଅଭିଯୋଗ ଶୁଣାଣି କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ଉପଭୋକ୍ତାମାନେ ଉପରୋକ୍ତ ତାରିଖ ଅନୁଯାୟୀ ନିକଟସ୍ଥ ସବଡିଭିଜନ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜ ସମସ୍ୟା ସମାଧାନ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି।

# ଯକ୍ଷ୍ମା ନିରାକରଣ ଏକ ସାମାଜିକ ଆନ୍ଦୋଳନ

ସମ୍ବଲପୁର,୧।୧୧(ବି.ଶଙ୍କର)

### ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଟିବିମୁକ୍ତ ଭାରତ ଅଭିଯାନ

ଆଦିତ୍ୟ ଆଲୁମିନିୟମ, ରେଙ୍ଗାଲି ଟିବି ୟୁନିଟ ଓ ସମ୍ବଲପୁର ଟିବି ନିରାକରଣ ବିଭାଗ ମିଳିତ ସହଯୋଗରେ ରେଙ୍ଗାଲିସ୍ଥିତ ଡଟ୍ ସେଣ୍ଟରରେ ଟିବି ମୁକ୍ତ ଭାରତ ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିର ଡାକ୍ତର ଶୁଭମ୍ ସିଂ, ସମ୍ବଲପୁର ଡିପିସି କଲ୍ୟାଣୀ ବାରିକ, ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ରେଙ୍ଗାଲି ନାଏବ ସରପଞ୍ଚ ସନ୍ଧ୍ୟାରାଣୀ କିଷାନ, ୱାର୍ଡମେମ୍ବର ନରେଶ ଚନ୍ଦ୍ର ଶର୍ମା, ଫାର୍ମାସିଷ୍ଟ ସୁରେନ୍ଦ୍ର କୁମାର ବେହେରା, ପାରିପାର୍ଶ୍ୱିକ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯକ୍ଷ୍ମା ନିରାକରଣ ଏକ ସାମାଜିକ ଆନ୍ଦୋଳନ। ଏହାର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସାମୂହିକ ପ୍ରୟାସ ତଥା ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। କଲ୍ୟାଣୀ ବାରିକ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ଆଦିତ୍ୟ ଆଲୁମିନିୟମ ରେଙ୍ଗାଲି ବ୍ଲକରେ ଥିବା ସମସ୍ତ ଟିବି ରୋଗୀମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛି। ଆଗାମୀ ୬ମାସ ଯାଏ ସମସ୍ତ ରୋଗୀଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ କିଟ ପ୍ରଦାନ କରିବାକୁ ଧାର୍ଯ୍ୟ କରିଛି।


ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆୟୋଜିତ ସଚେତନତା ଅଭିଯାନ।

# ବାଟବଣା ହୋଇଛି ବିକାଶ

### ସାଢ଼େ ଚାରିବର୍ଷ ହେଲା ଖାଲିପଡ଼ିଛି ଏସ୍‌ଡିଏ ଅଧ୍ୟକ୍ଷ ପଦ

ସମ୍ବଲପୁର,୧।୧୧ (ଭବାନୀ ଶଙ୍କର ଭୋଇ)

ସାଢେ ୪ବର୍ଷ ହେଲା ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ)ରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ୨୦୧୯ ନିର୍ବାଚନ ପରେ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ତାଙ୍କ ପଦରୁ ଇସ୍ତଫା ଦେବା ପରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଅଧ୍ୟକ୍ଷ ନ ଥିବାରୁ ବିକାଶ ବାଟବଣା ହୋଇଥିବା କୁହାଯାଉଛି। ଗତ ଅଗଷ୍ଟ ୧୮ରେ ପ୍ରାଧିକରଣର ଯୋଜନା ବୋର୍ଡ ସଦସ୍ୟ ବାନ୍ଦିତା ମହାପାତ୍ର କ୍ଷେତରାଜପୁର ଥାନାରେ ନକଲି ବିଲ୍ଡିଂ ପ୍ଲାନ ଘଟଣା ନେଇ ଅଭିଯୋଗ କରିବା ପରେ ଦୁର୍ନୀତି ପଦାକୁ ଆସିଥିଲା। ପୋଲିସ ତଦନ୍ତ ପରେ ନକଲି ପ୍ଲାନ ଦେଇ ୫୪ ଲୋକଙ୍କୁ ୩ କୋଟି ୩୨ଲକ୍ଷ ଟଙ୍କା ଠକିବା ଘଟଣା ଜଣାପଡିଥିଲା। ମାମଲାରେ ଅଭିଯୋଗକାରୀ ପ୍ରାଧିକରଣର ଯୋଜନା ବୋର୍ଡ ସଦସ୍ୟ ମହାପାତ୍ରଙ୍କ ସହ ୪ କର୍ମଚାରୀ ଓ ସେମାନଙ୍କ ସହ ସମ୍ପୃକ୍ତ ଅନ୍ୟ ୩ଜଣଙ୍କୁ ଠକେଇରେ ସାମିଲ ରହିଥିବା ନେଇ ପୋଲିସର ତଦନ୍ତ ପରେ ଗିରଫ କରାଯାଇଛି। ବିଶେଷକରି ୨୦୨୧ ପରଠାରୁ ଏହି ଠକେଇ ହୋଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ତଦନ୍ତ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ତଥ୍ୟ ସାମ୍ନାକୁଆସିବା ସମ୍ଭାବନା ରହିଛି। ତେବେ ଏହି ଠକେଇ ହେବା ପଛରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବା କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅଧ୍ୟକ୍ଷ ନଥିବାରୁ ଲୋକେ କାହାକୁ ଗୁହାରି କରିବେ ତାହା ଜାଣିପାରୁ ନାହାନ୍ତି। ଜିଲାପାଳ ଏସ୍‌ଡିଏର ଉପାଧ୍ୟକ୍ଷ ରହିଥିବାରୁ ତାଙ୍କ ଉପରେ ଅତିରିକ୍ତ ବୋଝ ପଡିବା ସ୍ୱାଭାବିକ। ୧୯୮୨ରେ ଏସ୍‌ଡିଏ ଗଠିତ ହୋଇଥିଲା। ଏହା ଅଧୀନରେ ସମ୍ବଲପୁର ସହିତ ବୁର୍ଲା, ହୀରାକୁଦ ଓ ୯୫ଟି ସଂଲଗ୍ନ ରାଜସ୍ୱ ଗ୍ରାମ ରହିଛି। ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଯୋଗୁ ଏସ୍‌ଡିଏରେ ବିକାଶ କାର୍ଯ୍ୟ ମନ୍ଥର ହୋଇଯାଇଛି। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

### ଏମାନେ କୁହନ୍ତି...



ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ସମ୍ବଲପୁର, ହୀରାକୁଦ, ବୁର୍ଲା ସହର ସମେତ ୪୮୮.୭୫ ବର୍ଗ କି.ମି. ପରିମିତ ଅଞ୍ଚଳର ସମନ୍ୱିତ ଓ ଯୋଜନାବଦ୍ଧ ବିକାଶ ପାଇଁ ଗଠିତ ହୋଇଛି । ତେବେ ବର୍ଷବର୍ଷ ଧରି କେହି ଅଧ୍ୟକ୍ଷ ନ ରହିବା ଦୁର୍ଭାଗ୍ୟର ବିଷୟ। ଏହାଦ୍ୱାରା ପ୍ରାଧିକରଣରେ ଦୁର୍ନୀତି ବଢ଼ୁଛି। ଲୋକେ ନିଜର ଘର ତିଆରି ପାଇଁ ବର୍ଷବର୍ଷ ଧରି ପ୍ଲାନ ମଞ୍ଜୁର କରିବାକୁ ଦୌଡିବାକୁ ବାଧ ହେଉଛନ୍ତି ।

**-ପ୍ରଫେସର ଶଙ୍କର ପତି, ବୁଦ୍ଧିଜୀବୀ**



ଘରଟିଏ ତିଆରି ପାଇଁ ବ୍ୟାଙ୍କ ଋଣ ସମୟରେ ଘର ନିର୍ମାଣ ପ୍ଲାନର ଆବଶ୍ୟକତା ରହିଛି। ହେଲେ ପ୍ଲାନ ମଞ୍ଜୁର ପାଇଁ ଲୋକମାନେ ଏସ୍‌ଡିଏ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେଉଛନ୍ତି। ଏସ୍‌ଡିଏରେ ମନମୁଖୀ ଶାସନ ଚାଲିଛି। ସ୍ଥାୟୀ ଅଧ୍ୟକ୍ଷ ନ ରହିବା ଦ୍ୱାରା ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଛି ।

**-ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ କମିଟି**



କୌଣସି ଅନୁଷ୍ଠାନର ମୁଖିଆଙ୍କ କାମ ହେଉଛି ସମନ୍ୱୟ ରକ୍ଷା କରି ଯୋଜନା ପ୍ରସ୍ତୁତ ସହ ଏହାକୁ କାର୍ଯ୍ୟକାରୀ କରାଇବା। ଏସ୍‌ଡିଏରେ ୪ବର୍ଷ ହେବ ଅଧ୍ୟକ୍ଷ ନାହାନ୍ତି। ଫଳରେ ଏହା ଦୁର୍ନୀତିର ଗନ୍ତାଘର ପାଲଟିଛି। ସରକାର କାହାକୁ ଦାୟିତ୍ୱ ନ ଦେବା ଦୁର୍ଭାଗ୍ୟର ବିଷୟ। ଲୋକେ ହଇରାଣ ହେବା ସହ ସହରର ବିକାଶ ବାଟବଣା ହୋଇଛି ।

**-ମାନସ ରଞ୍ଜନ ବକ୍ସି, ଭାଜପା ନେତା**



୨୦୧୯ ସାଧାରଣ ନିର୍ବାଚନ ପରେ ମୁ ଇସ୍ତଫା ଦେବା ପୂର୍ବରୁ ଅନେକ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ହେଲେ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ମୁଁ ଦେଖିବାକୁ ପାଉନାହିଁ। ପ୍ରାଧିକରଣର ଆର୍ଥିକ ଲାଭ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ହାତକୁ ନିଆଯାଇଥିଲା, ଯାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଉତ୍ତରାଞ୍ଚଳ ଆର୍‌ଡିସି ଏବେ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ଉପାଧ୍ୟକ୍ଷ ଭାବେ ଖୋଦ ଜିଲାପାଳ ରହିଛନ୍ତି। ତେଣୁ ସେମାନଙ୍କ ଦାୟିତ୍ୱ କେମିତି ଏସ୍‌ଡିଏ ଠିକ୍ ଭାବେ କାମ କରିବ ଓ ଲୋକଙ୍କୁ ଉଚିତ ସେବା ମିଳିବ ।

**-ବିଜୟ ମହାନ୍ତି, ପୂର୍ବତନ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ**

**ବନ୍ଦ ଥିବା ଡାକଘରୁ ତାଲା ଖୋଲିଲା**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ଥିବା ଉପଡ଼ାକ ଘର ଶାଖା କାର୍ଯ୍ୟାଳୟରୁ ବୁଧବାର ତାଲା ଖୋଲିଛି। ସେଠାରେ ନିଯୁକ୍ତ ପୋଷ୍ଟମାଷ୍ଟର ୨ମାସ ହେଲା ଅନୁପସ୍ଥିତ ଥିବାରୁ ତାଲା ଝୁଲୁଥିଲା। ଡାକ ନିରୀକ୍ଷକ ସରୋଜ ବସ୍ତି, ଅଧିକ୍ଷକ ଚୂଡ଼ାମଣି ମେହେର ଡାକ ଘରେ ପହଞ୍ଚି ଥିଲେ। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଏଏସଆଇ ନିରଞ୍ଜନ କୁମାର ନାଏକଙ୍କ ଉପସ୍ଥିତିରେ ଡାକଘର ତାଲା ଭଙ୍ଗାଯାଇଥିଲା। ପୋଷ୍ଟମାଷ୍ଟର ନିଯୁକ୍ତି ଦିଆଯାଇ ସମସ୍ୟ ସମାଧାନ କରାଯିବ ବୋଲି ଡାକ ନିରୀକ୍ଷକ କହିଛନ୍ତି।

## ସଂକ୍ଷେପରେ

### ଶାନ୍ତିପୁର ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ



ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁରରେ ୬୫ତମ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ଆର୍ତ୍ତତ୍ରାଣ ସାହୁ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗାଁ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ ସହ ଗଜ ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଜୀବନ୍ୟାସ, ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ମନ୍ତ୍ରପାଠ, ପୁରାଣ ପଠନ କରାଯାଇଥିଲା।

### ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

କୋକସରା,୧।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ଯୋଗଦେଇଥିବା ନୂତନ ବିଡିଓ ସ୍ନେହାପ୍ରଭା ମାଝିଙ୍କୁ ମଙ୍ଗଳବାର କୋକସରା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆମପାଣି ପଞ୍ଚାୟତ ସଭାଗୃହଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ସଂଘ ବ୍ଲକ ସଭାପତି ନକୁଳ ନାଏକଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ପ୍ରମୁଖ ବିଡିଓଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟରେ ସବୁବେଳେ ପ୍ରଶାସନକୁ ସହଯୋଗର ହାତ ବଢ଼ାଇବ ବୋଲି ସରପଞ୍ଚମାନେ କହିଥିଲେ। ଏହି ଅବସରରେ ବ୍ଲକ ଅନେକ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତ ଥିଲେ।

### ମହିଳାମାନେ ପାଳିଲେ କରୱା ଚଉଥ ପର୍ବ



ବେହେରା,୧।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ବାଙ୍କୀମୁଣ୍ଡା ଗ୍ରାମରେ ମହିଳାମାନେ ବୁଧବାର ପତି-ପତ୍ନୀଙ୍କ ପ୍ରେମ, ସମ୍ମାନ ଏବଂ ସମର୍ପଣର ପର୍ବ କରୱା ଚଉଥ ପାଳନ କରିଥିଲେ। ଏହି ବ୍ରତ ବିବାହିତ ମହିଳାମାନଙ୍କ ସବୁଠାରୁ ପ୍ରମୁଖ ବ୍ରତ। ଏହି ଅବସରରେ ମହିଳାମାନେ ସାରା ଦିନ ନିର୍ଜଳା ବ୍ରତ ରଖି ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ସୁଖ ସମୃଦ୍ଧି କାମନା କରିଥିଲେ। ସକାଳୁ ଏହି ବ୍ରତ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଚନ୍ଦ୍ର ଦର୍ଶନ ପୂର୍ବକ ଚନ୍ଦ୍ରଙ୍କୁ ଅର୍ଘ୍ୟଦାନ ଦେଇ ନିଜ ସ୍ୱାମୀଙ୍କ ହାତରୁ ପାଣି ପିଇ ବ୍ରତ ସମାପନ କରିଥିଲେ। ଏହି ଦିନ କରୱା ମାତାଙ୍କ ସମେତ ଭଗବାନ ଶିବ, ମାତା ପାର୍ବତୀ, କାର୍ତ୍ତିକେୟ ଏବଂ ଗଣେଶଙ୍କ ପୂଜନ କରାଯାଇଥାଏ।

### ୧୩ ବର୍ଷରେ ଝାରସରମ ତୁଳସୀପଡା ହନୁମାନ ପୂଜା

ଖଡ଼ିଆଲ,୧।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଝାରସରମ (ତୁଳସୀପଡା)ରେ ଚାଲିଥିବା ହନୁମାନ ପୂଜା ୧୩ ବର୍ଷରେ ପହଞ୍ଚିଛି। ୩୦ ତାରିଖ ସକାଳେ ଶତାଧିକ ମହିଳା ଓ ଗ୍ରାମବାସୀଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ସାମିଲ ହୋଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ପୂଜା ଆରମ୍ଭ ହୋଇଯାଇଥିଲା। ଦୁଇଦିନ ବ୍ୟାପି ପୂଜା ହୋଇଥିବା ବେଳେ ୧ ତାରିଖ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରିଥିଲେ। କର୍ତ୍ତା ଭାବେ ଗ୍ରାମର ସାନ ଗଉନ୍ତିଆ କୃଷ୍ଣରାଜ ସିଂ ମଲ୍ଲିକ ଓ ଶୁଶ୍ରୀ ଦେବୀ କାର୍ଯ୍ୟ ସମ୍ପାଦନ କରିଥିଲେ। ହନୁମାନ ମନ୍ଦିର ପୂଜା କମିଟି ଟ୍ରଷ୍ଟର ସଭାପତି ତୁଳସୀରାମ ସିଂ, ସମ୍ପାଦକ ସ୍ମିତାମଞ୍ଜରୀ ମାଝି, କୋଷାଧ୍ୟକ୍ଷ ସୁଭଦ୍ରା ମାଝି, ଉପ ସଭାପତି ଜାନକୀ ମାଝି, ସହ ସମ୍ପାଦକ ଗୋରୀ ଶଙ୍କର ମଲ୍ଲିକ, ସଦସ୍ୟ ବଲ୍ଲଭ ସିଂ ମଲ୍ଲିକ, ପରମାନନ୍ଦ ମାଝୀ, ଦଶରଥ ମାଝି, ଟଙ୍କଧର କଟା, ନିରା ମାଝି, ଜଗଦୀଶ ମାଝିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପ୍ରକଳ୍ପ ପାଣି ସ୍ୱପ୍ନ, ଖୋଲାକୂଅ ଭରସା

ଲାଠୋର,୧।୧୧(ଭୁବନେଶ୍ୱର ବାରିକ)

**ଫେଲ ମାରୁଛି ପ୍ରକଳ୍ପ, ନିରୂପାୟ ଜଳଯୋଗାଣ ବିଭାଗ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଝଲିଆଲିଟି ଗ୍ରାମବାସୀଙ୍କ ପାଇଁ ପାଇପ ପାଣି ଯେମିତି ସ୍ୱପ୍ନ ହୋଇଯାଇଛି। ଏକାଧିକ ଥର ଜଳ ପ୍ରକଳ୍ପ କାମ କରାଯାଇଥିଲେ ବି ଏହା ଫେଲ ମାରିଛି। ଲୋକେ ଖୋଲାକୂଅର ଦୂଷିତ ପାଣି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନାରେ ଖପ୍ରାଖୋଲ ଜଳ ଯୋଗାଣ ବିଭାଗ ଭୁଆଁ ବୁଲାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୦ ବର୍ଷ ତଳେ ଗ୍ରାମରେ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏକ ଜଳ ପ୍ରକଳ୍ପ ନିର୍ମାଣ କରି ପାଇପ ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା କରିଥିଲା। ଗଭୀର କୂପ ଖୋଳାଯାଇଥିଲେ ବି ସେଥିରୁ ପାଣି ବାହାରିଲା ନାହିଁ। ପରେ ଖୋଳାଯାଇଥିବା ଆଉ ଏକ କୂପରୁ ମଧ୍ୟ ପାଣି ବାହାରିଲା ନାହିଁ। ଲୋକଙ୍କ ଅଭିଯୋଗକ୍ରମେ ତୃତୀୟ ଥର ପାଇଁ ଆଉ ଏକ ଗଭୀର କୂପ ଖୋଳାଗଲା। ସେଥିରୁ ମଧ୍ୟ ଆବଶ୍ୟକ ପାଣି ବାହାରିଲା ନାହିଁ। ଏସବୁ ବାବଦରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିଲେ ବି ଗ୍ରାମବାସୀ ଦିନଟିଏ ପାଇଁ ସ୍ୱଚ୍ଛ ପାନୀୟ ଜଳ ପାଇ ପାରିଲେ ନାହିଁ। ଏହାକୁ ନେଇ ଅକ୍ଟୋବର ୧ତାରିଖ ଧରିତ୍ରୀରେ ପ୍ରକଳ୍ପ ପରେ ପ୍ରକଳ୍ପ ମିଳୁନି ପାଣି ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ସେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରୌପ୍ୟରଞ୍ଜନ ବେହେରା ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଗନ କିଷାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ ଗ୍ରାମରେ ପହଞ୍ଚି ପାଣି ବାହାରୁ ନଥିବା କୂପରେ ମୋଟର ଲଗାଇଥିଲେ। କିଛି ସମୟ ଜଳ ଯୋଗାଣ ପରେ ଚାଲି ଯାଇଥିଲେ। ଏହା ପରଠାରୁ ଜଳଯୋଗାଣ ବନ୍ଦ ରହିଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟନୋପାୟ ହୋଇ ନଳକୂପ ଏବଂ ଖୋଲାକୂଅରୁ ପାଣି ସଂଗ୍ରହ କରୁଛନ୍ତି। ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମା' ମାଣିକେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା



ଆୟୋଜିତ ମଶାଲ ଶୋଭାଯାତ୍ରା।

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ପ୍ରତିଷ୍ଠା ଦିବସ**

କଳାହାଣ୍ଡି ଜିଲା ପ୍ରତିଷ୍ଠା ଦିବସ ବୁଧବାର ଜିଲା ମୁଖ୍ୟାଳୟ ଭବାନୀପାଟଣାରେ ମହାସମାରୋହରେ ପାଳନ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପାରମ୍ପରିକ ଘୁମୁରା ବାଦ୍ୟ ସହ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଭବାନୀପାଟଣା ପୌରଧ୍ୟକ୍ଷା ସଂଯୁକ୍ତା ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ଶତପଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ପ୍ରମୁଖ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ, ୧୯୪୯ ନଭେମ୍ବର ୧ରେ କଳାହାଣ୍ଡି ନୂତନ ଜିଲା ଭାବେ ଗଠନ ହୋଇଥିଲା।

# ବିସ୍ଥାପିତ କଲୋନୀରେ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ



ଲୋୟର ସୁକ୍‌ତେଲ ବିସ୍ଥାପିତ କଲୋନୀରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ନବଅବସ୍ଥାପିତ ଅଙ୍ଗନୱାଡି କର୍ମୀ ଓ ସହାୟିକା।

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ସଦେଇପାଲି ନିକଟ ଲୋୟର ସୁକତେଲ ପ୍ରକଳ୍ପ ବିସ୍ଥାପିତ ଥଇଥାନ କଲୋନୀରେ ବୁଧବାର ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ରାଣା ଅଙ୍ଗନୱାଡି କର୍ମୀ ଏବଂ ସହାୟିକଙ୍କୁ ଅବସ୍ଥାପିତ ପତ୍ର ପ୍ରଦାନ କରିଥିଲେ। ବିସ୍ଥାପିତ କଲୋନୀ ମାନଙ୍କରେ ଆଗାମୀ ଦୁଇ ମାସ ମଧ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସ୍ଥାୟୀ ଘରେ କାର୍ଯ୍ୟକ୍ଷମ ହେବା ସହ ସମସ୍ତ ଆବଶ୍ୟକତା ପୂରଣ କରାଯିବ ବୋଲି କହିଥିଲେ। ଏହା ସହ ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଭଲ କାମ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ତେଣୁ ସମସ୍ତେ ଭଲ କାମ କରିବା ସହ କଲୋନୀକୁ ଆଦର୍ଶ ରୂପେ ଗଢି ତୋଳିବାକୁ ଜିଲାପାଳ ରାଣା ପରାମର୍ଶ ଦେଇଥିଲେ। ବିସ୍ଥାପିତ କଲୋନୀରେ ସ୍ଥାୟୀ ପାଣି ଯୋଗାଣ ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ରାଶନ, ଭୋଟର କାର୍ଡ ଆଦି କୌଣସି ଅସୁବିଧା ସାମ୍ନା କଲେ କଲୋନୀବାସୀଙ୍କ ତରଫରୁ ଅଙ୍ଗନବାଡି କର୍ମୀମାନେ ସ୍ଥାନୀୟ ବିଡିଓଙ୍କୁ ଜଣାଇବାକୁ ସେ କହିଥିଲେ। ୧୫ଟି ଅଙ୍ଗନୱାଡିରେ ୩୦ ଜଣଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ବିଡିଓ ଶରତ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲୀଳାବତୀ ନାଗ, ଲୋଇସିଂହା ସିଡିପିଓ ଗାୟତ୍ରୀ ବାରିକ, ସିଡିପିଓ ସୁବାସିନୀ ଦାଶ, ମମତା ଯୋଜନା ସଂଯୋଜିକା ଶିବାନୀ ଠାକୁର ଉପସ୍ଥିତ ଥିଲେ।

## ହତ୍ୟା ମାମଲାର ରାୟ ପ୍ରକାଶ: ବାପାପୁଅଙ୍କୁ ଆଜୀବନ ଜେଲ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଅଲାବୁଲା ଗ୍ରାମରେ ୨୦୧୮ରେ ଜମି ଗଣ୍ଡଗୋଳକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତୀରଞ୍ଜନ କାନୁନ୍ ଗୋ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର ରାଜେନ୍ଦ୍ର ଗୌଡ (୬୫) ଓ ତାଙ୍କ ପୁଅ ଜୟ ଗୌଡ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୧ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ନର୍ଲା ଥାନା ଅନ୍ତର୍ଗତ ଅଲାବୁଲା ଗ୍ରାମରେ ଜମି ଗଣ୍ଡଗୋଳକୁ କେନ୍ଦ୍ର କରି ରାଜେନ୍ଦ୍ର ଓ ଜୟ ଲୁହାରଡ୍ ଓ କାଠ ଫାଳିଆରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ଗୌଡଙ୍କୁ ହତ୍ୟା କରିଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ବାପ ପୁଅଙ୍କୁ ପୋଲିସ ଗିରଫ କରି କୋର୍ଟ ମଧ୍ୟ ଚାଲଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନିର୍ଦ୍ଦର୍ଶନୀ ରଥ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ...

### କଳାକାରଙ୍କ ଉପରେ ପଡ଼ିଲା ଗେଟ୍




କଳାକାରଙ୍କ ଉପରେ ପଡିଯାଇଛି ଗେଟ୍

**ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ସ୍ଥାନୀୟ କଳାକାରମାନେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ। ଏହି ସମୟରେ କିଛି କଳାକାର ପଡିଆ ଭିତରକୁ ଯାଉଥିବାବେଳେ ବାଟରେ ନିର୍ମାଣ କରାଯାଇଥିବା ଗେଟ୍ ହଠାତ୍ ତାଙ୍କ ଉପରକୁ ପଡିଯାଇଥିଲା। ଫଳରେ ସେମାନେ ଅଳ୍ପକେ ଏକ ବଡଧରଣର ବିପତ୍ତିରୁ ବର୍ତ୍ତିଥିଲେ।

### ଖବରଦାତାଙ୍କୁ ଅଣଦେଖା




ଖବରଦାତାମାନେ ଗେଟ୍ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତାମାନଙ୍କୁ ଅଣଦେଖା ତଥା ବସିବା ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଖବରଦାତାମାନେ ଗେଟ୍ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ପରିସ୍ଥିତି ଅଣାୟତ ହେବାରୁ ଡିଆଇଜି ଅମିତାଭ ଠାକୁର, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ହସ୍ତକ୍ଷେପ ପରେ କିଛିଟା ଶାନ୍ତ ପଡିଥିଲା।

# ଜଳୁନି ହାଇମାଷ୍ଟ, ଏଲ୍‌ଇଡି ଲାଇଟ୍

ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)

**ନିମ୍ନମାନର ଲାଇଟ ଲଗାଯାଇଥିବା ଅଭିଯୋଗ**

- **ଲାଇଟ ଲଗାଇ ଥିବା ଠିକାଦାର ଧରାଛୁଆଁ ଦେଉନାହାନ୍ତି**
- **ସମସ୍ୟା ସମ୍ପର୍କରେ ଅବଗତ ଅଛୁ: ଜିପିଓ**

ଗ୍ରାମାଞ୍ଚଳରେ ଆଲୋକୀକରଣ ପାଇଁ ବଲାଙ୍ଗୀର ଜିଲା ଜିଲା ପ୍ରକଳ୍ପ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଲୋଇସିଂହା ବିଧାୟକଙ୍କ ପାଣ୍ଠିରୁ ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ ହାଇମାଷ୍ଟ ଏବଂ ଏଲଇଡି ଲାଇଟ ଲଗାଯାଇଛି । କିଛିଦିନ ଲାଇଟ ଜଳିବା ପରେ ସେସବୁ ଅଚଳ ହୋଇପଡୁଛି। ମାସମାସ ବିତି ଯାଇଥିଲ ବି ମରାମତି କରାଯାଉନାହିଁ। ଏ ନେଇ ଲୋକେ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ସରପଞ୍ଚମାନେ ଲାଇଟ ଲଗାଇଥିବା ଠିକାଦାରଙ୍କୁ ଯୋଗାଯୋଗ କଲାବେଳକୁ ସେମାନେ ଧରାଛୁଆଁ ଦେଉନାହାନ୍ତି। ଫଳରେ ଜନତାଙ୍କ ରୋଶର ସମ୍ମୁଖୀନ ହେଉଛନ୍ତି ଜନପ୍ରତିନିଧି। ଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ଜଗନ୍ନାଥ ମନ୍ଦିର ନିକଟରେ ଲାଗିଛି ୪ଟିକିଆ ହାଇମାଷ୍ଟ ଲାଇଟ। ୪ମାସ ହେଲା ଏଠାକାର ଲାଇଟ ଅଚଳ ହୋଇ ପଡିଥିବା ଉପେନ୍ଦ୍ର ଥନାପତି ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବୁଢ଼ୀପଦର ପଞ୍ଚାୟତର ଘୁଙ୍ଘୁରାମୁଣ୍ଡା ଗ୍ରାମରେ ଲାଗିଥିବା ଅର୍ଦ୍ଧେକ ଲାଇଟ ଅଚଳ ହୋଇପଡିଛି। ସରପଞ୍ଚ ଲକ୍ଷ୍ମୀ ପଧାନ ଲାଇଟ ଲଗାଇଥିବା ଠିକାଦାରଙ୍କୁ ସମସ୍ୟା ଜଣାଇଥିଲେ ବି ସୁଫଳ ମିଳି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ବୁର୍ଡା ପଞ୍ଚାୟତ ସଦର ଗ୍ରାମ ଦେଇଯାଇଥିବା ବଲାଙ୍ଗୀର--ବରଗଡ ୨୬ନଂ ଜାତୀୟ ରାଜପଥ, ବସ୍ତି ସମେତ କେତେକ ସ୍ଥାନର ଲାଇଟ କାମ କରୁନାହିଁ। ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ଅନୁରୂପ ସମସ୍ୟା ଲାଗି ରହିଛି। ଗ୍ରାମବାସୀ ପଞ୍ଚାୟତରୁ ବ୍ଲକ ପ୍ରଶାସନକୁ ଜଣାଇ ସୁଦ୍ଧା ନିରାଶ ହେବାକୁ ପଡିଛି। ନିମ୍ନମାନର ଲାଇଟ ଲଗାଇ ଠିକାଦାର ଲାଭାନ୍ୱିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିପିଓ କିଶୋର ମାନସିଂଙ୍କୁ ପଚାରିବାରୁ ବିଭିନ୍ନ ଗ୍ରାମରୁ ଏପରି ଅଭିଯୋଗ ଆସୁଛି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଥିଲେ।

## ଜିଲାସ୍ତରୀୟ ମିତବ୍ୟୟିତା ଦିବସ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ ଅଫିସଠାରେ ଡିପିସି ପୋଷ୍ଟ, ଅର୍ଥ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱମିତବ୍ୟୟିତା ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଅପରାହ୍ନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ସଞ୍ଚୟ ରଥ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ମାଧ୍ୟମରେ ସରକାରଙ୍କ ମହିଳା ସମ୍ମାନ ଯୋଜନା, ବାଳିକା ସମୃଦ୍ଧି ଯୋଜନା ତଥା ସାଇବର କ୍ରାଇମ ଉପରେ ମଧ୍ୟ ଜନ ସଚେତନତା ସୃଷ୍ଟି କରାଯାଉଛି। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ତଥା ସହରାଞ୍ଚଳ ଭ୍ରମଣ କରିବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସହକାରୀ ନିର୍ଦ୍ଦେଶକ ସଞ୍ଜୟ ବିବେକାନନ୍ଦ ମହାନନ୍ଦ ଯୋଗଦେଇ ସଞ୍ଚୟର ଉପକାରିତା ଉପରେ ଆଲୋକପାତ କରିଥିଲେ।

## ଗାଜା ଆକ୍ରମଣର ପ୍ରତିବାଦ କଲା ଏସୟୁସିଆଇର

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ହମାସ୍-ଇସ୍ରାଏଲ ଯୁଦ୍ଧରେ ହଜାରହଜାର ସାଧାରଣଙ୍କ ଜୀବନହାନୀ ହୋଇଗଲାଣି। ବିଶେଷକରି ଗାଜା ଉପରେ ଇସ୍ରାଏଲର ଆକ୍ରମଣରେ ବହୁ ନିରୀହଙ୍କ ଜୀବନ ଗଲାଣି। ଏହା ଅମାନବୀୟ। ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁ ନାରା ଦେଇ ଏସୟୁସିଆଇ ବଲାଙ୍ଗୀର ଶାଖା ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ବିକ୍ରମ ଛକ ଗାନ୍ଧୀ ପାଠାଗାର ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏସୟୁସିଆଇ କେନ୍ଦ୍ରୀୟ କମିଟି ସଦସ୍ୟ ଅଶୋକ ମିଶ୍ର ଏଥିରେ ବକ୍ତବ୍ୟ ରଖିଥିଲେ। କୌଣସି ପରିସ୍ଥିତିରେ ନିରୀହ ଲୋକଙ୍କୁ ଅତ୍ୟାଚାର ଗ୍ରହଣଯୋଗ୍ୟ ନୁହେଁ। ଏଣୁ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ସେ ନିବେଦନ କରିଥିଲେ। ଏହି ପ୍ରତିବାଦ ସଭା ପରେ ଆମେରିକା ରାଷ୍ଟ୍ରପତି ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ସୁନୀଲ ଭୋଇ ବକ୍ତବ୍ୟ ରଖିଥିଲେ।




ଏସୟୁସିଆଇ ପକ୍ଷରୁ ପ୍ରତିବାଦ ସଭାରେ କୁଶପୁତ୍ତଳିକା ଦାହ କରାଯାଉଛି।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ନୂଆପଡ଼ା,୧।୧୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ଗାଁ ପଞ୍ଚାୟତ ପଡିଆରେ ଚାଲିଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କବାଡି ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାର ଓ ଛତିଶଗଡରୁ ମୋଟ ୩୦ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କବାଡି ପ୍ରତିଯୋଗିତା ଉଦଘାଟନ କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହିର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ର, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ



କବାଡି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରଞ୍ଜନ ଯୋଶୀ, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ସୋସେଙ୍ଗ ସରପଞ୍ଚ ଲିଙ୍ଗରାଜ ମାଝି, ଜଟଗଡ ସରପଞ୍ଚ ପ୍ରତିନିଧି ଠାକୁର ଜଗତ, ସମିତି ସଭ୍ୟ ସୁବୋଧ ଭୋଇ, ସିଆଲଲଟି ସମିତି ସଭ୍ୟ ଚନ୍ଦୁ ନାଏକ, ପୂର୍ବତନ ସରପଞ୍ଚ ଓନମ ଶବର, ନାଏବ ସରପଞ୍ଚ ପଙ୍କଜିନି ଶବର, ଲଳିତ ଶବର, କ୍ଷମା ମିର୍ଦ୍ଧା, ଗାଁ ଗୌନ୍ତିଆ ଲୋକନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଚୌକପଡା ଦଳ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ହାତିସରା, ତୃତୀୟ କୋଦୋମେରୀ ଓ ପଲସିପାଣି ଦଳ ଚତୁର୍ଥ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ନଗଦ ରାଶି ସହ ଟ୍ରଫି ଗ୍ରହଣ କରିଥିଲେ। ଚୈତନ ସାହୁ, ଭରତ ପ୍ରଧାନ, ପୁନିତ ରାଉତ, ଦେଓ କୁମାର ସତନାମୀ, ପ୍ରେମ ଶଙ୍କର ସତନାମୀ, ଦିନେଶ ସତନାମୀ, ମଦନ ଦଣ୍ଡସେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ତଥା ସ୍ଥାନୀୟ ସରପଞ୍ଚ ଗଙ୍ଗାରାମ ମାଝି, ସମ୍ପାଦକ ଅଜୟ କୁମାର ଅହିର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଦୟାନିଧି ଶବର, ଉପଦେଷ୍ଟା ରାଜେନ୍ଦ୍ର ଶବର, ହୋସରାମ ଶବର, ଗଜରାମ ଶବର, ପରମାନନ୍ଦ ଭୋଇ, ଡମ୍ବରୁ ଶବର, ଦିଲୀପ ଶବର, ହେତରାମ ଶବର, ଧମେନ୍ଦ୍ର ଶବର ପ୍ରମୁଖ ଆୟୋଜନ କରିଥିବା ବେଳେ ସଞ୍ଜିବ ପ୍ରଧାନ, ଗୁକେଶ ଶବର, ହମରେଶ ଶବର, ଆବେଶ ଶବର, ଦୀପକ ଶବର, କାମେଶ୍ୱର ଶବର, ନାରାୟଣ ଶବର, ପ୍ରେମଲାଲ ଶବର, ବିକାଶ ଶବର, ଅଜିତ ଶବର, କୂଳମଣି ଶବର, ଦିବ୍ୟସିଂ ଶବର, ଦଳଗଞ୍ଜନ ଶବର, ଜିତେନ ଠାକୁର, ଦେବରାଜ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

## ବନ୍ଦ ଥିବା ଡାକଘରୁ ତାଲା ଖୋଲିଲା

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ଥିବା ଉପଡ଼ାକ ଘର ଶାଖା କାର୍ଯ୍ୟାଳୟରୁ ବୁଧବାର ତାଲା ଖୋଲିଛି। ସେଠାରେ ନିଯୁକ୍ତ ପୋଷ୍ଟମାଷ୍ଟର ୨ମାସ ହେଲା ଅନୁପସ୍ଥିତ ଥିବାରୁ ତାଲା ଝୁଲୁଥିଲା। ଡାକ ନିରୀକ୍ଷକ ସରୋଜ ବସ୍ତି, ଅଧିକ୍ଷକ ଚୂଡାମଣି ମେହେର ଡାକ ଘରେ ପହଞ୍ଚି ଥିଲେ। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଏଏସଆଇ ନିରଞ୍ଜନ କୁମାର ନାଏକଙ୍କ ଉପସ୍ଥିତିରେ ଡାକଘର ତାଲା ଭଙ୍ଗାଯାଇଥିଲା। ପୋଷ୍ଟମାଷ୍ଟର ନିଯୁକ୍ତି ଦିଆଯାଇ ସମାସ୍ୟ ସମାଧାନ କରାଯିବ ବୋଲି ଡାକ ନିରୀକ୍ଷକ କହିଛନ୍ତି।

**ସଂକ୍ଷେପରେ**

## ଶାନ୍ତିପୁର ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ



ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁରରେ ୬୫ତମ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ଆର୍ତ୍ତତ୍ରାଣ ସାହୁ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗାଁ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଅଣଶଯାଇ ପୂଜା ମଣ୍ଡପରେ ସ୍ଥାପନ ସହ ଗଜ ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଜୀବନ୍ୟାସ, ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ମନ୍ତ୍ରପାଠ, ପୁରାଣ ପଠନ କରାଯାଇଥିଲା।

## ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

କୋକସରା,୧।୧୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ଯୋଗଦେଇଥିବା ନୂତନ ବିଡିଓ ସ୍ନେହାପ୍ରଭା ମାଝିଙ୍କୁ ମଙ୍ଗଳବାର କୋକସରା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆମପାଣି ପଞ୍ଚାୟତ ସଭାଗୃହଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ସଂଘ ବ୍ଲକ ସଭାପତି ନକୁଳ ନାଏକଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣ୍ଡୁଆ ପ୍ରମୁଖ ବିଡିଓଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟରେ ସବୁବେଳେ ପ୍ରଶାସନକୁ ସହଯୋଗର ହାତ ବଢ଼ାଇବ ବୋଲି ସରପଞ୍ଚମାନେ କହିଥିଲେ। ଏହି ଅବସରରେ ବ୍ଲକ ଅନେକ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ମହିଳାମାନେ ପାଳିଲେ କରୱା ଚଉଥ ପର୍ବ



ବେହେରା,୧।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ବାଙ୍କୀମୁଣ୍ଡା ଗ୍ରାମରେ ମହିଳାମାନେ ବୁଧବାର ପତି-ପତ୍ନୀଙ୍କ ପ୍ରେମ, ସମ୍ମାନ ଏବଂ ସମର୍ପଣର ପର୍ବ କରୱା ଚଉଥ ପାଳନ କରିଥିଲେ। ଏହି ବ୍ରତ ବିବାହିତ ମହିଳାମାନଙ୍କ ସବୁଠାରୁ ପ୍ରମୁଖ ବ୍ରତ। ଏହି ଅବସରରେ ମହିଳାମାନେ ସାରା ଦିନ ନିର୍ଜଳା ବ୍ରତ ରଖି ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ସୁଖ ସମୃଦ୍ଧି କାମନା କରିଥିଲେ। ସକାଳୁ ଏହି ବ୍ରତ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଚନ୍ଦ୍ର ଦର୍ଶନ ପୂର୍ବକ ଚନ୍ଦ୍ରଙ୍କୁ ଅର୍ଘ୍ୟଦାନ ଦେଇ ନିଜ ସ୍ୱାମୀଙ୍କ ହାତରୁ ପାଣି ପିଇ ବ୍ରତ ସମାପନ କରିଥିଲେ। ଏହି ଦିନ କରୱା ମାତାଙ୍କ ସମେତ ଭଗବାନ ଶିବ, ମାତା ପାର୍ବତୀ, କାର୍ତ୍ତିକେୟ ଏବଂ ଗଣେଶଙ୍କ ପୂଜନ କରାଯାଇଥାଏ।

# ପ୍ରକଳ୍ପ ପାଣି ସ୍ୱପ୍ନ, ଖୋଲାକୂଅ ଭରସା

**ଫେଲ ମାରୁଛି ପ୍ରକଳ୍ପ, ନିରୂପାୟ ଜଳଯୋଗାଣ ବିଭାଗ**

ଲାଠୋର,୧।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଝଲିଆଲିଟି ଗ୍ରାମବାସୀଙ୍କ ପାଇଁ ପାଇପ ପାଣି ଯେମିତି ସ୍ୱପ୍ନ ହୋଇଯାଇଛି। ଏକାଧିକ ଥର ଜଳ ପ୍ରକଳ୍ପ କାମ କରାଯାଇଥିଲେ ବି ଏହା ଫେଲ ମାରିଛି। ଲୋକେ ଖୋଲାକୂଅର ଦୂଷିତ ପାଣି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନାରେ ଖପ୍ରାଖୋଲ ଜଳ ଯୋଗାଣ ବିଭାଗ ଭୁଆଁ ବୁଲାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୧୦ ବର୍ଷ ତଳେ ଗ୍ରାମରେ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏକ ଜଳ ପ୍ରକଳ୍ପ ନିର୍ମାଣ କରି ପାଇପ ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା କରିଥିଲା। ଗଭୀର କୂପ ଖୋଳାଯାଇଥିଲେ ବି ସେଥିରୁ ପାଣି ବାହାରିଲା ନାହିଁ। ପରେ ଖୋଳାଯାଇଥିବା ଆଉ ଏକ କୂପରୁ ମଧ୍ୟ ପାଣି ବାହାରିଲା ନାହିଁ। ଲୋକଙ୍କ ଅଭିଯୋଗକ୍ରମେ ତୃତୀୟ ଥର ପାଇଁ ଆଉ ଏକ ଗଭୀର କୂପ ଖୋଳାଗଲା। ସେଥିରୁ ମଧ୍ୟ ଆବଶ୍ୟକ ପାଣି ବାହାରିଲା ନାହିଁ। ଏସବୁ ବାବଦରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିଲେ ବି ଗ୍ରାମବାସୀ ଦିନଟିଏ ପାଇଁ ସ୍ୱଚ୍ଛ ପାନୀୟ ଜଳ ପାଇ ପାରିଲେ ନାହିଁ। ଏହାକୁ ନେଇ ଅକ୍ଟୋବର ୧ତାରିଖ ଧରିତ୍ରୀରେ ପ୍ରକଳ୍ପ ପରେ ପ୍ରକଳ୍ପ ମିଳୁନି ପାଣି ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ସେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌର୍ପ୍ୟରଞ୍ଜନ ବେହେରା ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଗନ କିଷାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ ଗ୍ରାମରେ ପହଞ୍ଚି ପାଣି ବାହାରୁ ନଥିବା କୂପରେ ମୋଟର ଲଗାଇଥିଲେ। କିଛି ସମୟ ଜଳ ଯୋଗାଣ ପରେ ଚାଲି ଯାଇଥିଲେ। ଏହା ପରଠାରୁ ଜଳଯୋଗାଣ ବନ୍ଦ ରହିଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟୋନୋପାୟ ହୋଇ ନଳକୂପ ଏବଂ ଖୋଲାକୂଅରୁ ପାଣି ସଂଗ୍ରହ କରୁଛନ୍ତି। ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଳାମନ୍ଦିରରେ ମେହେନ୍ଦୀ ଉତ୍ସବ



ଜଣେ ଅତିଥିଙ୍କ ହାତରେ ମେହେନ୍ଦୀ ଲଗାଯାଉଛି ।

ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଥାନାଛକରେ ରହିଥିବା ପ୍ରତିଷ୍ଠିତ ସୁନା, ରୂପା ଅଳଙ୍କାର ତଥା ଗହଣା ଦୋକାନ କଳାମନ୍ଦିର ଜ୍ୱେଲର୍ସ ପକ୍ଷରୁ କରୱା ଚୌଥ ଅବସରରେ ମେହେନ୍ଦୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୋକାନକୁ ଆସିଥିବା ୧୦୦ରୁ ଅଧିକ ଅତିଥିଙ୍କ ହାତରେ ମାଗଣାରେ ମେହେନ୍ଦୀ ଲଗା ଯାଇଥିଲା। ସେହିପରି ସମସ୍ତଙ୍କୁ ଖାଦ୍ୟ, ପାନୀୟରେ ଆପ୍ୟାୟିତ କରାଯାଇଥିଲା। ସଂସ୍କୃତି ଏବଂ ଐତିହ୍ୟର ପୁନରୁଦ୍ଧାର ପାଇଁ କଳାମନ୍ଦିର ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ କଳାମନ୍ଦିରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିସ୍ଥାପିତ କଲୋନୀରେ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ




ଲୋୟର ସୁକ୍‌ତେଲ ବିସ୍ଥାପିତ କଲୋନୀରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ନବଅବସ୍ଥାପିତ ଅଙ୍ଗନୱାଡି କର୍ମୀ ଓ ସହାୟିକା।

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ସଦେଇପାଲି ନିକଟ ଲୋୟର ସୁକତେଲ ପ୍ରକଳ୍ପ ବିସ୍ଥାପିତ ଥଇଥାନ କଲୋନୀରେ ବୁଧବାର ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ରାଣା ଅଙ୍ଗନୱାଡି କର୍ମୀ ଏବଂ ସହାୟିକଙ୍କୁ ଅବସ୍ଥାପିତ ପତ୍ର ପ୍ରଦାନ କରିଥିଲେ। ବିସ୍ଥାପିତ କଲୋନୀ ମାନଙ୍କରେ ଆଗାମୀ ଦୁଇ ମାସ ମଧ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସ୍ଥାୟୀ ଘରେ କାର୍ଯ୍ୟକ୍ଷମ ହେବା ସହ ସମସ୍ତ ଆବଶ୍ୟକତା ପୂରଣ କରାଯିବ ବୋଲି କହିଥିଲେ। ଏହା ସହ ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଭଲ କାମ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ତେଣୁ ସମସ୍ତେ ଭଲ କାମ କରିବା ସହ କଲୋନୀକୁ ଆଦର୍ଶ ରୂପେ ଗଢି ତୋଳିବାକୁ ଜିଲାପାଳ ରାଣା ପରାମର୍ଶ ଦେଇଥିଲେ। ବିସ୍ଥାପିତ କଲୋନୀରେ ସ୍ଥାୟୀ ପାଣି ଯୋଗାଣ ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ରାଶନ, ଭୋଟର କାର୍ଡ ଆଦି କୌଣସି ଅସୁବିଧା ସାମ୍ନା କଲେ କଲୋନୀବାସୀଙ୍କ ତରଫରୁ ଅଙ୍ଗନବାଡି କର୍ମୀମାନେ ସ୍ଥାନୀୟ ବିଡିଓଙ୍କୁ ଜଣାଇବାକୁ ସେ କହିଥିଲେ। ୧୫ଟି ଅଙ୍ଗନୱାଡିରେ ୩୦ ଜଣଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ବିଡିଓ ଶରତ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲୀଳାବତୀ ନାଗ, ଲୋଇସିଂହା ସିଡିପିଓ ଗାୟତ୍ରୀ ବାରିକ, ସିଡିପିଓ ସୁବାସିନୀ ଦାଶ, ମମତା ଯୋଜନା ସଂଯୋଜିକା ଶିବାନୀ ଠାକୁର ଉପସ୍ଥିତ ଥିଲେ।

## ହତ୍ୟା ମାମଲାର ରାୟ ପ୍ରକାଶ: ବାପାପୁଅଙ୍କୁ ଆଜୀବନ ଜେଲ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଅଲାବୁଲା ଗ୍ରାମରେ ୨୦୧୮ରେ ଜମି ଗଣ୍ଡଗୋଳକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତିରଞ୍ଜନ କାନୁନ୍ ଗୋ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର ରାଜେନ୍ଦ୍ର ଗୌଡ (୬୫) ଓ ତାଙ୍କ ପୁଅ ଜୟ ଗୌଡ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୧ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ନର୍ଲା ଥାନା ଅନ୍ତର୍ଗତ ଅଲାବୁଲା ଗ୍ରାମରେ ଜମି ଗଣ୍ଡଗୋଳକୁ କେନ୍ଦ୍ର କରି ରାଜେନ୍ଦ୍ର ଓ ଜୟ ଲୁହାରଡ୍ ଓ କାଠ ଫାଳିଆରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ଗୌଡଙ୍କୁ ହତ୍ୟା କରିଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ବାପ ପୁଅଙ୍କୁ ପୋଲିସ ଗିରଫ କରି କୋର୍ଟ ମଧ୍ୟ ଚାଲଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନିର୍ଦ୍ଦର୍ଶନୀ ରଥ ପରିଚାଳନା କରିଥିଲେ।

## ପଛୁଆ ବର୍ଗଙ୍କୁ ଶିକ୍ଷା, ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବାକୁ ଗୁରୁତ୍ୱ

ତରଭା,୧।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତୁଳା ପଞ୍ଚାୟତ ପରିସରରେ ବ୍ଲକ ସଂଯୋଜକ ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଶିବତୁଳା ପଞ୍ଚାୟତସ୍ତରୀୟ ଓବିସି ମଞ୍ଚର କମିଟି ଗଠିତ ହୋଇଯାଇଛି। ଏହି ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁ, କଲ୍ୟାଣ ନାଏକ , ପରୀକ୍ଷିତ ସା, ପୂର୍ବତନ ସରପଞ୍ଚ ଡୋଲାମଣୀ ପ୍ରଧାନ ମଞ୍ଚାସୀନ ଥିଲେ । ବୈଠକରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଓବିସି ବର୍ଗର ବିଭିନ୍ନ ଜାତିର ନେତୃବର୍ଗ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବସମ୍ମତି କ୍ରମେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନିଆଲିଙ୍କୁ ସଭାପତି , କାର୍ଯ୍ୟକାରୀ ସଭାପତି ଭାବେ ପୂର୍ବତନ ସରପଞ୍ଚ ଡୋଲାମଣୀ ପ୍ରଧାନ, ଉପ ସଭାପତି ଉମେଶ ନାଏକ, ଗଣେଶ୍ୱର ଭୋଇ, ଗୁଣନିଧି ମହାକୁର, ସଦାନନ୍ଦ ପୁଟେଲ, ପ୍ରଶାନ୍ତ ନିଆଲି, ଶିବାନନ୍ଦ ବିଶ୍ୱାଳ ଓ ସମ୍ପାଦକ ଭାବେ ନନ୍ଦସୁତ ସାହୁଙ୍କୁ ମନୋନୀତ କରାଯାଇଥିଲା । ଓବିସି ବର୍ଗର ବିଭିନ୍ନ ଜାତିର ବ୍ୟକ୍ତି ବିଶେଷଙ୍କୁ ଏକତ୍ରିତ କରିବା, ଅବହେଳିତ ପଛୁଆ ବର୍ଗଙ୍କୁ ରାଜନୀତି, ଶିକ୍ଷା, ଚାକିରୀ କ୍ଷେତ୍ରରେ ସଂରକ୍ଷଣ ମିଳିବା ଆଦି ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ କମିଟି ଗଠନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଶେଷରେ ପରୀକ୍ଷିତ ସା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନରେ ବିଳମ୍ବ

ସୋନପୁର,୧।୧୧(ମୃତ୍ୟୁଞ୍ଜୟ ଶତପଥୀ)



ଜିଲା ସଂସ୍କୃତି ଭବନ ପ୍ରବେଶ ପଥରେ ପ୍ରତିମୂର୍ତ୍ତିକୁ ରଖାଯାଇଛି ।

ରାସ୍ତା ସମ୍ପ୍ରସାରଣ ପାଇଁ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିକୁ ସୋନପୁର ବ୍ଲକ ଛକରୁ ସ୍ଥାନାନ୍ତର କରାଯାଇଥିଲା। ଇତିମଧ୍ୟରେ ଅଢେଇ ବର୍ଷ ବିତି ଗଲାଣି। ମାତ୍ର ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ କରାଯାଇନି। ରାସ୍ତା କାମ ସମ୍ପୂର୍ଣ୍ଣ ହେଲା ପରେ ସତେ ଯେମିତି ସମସ୍ତେ ଭୁଲିଗଲେ। ପ୍ରତିମୂର୍ତ୍ତିକୁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଗ୍ୟାରେଜ୍‌ରେ ରଖାଯାଇଥିଲା। ଏବେ ଜିଲା ସଂସ୍କୃତି ଭବନ ପ୍ରବେଶ ପଥରେ ପ୍ରତିମୂର୍ତ୍ତିକୁ ରଖା ଯାଇଥିବା ଦେଖିବାକୁ ମିଳିଛି। ପ୍ରତିମୂର୍ତ୍ତିକୁ ଏଭଳି ଭାବେ ଅସମ୍ମାନ କରାଯିବା ନେଇ ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀ ନାପସନ୍ଦ କରିଛନ୍ତି । ସୁବର୍ଣ୍ଣପୁର ଜିଲାର ଖଲିଆପାଲି ହେଉଛି ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠ। ଏହି ମାଟିରେ ଭୀମଭୋଇ ସାହିତ୍ୟ ସର୍ଜନା କରି ସନ୍ଥକବି ଭାବେ ଖ୍ୟାତି ପାଇଥିଲେ। ହେଲେ ଜିଲା ସଦର ମହକୁମାରେ ସନ୍ଥକବିଙ୍କ କୌଣସି ପ୍ରତିମୂର୍ତ୍ତି ନାହିଁ। ୪ ଥାକିଆ ରାସ୍ତା ନିର୍ମାଣ ସମୟରେ ବ୍ଲକ ଛକ ନିକଟରେ ଥିବା ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିଲା। ରାସ୍ତା ନିର୍ମାଣ ସରିଲେ ପ୍ରତିମୂର୍ତ୍ତିକୁ ପୁନଃସ୍ଥାପନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଉକ୍ତ ସ୍ଥାନରେ ପ୍ରତିମୂର୍ତ୍ତିକୁ ଆଉ ପୁନଃସ୍ଥାପନ କରାଗଲାନି। ମହିମା ସାଧୁସନ୍ଥମାନେ ସୋନପୁରକୁ ଆସିଲେ ବ୍ଲକ ଛକର ସେହି ସ୍ଥାନରେ ସନ୍ଥକବିଙ୍କୁ ଖୋଜୁଛନ୍ତି। ପ୍ରଶାସନ ସ୍ଥାନ ନିରୂପଣ କରି କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଜିଲାସ୍ତରୀୟ ମିତବ୍ୟୟିତା ଦିବସ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ ଅଫିସଠାରେ ଡିପିସି ପୋଷ୍ଟ, ଅର୍ଥ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱମିତବ୍ୟୟିତା ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଅପରାହ୍ନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ସଞ୍ଚୟ ରଥ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ମାଧ୍ୟମରେ ସରକାରଙ୍କ ମହିଳା ସମ୍ମାନ ଯୋଜନା, ବାଳିକା ସମୃଦ୍ଧି ଯୋଜନା ତଥା ସାଇବର କ୍ରାଇମ ଉପରେ ମଧ୍ୟ ଜନ ସଚେତନତା ସୃଷ୍ଟି କରାଯାଉଛି। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ତଥା ସହରାଞ୍ଚଳ ଭ୍ରମଣ କରିବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସହକାରୀ ନିର୍ଦ୍ଦେଶକ ସଞ୍ଜୟ ବିବେକାନନ୍ଦ ମହାନନ୍ଦ ଯୋଗଦେଇ ସଞ୍ଚୟର ଉପକାରିତା ଉପରେ ଆଲୋକପାତ କରିଥିଲେ।

## ୬ଦଫା ଦାବି କଲା ଜେସିବି ଚାଳକ ସଂଘ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଜେସିବି ଚାଳକ ସଂଘର ପ୍ରତିନିଧିବୃନ୍ଦ ।

ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘର ଦାବି ସମୂହକୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଜେସିବି ଚାଳକଙ୍କ ସମସ୍ୟା ନେଇ ସଂଘ ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ବୁଧବାର ସଂଘ ପକ୍ଷରୁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୬ଦଫା ଦାବି କରାଯାଇଛି। ପ୍ରତ୍ୟେକ ଅପରେଟରଙ୍କ ଜୀବନବୀମା, ଏସ୍‌ଆଇପିଏଫ ବାଧ୍ୟତାମୂଳକ କରାଯିବା, ପ୍ରତ୍ୟେକ ମେଶିନରେ ଏ.ସି ଲଗାଯିବା, ଜେସିବି ଚାଳକଙ୍କ ଦରମା ମାସିକ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ କରାଯିବା, ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘର ଅଫିସ ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯିବା ଏବଂ ଅପରେଟରମାନଙ୍କ ଲାଇସେନ୍ସ ବାବଦକୁ ଟ୍ରେନିଂ ପାଇଁ ଜେସିବି ମେଶିନ ଯୋଗାଇ ଦେବାକୁ ଦାବି ହୋଇଛି । ଉପରୋକ୍ତ ଦାବି ସମୂହ ପୂରଣ ନ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ସଂଘର ସଭାପତି ମିଥୁନ ମହାରଣା, ଉପସଭାପତି ରବିରଞ୍ଜନ ବେହେରା, ସମ୍ପାଦକ ଦିପକ ପ୍ରସାଦ ସାହୁ, ସହସମ୍ପାଦକ ହେମନ୍ତ ସାହୁ, କୋଷାଧ୍ୟକ୍ଷ ଆଦିତ୍ୟ ସାହୁ ଏବଂ ଅନ୍ୟ ସଦସ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ବିନିକା,୧।୧୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହାକୁ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରି ରାଷ୍ଟ୍ରର ଅର୍ଥନୈତିକ,ରାଜନୈତିକ ଏବଂ ସାମାଜିକ ଅଭିବୃଦ୍ଧିରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି କହିଥିଲେ । ଏହି ଅବସରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ,କର୍ମଚାରୀ ଓ ଅଧ୍ୟୟନ ଛାତ୍ରୀଛାତ୍ରମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲ । ଅଧ୍ୟାପକ ମାନସ ରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଗୋପାଳ କୃଷ୍ଣ ଦାଶ,ରୁଦ୍ର ନାରାୟଣ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଚ୍ଚୋଟ ପନ୍ଥା ଅବଲମ୍ବନ କରିବା ସହ ଉତ୍ତମ ସମାଜ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ।

## ଛାତ୍ରୀଛାତ୍ର ପାଳିଲେ ଏକତା ଦିବସ

ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)

ଅଖଣ୍ଡତାର ମୂଳମନ୍ତ୍ର ଏକତା। ରାଷ୍ଟ୍ରୀୟ ଏକତାରେ ହିଁ ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି ବରଗଡ଼ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ସାହିତ୍ୟ ସଂସଦର ସଭାନେତ୍ରୀ ଅଶ୍ଲେଷା ମହାନନ୍ଦଙ୍କ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦିକା ରେଣୁକା ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଦେଷ୍ଟା ଶିକ୍ଷୟିତ୍ରୀ ସୁନୀତା ମିଶ୍ର ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଉପରେ ଉପରେ ବକ୍ତବ୍ୟ ରଖିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଅନ୍ନପୂର୍ଣ୍ଣା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏକତାର ପ୍ରତୀକ ଥିଲେ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ କହିଥିଲେ । ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଏକତା ପାଇଁ ସଂକଳ୍ପ ନେଇଥିଲେ।



ଏକତା ଦିବସ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ନୂଆପଡ଼ା,୧।୧୧(ମକାରୁ ବେମାଲ)




କବାଡି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ଗାଁ ପଞ୍ଚାୟତ ପଡିଆରେ ଚାଲିଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କବାଡି ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାର ଓ ଛତିଶଗଡରୁ ମୋଟ ୩୦ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କବାଡି ପ୍ରତିଯୋଗିତା ଉଦଘାଟନ କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହିର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ର, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ, ସିଆଲଟି ସରପଞ୍ଚ କାଳିଆ ପ୍ରଧାନ, ସୋସେଙ୍ଗ ସରପଞ୍ଚ ଲିଙ୍ଗରାଜ ମାଝି, ଜଟଗଡ ସରପଞ୍ଚ ପ୍ରତିନିଧି ଠାକୁର ଜଗତ, ସମିତି ସଭ୍ୟ ସୁବୋଧ ଭୋଇ, ସିଆଲଟି ସମିତି ସଭ୍ୟ ଚନ୍ଦ୍ର ନାଏକ, ପୂର୍ବତନ ସରପଞ୍ଚ ଓନମ ଶବର, ନାଏବ ସରପଞ୍ଚ ପଙ୍କଜିନି ଶବର, ଲଳିତ ଶବର, କ୍ଷମା ମିର୍ଦ୍ଧା, ଗାଁ ଗୌନ୍ତିଆ ଲୋକନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଚୌକପଡା ଦଳ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ହାତିସରା, ତୃତୀୟ କୋଦୋମେରୀ ଓ ପଲସିପାଣି ଦଳ ଚତୁର୍ଥ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ନଗଦ ରାଶି ସହ ଟ୍ରଫି ଗ୍ରହଣ କରିଥିଲେ। ଚୈତନ ସାହୁ, ଭରତ ପ୍ରଧାନ, ପୁନିତ ରାଉତ, ଦେଓ କୁମାର ସତନାମୀ, ପ୍ରେମ ଶଙ୍କର ସତନାମୀ, ଦିନେଶ ସତନାମୀ, ମଦନ ଦଣ୍ଡସେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ତଥା ସ୍ଥାନୀୟ ସରପଞ୍ଚ ଗଙ୍ଗାରାମ ମାଝି, ସମ୍ପାଦକ ଅଜୟ କୁମାର ଅହିର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, କୋଷାଧକ୍ଷ ଦୟାନିଧି ଶବର, ଉପଦେଷ୍ଟା ରାଜେନ୍ଦ୍ର ଶବର, ହୋସରାମ ଶବର, ଗଜରାମ ଶବର, ପରମାନନ୍ଦ ଭୋଇ, ଡମ୍ବୁରୁ ଶବର, ଦିଲୀପ ଶବର, ହେତରାମ ଶବର, ଧର୍ମେନ୍ଦ୍ର ଶବର ପ୍ରମୁଖ ଆୟୋଜନ କରିଥିବା ବେଳେ ସଞ୍ଜିବ ପ୍ରଧାନ, ଗୁକେଶ ଶବର, ହମରେଶ ଶବର, ଆବେଶ ଶବର, ଦୀପକ ଶବର, କାମେଶ୍ୱର ଶବର, ନାରାୟଣ ଶବର, ପ୍ରେମଲାଲ ଶବର, ବିକାଶ ଶବର, ଅଜିତ ଶବର, କୁଳମଣି ଶବର, ଦିବ୍ୟସିଂ ଶବର, ଦଳଗଞ୍ଜନ ଶବର, ଜିତେନ ଠାକୁର, ଦେବରାଜ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୀତ ଗାଇ ପୁଅଙ୍କୁ ପଟାନ୍ତି


ସବ୍ରିନା ଡୁଡା

ଅଟାୱା

ଅନେକ ସମୟରେ ପୁଅ ତା' ମନ ପସନ୍ଦର ଝିଅ ପଟେଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳେ। ଏଥିପାଇଁ ତାଙ୍କୁ ଫୁଲତୋଡ଼ା, ଚକୋଲେଟ୍, ଗିଫ୍ଟ ଆଦି ଦେବାକୁ ମଧ୍ୟ ପଡ଼ିଥାଏ। ହେଲେ ଝିଅମାନଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳି ନ ଥାଏ। ହେଲେ ନିକଟରେ ଜଣେ ଝିଅ ତାଙ୍କ ମନ ପସନ୍ଦର ପୁଅକୁ ପଟେଇବାକୁ ଲଭ୍ ଗୀତ ଲେଖୁଥିବା ଜଣାପଡ଼ିଛି। ଏଥିସହ ନିଜର ସମସ୍ତ ଆର୍ଟିଷ୍ଟିକ୍ କାର୍ଯ୍ୟ ମନ ପସନ୍ଦ ପୁଅ ପଛରେ ଲଗାଇ ଦିଅନ୍ତି। ସେ ସେଥିପାଇଁ କଷ୍ଟ କରି ଗୀତ ଲେଖନ୍ତି, ଯେପରି ଯାହା ପୁଅକୁ ପସନ୍ଦ ଆସିବ। କାନାଡ଼ାର ବାସିନ୍ଦା ୨୭ ବର୍ଷୀୟା ସବ୍ରିନା ଡୁଡାଙ୍କ କାହାଣୀ ଅନ୍ୟ ଝିଅଙ୍କଠାରୁ ପୂରା ଅଲଗା। ସବ୍ରିନାଙ୍କ କହିବା କଥା, ସେ ପୂର୍ବରୁ ଡେଟିଂ ଆପ୍‌ରେ ନିଜ ପାଇଁ ପୁଅ ପସନ୍ଦ କରୁଥିଲେ। ଏବେ ତାଙ୍କୁ ଏକ ପୁଅ ପସନ୍ଦ ଆସିଛି। ସେଥିପାଇଁ ସେ ସେହି ପୁଅକୁ ପଟେଇବାକୁ କିଛି ନୂଆ କରିବାକୁ ଚେଷ୍ଟା ଚଳାଇଛନ୍ତି। ପ୍ରକୃତରେ ସବ୍ରିନା ଜଣେ ସଙ୍ଗୀତକାର। ସେ ଅନେକ ଗୀତ ଲେଖି ତାକୁ ପପୁଲାର ଗୀତ ସହିତ ଅପଲୋଡ କରନ୍ତି। ଏବଂ ଡେଟିଂ ଆପରେ ଥିବା ପୁଅଙ୍କୁ ଭଏସ୍ ମେସେଜ ଜରିଆରେ ତାହା ପଠାଇ ଦିଅନ୍ତି। ଏହା ଫଳରେ ତାଙ୍କୁ କିଛି ଭଲ ଡେଟ୍‌ରେ ଯିବାକୁ ମଧ୍ୟ ସୁଯୋଗ ମିଳିଛି। ସେ ନିଜର ଏହି ଗୀତକୁ ମଧ୍ୟ ଟିକ୍‌ଟକ୍‌ରେ ମଧ୍ୟ ଶେୟାର କରିଛନ୍ତି। ଗୀତକୁ ଲକ୍ଷାଧିକ ଲୋକ ଶୁଣି ତାଙ୍କୁ ମେସେଜ୍ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ତାଙ୍କ ମନ ପସନ୍ଦର ରାଜକୁମାର ମିଳି ନାହାନ୍ତି। ତାଙ୍କ ଅଧିକାଂଶ ଗୀତର ଅର୍ଥ ସେ ଜଣେ ଭଲ ସ୍ୱାମୀଙ୍କ ସନ୍ଧାନରେ ଅଛନ୍ତି।

# କମ୍ପାନୀ ପକ୍ଷରୁ ୩ ଦିନ ସମୂହ ଛୁଟି କଟାଇବେ କର୍ମଚାରୀ

**ତଲାହାସି:** ବେସରକାରୀ ସଂସ୍ଥାରେ ଛୁଟି ମିଳିବା କଷ୍ଟକର ହୋଇଥାଏ। ଚାକିରିର ଏପରି ପ୍ରଣାଳୀକୁ ବଦଳାଇବାକୁ ଏକ କମ୍ପାନୀର ମୁଖ୍ୟ ପ୍ରୟାସ କରିଛନ୍ତି। ସେ ତାଙ୍କ ୧୨୦୦ କର୍ମଚାରୀଙ୍କୁ ସପରିବାର ୩ ଦିନ ପାଇଁ ଡିଜ୍‌ନୀଲାଣ୍ଡ ପଠାଇବାକୁ ପ୍ରସ୍ତାବ ରଖିଛନ୍ତି। ସିଟାଡେଲ୍ କମ୍ପାନୀର ସିଇଓ କେନେଥ୍ ସି. ଗ୍ରିଫିନ୍ କର୍ମଚାରୀଙ୍କ ପାଇଁ କମ୍ପାନୀ ପକ୍ଷରୁ ବିମାନ, ହୋଟେଲ ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯିବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT / DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus •Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଶାହରୁଖ୍ ଖାନ୍

# ଧୁମଧାମରେ ପାଳିବେ ଜନ୍ମଦିନ

ମୁମ୍ବାଇ

ନଭେମ୍ବର ୨ରେ ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍‌ଙ୍କ ୫୮ତମ ଜନ୍ମଦିନ। ଚଳିତବର୍ଷ ତାଙ୍କର ସମସ୍ତ ଫିଲ୍ମ ବକ୍ସ ଅଫିସରେ ଧୁମ୍ ମଚାଇଛି। ଏହି ବର୍ଷ ତାଙ୍କ ପାଇଁ ବହୁତ ସ୍ମରଣୀୟ ହୋଇଥିବାରୁ ସୁପରଷ୍ଟାର ତାଙ୍କ ଜନ୍ମଦିନକୁ ଐତିହାସିକ ଭାବେ ଧୁମଧାମ୍‌ରେ ପାଳିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଦିନଟି ଏକ ଭବ୍ୟ ଉତ୍ସବ ପରି ପାଳନ କରାଯିବ। ଏଥିସହ ଶାହରୁଖ୍‌ଙ୍କ ଅଭିନୀତ ରାଜକୁମାର ହିରାନୀଙ୍କ ଡଙ୍କିର ଟିଜର ତାଙ୍କ ଜନ୍ମଦିନରେ ମୁକ୍ତିଲାଭ କରିବ। ତାଙ୍କ ଚଳଚ୍ଚିତ୍ର 'ଯୱାନ' ସେଦିନ ଓଟିଟିରେ ମଧ୍ୟ ମୁକ୍ତିଲାଭ କରିବ। ଏହି ଗ୍ରାଣ୍ଡ ପାର୍ଟିରେ କରଣ ଜୋହର, ଆଲିଆ ଭଟ୍ଟ, କାଜୋଲ, ଦୀପିକା ପାଦୁକୋନ, ରାଜକୁମାର ହିରାନୀ, ଏଟଲି, ସିଦ୍ଧାର୍ଥ ଆନନ୍ଦଙ୍କ ସମେତ ଅନେକ କଳାକାର ଯୋଗଦେବାର ଯୋଜନା ରହିଛି। ତେବେ ୧୯୯୨ରେ ଫିଲ୍ମ 'ଦିୱାନା' ଜରିଆରେ ସେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟର ଯାଦୁରେ ବର୍ତ୍ତମାନ ଅନେକଙ୍କ ପ୍ରିୟ ହୋଇପାରିଛନ୍ତି। ଶେଷ ଥର ପାଇଁ ତାଙ୍କୁ 'ଜୱାନ'ରେ ଦେଖିବାକୁ ମିଳିଥିଲା। ଯାହା ଶହେ କୋଟି କ୍ଲବରେ ସାମିଲ ହୋଇଛି। ଆଗକୁ ସେ 'ଡଙ୍କି' ଏବଂ 'ଟାଇଗର ୩'ରେ ନଜରକୁ ଆସିବେ। ଏଥିସହ ସେ ଟେଲିଭିଜନରେ ମଧ୍ୟ ଅନେକ ଚରିତ୍ର ପ୍ରତିପାଦନ କରିଛନ୍ତି। ଏହା ବ୍ୟତୀତ ସେ ଅନେକ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ପୁଅର ପୂର୍ବତନ ଗର୍ଲଫ୍ରେଣ୍ଡକୁ ହରାଇଲେ ମା'



ବ୍ରୁସେଲ୍ସ

ନିକଟରେ ଜଣେ ମହିଳା ତାଙ୍କ ପୁଅଙ୍କ ପୂର୍ବତନ ଗର୍ଲଫ୍ରେଣ୍ଡଙ୍କ ସହିତ ବକ୍ସିଂ କରି ଜିତି ଯାଇଛନ୍ତି। ପୋଲାଣ୍ଡର ୫୦ ବର୍ଷୀୟା ଗୋସିଆ ମ୍ୟାଜିକାଲ ଓ ୧୯ ବର୍ଷୀୟା ନିକିତା ଫାଇଟ୍ କରୁଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଲୋକେ ଭିନ୍ନ ଭିନ୍ନ ମତ ରଖିଛନ୍ତି। ସେମାନେ ଭାବୁଥିଲେ କି ନିକିତା ଏହି ଫାଇଟ୍‌ରେ ଜିତିଥିବେ, ହେଲେ ଗୋସିଆ ତାଙ୍କୁ ମାତ୍ ଦେଇଦେଲେ। ଭିଡିଓରେ ନିକିତା ଗୋସିଆଙ୍କୁ ମାରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ଯାଉଥିଲା। ଦୁହେଁ ଦୁହିଁଙ୍କୁ କିଛି ମୁଥ ମରାମରି ହେବା ପରେ ଗୋସିଆଙ୍କ ଗୋଟେ ମୁଥରେ ନିକିତା ତଳେ ପଡ଼ିଯାଇଥିଲେ। ରିପୋର୍ଟମୁତାବକ, ଲୋକେ ଏପରି ଏକ ଫାଇଟ୍‌କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କିପରି ଜଣେ ମହିଳା ତାଙ୍କ ଅଧା ବର୍ଷୀୟାଙ୍କୁ ମାତ୍ ଦେଇଦେଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଜଣେ ମା' ତା' ପିଲା ପାଇଁ ସବୁ କିଛି କରିପାରେ। ଏଥିରେ ଜଣେ ୟୁଜର ଲେଖିଛନ୍ତି, ପୁଅର ହୃଦୟ ଭାଙ୍ଗିବା ପରେ ତାଙ୍କ ମା' ସହିତ କେତେବେଳେ ଟକ୍କର ଦେବା ଉଚିତ ନୁହେଁ। ଆଉ ଜଣେ ଲେଖିଛନ୍ତି, ଭଗବାନଙ୍କୁ ଧନ୍ୟବାଦ କି ଏଥିରେ ଚପଲ ପିନ୍ଧିଥିବାର ଅନୁମତି ନାହିଁ ନଚେତ୍ ଷ୍ଟେଜ୍ ରକ୍ତାକ୍ତ ହୋଇଯାଇଥାନ୍ତି।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75239

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ-850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75243

ଘରବାରି ପଟ୍ଟା **Plots, Resale Hotel /house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853 474706.** D-75233

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ-7008833643. D-75257

**Nakhara-NIRTAR State Highway** କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି **SC** ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି **– 9937417899.** D-75256


Healthcare

Full body massage in homely atmosphere in all therapy. Mob: 8114881641. D-73445

All types of professional body massage by professional therapy. Contact 7077933109, 9556924059, 8658803018. D-1669

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Newly open health benefits Spa special offer @999. Contact: 7749034655. D-75166

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

**BUSINESS**

Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691


**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**HONORARY DOCTORATE AWARD**



ଓଡ଼ିଶାର ଯୁବ ଉଦ୍ୟୋଗୀ ଏବଂ ଫୋଲିଓ ଏକ୍ସପ୍ରେସ୍‌ର ଫାଉଣ୍ଡର **ଡ. ବିଶ୍ୱଜିତ ମୁଦୁଲିଙ୍କୁ** World Human Rights Protection Commissionର ଆୟୋଜନରେ ଅନୋରାରୀ ଡକ୍ଟରେଟ୍ ଆୱାର୍ଡ କାଉନ୍‌ସିଲ ତରଫରୁ ଗଲା ୨୮।୧୦।୨୦୨୩ଦିନ Delhi ସ୍ଥିତ ହୋଟେଲ ଅଶୋକଠାରେ ତାଙ୍କୁ ଏକ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଛି। ଏହି ଉପାଧିଟି ତାଙ୍କୁ Entrepreneurship ବା ଉଦ୍ୟୋଗ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ BJP National General Secretary (Dushyant Kumar Goutam), Bollywood Actor (Govinda), Former Cricketer (Madan Lal Sharma), NCP National General Secretary (Brijmohan Srivastav) ଯୋଗଦେଇଥିଲେ।
ଡ. ବିଶ୍ୱଜିତ କହିଛନ୍ତି ଯେ, ଉଦ୍ୟୋଗ କ୍ଷେତ୍ରରେ ଦେଶ ପାଇଁ ମୋତେ ବହୁତ କିଛି କରିବାର ଅଛି ଏବଂ ମାଲକାନଗିରି ଜିଲ୍ଲା ଯେହେତୁ ମୋର ଜନ୍ମସ୍ଥାନ ଏଥିପାଇଁ ସେହି ଅଞ୍ଚଳ କିପରି ଶିଳ୍ପ କ୍ଷେତ୍ରରେ ଦୁଇପାଦ ଆଗକୁ ଯାଇପାରିବ ଏବଂ ସେଠାକାର ସ୍ଥାନୀୟ ଅଞ୍ଚଳରେ କିପରି ଷ୍ଟାର୍ଟଅପ ଏବଂ ନୂଆ ଉଦ୍ୟୋଗୀ ତିଆରି ହୋଇପାରିବେ ଏଥିପ୍ରତି ବିଶେଷ ଧ୍ୟାନ ଦେବି।
ଧ-୧୭୦୬

**AFFIDAVIT**

I, Amulya Mishra, S/o - Late Gangadhar Mishra, resident of At- Cinema Hall Chak, Village - Bahadapitha, P.O. - Raanganipatana, P.S.- Odagaon, Dist.- Nayagarh, PIN-752081, Odisha, declare by this Affidavit No. 2/1, dated 31.10.2023 that now onwards I shall be known as Amulya Kumar Mishra for all future purposes.
D-1707

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀମତୀ ରାଜଶ୍ରୀ ମହାନ୍ତି (I.A.S.)ଙ୍କ ଅଦାଲତ
୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
Court No.-III
ଓ.ଏସ୍.ଏସ୍. କେସ୍ ନମ୍ବର ୪୯୪/୨୧୫
[ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ଅନୁଯାୟୀ]

ଶ୍ରୀ ଅଜୟ କୁମାର ସାହୁ, ପି ୰ଭିକାରୀ ସାହୁ, ସା./ପୋ.- ଗୋଳବାଇ, ଥାନା- ଜଙ୍କିଆ, ହାଲ ବାସସ୍ଥାନ ସା.- ପ୍ଲଟ୍ ନଂ.H-୧୫, ରାଜୀବ ନଗର, ଆଇଗିଣିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୦୩ ... ... ବାଦୀ

ବନାମ

୧. ଓଡ଼ିଶା ସରକାର ତରଫ ତହସିଲଦାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୨(a). ପ୍ରଦୀପ କୁମାର ରାଉତରା, ପି. ୰ମୀନକେତନ ରାଉତରା
୩(a). ହୃଷୀକେଶ ରାଉତରା, ପି. ୰କଣ୍ଟୁରୀ ରାଉତରା
୪(a). ଲୋଭା ବେୱା, ସ୍ୱା. ୰ ବଂଶୀଧର ରାଉତରା
୪(b-i). ବିନୋଦିନୀ ରାଉତରା, ସ୍ୱା. ୰ନରହରି ରାଉତରା
୪(b-ii) ଜିତୁ ରାଉତରା, ପି. ୰ନରହରି ରାଉତରା
୫(a). ବିଭସ୍ଵ ରାଉତରା, ପି. ୰ନାଥ ରାଉତରା
୬(a). କମଳା ବେୱା, ସ୍ୱା. ୰ଗୋଲେଖ ରାଉତରା
୬(b). ବିକ୍ରମ ରାଉତରା, ପି. ୰ଗୋଲେଖ ରାଉତରା
୬(c). ସଂଗ୍ରାମ ରାଉତରା, ପି. ୰ଗୋଲେଖ ରାଉତରା
କ୍ରମିକ ନଂ. ୨(a) ଠାରୁ ୬(c)ଙ୍କର ସା./ପୋ.- ଅନ୍ଧାରୁଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୨୯ ।
୭. ବିଦ୍ୟୁତ୍‌ଲତା ନାୟକ, ସ୍ୱା. ଲମ୍ବୋଦର ନାୟକ
ବାସସ୍ଥାନ ପାଞ୍ଚନପଡ଼ା, ପୋ. - ମଙ୍ଗରାଜପୁର, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡ଼ା ... ... ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ ପଠାଯାଇଥିଲା । କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିଜମା ତଫସିଲ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନ୪୪ମ୍ବର), ଜିଲ୍ଲା- ଖୋର୍ଦ୍ଧା ।

| ହାଲ ଖାତା ନଂ. | ହାଲ ପ୍ଲଟ୍ ନଂ. | ହାଲ ରକବା |
|---|---|---|
| ୧୮୪୩ | ୬୪୬୧ | ଏ୦.୦୬୦ ଡେସିମିଲ (ହେ୦.୦୨୪୩) |
| **ସାବିକ ଖାତା ନଂ.** | **ସାବିକ ପ୍ଲଟ୍ ନଂ.** | **ସାବିକ ରକବା** |
| ୫୦୧ | ୨୧୧୨ (ଅଂଶ) | ମୋଟ ରକବା ଏ୦.୭୧୦ ଡେସିମିଲ ସୁଧରୁ ଏ୦.୦୬୦ ଡେସିମିଲ |

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ, ପୁନରୀକ୍ଷଣ ନ୍ୟାୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା୦୭।୧୧।୨୩ରିଖ ଦିବା ଘ୦୩.୦୦ମି. ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

ଅତିରିକ୍ତ କମିଶନରଙ୍କ ଆଦେଶକ୍ରମେ
**ସ୍ୱା./- ଲକ୍ଷ୍ମୀଧର ନାୟକ**
Court Officer
D-1704

## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ**


୰ଡାକ୍ତର ପ୍ୟାରୀ ମୋହନ ସିଂହ

ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ବାର ବର୍ଷ ହୋଇଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ। ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା।
ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା।
ଧ-୧୭୦୩


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ୧୦ରୁ ପ୍ରତି ଜିଲାରେ କଂଗ୍ରେସର କିଷାନ ମହାପଞ୍ଚାୟତ

ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର): କୃଷି ଓ କୃଷକର ନିରନ୍ତର ଉନ୍ନତି ହେଉଛି ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ବାହୁସ୍ଫୋଟ ମାରୁଥିଲେ ମଧ୍ୟ ପ୍ରକୃତରେ ଏହା ପ୍ରତାରଣାରେ ପରିଣତ ହୋଇଛି। ଏହାଦ୍ୱାରା ଚାଷୀ ଚାଷରୁ ମୁହଁ ଫେରାଇଲେଣି। ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଅହେତୁକ ଅଭାବୀ ବିକ୍ରି, ସଂରକ୍ଷଣ ଓ ଶୀତଳ ଭଣ୍ଡାରଟିଏ ନ ଥିବାରୁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅନୁରୂପ ଭାବେ ଚାଷଜମିକୁ ଜଳସେଚନର ଅବ୍ୟବସ୍ଥା ଫସଲହାନିର ମୁଖ୍ୟ କାରଣ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏପରି ଚାଷୀମାରଣ ନୀତିର ଦୃଢ଼ ପ୍ରତିବାଦ ଏବଂ ପ୍ରତି ପଞ୍ଚାୟତସ୍ତରୀ ଚାଷୀମାନଙ୍କ ବାସ୍ତବ ସମସ୍ୟା ଚିହ୍ନଟ କରାଯିବ। ଏଥିପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ତରଫରୁ ଆସନ୍ତା ୧୦ରୁ ପର୍ଯ୍ୟାୟକ୍ରମେ ରାଜ୍ୟର ପ୍ରତି ଜିଲାସ୍ତରରେ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହେବ। ପ୍ରଦେଶ କଂଗ୍ରେସ ଭବନଠାରେ ମଙ୍ଗଳବାର କିଷାନ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଫସଲବୀମାଠାରୁ ଆରମ୍ଭକରି ବିଭିନ୍ନ ଯୋଜନାରେ ଚାଷୀ ଲାଭ ପାଇବା ତ ଦୂରର କଥା ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଚାଷୀର ବାର୍ଷିକ ଆୟ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ୨ ଗୁଣା ହେଲାନାହିଁ। ସମ୍ପ୍ରତି ପିଆଜ ଦର ଯେଉଁଭଳି ବୃଦ୍ଧି ପାଇଛି ଏଥିରେ ଖାଉଟି ହନ୍ତସନ୍ତ। ଜନସଂଖ୍ୟାର ଚାହିଦା ଅନୁଯାୟୀ ସରକାର ପିଆଜ ଭଳି ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ କେତେ ଆଗୁଆ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ପିଆଜ ଦର ନିୟନ୍ତ୍ରଣ କରିବା, ପିଆଜ ଉତ୍ପାଦନ ଓ ସଂରକ୍ଷଣ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତ ବୋଲି ସେ କହିଛନ୍ତି।

# ସବୁ ବିରୋଧୀ ନେତାଙ୍କୁ ଭାଜପା ଗିରଫ କରିବ: ମମତା


ମମତା ବାନାର୍ଜୀ

କୋଲକାତା,୧।୧୧: ଦିଲ୍ଲୀ ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ 'ଇଡି'ର ସମନକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମମତା ବୁଧବାର କହିଛନ୍ତି, ୨୦୨୪ ନିର୍ବାଚନ ପୂର୍ବରୁ ଭାଜପା ସବୁ ବିରୋଧୀଦଳ ନେତାଙ୍କୁ ଗିରଫ କରିବାକୁ ଯୋଜନା କରିଛି। ସେମାନେ ଏକ ଖାଲି ଦେଶରେ ନିଜ ପାଇଁ ଭୋଟ ଚାହୁଁଛନ୍ତି। ଆଉ କେତେକ ଏମ୍ପିଙ୍କ ଫୋନ ହ୍ୟାକ କରାଯାଉଛି। ଏଭଳି ସ୍ଥିତିରେ ଅନ୍ୟ ଦେଶଗୁଡ଼ିକ ଆମ ଦେଶ ବିଷୟରେ କ'ଣ ଭାବୁଥିବେ। ବାହାର ଲୋକଙ୍କ ଆଗରେ ଆମେ ଦେଶକୁ କେବେ ଛୋଟ କରି ପାରିବୁନାହିଁ। ଆମେ ଏହାର ନିଶ୍ଚିତ ପ୍ରତିବାଦ କରିବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୨ରେ ପଚରାଉଚରା ପାଇଁ ଇଡି ଅରବିନ୍ଦ କେଜ୍ରିୱାଲଙ୍କୁ ସମନ କରିଛି। ଅକ୍ଟୋବର ୩୧ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଟିଏମ୍‌ସି ଏମ୍ପି ମହୁଆ ମିତ୍ର, କଂଗ୍ରେସ ଏମ୍ପି ଶଶି ଥରୁର, ଆମ ଆଦମୀ ପାର୍ଟି ନେତା ରାଘବ ଚଡାଙ୍କ ସମେତ ଅନେକ ନେତା ଆପଲର ସତର୍କ ସୂଚନାକୁ ଦର୍ଶାଇ ସରକାର ସେମାନଙ୍କୁ ହ୍ୟାକ କରୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସମସ୍ତ ଅଭିଯୋଗ ଭିତ୍ତିହୀନ। ସମଗ୍ର ଘଟଣାର ତଦନ୍ତ କରାଯିବ।

# କଲେଜ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଇନାହାନ୍ତି: ଭାଜପା

## ଛାତ୍ରୀ ବଳାତ୍କାର ଘଟଣା

ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର)


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାରେ ବିଜେଡି ଶାସନ କରୁଥିଲେ ମଧ୍ୟ ମହିଳାମାନେ ଏଠାରେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଏନେଇ ଭାଜପା ବାରମ୍ବାର ଅଭିଯୋଗ କରିଆସିଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠି ପ୍ରତି ଅଢ଼େଇ ଘଣ୍ଟାରେ ଜଣେ ମହିଳା ବଳାତ୍କାରର ଶିକାର ହେଉଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ିଯାଇଛି। କେନ୍ଦ୍ରାପଡ଼ା ଜିଲାର ଏକ କଲେଜର ଜଣେ ଛାତ୍ରୀଙ୍କୁ ନିଶା ଦେଇ ଅପହରଣ କରିବା ପରେ ବଳାତ୍କାର କରାଯାଇଛି। ଏହା ରାଜ୍ୟବାସୀଙ୍କୁ ଚକିତ ଓ ବ୍ୟଥିତ କରିଛି। ଏନେଇ ନାବାଳିକା ଛାତ୍ରୀ ବଳାତ୍କାର ମାମଲାରେ ସରଜମିନ୍ ତଦନ୍ତ ପାଇଁ ଭାଜପା ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ଗତ ୩୦ ତାରିଖରେ ଘଟଣାସ୍ଥଳ ଗସ୍ତ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଲେଜରେ ଆଣ୍ଟି ହାରାସ୍‌ମେଣ୍ଟ ସେଲ୍ ନାହିଁ। ଗତ ୧୭ ତାରିଖରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷ କିଛି ପଦକ୍ଷେପ କାହିଁକି ନେଇନାହାନ୍ତି। ଏଥିରୁ ଅନେକ ପ୍ରଶ୍ନ ଆସିବା ସ୍ୱାଭାବିକ। କଲେଜରେ କାହିଁକି ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ବିଜେଡି ବୈଠକ ସଙ୍ଗଠନକୁ ଦୃଢ଼ କରିବାକୁ ଶପଥ


ବୈଠକରେ ବିଜେଡିର ନେତା ଓ କର୍ମକର୍ତ୍ତା।

ବାଲେଶ୍ୱର, ୧।୧୧(ମାନସ ବିଶ୍ୱାଳ): ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଞ୍ଚୁପଡ଼ା ପଞ୍ଚାୟତରେ ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ଜିଲା ଉପସଭାପତି ଯଯାତି ଦାସ ଯୋଗଦେଇ ବରିଷ୍ଠ କର୍ମୀମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜନସାଧାରଣ କିପରି ସାମାଜିକ ନ୍ୟାୟ ପାଇବେ ଓ ପଞ୍ଚାୟତରେ ସଙ୍ଗଠନକୁ କିଭଳି ସୁଦୃଢ଼ କରିହେବ ସେନେଇ ସମସ୍ତ କର୍ମକର୍ତ୍ତା ଶପଥ ନେଇଥିଲେ। ସରକାରଙ୍କର ଜନହିତକର ଯୋଜନାକୁ ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବକମାନଙ୍କୁ ଜିଲା ଉପସଭାପତି ଦାସ ଆହ୍ୱାନ ଦେଇଥିଲେ। ବୈଠକରେ ମଦନମୋହନ ବେହେରା, ସୁବ୍ରତ ବେରା, ବାସୁଦେବ ମାନ୍ନା, ପ୍ରଫୁଲ୍ଲ ମଣ୍ଡଳ, ମାଣିକଲାଲ ଜେନା, ଦୀପକ ବେରାଙ୍କ ସମେତ, ବିଜୟ ଭୂୟାଁ, ଯତୀଶ ଦାସ, ଠୁଙ୍ଗ ମହାକୁଡ ଓ ରାଜେନ୍ଦ୍ର ବିଶ୍ୱାଳଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।


**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**

No.A-736: 'e' Procurement Notice No. ACECIC-08/2023-24

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | NID-07/ 2023-24 | Improvement to Communication facility from RD.00 to 10.43 Km of Nuagaon Distributary | 681.22 | 681300/- (Online) | 10000/- (Online) | "A" & "Special" Class | 03.11.2023 At 10.00 Hours | 17.11.2023 At 17.00 Hours | 18.11.2023 At 11.00 Hours | 12 (Twelve) Calendar Months |
| | KID-04/ 2023-24 | Improvement to Rajua Left Embankment from Pandiabilli to Sanaput | 240.68 | 240700/- (Online) | 10000/- (Online) | "A" & "B" Class | 03.11.2023 At 10.00 Hours | 17.11.2023 At 17.00 Hours | 18.11.2023 At 11.00 Hours | 06 (Six) Calendar Months |
| | KID-05/ 2023-24 | Improvement to Temple Saline Gherry from Dochhian to Alipada | 249.29 | 249300/- (Online) | 10000/- (Online) | "A" & "B" Class | 03.11.2023 At 10.00 Hours | 17.11.2023 At 17.00 Hours | 18.11.2023 At 11.00 Hours | 06 (Six) Calendar Months |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0009/2324 Sd./- Additional Chief Engineer, Central Irrigation Circle

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 19/2023-24**
E-mail Id: sedklpwd@gmail.com
Letter No. 3360 Dt.26.10.2023
No. B-1160: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Road works as detailed below:
1. Name of the work : Road Work
2. No. of works : 01 (One) No.
3. Estimated Cost : Rs.2.26 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B' & 'A' Class (as given in Column No. 07 of table)
6. Period of Completion of work : 06 (Six) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.01.11.2023 to 5.00 P.M. of Dt.15.11.2023
8. Date of opening of bid : Dt.15.11.2023 at 5.30 P.M.
The bidders have to participate in ONLINE bidding only. Further details can be seen from the e-procurement portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.
Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0025/2324

**QUOTATION CALL NOTICE** No.A-734
1 (a). Name of the Work : Supply of Laboratory equipments for Soil and Concrete Testing for use in Soil and Concrete Testing Laboratory under Addl. Chief Engineer, S.M.I. Circle, Berhampur
(b). No. of Items : 19 Nos. (Nineteen)
2 (a). Name of the Work : Calibration of Laboratory Instruments at Soil and Concrete Testing Laboratory under Addl. Chief Engineer, S.M.I. Circle, Berhampur.
(b). No. of Items : 13 Nos. (Thirteen)
The details available in Short Quotation Call Notice of this Office.
3 Date, Time and Place of Receipt of quotation documents : From 10.00 A.M. of 04.11.2023 to 10.11.2023 upto 04.00 P.M. at M.I. Division, Ganjam No.-I, Berhampur
4. Date, Time and Place of Opening of Quotation : At 04.30 P.M. on 10.11.2023 in the Office of the Superintending Engineer, M.I. Division, Ganjam No.-I, Berhampur
Name & Address of the Inviting Officer : Superintending Engineer, M.I. Division, Ganjam No.-I, Berhampur
Email: : eemi_gm1@yahoo.co.in
The complementary copies for the same may please be sent to this office for reference and record.
Sd./- Superintending Engineer
M.I. Division, Ganjam-I, Berhampur
OIPR-32104/11/0011/2324

**DEPARTMENT OF WATER RESOURCES**
**ODISHA COMMUNITY TANK DEVELOPMENT & MANAGEMENT SOCIETY**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: P163533)
7th Floor, Rajiv Bhawan, Bhubaneswar - 751001
Ph.: 0674-2512421, E-Mail: spuoiipcra.od@gov.in
**Extension of Submission Time of the FTP**
**Request for Expression of Interest for Engagement of Consultancy Services**
OIIPCRA-REoI-01/2023 / Date: 30.10.2023
1. Engagement of Strategic Support Team for the Office of APC and ACS, Water Resources under OIIPCRA.
No. A-735: In consideration of the requests made by several organisations for the above consultancy services through RFoI, the due date of submission of the FTP scheduled on 18th October - 2023 upto 15.00 hours is hereby extended upto 8th November - 2023 upto 15.00 Hrs. The FTP will be opened on the same day at 15.30 hours.
OIPR-32379/11/0006/2324 Sd./- Additional Secretary, DoWR-cum-Project Director, OCTDMS

**OFFICE OF THE DIVISIONAL FOREST OFFICER**
**BALANGIR FOREST DIVISION**
AT/PO/DIST: Balangir-ODISHA
Phone & Fax:06652-232948(O), Email:dfobalangir@gmail.com
Office Order No.439/2F-Estt
Dated, Bolangir the 25th October-2023
No.MM-244:Final order passed by the Divisional Forest Officer, Bolangir Forest Division on the Departmental Proceeding drawn up against Miss. Kalpana Sendria, Forest Guard drawn up vide 00 No. 508, Dtd. 08.12.2021 of Divisional Forest Officer. Bolangir Forest Division.
READ
01. Departmental Proceedings drawn up vide 00 No.508, Dtd. 08.12.2021 of Divisional Forest Officer, Bolangir Forest Division
02. All records in the PC file of Miss Kalpana Sendria, Forest Guard
03. Enquiry Report Dtd. 10.10.2023 of Inquiring Officer-cum-Asst. Conservator of Forests (Bolangir Forest Division)
FINDINGS
On perusal of the Enquiry Report of the Enquiring Officer-cum-Asst. Conservator of Forest (Affn), Bolangir Forest Division on the Departmental Proceedings drawn up against Miss Kalpana Sendria, Foresrt Guard and all connected records, it is observed that, the charges of unauthorized absence from Govt duty, Negligence in duty, Gross Misconduct on disobedience of orders of higher authority and Non-submission of Tour diaries are established against the delinquent Forest Guard. Further, the quantum of unauthorized absence from Govt duty by the delinquent Forest Guard Miss Kalpana Sendria attracts the Rule-72 of Odisha Civil Service (CCA) Rule. 1962. I agree with the recommendations and findings of the Inquiring Officer.
FINAL ORDER PASSED BY THE DIVISIONAL FOREST OFFICER, BOLANGIR FOREST DIVISION
Basing on the findings the following punishments are awarded
01. Her total period of absence from duty is treated as Leave without pay in accordance with Odisha Government Servant Leave Rule. 1966
02. She is removed from Government Service in accordance with Rule-72 of Odisha Civil Service (CCA) Rule. 1962.
Sd./- (Nitish Kumar, IFS)
Divisional Forest Officer, Bolangir Forest Division
OIPR-08061/11/0013/2324

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
No.O-1403: At:Ambapua, PO:Engineering School, Near Income Tax Office, Berhampur-760011 (E-Mail: serwbpr2004@yahoo.com, Tel/Fax:-0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/72-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 72-2023-24/BPR | Buildings Works | 01 No. | Rs.97.80 Lakhs | "B" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/72-2023-24/BPR | 03.11.2023 at 10.00 A.M. | 17.11.2023 upto 3.00 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0077/2324 Sd./- Chief Construction Engineer, R.W.Circle, Berhampur

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
No.O-1404: At:Ambapua, PO:Engineering School, Near Income Tax Office, Berhampur-760011 (E-Mail: serwbpr2004@yahoo.com, Tel/Fax:-0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/73-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 73-2023-24/BPR | Road Works under Special Assistant to States Capital Investment (SACI) for the year 2023-24 | 01 No. | Rs.793.20 Lakhs | "A" Class & "Special" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/73-2023-24/BPR | 06.11.2023 at 10.00 A.M. | 20.11.2023 upto 3.00 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0078/2324 Sd./- Chief Construction Engineer, R.W.Circle, Berhampur

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
No.O-1396: **e Procurement Notice**

| | | | |
|---|---|---|---|
| 1. | Name of Work | : | Construction of Model 120 seated ST Girls Hostel at Govt. SSD High School, Rampur of Agalpur Block in the district of Bolangir for the year 2023-24 |
| 2. | No. of Work | : | 1 (One) Work |
| 3. | Time for completion | : | 11 (Eleven) Calendar Months |
| 4. | Approximate estimated cost | : | Rs.232.78 Lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W.Circle, Bolangir | BLGR-Online-30/2023-24 | 06.11.2023 at 11.00 A.M. | 20.11.2023 upto 5.00 P.M. | 18.11.2023 upto 5.00 P.M. | 21.11.2023 at 11.00 A.M. | The date will be intimated later on |

• Further details can be seen from the Website www.tendersodisha.gov.in.
• Any Corrigendum/Addendum will be displayed in the above e tender website only.
OIPR-25118/11/0052/2324 Sd./- Chief Construction Engineer, R.W.Circle, Bolangir

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME (OPELIP)**
ST & SC Development Department, Govt. of Odisha, TDCCOL Building, 2nd Floor, Bhoi Nagar, Bhubaneswar, Tel: (91) 674 – 2542709 , Email: support@opelip.org
No. CAD-2628 Notice No. 3907 Date: 30.10.2023
OPELIP
**Engagement of Senior Procurement Specialist and MIS Consultant**
Programme Director, OPELIP invites applications from eligible candidates for engagement of one Senior Procurement Specialist under OPELIP Phase-II and hiring of one MIS Consultant under PMU, OPELIP till closure of the current programme i.e. 31st March, 2024 under ST & SC Development Department, Govt. of Odisha on purely contractual basis. Interested eligible candidates may send their application in the prescribed format by Speed Post/Regd. Post/Courier service only on or before 06th Nov, 2023 by 5.00 PM. Application beyond the dateline will not be considered. Only shortlisted candidates will be called for interview . The detailed ToR along with prescribed application format is available at our official website www.opelip.org. Programme Director reserves the right to accept or reject the applications without assigning any reason thereof.
Programme Director
OIPR-26024/11/0011/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.3701/RWDBNJ/Dated 27.10.2023
1ST CORRIGENDUM TO TENDER CALL NOTICE
IDENTIFICATION NO.13/RWDBNJ/2023-2024 T.O.LETTER NO.3642, DATED 18.10.2023
No.O-1390:The following modifications to the Online Tender/13/SERWBNJ/2023-2024 are made under unavoidable circumstances.

| Procurement Officer | Bid Identification No. | Availability of tender online for bidding | | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhanjanagar | Online Tender/13/ RWDBNJ/ 2023-2024 | AS PER TENDER CALL NOTICE | | | |
| | | 30.10.2023 10.00 AM | 10.11.2023 to 3.00 PM | 08.11.2023 upto 3.00 PM | 13.11.2023 at 12.00 Noon |
| | | As per 1st Corrigendum | | | |
| | | 07.11.2023 10.00 AM | 18.11.2023 to 3.00 PM | 16.11.2023 upto 3.00 PM | 20.11.2023 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0035/2324 Sd./- Superintending Engineer, Rural Works Division, Bhanjanagar

OPHWC
**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22.
Ph: 0674-2541545, 2542921, Fax: 0674-2541543, E-mail: ophwc.od@nic.in, Website: www.ophwc.nic.in
No.CAD-2625: e-procurement Notice No: - 22/OPHWC/2023-24
**INVITATION FOR BIDS (IFB)**
The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ON-LINE MODE only, for the works as detailed below:

| Sl No | Name of the work | Approx. Estimated Cost | EMD (to be paid on line) | Class of Contractor |
|---|---|---|---|---|
| 1 | Constn. of Academic Building at- KBDAV College, Nirakarpur, Khurda. | Rs. 7,67,77,579.00 | Rs. 7,67,800.00 | A Class & Spl. Class |
| 2 | Construction of Additional Revisional Court Building, Board of Revenue at Kendrapada, Dist-Kendrapada. | Rs. 3,35,16,215.00 | Rs. 3,35,200.00 | A Class |
| 3 | Construction of Additional Revisional Court Building for Board of Revenue, Odisha at Bargarh, Dist-Bargarh | Rs. 2,79,78,403.00 | Rs.2,79,800.00 | B Class & A Class |
| 4 | Cluster for 1. Constn. of 6 Nos. F type Qtrs., 2.Constn. of 1 No. E type Qtr. and 3. Boundary Wall at Chendipada Fire Station, Angul. | Rs.1,96,81,999.00 | Rs.1,96,800.00 | B Class & A Class |
| 5 | Cluster for 1 .Constn. of 6 Nos. F type Qtr. at Panposh F.S., Sundergarh and 2.Constn. of 1 No. E type Qtr. at Panposh Fire Station, Sundergarh. | Rs. 1,78,08,410.00 | Rs.1,78,100.00 | B Class & A Class |
| 6 | Cluster of 1. Constn. of 6 Nos. F type Qtrs.and 2. Constn. of 1 No. E type Qtr. at Khaprakhol Fire Station, Bolangir. | Rs. 1,57,61,035.00 | Rs.1,57,600.00 | B Class & A Class |
| 7 | Cluster of 1. Construction of 1 No. E type Qtr. and 2.Construction of Boundary Wall at Pottangi Fire Station, Koraput | Rs. 55,25,157.00 | Rs.55,300.00 | B Class |
| 8 | Cluster of 1. Constn. of 1 No. E type Qtr., 2. Constn. of Boundary Wall and 3. Constn. of Approach road at Subdega Fire Station, Sundergarh. | Rs. 53,82,259.00 | Rs.53,800.00 | B Class |
| 9 | Cluster of 1. Constn. of 1 No. E type Qtr., 2. Constn. of Boundary Wall and 3. Constn. of Approach road at Tikabali Fire Station, Kandhamal. | Rs. 51,92,708.00 | Rs.51,900.00 | B Class |
| 10 | Cost of Bid Document | Rs.11,800.00 (To be paid online) | | |
| 11 | Availability of Bid document in the website | Dt.01.11.2023 to Dt.15.11.2023 upto 5.00 P.M. | | |
| 12 | Last date/time of Receipt of Bids in the Portal | Dt.15.11.2023 upto 5.00 P.M. | | |
| 13 | Date of Opening Bid | Dt.16.11.2023 at 11.00 A.M. | | |
| 14 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | |
| N.B | The quoted rate should be all inclusive but excluding G.S.T. as applicable Under works contract. | | | |

OIPR-12025/11/0016/2324 Sd./- Chief Engineer (OSPH&WC)

**OFFICE OF THE CHIEF DISTRICT AGRICULTURE OFFICER, GANJAM, BERHAMPUR**
No. 4981 Agril./Dated: 31.10.2023
**EXPRESSION OF INTEREST (EOI)**
**For Short Listing of Firms for Event Management**
No. L-136: Expression of Interest (EOI) is invited by CDAO, Ganjam from intending bidders/reputed firms for event management to conduct Sub-Divisional Farm Mechanisation Mela (2 Nos) scheduled to be organized from date 16.11.2023 to 18.11.2023 at Bhanjanagar/Dt.22.11.2023 to 24.11.2023 at Chatrapur in which around 20 Nos. of Stalls having Size (10ft. × 10ft.), one dais for inauguration (24ft. × 16ft.) with sitting arrangement and 1 No. training halls for 50 participants is to be installed alongwith LCD TV display with German Hanger meeting area and Regional Level Farm Mechanisation Mela scheduled to be organized from date 18.12.2023 to 22.12.2023 at Khallikote College Ground, Berhampur in which around 100 Nos. of Stalls having Size (10ft. × 10ft.), one dais for inauguration (48ft. × 32ft.) with sitting arrangement and 2 Nos. training halls for 100 participants each is to be installed alongwith LCD TV display with German Hanger meeting area. The interested firms having experience in event management may offer their sealed EOI (separately Sub-divisional & Regional) including GST latest by 08.11.2023 upto 1.00 P.M. which will be opened by a committee on same day at 3.00 P.M. For all other Ground works the bidder must collect the RFP from the office of the undersigned. The bidder may remain present or send their authorized representatives while opening of quotations. The EOI in sealed cover are to be dropped in the box placed in the Office of the PD, ATMA, Ganjam during office hours on working days only and proposals received after due date will not be entertained. The authority reserves the right to cancel any or all the quotations in part or whole without assigning any reason thereof.
Sd./- Chief District Agriculture Officer,
Ganjam, Berhampur

**OFFICE OF THE CHIEF DISTRICT AGRICULTURE OFFICER, GANJAM, BERHAMPUR**
No. 4982 Agril./Dated: 31.10.2023
**EXPRESSION OF INTEREST (EOI)**
**For Short Listing of Firms for Catering Service**
Expression of Interest (EOI) is invited by CDAO, Ganjam from intending bidders/reputed firms to provide catering services to conduct Sub-divisional Farm Mechanisation Mela (2 Nos.) scheduled to be organized from date 16.11.2023 to 18.11.2023 at Bhanjanagar/Dt.22.11.2023 to 24.11.2023 at Chatrapur and Regional Level Farm Mechanisation Mela scheduled to be organized from date 18.12.2023 to 22.12.2023 at Khallikote College Ground, Berhampur in which around 3500 to 4000 meals are to be supplied. In addition to that EOIs are invited from valid firms for supply of Training Materials (Pen/Pad/Folder) & Flex Boards/Identity Cards/Food Token/Leaflets. The interested firms having experinece & valid GST may offer their sealed EOI latest by 08.11.2023 upto 1.00 P.M. which will be opened by a committee on same day at 3.00 P.M. The bidder may remain present or send their authorized representatives while opening of quotations. The EOI in sealed cover are to be dropped in the box placed in the Office of the PD, ATMA, Ganjam during office hours on working days only and proposals received after due date will not be entertained. The authority reserves the right to cancel any or all the quotations in part or while without assigning any reason thereof.
Sd./- Chief District Agriculture Officer,
Ganjam, Berhampur
OIPR-01006/11/0002/2324

# ଆକ୍ସନ ନିଶା


ସାରା

ଯାହାହେଉ ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କର ଆଶା ପୂରଣ ହୋଇଛି। କଥା କ'ଣ କି ସେ ଏକ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ଚାହୁଁଥିଲେ। ଆଉ ଏହି ଆଶା ତାଙ୍କର ପୂରଣ ହୋଇଛି। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡ଼ିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏ ସମ୍ପର୍କରେ ସେ କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'


ବର୍ଷା

# ବସ୍

ଅନେକ ବର୍ଷ ପୂର୍ବେ ମହିଳାମାନଙ୍କୁ ଅବଳା, ଦୁର୍ବଳା ଭାବରେ ଗଣନା କରାଯାଉଥିଲା। ସେମାନେ ପ୍ରାୟ ନିଜକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ କରି ରଖୁଥିଲେ। କିନ୍ତୁ ଏବେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏପରି କି ସେମାନେ ଅନେକ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। କେବଳ ସେତିକି ନୁହେଁ, ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବସ୍'। ଏକ କମ୍ପାନୀର ବସ୍ କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ।

# ଅପେକ୍ଷା ରଜକୁ


ବାବୁସାନ୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି କିପରି ତାଙ୍କ ଅଭିନୀତ ଲଗାତର ଦୁଇଟି ସିନେମା 'ଦମନ' ଏବଂ 'ମାଲ୍ୟଗିରି' ଦର୍ଶକାଦୃତ ହୋଇପାରିଛି। ହଁ, ସେହି ଭାଗ୍ୟବାନ୍ ଅଭିନେତା ଜଣକ ହେଉଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ବାବୁସାନ୍। କଥା କ'ଣ କି ଚଳିତ ବର୍ଷ ଦୁର୍ଗାପୂଜାରେ ରିଲିଜ ହୋଇଥିବା 'ମାଲ୍ୟଗିରି'ର ପ୍ରଯୋଜକ ରିଙ୍କୁ ରିନୁ ଜେନା ତାଙ୍କୁ ପୁଣି ଥରେ ରିପିଟ୍ କରିବାକୁ ଯାଉଛନ୍ତି। ଆସନ୍ତା ବର୍ଷ ରଜରେ ଏହି ଫିଲ୍ମଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବିଗ୍ ବଜେଟ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ରେନ୍‌ଡ୍ରପ ପିକ୍ଚର୍ସ, ତଥ୍ୟ ପ୍ରଡକ୍ସନ ଏବଂ ବାବୁସାନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚିତ୍ରର ଅନ୍ୟତମ ପ୍ରଯୋଜକ ଅଛନ୍ତି ନିରଞ୍ଜନ ନାୟକ ଏବଂ ବାବୁସାନ ମହାନ୍ତି। ଏହାର ଲାଇନ୍ ପ୍ରଯୋଜକ ଦାୟିତ୍ୱ ତୁଲାଇବେ ସମ୍ବିତ ଜେନା। ଖାସ୍ କଥା ହେଲା, ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଅଶୋକ ପତି। ପୂର୍ବରୁ ଅଶୋକ-ବାବୁସାନ୍‌ଙ୍କ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇସାରିଛି। ଏଥିରେ ସଂଯୋଜିତ ଗୀତଗଡ଼ିକୁ ସ୍ୱର ଦେବେ ଗୌରବ ଆନନ୍ଦ। ତେବେ ଏହି ସିନେମାରେ କ'ଣ ମସଲା ରହିଛି ତାହା ଜାଣିବାକୁ ଆସନ୍ତା ବର୍ଷ ରଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡ଼ିବ।

# ଚାହିଁ ରହିଛନ୍ତି ପ୍ରିୟଙ୍କା

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରିଛନ୍ତି। ଜୋୟା ଅଖତରଙ୍କ ରିଲିଜ ଅପେକ୍ଷାରେ ଥିବା ସିନେମା 'ଜି ଲେ ଜରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ନେଇ ପ୍ରିୟଙ୍କା କହନ୍ତି, 'ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ୍‌ବାୟ କରିଦେଇଛି ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଏଇତ ମୋ ଅଭିନୀତ 'ଜି ଲେ ଜରା' ରିଲିଜ ହେବାକୁ ଯାଉଛି। ଆଗକୁ ଯଦି ଏଭଳି ଭଲ ଅଫର ମିଳେ ତେବେ ନିଶ୍ଚୟ ତାହାକୁ ଗ୍ରହଣ କରିବି।' ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ଦେଖିବାକୁ ମିଳିବ।

# ସୋନାକ୍ଷୀଙ୍କ ନୂଆ ଯୋଜନା

ଦବଙ୍ଗ ଗର୍ଲ ସୋନାକ୍ଷୀ ଏବେ ନିଜ କ୍ୟାରିୟର ପ୍ରତି ବେଶ୍ ସଚେତନ। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ସେ । ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍, ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପ୍ଲାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ତା'ପରେ ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡ଼ିକ ହେଉଛି 'ରାଉଡି ରାଠୋର', 'ଜୋକର', 'ସନ୍ ଅଫ୍ ସର୍ଦ୍ଦାର', 'ଦବଙ୍ଗ-୨', 'ଲୁଟେରା', 'ଆର...ରାଜକୁମାର', 'ଆକ୍ସନ ଜ୍ୟାକସନ', 'ଅକିରା', 'ଫୋର୍ସ-୨' ଏବଂ 'ଡବଲ ଏକ୍ସଏଲ'। 'ଦବଙ୍ଗ' ଫିଲ୍ମ ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ସମୟ ଲାଗିଥିଲା।


ସୋନାକ୍ଷୀ

## ପରଦାରେ..
# ପ୍ରଥା


ଶୀତଲ

ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ସିନେମା 'ପ୍ରଥା'। ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ଏହାକୁ ନିର୍ମାଣ କରାଯାଇଛି। କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ । ଫିଲ୍ମଟିର ସଫଳତାକୁ ନେଇ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ।

# ରହସ୍ୟ ଖୋଲିଲେ ଅର୍ଜୁନ

ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବୋନି କପୁରଙ୍କ ପୁଅ ଅର୍ଜୁନ କପୁର ଅଭିନୟକୁ କ୍ୟାରିୟର କରିବା ପଛରେ ଏକ ରହସ୍ୟ ଲୁଚି ରହିଥିଲା। ହେଲେ ତାହା କ'ଣ ? ଆଜି ସେ କାହା ପାଇଁ ଅଭିନେତା ସାଜି ପାରିଛନ୍ତି। ଏ ନେଇ ଅର୍ଜୁନ କହନ୍ତି, 'ଆଜି ମୁଁ ବଲିଉଡରେ ଏଣ୍ଟ୍ରି କରିପାରିଛି ଆଉ କେତୋଟି ସିନେମାର ମଧ୍ୟ ଅଭିନୟ କରିଛି। ଏ ସବୁ ସମ୍ଭବ ହୋଇଛି କେବଳ ଜଣଙ୍କ ପାଇଁ। ଆଉ ସେ ହେଲେ ସଲମାନ ଖାଁ। ଏକଦା ତାଙ୍କ ସହ ମୋର ଭେଟ ହେବା ପରେ ସେ ମୋତେ ଆକ୍ଟିଂ ଲାଇନକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, କିପରି ଅଭିନୟ ମାଧ୍ୟମରେ ମୁଁ ଦର୍ଶକଙ୍କ ମନ ଜିଣିପାରିବି ସେ ନେଇ ଟିପ୍ସ ମଧ୍ୟ ଦେଇଥିଲେ। ମୋ ପ୍ରତି ତାଙ୍କର ସବୁଠାରୁ ବଡ ସହଯୋଗ ଥିଲା ଫିଟ୍‌ନେସ୍‌କୁ ନେଇ। ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ତାଙ୍କର ପରାମର୍ଶ ମୋ ପାଇଁ ବରଦାନ ସଦୃଶ ଥିଲା। ତେଣୁ ଏ ସବୁର ଶ୍ରେୟ ମୁଁ ତାଙ୍କୁ ହିଁ ଦେବି। ଏଥିଲାଗି ସଲମାନ୍‌ଜୀଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଅଭିନୟ କରିବା ପୂର୍ବରୁ ଅର୍ଜୁନ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ ଦୁଇଟି ସିନେମା-'କଲ୍ ହୋ ନା ହୋ' ଏବଂ 'ସଲାମ୍-ଇ-ଇସ୍କ'ରେ କାମ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ଇସ୍କଜାଦେ'।


ଅର୍ଜୁନ








# ଶ୍ରୀଲଙ୍କା ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ମୁମ୍ବାଇ, ୧।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଗୁରୁବାର ଏହାର ୭ମ ମ୍ୟାଚ ଖେଳିବ। ଏଥର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଶ୍ରୀଲଙ୍କା। ପୂର୍ବ ମ୍ୟାଚଗୁଡ଼ିକରେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ହରାଇ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଛି ଟିମ୍ ଇଣ୍ଡିଆ। ମୋମେଣ୍ଟମ ବଜାୟ ରଖି ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ ରୋହିତ ଶର୍ମାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ। ୧୨ ପଏଣ୍ଟ ପାଇ ସାରିଥିବା ଭାରତ ଆଗାମୀ ମ୍ୟାଚ ଜିତିଲେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ହୋଇଯିବ। ଅନ୍ୟପକ୍ଷରେ ପରାଜିତ ହେଲେ ଶ୍ରୀଲଙ୍କାର ବିଶ୍ୱକପ୍ ଅଭିଯାନ ଏକପ୍ରକାର ଶେଷ ହେବ। ୨୦୧୧ ବିଶ୍ୱକପ୍ ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଶେଷ ଥର ପାଇଁ ୨୦୧୯ ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲାରେ ମଧ୍ୟ ଭାରତ ବାଜି ମାରିଥିଲା। ତେଣୁ ବର୍ତ୍ତମାନର ଫର୍ମକୁ ଦେଖିଲେ ଭାରତ ଫେଭରାଇଟ ବିବେଚିତ ହୋଇଛି। ତେବେ ଅତ୍ୟଧିକ ଆତ୍ମବିଶ୍ୱାସ ଦଳକୁ କ୍ଷତି ପହଞ୍ଚାଇପାରେ ବୋଲି ମଧ୍ୟ ଭାରତୀୟ ଦଳକୁ ମନେ ରଖିବାକୁ ହେବ। ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଏକଦା ୨ ରନ ମଧ୍ୟରେ ୩ ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ସେହିପରି ଲକ୍ଷ୍ନୌରେ ଇଂଲଣ୍ଡ ବିପକ୍ଷରେ ଦଳୀୟ ଇନିଂସ ୨୨୯/୯ରେ ଶେଷ ହୋଇ ଯାଇଥିଲା।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଦଳ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ମହମ୍ମଦ ଶାମି ନିଜ ଚୟନକୁ ଯଥାର୍ଥ ସାବ୍ୟସ୍ତ କରିଛନ୍ତି। ସେ ୨ଟି ମ୍ୟାଚରେ ଥରେ ୫ ଉଇକେଟ ସହ ୯ ଉଇକେଟ ହାସଲ କରି ସାରିଛନ୍ତି। ଆଗକୁ ବଡ଼ ମୁକାବିଲା ଆସୁଛି। ତେଣୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ସତେଜ ରଖିବା ଦିଗରେ କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଚିନ୍ତା କରିବାକୁ ହେବ। କାରଣ ନେଦରଲାଣ୍ଡ ବିପକ୍ଷ ଶେଷ ଲିଗ୍ ମ୍ୟାଚ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଆଶା ନାହିଁ। ଉଭୟ ଶୁବମନ ଗିଲ୍ ଓ ଶ୍ରେୟସ ଆୟର ଦିନିକିଆରେ ସ୍ଥିର ପ୍ରଦର୍ଶନ ସହ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଉଭୟଙ୍କ ବ୍ୟାଟ୍‌ରୁ ସେପରି ଇନିଂସ ଦେଖିବାକୁ ମିଳିନାହିଁ। ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ଟି ମ୍ୟାଚ ଖେଳିପାରି ନ ଥିବା ଗିଲ୍ ଅବଶିଷ୍ଟ ମ୍ୟାଚଗୁଡ଼ିକରେ ବ୍ୟାଟିଂ କରିଥିଲେ ହେଁ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରି ପାରିଛନ୍ତି। ଏବେ ବଡ଼ ଇନିଂସ ଖେଳିବା ସମୟ ଆସିଯାଇଛି ବୋଲି ଗିଲ୍ ନିଶ୍ଚିତ ଅନୁଭବ କରୁଥିବେ। ଆୟର ମଧ୍ୟ ୬ ଇନିଂସରେ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଚେଜ୍ ସମୟରେ ୫୩ ରନରେ ଅପରାଜିତ ରହି ପ୍ରଶଂସାର ପାତ୍ର ହୋଇଥିଲେ ଆୟର। ମାତ୍ର ଅନେକ ସମୟରେ ବଡ଼ ଇନିଂସ ଖେଳି ମ୍ୟାଚକୁ ଫିନିଶ୍ କରିବାର ସୁଯୋଗ ସେ ହାତଛଡ଼ା କରିଛନ୍ତି। ଆଗାମୀ ମ୍ୟାଚ ଘରୋଇ ପଡ଼ିଆରେ ଖେଳିବାକୁ ଯାଉଥିବାରୁ ଆୟରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ରୋହିତ, ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୂଳ ଠାକୁରଙ୍କର ମଧ୍ୟ ଏହା ଘରୋଇ ପଡ଼ିଆ। ଚଳିତ ବିଶ୍ୱକପ୍‌ରେ ଗୋଟିଏ ଶତକ, ୨ଟି ଅର୍ଦ୍ଧଶତକ ସହ ୬୬.୩୩ ଆଭରେଜରେ ୩୯୮ ରନକରି ଭାରତର ଅଗ୍ରଣୀ ସ୍କୋରର ଥିବା ରୋହିତ ସ୍ଥାନୀୟ ଦର୍ଶକଙ୍କ ସମ୍ମୁଖରେ ନିଜ ବ୍ୟାଟ୍‌ର ଯାଦୁଦେଖାଇ ଇନିଂସକୁ ସ୍ମରଣୀୟ କରିବାକୁ ନିଶ୍ଚିତ ଆଶା ରଖିଥିବେ।

କ୍ୱାଲିଫିକେଶନ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦଳର ପ୍ରଦର୍ଶନ ମୁଖ୍ୟ ଟୁର୍ନାମେଣ୍ଟରେ ଦେଖିବାକୁ ମିଳିନାହିଁ। ଆହତ ସମସ୍ୟା ଏବଂ ଦଳରେ କେତେକ ମୁଖ୍ୟ ଖେଳାଳିଙ୍କ ଅନୁପସ୍ଥିତି ଦଳରେ ଗୁରୁତର ଅନୁଭବ ହୋଇଛି। କେତେକ ଯୁବ ଖେଳାଳି ନିଜ ପ୍ରଦର୍ଶନ ମାଧ୍ୟମରେ ଯଦିଓ ପ୍ରଭାବିତ କରିଛନ୍ତି ତେବେ ତାହା ଦଳର ଅଗ୍ରଗତି ପାଇଁ ପର୍ଯ୍ୟାପ୍ତ ହୋଇନାହିଁ। ସଦିରା ସମରବିକ୍ରମା ୬ ଗେମ୍‌ରେ ୩୩୧ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ସେ ଏପର୍ଯ୍ୟନ୍ତ ଶ୍ରୀଲଙ୍କାର ଅଗ୍ରଣୀ ରନ୍ ସ୍କୋରର ରହିଛନ୍ତି। ଭାରତର ଶୁବମନ ଗିଲ୍‌ଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ଚଳିତ ସିଜନରେ ଦିନିକିଆରେ ୧୦୦୦ ରନ ପୂରଣ କରିଥିବା ପଥୁମ ନିସଙ୍କା ମଧ୍ୟ ବିଶ୍ୱକପ୍‌ରେ ଭଲ ଖେଳିଛନ୍ତି। ୪ଟି ଅର୍ଦ୍ଧଶତକ ହାସଲ କରିସାରିଥିବା ନିସଙ୍କାଙ୍କ ଉପରେ ବିପକ୍ଷ ଦଳଗୁଡ଼ିକର ନଜର ରହିଛି। ସେ ଚଳିତ ସିଜନରେ ୨୬ ମ୍ୟାଚରେ ୪୮.୧୭ ଆଭରେଜରେ ୧,୧୦୮ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨ ଶତକ ଓ ୯ ଅର୍ଦ୍ଧଶତକ ସାମିଲ। ଅଧିନାୟକ କୁସାଲ ମେଣ୍ଡିସ ଓ ଆଞ୍ଜେଲୋ ମାଥ୍ୟୁସଙ୍କଠାରୁ ମ୍ୟାଚ ବିଜୟୀ ପ୍ରଦର୍ଶନ ଆଶା କରାଯାଉଛି। ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ଶ୍ରୀଲଙ୍କା ଯୁବ ବୋଲରମାନେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି।





ବୁଧବାର ଅଭ୍ୟାସ ଅବସରରେ ଶୁବମନ ଗିଲ୍ ଓ ବିରାଟ କୋହଲି।

## ବିଶ୍ୱକପ୍ ରେକର୍ଡ

**● ମ୍ୟାଚ ୯: ଭାରତ-୪, ଶ୍ରୀଲଙ୍କା-୪**

- ➤୧୯୭୯ ଜୁନ ୧୬: ଶ୍ରୀଲଙ୍କା ୪୭ ରନରେ ବିଜୟୀ
- ➤୧୯୯୨ ଫେବୃୟାରୀ ୨୮: ଫଳାଫଳ ବିହୀନ
- ➤୧୯୯୬ ମାର୍ଚ୍ଚ ୨: ଶ୍ରୀଲଙ୍କା ୬ ଉଇକେଟରେ ବିଜୟୀ
- ➤୧୯୯୬ ମାର୍ଚ୍ଚ ୧୩: ଦର୍ଶକ ଗଣ୍ଡଗୋଳ ଯୋଗୁ ଅସମାପ୍ତ ମ୍ୟାଚରେ ଶ୍ରୀଲଙ୍କା ବିଜୟୀ
- ➤୧୯୯୯ ମେ' ୨୬: ଭାରତ ୧୫୭ ରନରେ ବିଜୟୀ
- ➤୨୦୦୩ ମାର୍ଚ୍ଚ ୧୦: ଭାରତ ୧୮୩ ରନରେ ବିଜୟୀ
- ➤୨୦୦୭ ମାର୍ଚ୍ଚ ୨୩: ଶ୍ରୀଲଙ୍କା ୬୯ ରନରେ ବିଜୟୀ
- ➤୨୦୧୧ ଏପ୍ରିଲ ୨: ଭାରତ ୬ ଉଇକେଟରେ ବିଜୟୀ
- ➤୨୦୧୯ ଜୁଲାଇ ୬: ଭାରତ ୭ ଉଇକେଟରେ ବିଜୟୀ

# ୱାଙ୍ଖେଡେରେ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ମୁମ୍ବାଇ, ୧।୧୧ (ପି.ଟି.)**

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ଏକ ପ୍ରତିମୂର୍ତ୍ତି ବୁଧବାର ୱାଙ୍ଖେଡେ ଷ୍ଟାଡିୟମରେ ଉନ୍ମୋଚିତ ହୋଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପତ୍ନୀ ଅଞ୍ଜଳି ଓ ଝିଅ ସାରାଙ୍କ ସହିତ ସଚିନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଷ୍ଟ୍ରୋକ୍ ଖେଳୁଥିବା ମୁଦ୍ରାରେ ଏହି କିମ୍ବଦନ୍ତୀ ବ୍ୟାଟରଙ୍କ ପ୍ରତିମୂର୍ତ୍ତୀଟି ସଚିନ ତେନ୍ଦୁଲକର ଷ୍ଟାଣ୍ଡ ନିକଟରେ ରଖାଯାଇଛି। ତେନ୍ଦୁଲକରଙ୍କ ମୂର୍ତ୍ତି ଉନ୍ମୋଚନ ଅବସରରେ ପୂର୍ବତନ ବିସିସିଆଇ ଓ ଆଇସିସି ସଭାପତି ଶରଦ ପୱାର, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସମେତ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଅଫିସିଆଲ, ସଭାପତି ଅମୋଲ କାଲେ ଓ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ଏହି ଗ୍ରାଉଣ୍ଡ ସହିତ ମୋର ଅନେକ ସ୍ମୃତି ଜଡିତ ଥିବା ବେଳେ ଏଠାରେ ମୋର ପ୍ରତିମୂର୍ତ୍ତି ନିର୍ମାଣ ହେବା ମୋ ପାଇଁ ଏକ ସମ୍ମାନର ବିଷୟ ବୋଲି ତେନ୍ଦୁଲକର କହିଛନ୍ତି।



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅନ୍ୟମାନେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଶ୍ରୀଲଙ୍କା**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶବ୍ଦକୋଷରେ ସାମିଲ ହେଲା 'ବାଜ୍‌ବଲ୍'

**ଲଣ୍ଡନ, ୧।୧୧ (ପି.ଟି.):** ଇଂଲଣ୍ଡ ଦଳ ପକ୍ଷରୁ ଖେଳାଯାଉଥିବା ଆକ୍ରମଣାତ୍ମକ କ୍ରିକେଟକୁ ବାଜ୍‌ବଲ୍ କୁହାଯାଉଥିବା ବେଳେ ଏହାକୁ ଶବ୍ଦକୋଷ (ଡିକ୍ସନାରି)ରେ ସ୍ଥାନ ମିଳିଛି। କଲିନ୍ସ ଡିକ୍ସନାରିରେ ଏହି ଶବ୍ଦକୁ ସ୍ଥାନ ମିଳିଥିବା ବେଳେ ଏହାର ଅର୍ଥ ଟେଷ୍ଟ କ୍ରିକେଟରେ ନିର୍ଭୀକ ଓ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ରଖାଯାଇଛି। ଏହି ଶବ୍ଦଟିକୁ ବିଶେଷ୍ୟ (ନାଉନ୍) ଭାବରେ ରଖାଯାଇଛି। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଇଂଲଣ୍ଡ ଟିମ୍‌ର କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନାମରେ ଏହି ଶବ୍ଦଟିପ୍ରଥମେ ବ୍ୟବହୃତ ହୋଇଥିଲା। ମ୍ୟାକ୍‌କୁଲମ ବାଜ୍ ନାମରେ ପରିଚିତ ଥିବାବେଳେ ଏହି ରଣନୀତିକୁ ବାଜ୍‌ବଲ୍ ବୋଲି କୁହାଯାଇଥିଲା।

# ଦକ୍ଷିଣ ଆଫ୍ରିକାର ବୃହତ୍ ବିଜୟ

**ପୁଣେ, ୧।୧୧**

କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନଙ୍କ ଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୯୦ ରନରେ ପରାସ୍ତ କରିଛି। ଏଥିସହ ଏହି ଦଳ ସେମିଫାଇନାଲ ଦ୍ୱାରରେ ପହଞ୍ଚି ଯାଇଛି। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୪ ଉଇକେଟ ହରାଇ ୩୫୭ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭ ରନକରି ଅଲ୍‌ଆଉଟ ହୋଇଛି। ୭ ମ୍ୟାଚରୁ ୬ଷ୍ଠ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୪ ବିଜୟ ପରେ କ୍ରମାଗତ ୩ଟି ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି। ଏଥିସହ ଦଳ ଟେବୁଲର ୪ର୍ଥ ସ୍ଥାନକୁ ଖସିଛି। ନ୍ୟୁଜିଲାଣ୍ଡର ପରାଜୟ ଫଳରେ ପାକିସ୍ତାନ ଓ ଆଫଗାନିସ୍ତାନର ସେମିଫାଇନାଲ ପ୍ରବେଶ ଆଶା ବଢ଼ି ଯାଇଛି। ନ୍ୟୁଜିଲାଣ୍ଡ ୭ ମ୍ୟାଚରୁ ୮ ପଏଣ୍ଟରେ ସ୍ଥିର ରହିଥିବାବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ୬ ପଏଣ୍ଟ ଲେଖାଏ ପାଇଛନ୍ତି। ତେଣୁ ସେମିଫାଇନାଲ ପ୍ରବେଶ ପାଇଁ ଆଗାମୀ ଦିନରେ ମୁକାବିଲା ଅଧିକ ରୋଚକ ହେବା ନିଶ୍ଚିତ ହୋଇଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଓପନିଂ ଯୋଡ଼ିରେ ୩୮ ରନ ସଂଗ୍ରହ ପରେ ଦକ୍ଷିଣ ଆଫ୍ରିକା ଯଦିଓ ଅଧିନାୟକ ଟେମ୍ବା ବଭୁମାଙ୍କ ଉଇକେଟ ହରାଇଥିଲା ତେବେ କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନ ଦ୍ୱିତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ଶତକ ହାସଲ କରିବା ସହ ୧୮୯ ବଲ୍‌ରୁ ୨୦୦ ରନ ଯୋଗ କରିଥିଲେ। ୪୦ ଓଭରରେ ସ୍କୋର ୨୩୮ ହୋଇଥିବାବେଳେ ଡି'କକ୍‌ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ଟିମ୍ ସାଉଦି। ଏହାଥିଲା ଡି'କକ୍‌ଙ୍କର ଚଳିତ ବିଶ୍ୱକପରେ ୪ର୍ଥ ଏବଂ ଦିନିକିଆ କ୍ରିକେଟରେ ୨୧ତମ ଶତକ। ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ ହାସଲ କରିବାରେ ସେ ଶ୍ରୀଲଙ୍କାର କୁମାର ସଙ୍ଗକାରା (୨୦୧୫)ଙ୍କ ସମକକ୍ଷ ହୋଇଥିଲେ। କେବଳ ଭାରତର ରୋହିତ ଶର୍ମା (୨୦୧୯) ଗୋଟିଏ ବିଶ୍ୱକପରେ ୫ଟି ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡି'କକ୍ ୧୦ ଚୌକା ଓ ୩ ଛକା ସହାୟତାରେ ୧୧୪ ରନ କରିଥିଲେ। ଶେଷ ୧୦ ଓଭରରେ ଦକ୍ଷିଣ ଆଫ୍ରିକା ୧୧୯ ରନ ସଂଗ୍ରହ କରିଥିଲା। ଏଥିରେ ଡୁସେନ ଓ ଡେଭିଡ ମିଲରଙ୍କ ବଡ଼ ଯୋଗଦାନ ରହିଥିଲା। ୬ଷ୍ଠ ଦିନିକିଆ ଶତକ ହାସଲ କରିଥିବା ଡୁସେନ ୧୧୮ ବଲ୍‌ରୁ ୯ ଚୌକା ଓ ୫ ଛକା ସହିତ ସର୍ବାଧିକ ୧୩୩ ଏବଂ ମିଲର ୩୦ ବଲ୍‌ରୁ ୨ ଚୌକା ଓ ୪ ଛକା ସହ ୫୩ ରନ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ଆଶ୍ଚର୍ଯ୍ୟଜନକଭାବେ ବିନା ଲଢ଼େଇରେ ଆତ୍ମସମର୍ପଣ କରିଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୬୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୫୭/୪ (ରସି ଭାନ୍ ଡର୍ ଡୁସେନ-୧୩୩, କ୍ୱିଣ୍ଟନ ଡି'କକ୍-୧୧୪, ଡେଭିଡ ମିଲର-୫୩, ଟିମ୍ ସାଉଦି-୨/୭୭, ଟ୍ରେଣ୍ଟ ବୋଲ୍ଟ-୧/୪୯, ଜେମ୍ସ ନିଶାମ-୧/୬୯)। ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭/ଅଲ୍‌ଆଉଟ (ଗ୍ଲେନ୍ ଫିଲିପ୍ସ-୬୦, ୱିଲ ୟଙ୍ଗ-୩୩, କେଶବ ମହାରାଜ-୪/୪୬, ମାର୍କୋ ଜାନସେନ-୩/୩୧, ଗେରାଲ୍ଡ କୋଜି-୨/୪୧, କାଗିଶୋ ରାବାଡ଼ା-୧/୧୬)।





ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ଓ କ୍ୱିଣ୍ଟନ ଡି'କକ୍।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୨୪ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ନେଦରଲାଣ୍ଡ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ଦିଲ୍ଲୀ, ମୁମ୍ବାଇ ଷ୍ଟାଡିୟମରେ ଆତସବାଜି ମନା

**ନୂଆଦିଲ୍ଲୀ, ୧।୧୧ (ପି.ଟି.)**

ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବଡ ନିଷ୍ପତ୍ତି ନେଇଛି ବିସିସିଆଇ। ଦିଲ୍ଲୀ ଓ ମୁମ୍ବାଇର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକ ପରେ ବାଣ ଫୁଟା ହେବନି। ଉଭୟ ସହରରେ ବାୟୁ ପ୍ରଦୂଷଣର ମାତ୍ରା ଢେର ଅଧିକ ରହିଛି। ଫଳରେ ଏଠାରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକରେ ଏଣିକି ଆତସବାଜି ଦେଖିବାକୁ ମିଳିବ ନାହିଁ। ଦିଲ୍ଲୀରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ନଭେମ୍ବର ୬ ତାରିଖରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ତେବେ ମୁମ୍ବାଇରେ ଆଉ ୩ ମ୍ୟାଚ୍ ଖେଳାଯିବାକୁ ଅଛି। ନଭେମ୍ବର ୨, ନଭେମ୍ବର ୭ ତାରିଖରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ନଭେମ୍ବର ୧୫ରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପରିବେଶ ପ୍ରଦୂଷଣକୁ ନେଇ ବିସିସିଆଇ ସର୍ବଦା ଏହାର ପକ୍ଷ ରଖିଥାଏ। ଏହି ପ୍ରସଙ୍ଗରେ ଆମେ ଆଇସିସି ସହିତ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କହିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ବିଶ୍ୱକପ୍‌ରେ ଆମେ ରଙ୍ଗାରଙ୍ଗ କରିବା ପାଇଁ ଆଗ୍ରହୀ, କିନ୍ତୁ ସମସ୍ତଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ କ୍ରମାଗତ ପଞ୍ଚମ ଦିନ ପାଇଁ ଅତ୍ୟନ୍ତ ଖରାପ ରହିଛି। ବୁଧବାର ବାୟୁ ପ୍ରଦୂଷଣ ସୂଚକାଙ୍କ ୩୭୨ ରହିଥିଲା। ସମାନ ଭାବରେ ମୁମ୍ବାଇରେ ମଧ୍ୟ ସ୍ଥିତି ସମାନ ପରିମାଣରେ ଖରାପ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ Bhubaneswar, Thursday, November 2/ 2023



ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ, ରେଶମା କୁମାରୀ ମିଞ୍ଜ



ରିତୁ କାଉଦି ଓ ସୋନାଲି ସ୍ୱାଇଁ



ସବିତା ରାମଚାରି



ବିକ୍ରମ ଟୁଡୁ

# ରୋଇଂରୁ ଓଡ଼ିଶାକୁ ୨ ବ୍ରୋଞ୍ଜ

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୧।୧୧
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ଓଡ଼ିଶା ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୨ ବ୍ରୋଞ୍ଜ ସହ ୨୬ରେ ପହଞ୍ଚିଛି। ଫଳରେ ପଦକ ହାସଲରେ ଓଡ଼ିଶା ପ୍ରତିଯୋଗୀମାନେ ପୂର୍ବ ସଂସ୍କରଣର ସମକକ୍ଷ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିତୁ କାଉଦି ଓ ସୋନାଲି ସ୍ୱାଇଁ ଡବ୍ଲ୍ୟୁ୨-ଏଫ୍‌୧ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ ଓ ରେଶମା କୁମାରୀ ମିଞ୍ଜଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଡବ୍ଲ୍ୟୁ୪-ଏଫ୍‌୧ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପାଇଛନ୍ତି। ଟାଏକୋଣ୍ଡୋ ଇଭେଣ୍ଟରେ ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ସବିତା ରାମଚାରି। ସେ ମହିଳା ୫୭ କେଜିରୁ କମ୍ ବର୍ଗରେ ଏହି ସଫଳତା ପାଇଛନ୍ତି। ଓଡ଼ିଶା ରୋଇଂ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋଚ୍ ଇନ୍ଦରପାଲ ସିଂ। ''ଆମେ ଯଦିଓ ଆହୁରି ଭଲ ପ୍ରଦର୍ଶନ କରିବାର ଦକ୍ଷତା ରଖିଛୁ ତେବେ ବ୍ରୋଞ୍ଜ ପଦକ ପାଇଁ ଖୁବ୍ ଖୁସି। ଓଡ଼ିଶା ପ୍ରତିଯୋଗୀଙ୍କ ପାଇଁ ପଦକ ଜିତିବା ଚ୍ୟାଲେଞ୍ଜ ସଦୃଶ ଥିଲା। ରୋଇଂରେ ଟ୍ରେନିଂ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ସହିତ ଆମର କେତେଜଣ କୋଚ୍ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ ସହ ଚାଇନା ଯାଇଥିଲେ। ଏହା ସତ୍ତ୍ୱେ ଆମ ଆଥଲେଟ୍‌ମାନେ ଯେପରି ପ୍ରଦର୍ଶନ କଲେ ତାହା ପ୍ରଶଂସାଯୋଗ୍ୟ। ଜଗତ୍‌ପୁରରେ ଉପଲବ୍ଧ ଭିତ୍ତିଭୂମୀ ବହୁତ ଭଲ। ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଥିବାରୁ ଆମେ ଭାଗ୍ୟବାନ ମନେ କରୁଛୁ'' ବୋଲି ଇନ୍ଦରପାଲ କହିଛନ୍ତି। ରୋଇଂ ବ୍ୟତୀତ ଉଷୁ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ପାଇଛି। ବିକ୍ରମ ଟୁଡୁ ତାଓଲୁ ଇଭେଣ୍ଟରେ ଏହି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜାତୀୟ କ୍ରୀଡ଼ାର ଉଷୁ ଇଭେଣ୍ଟରେ ଓଡ଼ିଶାର ଏହାଥିଲା ପ୍ରଥମ ପଦକ। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳ ହରିୟାଣା ନିକଟରୁ ୦-୪ ଗୋଲରେ ପରାଜିତ ହୋଇଥିଲେ ହେଁ ସେମି ଫାଇନାଲରେ ପ୍ରବେଶ କରିଛି।

# 'ୱ୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ପୂରଣ ହୋଇଛି'

ନୂଆଦିଲ୍ଲୀ, ୧।୧୧ (ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଓଡ଼ିଶାର ପ୍ରମୋଦ ଭଗତ ଓ ଅନ୍ୟ ଭାରତୀୟ ପାରା ଆଥଲେଟ୍।

ପାରା ଏସିଆନ୍ ଗେମ୍ସରେ ଦେଶର ସମ୍ମାନ ବୃଦ୍ଧି କରିଥିବା ଆଥ୍‌ଲେଟମାନଙ୍କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଥିଲେ। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଙ୍ଗଝୋରେ ଅନୁଷ୍ଠିତ ପାରା ଗେମ୍ସରେ ଭାରତ ୧୧୧ ପଦକ ସହିତ ପଞ୍ଚମ ସ୍ଥାନରେ ରହିଥିଲା। ଏହା ଦେଶର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଆଥ୍‌ଲେଟିକ୍ସ ସପକ୍ଷରେ ବର୍ତ୍ତମାନ ହାୱା ବହୁଛି ବୋଲି କହିଛନ୍ତି ମୋଦି। ବର୍ତ୍ତମାନର ସରକାର ଆଥ୍‌ଲେଟଙ୍କ ସମ୍ମୁଖରେ ଥିବା ସମସ୍ତ ବାଧାବିଘ୍ନକୁ ଦୂରେଇବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଥିଲେ। ପୂର୍ବରୁ କ୍ରୀଡାକୁ କ୍ୟାରିୟର କରିବା ପୂର୍ବରୁ ଏହାକୁ ଏକ ସ୍ଥିର କ୍ୟାରିୟର ଭାବେ ଗ୍ରହଣ କରାଯାଉ ନ ଥିଲା। ମାତ୍ର ବର୍ତ୍ତମାନ ସମୟରେ ପରିବର୍ତ୍ତନ ଆସିଛି। ସରକାର ବର୍ତ୍ତମାନ କ୍ରୀଡା ଓ କ୍ରୀଡାବିତ୍‌ଙ୍କ ପଛରେ ଛିଡା ହୋଇଥିବାରୁ ଏହି ଧାରଣାରେ ପରିବର୍ତ୍ତନ ଆସିଛି। ଏହା ସହ ୟୁଥ୍ ଅଲିମ୍ପିକ୍ସ ୨୦୩୦ ଓ ଅଲିମ୍ପିକ୍ସ ୨୦୩୬ ପାଇଁ ଭାରତ ବିଡ୍ ଦାଖଲ କରିଥିବା ବେଳେ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

ଭାରତ ସର୍ବଦା ଭଲ ଆଥ୍‌ଲେଟ ସୃଷ୍ଟି କରିଥାଏ। ତେବେ ଆର୍ଥିକ ପ୍ରତିବନ୍ଧକ ଖେଳାଳିଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ରହିଥିଲା। ବିଗତ ୯ ବର୍ଷ ମଧ୍ୟରେ ଏହି ସମସ୍ୟା ଦୂର ହେବାରେ ଲାଗିଛି। ବର୍ତ୍ତମାନ ପ୍ରତି ଆଥ୍‌ଲେଟ ପିଛା ସରକାର ୪-୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାର ଏହାର ସମସ୍ତ ଧ୍ୟାନ ଆଥ୍‌ଲେଟଙ୍କ ଆଡକୁ କେନ୍ଦ୍ରିତ କରିଥିବା ବେଳେ ସେମାନଙ୍କ ରାସ୍ତାରୁ ପ୍ରତିବନ୍ଧକ ଦୂର ହୋଇଥିଲା। ଦକ୍ଷତାକୁ ଯେତେବେଳେ ଉପଯୁକ୍ତ ପ୍ଲାଟଫର୍ମ ମିଳେ ସେତେବେଳେ ଆଥ୍‌ଲେଟମାନେ ଆଗକୁ ବଢିଥାନ୍ତି। ସରକାରଙ୍କ ପକ୍ଷରୁ ଖେଲୋ ଇଣ୍ଡିଆ ଓ ଟପ୍ସ ପରି ସ୍କିମ୍ ଲଞ୍ଚ କରାଯାଇଛି। ଚଳିତ ପାରା ଗେମ୍ସରେ ଭାରତୀୟ ଆଥ୍‌ଲେଟ ଜିତିଥିବା ପଦକ କେବଳ ପଦକ ନୁହେଁ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ବୋଲି ସେ କହିଛନ୍ତି। ୨୦୧୪ରେ ଆମେ ୧୫ ନମ୍ବର ସ୍ଥାନରେ ରହିଥିବା ବେଳେ ଚଳିତ ବର୍ଷ ଆମେ ୫ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିବା ଏକ ଚମତ୍କାର ଉପଲବ୍ଧି ବୋଲି କହିଛନ୍ତି ମୋଦି। ବିଗତ କିଛି ବର୍ଷ କ୍ରୀଡା ପାଇଁ ଏକ ଚମତ୍କାର ସମୟ ରହିଥିବା ବେଳେ ଏଥିରେ ଆଥ୍‌ଲେଟମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେହିପରି ଦିବ୍ୟାଙ୍ଗ ଆଥ୍‌ଲେଟମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୁବ୍‌ଶୀଘ୍ର ଖୋଲାଯିବ ବୋଲି ସେ କହିଥିଲେ।

# ବିଶ୍ୱକପ୍ ପରେ ଅବସର ନେବେ ୱିଲି

**ବେଙ୍ଗାଲୁରୁ, ୧।୧୧ (ପି.ଟି.):** ଇଂଲଣ୍ଡ ଦଳର ଅଲରାଉଣ୍ଡର ଡେଭିଡ୍ ୱିଲି ଚଳିତ ଦିନିକିଆ ବିଶ୍ୱକପ୍ ଶେଷ ହେବା ପରେ ଅବସର ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ସେ ଏହି ଘୋଷଣା କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳର ଖରାପ ପ୍ରଦର୍ଶନ ଏଥିପାଇଁ ଦାୟୀ ନୁହେଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଏକ ସପ୍ତାହ ତଳେ ଏହାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ପ୍ରକାଶ ପାଇଥିଲା। ଏହି ତାଲିକାରୁ ୱିଲି ବାଦ୍ ପଡିଥିବା ବେଳେ ଏଥିପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏପରି ଦିନ କେବେ ଆସିବ ବୋଲି ମୁଁ ଅନୁମାନ କରିପାରୁ ନ ଥିଲି। ସର୍ବଦା କ୍ରିକେଟ ଖେଳିବା ମୋ ପାଇଁ ସ୍ୱପ୍ନ ଥିଲା। ତେବେ ଅନେକ ଚିନ୍ତା କରିବା ପରେ ଅବସର ନେବା ଠିକ୍ ନିଷ୍ପତ୍ତି ବୋଲି ମୁଁ ଅନୁଭବ କରୁଛି। ତେଣୁ ବିଶ୍ୱକପ୍ ପରେ ଅବସର ଗ୍ରହଣ କରିବାର ଉଚିତ୍ ସମୟ। ଇଂଲଣ୍ଡର ଟି ଶାର୍ଟ ଓ ଜର୍ସି ପିନ୍ଧିବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଲେଖିଛନ୍ତି।

# ଅଲ୍ ଦୱାସାରି, ସାମ୍ କେର୍ ପ୍ଲେୟର୍ ଅଫ୍ ଦ ଇୟର

ଦୋହା, ୧।୧୧ (ପି.ଟି.)

ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ୍ (ଏଏଫ୍‌ସି) ପକ୍ଷରୁ ଚଳିତ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ଅଲ ଦୱାସାରି ଓ ସାମ୍ କେର୍‌ଙ୍କୁ ପୁରସ୍କୃତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏଏଫ୍‌ସି ପକ୍ଷରୁ ସାଉଦି ଆରବର ସାଲେମ୍ ଅଲ ଦୱାସାରି ଓ ଅଷ୍ଟ୍ରେଲିଆର ସାମ୍ କେର୍‌ଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବରେ ସମ୍ମାନିତ କରାଯାଇଛି। ୨୦୨୨ ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍‌ରେ ଚାମ୍ପିୟନ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା ସାଉଦି ଆରବ। ୱିଙ୍ଗର ସାଲେମ୍ ଅଲ୍ ଦୱାସାରି ଏହି ମ୍ୟାଚରେ ସ୍କୋର କରିଥିଲେ। ଏହା ସହିତ ଚଳିତ ବର୍ଷ ସେ ଅଲ୍ ହିଲାଲକୁ ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ର ଫାଇନାଲରେ ପହଞ୍ଚାଇଥିଲେ। କାତାରର ଅଲମୋଏଜ୍ ଅଲୀ ଓ ଅଷ୍ଟ୍ରେଲିଆର ମାଥ୍ୟୁ ଲେକି ଶ୍ରେଷ୍ଠ ପୁରୁଷ ଖେଳାଳି ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ମହିଳା ଖେଳାଳି ଭାବରେ ଅଷ୍ଟ୍ରେଲିଆର ସାମ୍ କେର୍ ବିଜୟ ହୋଇଥିଲେ। ଅଳ୍ପକେ ଦ୍ୱିତୀୟ ସ୍ଥାନରେ ରହି ବାଲନ୍ ଡି'ଓର ପୁରସ୍କାରରୁ ବଞ୍ଚିତ ହୋଇଥିଲେ ମଧ୍ୟ ଏଏଫ୍‌ସିରେ ଶ୍ରେଷ୍ଠ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି।




# ରାୟଗଡ଼ାର ଭାଇଭଉଣୀଙ୍କୁ ସ୍ୱର୍ଣ୍ଣ

ରାୟଗଡ଼ା, ୧।୧୧
(ଆଶିଷ ରଞ୍ଜନ ପଣ୍ଡା)

**ବିଶ୍ୱ କ୍ରସ୍‌ବୋ ଶୁଟିଂ**

ବିଶ୍ୱ କ୍ରସ୍‌ବୋ ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତି ରାୟଗଡ଼ା ଜିଲା ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଭାଇଭଉଣୀ ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ । ଇଣ୍ଡିଆନ୍ କ୍ରସ୍‌ବୋ ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ରାୟଗଡ଼ା ହାଉସିଂ ବୋର୍ଡ କଲୋନି ବାସିନ୍ଦା ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ମହିଳା ଓପନ ଫ୍ରି ଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁଅ ଲୋହିତ ମେନ୍ସ ଓପନ ଷ୍ଟାଣ୍ଡାର୍ଡ କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାରତ, ଇଷ୍ଟୋନିଆ, ୟୁନାଇଟେଡ୍ କିଙ୍ଗଡମ୍, ୟୁଏସ୍‌ଏ, ସୁଇଡେନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରୁ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ କେନ୍ଦ୍ର ଆଇନ ମନ୍ତ୍ରୀ ଏସ୍‌ପି ସିଂ ବାଘେଲ ମୁଖ୍ୟ ଅତିଥି ଏବଂ ଉତ୍ତରପ୍ରଦେଶ ମନ୍ତ୍ରୀ ବେବିରବି ମୌର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଉଭୟ ଭଉଣୀଭାଇଙ୍କ ଏହି କୃତିତ୍ୱ ହାସଲ ପାଇଁ ଜିଲାରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଭାଇଭଉଣୀ ଆଗକୁ ଏହିଭଳି ଜିଲାର ନାଁ ବିକାଶ କରିବେ ବୋଲି କହିଛନ୍ତି।



ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ।

# ଫିଲ୍ଡିଂ ମେଡାଲ ଓ ବିଟିଏସ୍

ଗୌତମ ଗମ୍ଭୀର

ବର୍ତ୍ତମାନ ଇଣ୍ଟରନେଟ୍‌ରେ ଭାରତୀୟ କ୍ରିକେଟ ଦଳର ବିହାଇଣ୍ଡ ଦ ସିନ୍(ବିଟିଏସ୍) ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ବ୍ୟକ୍ତିଗତ ଭାବରେ ଏହ ମୋର ମଧ୍ୟ ପସନ୍ଦ। ପୁରୁଷମାନଙ୍କ ଏହି କ୍ରୀଡାରେ ଖେଳାଳି ଯୁବସୁଲଭ ବ୍ୟକ୍ତିତ୍ୱ ଦେଖିବାକୁ ମଧ୍ୟ ମିଳୁଛି। ଚମତ୍କାର କ୍ଷେତ୍ରରକ୍ଷଣ ଦକ୍ଷତା ପାଇଁ ପ୍ରତି ମ୍ୟାଚ୍ ଶେଷରେ ଫିଲ୍ଡିଂ କୋଚ୍ ଟି. ଦିଲୀପ ଦଳର ଜଣେ ସଦସ୍ୟଙ୍କୁ ଏକ ମେଡାଲ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଥର ବିଜେତାଙ୍କ ନାମ ଘୋଷଣା କରିବା ପାଇଁ ସେ ନୂଆ ନୂଆ ବୈଷୟିକ କୌଶଳର ବ୍ୟବହାର କରୁଛନ୍ତି, ଯାହା ବେଶ୍ ମନୋମୁଗ୍ଧକର। ଷ୍ଟାଡିୟମର ସ୍କ୍ରିନ୍ ଓ ସ୍ପାଇଡର କ୍ୟାମେରା ବ୍ୟବହାର କରାଯାଉଥିବା ବେଳେ ଏଥିରେ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଏକ ଛୋଟ ଅଭିଭାଷଣ ମଧ୍ୟ ରହିଥାଏ।

ଆଜିର ଏହି ସ୍ତମ୍ଭରେ ମୁଁ ପ୍ରଥମେ ଭିଡିଓ ସମ୍ପର୍କରେ ଉଲ୍ଲେଖ କରିବାର ଏକ କାରଣ ମଧ୍ୟ ରହିଛି। ଏଭଳି କରିବା ଦ୍ୱାରା ଦଳ ମଧ୍ୟରେ ଏକତା ଆସୁଥିବା ନେଇ ଅନେକ ଲୋକ ବିଶ୍ୱାସ କରନ୍ତି। ଏପରିକି ସମସ୍ତ ଖେଳାଳି ନିଜକୁ ଦଳର ଅଂଶ ବୋଲି ଚିନ୍ତା କରୁଥିବା ବେଳେ ଏହା ଦଳଗତ ପ୍ରଦର୍ଶନରେ ଉନ୍ନତି ଆଣିଥାଏ। ତେବେ ଏହାକୁ ନେଇ ମୋର ମତ ସାମାନ୍ୟ ଭିନ୍ନ ରହିବ। ଭାରତୀୟ ଦଳ ଏଥିପାଇଁ ଖୁସି, କାରଣ ସେମାନେ ବର୍ତ୍ତମାନ ଯାଏ ଅପରାଜେୟ ରହିଛନ୍ତି। ବିଶ୍ୱକପ୍ ପରି ଟୁର୍ନାମେଣ୍ଟରେ ଦଳ ଟେବୁଲ୍ ଟପ୍ପର ରହିବା କମ ଗର୍ବର କଥା ମଧ୍ୟ ନୁହେଁ। ସେହିପରି ଦ୍ୱିତୀୟ କାରଣ ହେଉଛି ଟିମ୍‌ରେ ପ୍ରତ୍ୟେକ ସଦସ୍ୟ ନିଜ ଦାୟିତ୍ୱକୁ ନେଇ ନିଶ୍ଚିତ ଅଛନ୍ତି। ଏହା ଦ୍ୱାରା ଡ୍ରେସିଂ ରୁମ୍‌ରେ ଏକ ସକାରାତ୍ମକ ମାହୋଲ ରହିଥାଏ। ଏହାର ଏକ ଉଦାହରଣ ହେଉଛି ବିରାଟ କୋହଲି-ରବି ଶାସ୍ତ୍ରୀ ଯୋଡି। ଉଭୟ ପ୍ରତି ମ୍ୟାଚରେ ଖେଳାଳିମାନଙ୍କୁ ପରିବର୍ତ୍ତନ କରିଥାନ୍ତି। ଯାହା ଖେଳାଳିଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହର୍ସେସ୍ ଫର କୋର୍ସେସ(ମ୍ୟାଚ୍ ହିସାବରେ ଖେଳାଳି) ଏକ ଭଲ ପ୍ରୟାସ, ତେବେ ଟିମ୍ କଲ୍ଚର ଉପରେ ଏହା ଖରାପ ପ୍ରଭାବ ପକାଇଥାଏ।

ତେବେ ରୋହିତ ଶର୍ମା ଓ ରାହୁଲ ଦ୍ରାବିଡ୍‌ଙ୍କ ଯୋଡି ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଉଭୟ ନିଜ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦେଉଛନ୍ତି। ଫଳରେ ଭାରତ ଦଳଗତ ଭାବରେ ନିର୍ଭୀକ କ୍ରିକେଟ ଖେଳୁଛି। ଆରମ୍ଭରୁ ମହମ୍ମଦ ଶାମିଙ୍କୁ ନ ଖେଳାଇବା ଓ ଠିକ୍ ସମୟ, ପରିବେଶକୁ ଦୃଷ୍ଟିରେ ରଖି ତାଙ୍କୁ ସୁଯୋଗ ଦେବା ଯୋଜନାବଦ୍ଧ ଥିଲା। ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳୁ ନ ଥିବା ବେଳେ ମ୍ୟାନେଜମେଣ୍ଟ ତାଙ୍କ ସହିତ କଥା ହେବା ଦ୍ୱାରା ଉଭୟ ଖେଳାଳି ଓ ଟିମ୍‌ର ମାହୋଲ ସକାରାତ୍ମକ ରୁହେ। ଏହାର ଆଉ ଏକ ଉଦାହରଣ ହେଉଛନ୍ତି ଲୋକେଶ ରାହୁଲ। ମୁମ୍ବାଇର ଛୋଟ ଗ୍ରାଉଣ୍ଡ ଓ ଫ୍ଲାଟ ପିଚ୍‌କୁ ଦୃଷ୍ଟିରେ ରଖିଲେ ରନ୍ ଭୋଜି ଦେଖିବାକୁ ମିଳିବ। ବ୍ୟକ୍ତିଗତ ଭାବରେ ଭାରତୀୟ ବୋଲରଙ୍କ ନିକଟରୁ ଏକ ସଫଳ ଇନିଂସ ଆଶା କରିବି। ଟିମ୍ ହିସାବରେ ଏହା ବିଫଳ ହୋଇଥିବା ବେଳେ କିଛି ଖେଳାଳି ବ୍ୟକ୍ତିଗତ ଭାବରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହା ହିଁ ଭାରତକୁ ଏହି ମ୍ୟାଚ୍‌ରେ ହଟ୍ ଫେଭରିଟ୍ ଭାବରେ ଗଢି ତୋଳୁଛି।

(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ